ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ (୧୬ ପୃଷ୍ଠା) Bhubaneswar, Friday, September 15/2023 Page 16 ₹ 7.00
୪୯ଶ ଭାଗ ୨୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 291 ମୂଲ୍ୟ ₹୭/-





ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପୁଅ ହଣ୍ଟର ବାଇଡେନ୍ ବେଆଇନ ଭାବେ ବନ୍ଧୁକ ରଖିବା ନେଇ ଆପରାଧିକ ମାମଲାର ସମ୍ମୁଖୀନ ହୋଇଛନ୍ତି। ଡେଲାୱାର ଡିଷ୍ଟ୍ରିକ୍ଟ କୋର୍ଟରେ ତାଙ୍କ ବିରୋଧରେ ଆନୁଷ୍ଠାନିକ ଭାବେ ଅଭିଯୋଗ ହୋଇଛି। ୨୦୨୪ ନିର୍ବାଚନ ଜିତି ବାଇଡେନ୍ ପୁଣିଥରେ ରାଷ୍ଟ୍ରପତି ହେବାକୁ ଉଦ୍ୟମ ଚଳାଇଥିବାବେଳେ ରିପବ୍ଲିକାନ୍‌ମାନେ ତାଙ୍କ ପୁଅଙ୍କୁ ଟାର୍ଗେଟ କରିଆସୁଛନ୍ତି। ବ୍ୟାଙ୍କିଂ, ଆଇନ, ଲବି ଆଦିରେ କାର୍ଯ୍ୟ କରୁଥିବା ହଣ୍ଟର ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଆସୁଛି।

# ଜାତୀୟ/ଅନ୍ତର୍ଜାତୀୟ



କେରଳରେ ନିପା ଭାଇରସ୍ ଆତଙ୍କ ବଢ଼ିବାରେ ଲାଗିଥିବାବେଳେ କୋଝିକୋଡ୍ କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ। ଅଦ୍ୟାବଧି କେରଳର ୨ଜଣ ସଂକ୍ରମିତ ହୋଇ ପ୍ରାଣ ହରାଇଛନ୍ତି। କେରଳ ସରକାରଙ୍କ ଅନୁରୋଧ କ୍ରମେ ଗୁରୁବାର ଇଣ୍ଡିଆନ୍ କାଉନସିଲ୍ ଫର୍ ମେଡିକାଲ୍ ରିସର୍ଚ୍ଚ(ଆଇସିଏମ୍ଆର୍) ପକ୍ଷରୁ ରାଜ୍ୟକୁ ଆଣ୍ଟିବଡି ଯୋଗାଇ ଦିଆଯାଇଛି।

## ଏଲିଏନ୍‌ଙ୍କ ପ୍ରମାଣ ନାହିଁ

### ନାସା ଜାରିକଲା ୟୁଏଫ୍ଓ ରିପୋର୍ଟ

**ୱାଶିଂଟନ,୧୪।୯**

ଅଜଣା ଉଡ଼ନ୍ତା ବସ୍ତୁ(ଏଲିଏନ୍) ସମ୍ପର୍କିତ ଅଧ୍ୟୟନ ପାଇଁ ନୂଆ ବୈଜ୍ଞାନିକ କୌଶଳର ଆବଶ୍ୟକତା ରହିଛି। ଅତ୍ୟାଧୁନିକ ସାଟେଲାଇଟ୍ ବ୍ୟବହାର କରି ୟୁଏଫ୍ଓ ସମ୍ପର୍କରେ ଅଧିକ ଗବେଷଣା କରାଯିବା ଜରୁରୀ ବୋଲି ଗୁରୁବାର ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ସ୍ପଷ୍ଟ କରିଛି। ବର୍ଷାଧିକ କାଳର ଗବେଷଣା ପରେ ଜାରି କରାଯାଇଥିବା ୩୩ ପୃଷ୍ଠା ସମ୍ବଳିତ ବହୁ ପ୍ରତୀକ୍ଷିତ ରିପୋର୍ଟରେ ମହାକାଶ ସଂସ୍ଥା ପକ୍ଷରୁ ଦର୍ଶାଯାଇଛି ଯେ ଆକାଶରେ ବିଭିନ୍ନ ସମୟରେ ଦେଖାଯାଉଥିବା ଅସ୍ୱାଭାବିକ ଘଟଣାମାନ ପଛରେ ଏଲିଏନ୍ସଙ୍କ ଭୂମିକା



ନେଇ କୌଣସି ପ୍ରମାଣ ମିଳିନାହିଁ। ତେବେ ପୃଥିବୀରେ ଏଲିଏନ୍ସଙ୍କ ଅସ୍ତିତ୍ୱକୁ ମଧ୍ୟ ଏଥିରେ ଅସ୍ୱୀକାର କରାଯାଇନାହିଁ। କିନ୍ତୁ ଅନ୍‌ଆଇଡେଣ୍ଟିଫାଏଡ୍ ଏନମାଲସ୍ ଫେନୋମେନା(ୟୁଏପି) ଗୁଡ଼ିକୁ ନେଇ କିଭଳି ଅଧିକ ତଦନ୍ତ କରାଯିବ ତାହା ମଧ୍ୟ ନାସାର ୧୬ ସଦସ୍ୟ ବିଶିଷ୍ଟ ପ୍ୟାନେଲ ସ୍ପଷ୍ଟ କରିନାହିଁ।

## ଡଙ୍ଗାବୁଡ଼ି ୧୧ ନିଖୋଜ

**ପାଟନା,୧୪।୯**

ବିହାର ମୁଜାଫରପୁର ଜିଲାର ମଧୁପୁର ପତି ଘାଟରୁ ୩୧ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଗୁରୁବାର ପୂର୍ବାହ୍ନ ୧୧ଟାରେ ବାଗମତି ନଦୀରେ ବୁଡି ଯାଇଥିଲା। ଏନ୍‌ଡିଆର୍‌ଏଫ୍ ଟିମ୍ ୨୦ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୧୧ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ ପିଲା। ନଦୀ ପାର୍ ହେବାବେଳେ ନଦୀ ମଝିରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଘଟଣାର ସ୍ଥିତି ଅନୁଧ୍ୟାନ କରିବା ସହ ଶିଶୁମାନଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ମୁମ୍ବାଇ ଏୟାର୍‌ପୋର୍ଟରେ ଜେଟ୍ ଦୁର୍ଘଟଣା: ୮ ଆହତ

**ମୁମ୍ବାଇ,୧୪।୯:** ଏକ ଘରୋଇ ଜେଟ୍ ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ହେଉଥିବାବେଳେ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରୁଥିବା ସମୟରେ ରନ୍‌ୱେରୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ପାଇଲଟ୍, ଜଣେ ସହପାଇଲଟ୍ ଓ ଜଣେ ଆଟେଣ୍ଡାଣ୍ଟଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରନ୍‌ୱେରୁ ଭଗ୍ନାବଶେଷକୁ ଖାଲି କରାଯିବା ପରେ ବିମାନ ଚଳାଚଳ ସ୍ୱାଭାବିକ ହୋଇଛି। ଦୁର୍ଘଟଣା ଯୋଗୁ ଉକ୍ତ ରନ୍‌ୱେକୁ ସାମୟିକ ଭାବେ ବନ୍ଦ ରଖାଯିବା ସହ ଭିସ୍ତାରା ଏୟାରଲାଇନ୍ସର ୫ଟି ବିମାନକୁ ଅନ୍ୟ ରନ୍‌ୱେକୁ ପଠାଯାଇଥିଲା। ୨୭ ନମ୍ବର ରନ୍‌ୱେ ବର୍ଷା ଯୋଗୁ ଖସଡ଼ା ହୋଇଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି।

## କବିତାଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୧୪।୯:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଜେରା କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ସମନ କରିଛି। ତାଙ୍କୁ ଶୁକ୍ରବାର ଜେରା ପାଇଁ ଇଡିର ନୂଆଦିଲ୍ଲୀ ଅଫିସ୍‌ରେ ହାଜର ହେବାକୁ କୁହାଯାଇଛି। ଗତ ମାର୍ଚ୍ଚରେ ଇଡି କବିତାଙ୍କୁ ଏକାଧିକ ଥର ଜେରା କରିବା ସହ ତାଙ୍କ ମୋବାଇଲ୍ ଫୋନ୍ ଜବତ କରିଥିଲା। ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ୨୦୨୧-୨୨ରେ କେତେଜଣ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା।

# ତଥାପି ଏଜେଣ୍ଡା ଅସ୍ପଷ୍ଟ

## ୩ ଦିନ ପରେ ସଂସଦର ସ୍ୱତନ୍ତ୍ର ଅଧିବେଶନ

**ନୂଆଦିଲ୍ଲୀ,୧୪।୯**

ସୋମବାର ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ଉପରେ କେନ୍ଦ୍ର ପକ୍ଷରୁ ଏକ ଆପାତତଃ ତାଲିକା ଜାରି କରାଯିବାର ଦିନକ ପରେ ମଧ୍ୟ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇ ନ ଥିବାରୁ କେନ୍ଦ୍ର 'ଗୋଲିଆ କୌଶଳ' ପ୍ରୟୋଗ କରି ବିଜ୍‌ନେସ ଲିଷ୍ଟରେ ଆଉ କିଛି ଯୋଡ଼ିପାରେ ବୋଲି ବିରୋଧୀ ଦଳଗୁଡ଼ିକ ଆଶଙ୍କା କରୁଛନ୍ତି।

ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ଗୁରୁବାର କହିଛନ୍ତି, ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ସହଯୋଗୀ ଦଳଗୁଡ଼ିକ କେବଳ ସର୍ବଦଳୀୟ ବୈଠକରେ ନୁହେଁ, ଅଧିବେଶନ ବେଳେ ମଧ୍ୟ ଗୋଟିଏ ସ୍ୱରରେ ବିଭିନ୍ନ ପ୍ରସଙ୍ଗ ଉଠାଇବେ। ସ୍ୱତନ୍ତ୍ର ଅଧିବେଶନର ଏଜେଣ୍ଡା ଏଯାଏ

### ଗଣତନ୍ତ୍ରକୁ ଉପହାସ କରିବା ଭଳି ବିଲ୍ ଆଣିପାରେ କେନ୍ଦ୍ର: ଟିଏମ୍‌ସି

ଘୋଷଣା କରାଯାଇ ନାହିଁ। ଏପରି କହିବା ପଛର କାରଣ ହେଉଛି, ବୁଧବାର ସେମାନେ ଜାରି କରିଥିବା ଗୃହକାର୍ଯ୍ୟ ସମ୍ପର୍କିତ ତାଲିକାରେ ଏକ କୁଟିଳ ଧାଡ଼ି ଲେଖାଯାଇଛି। ତେଣୁ ଶେଷ ମୁହୂର୍ତ୍ତରେ ସେମାନେ କଦର୍ଯ୍ୟ କୌଶଳ ଆପଣାଇ ତାଲିକାରେ ଆଉ କିଛି ଯୋଡ଼ିପାରନ୍ତି।

ସେହିପରି ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍ ଅଣାଯିବା ଉପରେ ମଧ୍ୟ ଓ'ବ୍ରାଏନ୍ ଚିନ୍ତାବ୍ୟକ୍ତ କରିଛନ୍ତି। ସରକାର ସଂସଦର ୭୫ ବର୍ଷର ଯାତ୍ରା ଉପରେ ଆଲୋଚନା କରାଯିବ ବୋଲି କହିଛନ୍ତି। କିନ୍ତୁ ସେମାନେ ଗଣତନ୍ତ୍ରକୁ ଉପହାସ କରିବା ଭଳି ଏକ ବିଲ୍ ମଧ୍ୟ ଆଣିପାରନ୍ତି। ସେମାନେ ଏପରି କାହିଁକି କରୁଛନ୍ତି? ପ୍ରତ୍ୟେକ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଗୃହକାର୍ଯ୍ୟକୁ ନେଇ ତାଲିକା ଆଗୁଆ ପ୍ରକାଶ କରାଯାଇଥାଏ। ଲୋକଙ୍କୁ ସାମ୍ନା କରିବାକୁ କାହିଁକି ଏତେ ଡରୁଛନ୍ତି? ନିର୍ବାଚନ କମିଶନରମାନଙ୍କ ନିଯୁକ୍ତିରେ ହସ୍ତକ୍ଷେପ କରିବାକୁ କାହିଁକି ଚାହୁଁଛନ୍ତି? ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)କୁ ହ୍ୟାକ୍ କରିବା ସେମାନଙ୍କ ଉଦ୍ଦେଶ୍ୟ କି ବୋଲି ଓ'ବ୍ରାଏନ୍ ପ୍ରଶ୍ନ କରିଛନ୍ତି।

ପ୍ରକାଶ ଯେ, ଆସନ୍ତା ୧୮ରୁ ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଭାଠାରୁ ନେଇ ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ହେବ ବୋଲି ବୁଧବାର ରାତିରେ ଜାରି ଏକ ଅଫିସିଆଲ ବୁଲେଟିନ୍‌ରେ କୁହାଯାଇଛି। ୫ ଦିନିଆ ଅଧିବେଶନ ବେଳେ ସରକାର ଲୋକ ସଭାରେ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍, ଆଇନଜୀବୀ (ସଂଶୋଧନ) ବିଲ୍-୨୦୨୩, ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ୍ ଅଫ୍ ପିରିଓଡିକାଲ୍ସ ବିଲ୍-୨୦୨୩ ଏବଂ ପୋଷ୍ଟ ଅଫିସ୍ ବିଲ୍-୨୦୨୩ ଆଗତ ହେବ ବୋଲି ଏଥିରେ ଦର୍ଶାଯାଇଛି। ତେବେ କାର୍ଯ୍ୟସୂଚୀରେ ଆହୁରି କେତେକ ପ୍ରସଙ୍ଗ ମଧ୍ୟ ଯୋଡ଼ାଯାଇପାରେ ବୋଲି ବୁଲେଟିନ୍‌ରେ କୁହାଯାଇଛି। ଏହା ପୂର୍ବରୁ କେନ୍ଦ୍ର ପକ୍ଷରୁ ରବିବାର ଅପରାହ୍ନ ୪ଟା ୩୦ରେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଏନେଇ ସମସ୍ତ ରାଜନୈତିକ ଦଳର ସଂସଦୀୟ ଦଳ ନେତାମାନଙ୍କୁ ଇ-ମେଲ୍ ଯୋଗେ ନିମନ୍ତ୍ରଣ ପଠାଯାଇଥିବା ବିଷୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ସୂଚନା ଦେଇଥିଲେ। କିଛି ଦିନ ତଳେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ବିରୋଧୀ ବ୍ଲକ୍ 'ଇଣ୍ଡିଆ' ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପତ୍ର ଲେଖି ୯ଟି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଅନୁରୋଧ କରିଥିଲେ।

### ଏମ୍‌ପିଙ୍କ ପାଇଁ ଭାଜପା, କଂଗ୍ରେସର ହ୍ୱିପ୍ ଜାରି

ସଂସଦର ସ୍ୱତନ୍ତ୍ର ଅଧିବେଶନ ପାଇଁ ଗୁରୁବାର ଭାଜପା ଏବଂ କଂଗ୍ରେସ ପକ୍ଷରୁ ପୃଥକ୍ ଭାବେ ହ୍ୱିପ୍ ଜାରି କରାଯାଇଛି। ୫ ଦିନ ଧରି ଚାଲିବାକୁ ଥିବା ଉକ୍ତ ଅଧିବେଶନରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଦଳୀୟ ସଦସ୍ୟଙ୍କ ଉପସ୍ଥିତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଶାସକ-ବିରୋଧୀ ଏହି ଆଗୁଆ ପଦକ୍ଷେପ ନେଇଛନ୍ତି।

## ସନାତନର ବିନାଶ ଚାହୁଁଛି ଇଣ୍ଡିଆ: ମୋଦି

**ନୂଆଦିଲ୍ଲୀ,୧୪।୯**

ମଧ୍ୟପ୍ରଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବା ଅବସରରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ 'ଘମଣ୍ଡିଆ' ମେଣ୍ଟ ସନାତନ ଧର୍ମକୁ ଧ୍ୱଂସ କରିଦେଇ ଦେଶକୁ ୧,୦୦୦ ବର୍ଷ ତଳର ଦାସତ୍ୱ ସମୟକୁ ନେଇଯିବାକୁ ଚାହୁଁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନଙ୍କ ସନାତନ ଧର୍ମ ସମ୍ପର୍କିତ ମନ୍ତବ୍ୟକୁ ନେଇ ବିବାଦ ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ସର୍ବସାଧାରଣରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ବାରମ୍ବାର ବିରୋଧୀ ମେଣ୍ଟ 'ଇଣ୍ଡିଆ'କୁ ଘମଣ୍ଡିଆ କହି ଅପମାନିତ କରୁଥିବାରୁ କଂଗ୍ରେସ ଏହାର ଜବାବ ଦେଇଛି। ପ୍ରଧାନମନ୍ତ୍ରୀ ଜିଏ-ଏନ୍‌ଡିଏ (ଗୌତମ ଆଦାନୀଙ୍କ ଏନ୍‌ଡିଏ) ମେଣ୍ଟର ନେତୃତ୍ୱ ନେଉଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି।

## ୧୪ ଟିଭି ଉପସ୍ଥାପକଙ୍କୁ 'ଇଣ୍ଡିଆ'ର ବର୍ଜନ




**ନୂଆଦିଲ୍ଲୀ,୧୪।୯**

ବିରୋଧୀ ବ୍ଲକ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀ, ଭାରତ୨୪ ଭାଇସ୍ ପ୍ରେସିଡେଣ୍ଟ ଲୁବିକା ଲିଆକତ୍, ଇଣ୍ଡିଆ ଟୁଡେ-ଆଜତକ୍‌ର ସୁଧୀର ଚୌଧରୀ ଏବଂ ଟାଇମ୍ସ ନାଓର ନବିକା କୁମାରଙ୍କ ସମେତ ୧୪ ଟିଭି ଉପସ୍ଥାପକଙ୍କୁ ବର୍ଜନ ଘୋଷଣା କରାଯାଇଛି। ଏମାନଙ୍କ ଦ୍ୱାରା ପରିଚାଳିତ ବିତର୍କ କାର୍ଯ୍ୟକ୍ରମକୁ ନିଜ ନେତା/ପ୍ରତିନିଧିମାନଙ୍କୁ ନ ପଠାଇବା ପାଇଁ ବିରୋଧୀ ମେଣ୍ଟର ମିଡିଆ କମିଟି ନିଷ୍ପତ୍ତି ନେଇଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, କେତେକ ଚ୍ୟାନେଲ ୯ ବର୍ଷ ଧରି 'ଘୃଣାର ବଜାର' ଖୋଲିଛନ୍ତି। ସମାଜକୁ ନଷ୍ଟ କରୁଥିବା ସେମାନଙ୍କ ଘୃଣା ସମ୍ବଳିତ ବ୍ୟାଖ୍ୟାନକୁ ବୈଧ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ଜନ ତାଲିକାରେ ଥିବା ଅନ୍ୟ ଆଙ୍କରମାନେ ହେଲେ ଆଜତକ୍‌ର ଚିତ୍ରା ତ୍ରିପାଠୀ, ଗୌରବ ସାୱନ୍ତ, ଶିବ ଅରୁର, ସିଏନ୍‌ଏନ୍-ନ୍ୟୁଜ୍୧୮ର ଅମନ ଚୋପ୍ରା, ଅମୀଷ ଦେବଗନ, ଆନନ୍ଦ ନରସିଂହନ୍, ଡିଡି ନ୍ୟୁଜ୍‌ର ଅଶୋକ ଶ୍ରୀବାସ୍ତବ, ଭାରତ ଏକ୍ସପ୍ରେସ୍‌ର ଅଦିତି ତ୍ୟାଗୀ, ଇଣ୍ଡିଆ ଟିଭିର ପ୍ରାଚୀ ପରାଶର ଏବଂ ଟାଇମ୍ସ ନାଓର ସୁଶାନ୍ତ ସିହ୍ନା।

## ଶହୀଦଙ୍କୁ ସେନାର ଶ୍ରଦ୍ଧାଞ୍ଜଳି



ଅନନ୍ତନାଗର ଏକ ସ୍କୁଲରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଛାତ୍ରୀଛାତ୍ର।

**ଶ୍ରୀନଗର,୧୪।୯**

ଜମ୍ମୁ-କଶ୍ମୀରର ଅନନ୍ତନାଗରେ ବୁଧବାର ଗୁଳି ବିନିମୟବେଳେ ଶହୀଦ ହୋଇଥିବା ୩ ଭାରତୀୟ ସେନା ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ସେନାର ପଞ୍ଚଦଶ କର୍ କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଗୁରୁବାର କଲୋନେଲ୍ ମନ୍‌ପ୍ରିତ୍ ସିଂ ଓ ମେଜର ଆଶିଷ ଧ୍ୱନଚାକ୍‌ଙ୍କୁ ଶେଷ ଦର୍ଶନ କରିଥିଲେ। ଏହି ଦୁଇ ଶହୀଦଙ୍କ ସମେତ ଡିଏସ୍‌ପି ହୁମାୟୁନ୍ ଭଟ୍ଟ ଓ ଜଣେ ଯବାନ କୋକେରନାଗସ୍ଥିତ ଗୋଡେଲ ଜଙ୍ଗଲରେ ଆତଙ୍କବାଦୀଙ୍କ ଗୁଳିରେ ଟଳି ପଡ଼ିଥିଲେ। ଶହୀଦମାନଙ୍କ ପାର୍ଥିବ ଶରୀରଗୁଡ଼ିକୁ ସେମାନଙ୍କ ବାସସ୍ଥାନକୁ ପଠାଇ ଦିଆଯାଇଛି। ଇତିମଧ୍ୟରେ ସେନା ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି। ୨ ଜଣ ଲସ୍କର ଆତଙ୍କବାଦୀଙ୍କୁ ମିଳିତ ଅଭିଯାନରେ ଘେରାଯାଇଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି।

## 'ଜୀବନର ମୂଲ୍ୟ ନାହିଁ' କହିଥିଲେ ୨ ଅଫିସର

**ନୂଆଦିଲ୍ଲୀ,୧୪।୯**

### ଆମେରିକା ପୋଲିସ ଗାଡ଼ି ଧକ୍କାରେ ଭାରତୀୟ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା

ଆମେରିକାରେ ଭାରତୀୟ ଛାତ୍ରୀ ଜାହ୍ନବୀ କଣ୍ଡୁଲାଙ୍କ ଗତ ଜାନୁୟାରୀ ୨୩ରେ ପୋଲିସ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତ ପୋଲିସ କର୍ମୀ ଦୁଃଖ ପ୍ରକାଶ କରିବା ବଦଳରେ ଘଟଣାକୁ ତାଚ୍ଛଲ୍ୟ କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଭାରତୀୟ ଦୂତାବାସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଘଟଣାବେଳେ ପୋଲିସ ଅଧିକାରୀ କେଭିନ ଡାଭେ ଗାଡ଼ି ଚଳାଉଥିଲେ। ଗତ ସୋମବାର ଆମେରିକାର ସିଆଟଲ୍ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଧିକାରୀଙ୍କ ଭିଡିଓ ଫୁଟେଜ୍ ଜାରି କରିଛି। ଛାତ୍ରୀଙ୍କ ବୟସ ମାତ୍ର ୨୬ ବର୍ଷ ହୋଇଥିଲା। ତେଣୁ ତାଙ୍କ ଜୀବନର କୌଣସି ମୂଲ୍ୟ ନାହିଁ ବୋଲି ଦୁଇ ପୋଲିସ



ଜାହ୍ନବୀ କଣ୍ଡୁଲା

ଅଧିକାରୀ କଥାବାର୍ତ୍ତା କରୁଥିବା ଭିଡିଓରେ ଦେଖାଯାଇଛି। ଆନ୍ଧ୍ରପ୍ରଦେଶର ୨୩ ବର୍ଷୀୟା କଣ୍ଡୁଲା ନର୍ଥ-ଇଷ୍ଟ ବିଶ୍ୱବିଦ୍ୟାଳୟକୁ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କରିବା ପାଇଁ ଯାଇଥିଲେ।

## ତଥ୍ୟପ୍ରମାଣ ସମାନ ଥିଲେ | ଜଣଙ୍କୁ ଦୋଷୀ, ଅନ୍ୟଙ୍କୁ ଦୋଷମୁକ୍ତ କରାଯାଇପାରିବନି

**ନୂଆଦିଲ୍ଲୀ,୧୪।୯(ପି.ଟି.)**

ଏକ ଆପରାଧିକ ମାମଲାରେ ଅଭିଯୁକ୍ତମାନଙ୍କ ଭୂମିକା ନେଇ ସମାନ ତଥ୍ୟ ପ୍ରମାଣ ଥିଲେ, କୋର୍ଟ ଜଣକୁ ଦୋଷୀସାବ୍ୟସ୍ତ କରି ଅନ୍ୟ ଜଣକୁ ଦୋଷମୁକ୍ତ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଏକ ଡକାୟତି ଓ ହତ୍ୟା ମାମଲାରେ ଜଷ୍ଟିସ ଅଭୟ ଏସ୍. ଓକା ଏବଂ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠ ୧୦ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ପାଇଥିବା ୪ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ଅବସରରେ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁ ମାମଲାରେ ତଥ୍ୟ ପ୍ରମାଣ ସମାନ ସେଠାରେ ଉଭୟ ଅଭିଯୁକ୍ତଙ୍କୁ 'ସମାନତା ସିଦ୍ଧାନ୍ତ' ଦ୍ୱାରା ବିଚାର କରିବାକୁ ହେବ। ଅର୍ଥାତ୍ ଅଦାଲତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ବାଛବିଚାର କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ



କହିଛନ୍ତି। ଗୁଜରାଟ ହାଇକୋର୍ଟର ୨୦୧୬ର ଏକ ରାୟକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ବୁଧବାର ଶୁଣାଣି କରିଥିଲେ। ଡକାୟତି ଓ ହତ୍ୟା ମାମଲାରେ ହାଇକୋର୍ଟ କେତେଜଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଅନ୍ୟମାନଙ୍କୁ ଦୋଷମୁକ୍ତ କରିଦେଇଥିଲେ। ଦୋଷୀସାବ୍ୟସ୍ତ ହୋଇଥିବା ଜଣେ ଅଭିଯୁକ୍ତ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ୧୮ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ନିଯୁକ୍ତି ସୁପାରିସ

ଆଲ୍ଲାହାବାଦ ହାଇକୋର୍ଟର ୭ ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ୧୧ ଜଣ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ ସଞ୍ଜୟ କିଷନ କୌଲ ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ କଲେଜିୟମ ଗୁରୁବାର ସୁପାରିସ କରିଛି। ଆଲ୍ଲାହାବାଦ ହାଇକୋର୍ଟର ଜଷ୍ଟିସ୍ ଉମେଶ ଚନ୍ଦ୍ର ଶର୍ମା, ରେଣୁ ଅଗ୍ରୱାଲ, ରାମମନୋହର ନାରାୟଣ ମିଶ୍ରା, ମୟଙ୍କ କୁମାର ଜୈନ, ଶିବଶଙ୍କର ପ୍ରସାଦ, ଗଜେନ୍ଦ୍ର କୁମାର ଏବଂ ନଳିନ କୁମାର ଶ୍ରୀବାସ୍ତବଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସୁପାରିସ କରାଯାଇଛି।

### ଏନ୍‌ଜେଡିଜିରେ ସୁପ୍ରିମକୋର୍ଟ ତଥ୍ୟ ଉପଲବ୍ଧ ହେବ: ସିଜେଆଇ

ନ୍ୟାଶନାଲ ଜୁଡିସିଆଲ୍ ଡେଟା ଗ୍ରୀଡ୍ (ଏନ୍‌ଜେଡିଜି)ରେ ଖୁବ୍‌ଶୀଘ୍ର ସୁପ୍ରିମକୋର୍ଟର ସମସ୍ତ ତଥ୍ୟ ଉପଲବ୍ଧ ହେବ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ଘୋଷଣା କରିଛନ୍ତି। ସେ କହିଛନ୍ତି, ଏଥିରୁ ତାଲୁକଠାରୁ ଜାତୀୟ ସ୍ତରୀୟ କୋର୍ଟଗୁଡ଼ିକରେ ବିଚାରାଧୀନ ଥିବା ମାମଲାର ତଥ୍ୟ ଏବଂ ଅଦାଲତଗୁଡ଼ିକର ମାମଲା ସମାଧାନ ହାର ଜଣାପଡ଼ିବ। ବର୍ତ୍ତମାନ ପୋର୍ଟାଲରୁ କେବଳ ହାଇକୋର୍ଟ ସ୍ତର ପର୍ଯ୍ୟନ୍ତ ତଥ୍ୟ ଉପଲବ୍ଧ ହେଉଛି।

## ବାଣ ନିଷେଧ ଆବେଦନ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୪।୯(ପି.ଟି.)**

ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ପ୍ରଦୂଷଣ ସ୍ତର ହ୍ରାସ ପାଇଁ ବାଣ ଉପରେ ନିଷେଧାଦେଶ ଜାରି କରିବା ଲାଗି ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଗୁରୁବାର ରାୟ ସଂରକ୍ଷିତ ରଖିଛନ୍ତି। ଜାତୀୟ ରାଜଧାନୀରେ ବାଣ ବିକ୍ରି ଲାଗି ଅସ୍ଥାୟୀ ଲାଇସେନ୍ସ ଇସ୍ୟୁ ନ କରିବାକୁ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାର କ'ଣସବୁ ପଦକ୍ଷେପ ନେଇଛନ୍ତି ଏବଂ ଅଧିକ ନିର୍ଦ୍ଦେଶ ଦିଆଯିବାର ଆବଶ୍ୟକତା ରହିଛି କି ନାହିଁ ତାହା ଅନୁଧ୍ୟାନ କରି ଦେଖିବେ ବୋଲି ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ଏମ୍.ଏମ୍. ସୁନ୍ଦ୍ରେଶଙ୍କ ଖଣ୍ଡପୀଠ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ | Bhubaneswar, Friday, September 15/2023 | ପୃଷ୍ଠା-୧



**ନାଗା ଚୈତନ୍ୟଙ୍କ ଦ୍ୱିତୀୟ ବିବାହକୁ ନେଇ ଚର୍ଚ୍ଚା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ସହ ଛାଡ଼ପତ୍ର ପରେ ଅଭିନେତା ନାଗା ଚୈତନ୍ୟ ଏବେ ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

୧୦ ୧୨

**ୟାମାଶିତା ଏସିଆନ କପ୍ ମ୍ୟାଚ ଅଫିସିଆଲ**

ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ମ୍ୟାଚ ଅଫିସିଆଲ ଭାବେ ମନୋନୀତ ହୋଇଛନ୍ତି ବିଶ୍ୱକପ୍ ରେଫରି ୟୋଶିମି ୟାମାଶିତା।



## ଆଜି କ୍ୟାବିନେଟ୍, ମନ୍ତ୍ରୀ ପରିଷଦ ବୈଠକ

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହାପରେ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଆସନ୍ତା ବିଧାନସଭାରେ ଉପସ୍ଥାପନ ହେବାକୁ ଥିବା ଅତିରିକ୍ତ ଖର୍ଚ୍ଚଦାବିକୁ ଅନୁମୋଦନ କରାଯିବ। ଆସନ୍ତା ୨୨ ତାରିଖରେ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ୨୫ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ଅନ୍ୟପକ୍ଷରେ କ୍ୟାବିନେଟ୍ ବୈଠକରେ ବିଭିନ୍ନ ବିଭାଗର ପ୍ରାୟ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ତେବେ କ୍ୟାବିନେଟ୍ ଏଜେଣ୍ଡାଗୁଡ଼ିକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

**ଆଜିର ସମ୍ପାଦକୀୟ**

**ଚାଇନାର ଅବରୋଧ**

ଏସିଆ କପ୍ ଫାଇନାଲରେ ଭାରତ-ଶ୍ରୀଲଙ୍କା ମୁକାବିଲା
ପୃଷ୍ଠା-୧୪

## ଓଡ଼ିଶାର ଏମ୍‌ପି, ବିଧାୟକଙ୍କ ନାମରେ ୩୨୩ ମାମଲା ବିଚାରାଧୀନ

**ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଦେଶବ୍ୟାପୀ ଅନେକ ମାମଲା ବିଚାରାଧୀନ ରହିଛି। ଗତ ୫ ବର୍ଷର ହିସାବକୁ ଦେଖିଲେ ଉତ୍ତର ପ୍ରଦେଶରେ ସର୍ବାଧିକ ୭୧୯, ବିହାରରେ ୩୮୧ ମାମଲା ରହିଥିବାବେଳେ ଏହି କ୍ଷେତ୍ରରେ ଓଡ଼ିଶାର ସ୍ଥାନ ତୃତୀୟ। ଓଡ଼ିଶାର ଆଇନପ୍ରଣେତାମାନଙ୍କ ନାମରେ ୩୨୩ ମାମଲା ଚାଲିଛି। ଏ ସଂକ୍ରାନ୍ତରେ ଆମିକସ୍ କ୍ୟୁରି ବିଜୟ ହଂସାରିଆ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି।**

ନୂଆଦିଲ୍ଲୀ,୧୪।୯

ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ମାମଲା ୫ ବର୍ଷରୁ ଊର୍ଦ୍ଧ୍ୱ ବିଚାରାଧୀନ ରହିବାରେ ଦେଶର ଶୀର୍ଷ ୩ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଏହି ରାଜ୍ୟରେ ଆଇନ ପ୍ରଣେତାମାନଙ୍କ ବିରୋଧରେ ୩୨୩ ମାମଲା ୫ ବର୍ଷରୁ ଅଧିକ ସମୟ ହେଲା ବିଚାର ଅପେକ୍ଷାରେ ପଡ଼ିରହିଛି। ଉତ୍ତରପ୍ରଦେଶରେ ଏଭଳି ମାମଲା ସଂଖ୍ୟା ୭୧୯ ହୋଇଥିବାବେଳେ ବିହାରରେ ୩୮୧ ରହିଛି। ସୁପ୍ରିମକୋର୍ଟରେ ବରିଷ୍ଠ ଆଇନଜୀବୀ ତଥା ଆମିକସ୍ କ୍ୟୁରି ବିଜୟ ହଂସାରିଆ ଦାଖଲ କରିଥିବା ୧୯ତମ ରିପୋର୍ଟରୁ ଏହା ଜଣାପଡ଼ିଛି। ହାଇକୋର୍ଟଗୁଡ଼ିକରୁ ବିଚାରାଧୀନ ମାମଲା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ହଂସାରିଆ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

ଉକ୍ତ ରିପୋର୍ଟ ଅନୁଯାୟୀ ଗତବର୍ଷ ନଭେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ଏମ୍‌ପି ଏବଂ ବିଧାୟକମାନଙ୍କ ବିରୋଧରେ ୪୫୪ ମାମଲା ରୁଜୁ ହୋଇଛି। ପଞ୍ଜୀକୃତ ମାମଲା ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ଏମ୍‌ପି ଓ ବିଧାୟକମାନଙ୍କ ବିରୋଧରେ ଏହି ସମୟ ମଧ୍ୟରେ ୧,୩୭୭ ମାମଲା ରୁଜୁ ହୋଇଥିବାବେଳେ ବିହାରରେ ୫୪୬ ଏବଂ ମହାରାଷ୍ଟ୍ରରେ ୪୮୨ ମାମଲା ରୁଜୁ ହୋଇଛି। ଓଡ଼ିଶାରେ ପ୍ରତି ବିଚାରପତି ପିଛା ଶୂନରୁ ୩୦ ମାମଲାର ବୋଝ ରହୁଛି। ଗତବର୍ଷ ନଭେମ୍ବର ସୁଦ୍ଧା ଦେଶର ଆଇନ ପ୍ରଣେତାମାନଙ୍କ ବିରୋଧରେ ମୋଟ ୫,୧୭୫ ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୪୦ ପ୍ରତିଶତ (୨,୧୧୬ ମାମଲା) ୫ ବର୍ଷରୁ ଅଧିକ ସମୟ ହେଲା ବିଚାରାଧୀନ ରହିଛି। ନୈତିକ ଅଧମତାରେ ସମ୍ପୃକ୍ତ ଏମ୍‌ପି ଏବଂ ବିଧାୟକ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ୬ ବର୍ଷ ପରିବର୍ତ୍ତେ ଆଜୀବନ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ ବୋଲି ଆମିକସ୍ କ୍ୟୁରି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନୀତିଭ୍ରଷ୍ଟ ସଦସ୍ୟ ବୈଧାନିକ ପଦବୀ ପାଇଁ ସ୍ଥାୟୀ ଭାବେ ଅଯୋଗ୍ୟ ଘୋଷିତ ହେବେ ବୋଲି ବିଭିନ୍ନ ☞ପୃଷ୍ଠା-୨

# କାର୍ଯ୍ୟ ଦିବସ ନଷ୍ଟକଲେ ଭରଣା କରିବ

## ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକଙ୍କୁ ସରକାରଙ୍କ ଚେତାବନୀ

**ପ୍ରାଥମିକ ଶିକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସପ୍ତାହେ ବିତିଥିବାବେଳେ ରାଜ୍ୟର ପ୍ରାୟ ୫୦ ହଜାର ସ୍କୁଲରେ ପିଲାଙ୍କ ପାଠପଢ଼ା ଘୋର ପ୍ରଭାବିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଅମାନ୍ୟ କଲେ ୨୨୦ କାର୍ଯ୍ୟ ଦିବସ ଭରଣା କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ମାନଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଚେତାବନୀ ଦିଆଯାଇଛି।**



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକ।

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ରାଜ୍ୟର ବିଭିନ୍ନ ଜିଲାରେ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ୩ ଦଫା ଦାବି ନେଇ ସେପ୍ଟେମ୍ବର ୮ରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଗଭୀର ଭାବେ ପ୍ରଭାବିତ ହୋଇଛି। ଆନ୍ଦୋଳନ ବନ୍ଦ କରି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଏ ନେଇ ସମସ୍ତ ଡିଇଓ, ବିଇଓଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ସ୍କୁଲରେ କେଉଁମାନେ ଅନୁପସ୍ଥିତ ଅଛନ୍ତି, ସେମାନଙ୍କର ଏକ ଦୈନିକ ଉପସ୍ଥାନ ପ୍ରସ୍ତୁତ କରିବା ସହ ଉପସ୍ଥିତ ଓ ଅନୁପସ୍ଥିତ ଶିକ୍ଷକଙ୍କ ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ସଂପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ଶିକ୍ଷକମାନେ କୌଣସି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ଦେଇ ଶିକ୍ଷାଦାନ ଛାଡ଼ି ଆନ୍ଦୋଳନ କରୁଛନ୍ତି, ଯାହାକି ଆଚରଣ ବିଧିର ଏହା ଖୋଲା ଉଲ୍ଲଂଘନ।

ଆନ୍ଦୋଳନରେ ବସିଥିବା ଶିକ୍ଷକଙ୍କୁ ୨୨୦ ଦିନର କାର୍ଯ୍ୟ ଦିବସ ଭରଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକୁ ୨୨୦ ଦିନ କାମ ନ କଲେ ପରବର୍ତ୍ତୀ ସମୟରେ ଶିକ୍ଷକମାନେ ତାହାକୁ ଭରଣା କରିବେ ବୋଲି ସରକାର ଚେତାଇ ଦେଇଛନ୍ତି। ଯଦି କେହି ଆନ୍ଦୋଳନ କରି ଏବର୍ଷ କିଛି କାର୍ଯ୍ୟ ଦିବସକୁ ନଷ୍ଟ କରୁଛନ୍ତି ପରବର୍ତ୍ତୀ ବର୍ଷରେ ତାହାକୁ ଭରଣା କରିବାକୁ ହେବ ବୋଲି କୁହାଯାଇଛି। ପ୍ରାଥମିକ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସବ୍‌କମିଟି ଶିକ୍ଷୟିତ୍ରୀ ଓ ☞ପୃଷ୍ଠା-୨



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଟୁ ଥା**
**ପଛରୁ ଗଳାକୁ କାଟୁଥା।**

ମୁହଁରେ ଚାଟୁ ବଚନ, ପ୍ରଶଂସା ; କିନ୍ତୁ ପରୋକ୍ଷରେ ଶତ୍ରୁତା ଆଚରଣ। କପଟୀ ବ୍ୟକ୍ତିଙ୍କର ଏପରି ସ୍ୱଭାବ ହୋଇଥିବାବେଳେ ଏମାନେ ଶତ୍ରୁଠାରୁ ଭୟଙ୍କର। ମୁହଁ ଉପରେ ମିଠା କଥା କହି ପଛରେ ଅନିଷ୍ଟ ଚିନ୍ତା କରୁଥିବା ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଷ ନାହିଁ ଯା'ର,**
**ବାସ ନାହିଁ ତା'ର।**

ଆଗକାଳରେ ଲୋକେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ। ଚାଷ କରି ଯାହା ଉପାର୍ଜନ ହେଉଥିଲା ସେଥିରେ ପରିବାର ପ୍ରତିପୋଷଣ କରୁଥିଲେ। ଯିଏ ଚାଷ କରୁ ନ ଥିଲା ତା'ପକ୍ଷେ ପରିବାରର ଭରଣପୋଷଣ କରିବା କାଠିକର ପାଠ ହୋଇଯାଉଥିଲା। କୃଷିପ୍ରଧାନ ଦେଶରେ ଚାଷ ହିଁ ଏକମାତ୍ର ଭରସା। ଚାଷ ଜୀବନ ଯାପନର ମୂଳ ମାର୍ଗ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲଘୁଚାପ: ବଲାଙ୍ଗୀରରେ ସର୍ବାଧିକ ୨୧୫ ମି.ମି.

**୬ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୧୪।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ଘନୀଭୂତ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବଲାଙ୍ଗୀରରେ ସର୍ବାଧିକ ୨୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁରରେ ୧୭୭.୨, କେନ୍ଦ୍ରାପଡ଼ାରେ ୧୩୨.୪, ବାଲେଶ୍ୱର ୪୧, ଚାନ୍ଦବାଲି ୩୭.୬, କଟକ ୬୦.୬, ପାରାଦୀପ ୫୫.୪, ଭୁବନେଶ୍ୱର ୫୫, ଗୋପାଳପୁର ୮୬, ପୁରୀ ୪୬.୪, ଅନୁଗୋଳ ୪୦.୬, ଝାରସୁଗୁଡ଼ା ୭୬.୮, ସମ୍ବଲପୁର ୩୬.୫, ହୀରାକୁଦ ୪୩.୬, ତାଳଚେର ୭୬, ଭବାନୀପାଟଣା ୬୪.୪, କୋରାପୁଟ ୬୫.୨, ଫୁଲବାଣୀ ୫୪.୨, ଟିଟିଲାଗଡ଼ ୮୮, ସୋନପୁର ୫୩, ଦାରିଙ୍ଗବାଡ଼ି ୪୫, ନୟାଗଡ଼ ୬୯.୪, ଛତ୍ରପୁରରେ ୮୨.୬ ମିଲିମିଟର ରେକର୍ଡ କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର ଜିଲାରେ ୨୦ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ରେଡ୍‌ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କନ୍ଧମାଳ, ବୌଦ୍ଧ, କଟକ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲାର ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜୱାର୍ନିଂ ଜାରି କରାଯାଇଛି। ଯେଉଁସବୁ ଅଞ୍ଚଳରେ ୨୦୦ ମିଲିମିଟର ବର୍ଷା ହୋଇଛି ସେହି ଅଞ୍ଚଳରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ଖାଲୁଆ ଅଞ୍ଚଳରେ ପାଣି ଜମି ରହିବା ସହ କଚ୍ଚାଘର ଭୁଶୁଡ଼ିବା ଆଶଙ୍କା ମଧ୍ୟ କରାଯାଉଛି। ୧୬ ତାରିଖରୁ ବର୍ଷା ହ୍ରାସ ପାଇବ। ତେବେ ସେପ୍ଟେମ୍ବର ୧୯ରୁ ପୁଣି ବର୍ଷା ବଢ଼ିବ। ଲଘୁଚାପ ଯୋଗୁ ସେପ୍ଟେମ୍ବରରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ଯେଉଁ କେତେକ ଜିଲାରେ ନିଅଣ୍ଟିଆ ବର୍ଷା ରହିଥିଲା ତାହା ଭରଣା ହୋଇଛି।

# ହୀରାକୁଦରେ ଜଳସ୍ତର ବୃଦ୍ଧି, ୧୪ ଗେଟ୍ ଖୋଲିଲା


ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ହେଉଛି।

ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)

ହୀରାକୁଦର ଉପରମୁଣ୍ଡ ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁ ଡ୍ୟାମ୍‌କୁ ଜଳପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ଫୁଟ୍ ରହିଥିବାବେଳେ ଏବେ ଜଳସ୍ତର ୬୨୮.୫୮ଫୁଟ୍‌ରେ ପହଞ୍ଚିଛି। ଜଳସ୍ତର ବୃଦ୍ଧି ଯୋଗୁ ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି ହୋଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ନେଇ ରେକର୍ଡ କରାଯାଉଛି। ତଳ ମୁଣ୍ଡରେ ମଧ୍ୟ ବର୍ଷା ଲାଗିରହିଛି। ଶୁକ୍ରବାର ଜଳପ୍ରବେଶ ପରିମାଣକୁ ଦେଖି ଗେଟ୍ ସଂଖ୍ୟା ବୃଦ୍ଧି କରାଯାଇପାରେ ବୋଲି ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି।

ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୯ ହଜାର ୩୩୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲ୍‌ୱେ, ଜଳସେଚନ, ପାୱାର ଚ୍ୟାନେଲ, ଶିଳ୍ପକୁ ମୋଟ ୨ ଲକ୍ଷ ୬୭ କ୍ୟୁସେକ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୬୧ ହଜାର ୯ ଶହ, ପର୍ଥଲାରେ ୩ ଲକ୍ଷ ୧୫ ହଜାର ୮୧୬, ଖଇରମାଳରେ ୨ ଲକ୍ଷ ୧୦ ହଜାର, ବରମୂଲାରେ ୧ ଲକ୍ଷ ୩୦ ହଜାର ୫ ଶହ, ମୁଣ୍ଡୁଲିରେ ୯୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ସୂଚନାଯୋଗ୍ୟ, ଜୁଲାଇରେ ପ୍ରବଳ ବର୍ଷା ଯୋଗୁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ହୋଇଥିଲା। ଫଳରେ ଜୁଲାଇ ୨୩ରେ ପ୍ରଥମେ ୫ଟି ଓ ପରେ ୩ ଏବଂ ୪ଟି ଗେଟ୍ ଖୋଲିଥିଲା। ଜଳସ୍ତର ବୃଦ୍ଧି ଯୋଗୁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୨ ଗେଟ୍ ଖୋଲାଯାଇଛି। ଏବେ ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।




# 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୯(ଅନିଲ ଦାସ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମା', କିଶୋରୀ ଝିଅ ଓ ଶିଶୁମାନଙ୍କ ଉପଯୁକ୍ତ ପୁଷ୍ଟିସାଧନ ଉଦ୍ଦେଶ୍ୟରେ ଗୁରୁବାର 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ 'ପଢ଼ା ପୁଷ୍ଟି' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛନ୍ତି।

ଏହି ଯୋଜନାରେ ସାରା ରାଜ୍ୟରେ ୧୫ରୁ ୧୯ ବର୍ଷ ବୟସର ସମସ୍ତ କିଶୋରୀ ବାଳିକାମାନଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତିମାନଙ୍କ ପାଇଁ ଅଧିକ ଶୁଖିଲା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୁଷ୍ଟିହୀନ ପିଲାମାନଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ୍ ଓଜନର ପିଲାମାନଙ୍କ ପାଇଁ ଭିଟାମିନଯୁକ୍ତ ଛତୁଆ ଓ ଅଣ୍ଡା ପ୍ରଦାନର ବ୍ୟବସ୍ଥା କରାଯାଇଛି।

'ପଢ଼ା ପୁଷ୍ଟି' ଯୋଜନାରେ ଦୁର୍ଗମ ତଥା ଆଦିବାସୀ ଅଞ୍ଚଳର ପିଲାମାନଙ୍କୁ ସେମାନଙ୍କ ପଢ଼ା ତଥା ଗ୍ରାମରେ ଉତ୍ତମ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ।

ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୁଷ୍ଟି ସହିତ ସମୃଦ୍ଧିର ଗଭୀର ସମ୍ପର୍କ ରହିଛି। ପୁଷ୍ଟିର ଉନ୍ନତି ଜରିଆରେ ଆମେ ବିକାଶର ଲକ୍ଷ୍ୟ ପୂରଣ କରିପାରିବା। ପରିବାରକୁ ଉପଯୁକ୍ତ ପୁଷ୍ଟି କେବଳ ମା' ହିଁ ଦେଇପାରିବେ। ଏହି କାର୍ଯ୍ୟକ୍ରମର ସଫଳତା ମା'ମାନଙ୍କ ଉପରେ ନିର୍ଭର କରେ। ଅଙ୍ଗନୱାଡ଼ି କର୍ମୀ ଓ ମିଶନ ଶକ୍ତି ମା'ମାନଙ୍କର ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଗୁରୁଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆରମ୍ଭ ହେଲା 'ପଢ଼ା ପୁଷ୍ଟି' କାର୍ଯ୍ୟକ୍ରମ

ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ୨୦୨୦-୨୧ରୁ ପୁଷ୍ଟି ବଜେଟ ପରିକଳ୍ପନା କରିଛି। ମମତା ଯୋଜନାରେ ରାଜ୍ୟର ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଆଯାଉଛି। 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଦ୍ୱାରା ରାଜ୍ୟର ପ୍ରତ୍ୟେକ ମହିଳା ଓ ଶିଶୁ ସ୍ୱାସ୍ଥ୍ୟବାନ ହୋଇପାରିବେ। ଏହା ଦ୍ୱାରା ଆମେ ସମୃଦ୍ଧି ପଥରେ ଆଗେଇବା ସହିତ ଆମ ଲକ୍ଷ୍ୟ ହାସଲରେ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୫-ଟିର ପାଞ୍ଚଟି ଉପାଦାନର ପ୍ରୟୋଗରେ ମହିଳା ଓ ଶିଶୁ ବିକାଶ ବିଭାଗ ତୃଣମୂଳ ସ୍ତରରେ ସମସ୍ତଙ୍କୁ ସାମିଲ କରି ଏହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବାଦୀ। ଆମ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ହିଁ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ଓ ଉନ୍ନତ ପୁଷ୍ଟି ଯୋଗାଇ ଦେଇ ସାମଗ୍ରିକ ବିକାଶକୁ ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଆମ ପାଇଁ ଏକ ମିଶନ। ଏହି ଯୋଜନା ସମଗ୍ର ଓଡ଼ିଶାବାସୀଙ୍କ ଜୀବନ ଓ ଭବିଷ୍ୟତକୁ ଉନ୍ନତ କରିବ।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ପୁଷ୍ଟି ସୂଚକାଙ୍କରେ ଧୀରେ ଧୀରେ ଓଡ଼ିଶା ଉପରକୁ ଉଠୁଛି। ଜାତୀୟ ସ୍ତରରେ ମଧ୍ୟ ଏ କ୍ଷେତ୍ରରେ ଓଡ଼ିଶା ଭଲ ସ୍ଥିତିରେ ରହିଛି। ପୁଷ୍ଟିସାଧନ କ୍ଷେତ୍ରରେ ରୂପାନ୍ତର ଆଣିବା ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଏକ ସମୟୋପଯୋଗୀ ପଦକ୍ଷେପ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଡିସ୍‌ଚାର୍ଜ ପିଟିଶନ ଖାରଜ, ଚାର୍ଜଫ୍ରେମ ଦାଖଲ

ସମ୍ବଲପୁର,୧୪।୯(ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାରେ ଗୁରୁବାର ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍‌କୋର୍ଟରେ ଅଭିଯୁକ୍ତ ବହିଷ୍କୃତ ପୋଲିସ ଏଏସ୍‌ଆଇ ଗୋପାଳ ଦାସଙ୍କୁ ହାଜର କରାଯାଇଥିଲା। କୋର୍ଟରେ ପୂର୍ବରୁ ଆବେଦନ କରାଯାଇଥିବା ଡିସ୍‌ଚାର୍ଜ ପିଟିଶନ ଉପରେ ଶୁଣାଣି ହୋଇଥିଲା। ଅଭିଯୁକ୍ତଙ୍କ ଓକିଲ ଓ ଅନ୍ୟପକ୍ଷ ଓକିଲ ନିଜ ପକ୍ଷ ରଖିଥିଲେ। ଉଭୟ ପକ୍ଷ ଶୁଣିବା ପରେ ଅପରାହ୍ନ ୩ଟାରେ ରାୟ ପ୍ରକାଶ ପାଇଥିଲା। ଡିସ୍‌ଚାର୍ଜ ପିଟିଶନକୁ ବିଚାରପତି ଖାରଜ କରିଦେଇଥିଲେ। ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଚାର୍ଜଫ୍ରେମ ଦାଖଲ ହୋଇଥିଲା। ବିଚାରପତିଙ୍କ ପ୍ରଶ୍ନରେ ଅଭିଯୁକ୍ତ ଗୋପାଳ ଦୋଷ ସ୍ୱୀକାର କରି ନ ଥିଲେ। ବରଂ ଆଗକୁ ମାମଲା ଲଢ଼ିବାକୁ କହିଥିଲେ। ଅକ୍ଟୋବର ୫ରେ ପରବର୍ତ୍ତୀ ଶୁଣାଣି ହୋଇ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ।

ଏ ନେଇ ଗୋପାଳଙ୍କ ଓକିଲ ନରେଶ ନାୟକ କହିଛନ୍ତି, ଗୋପାଳ ଜଣେ ମାନସିକ ରୋଗୀ। ସେ ଜେଲ ଭିତରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରୁଛନ୍ତି। ପୂର୍ବରୁ ମଧ୍ୟ ସେ ଏହି ରୋଗରେ ପୀଡ଼ିତ ଥିବା ନେଇ ପ୍ରମାଣ ରହିଛି। ବିଚାରପତିଙ୍କ ଆଗରେ ଗୋପାଳ ତାଙ୍କ ବନ୍ଧୁକ ଗୁଳିରେ ମନ୍ତ୍ରୀଙ୍କ ମୃତ୍ୟୁ ଘଟିନାହିଁ ବୋଲି କହିଥିଲେ।


ଝାରସୁଗୁଡ଼ା କୋର୍ଟରେ ଅଭିଯୁକ୍ତ ଗୋପାଳ ଦାସ।

## ନବ ଦାସ ହତ୍ୟା ମାମଲା
### ଦୋଷ ଅସ୍ୱୀକାର କଲେ ଗୋପାଳ

କ୍ରାଇମବ୍ରାଞ୍ଚ ଦେଇଥିବା ଚାର୍ଜଫ୍ରେମରେ ଗୋପାଳ ପାଗଳ ନୁହେଁ ବୋଲି କୁହାଯାଉଛି, ଯାହାକି ଡାକ୍ତରୀ ରିପୋର୍ଟକୁ ଚ୍ୟାଲେଞ୍ଜ କରୁଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ମନ୍ତ୍ରୀ ନବ ଦାସ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କରିଥିଲେ। ଘଟଣାର ତଦନ୍ତଭାର ରାଜ୍ୟ ସରକାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲା। ଏଥିରେ ୮୯ ଜଣଙ୍କ ସାକ୍ଷ୍ୟ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ଚାର୍ଜଶିଟରେ ଉଲ୍ଲେଖ ରହିଥିଲା। ଏପରିକି ଅଭିଯୁକ୍ତ ଗୋପାଳ ସମ୍ପୂର୍ଣ୍ଣ ସୁସ୍ଥ ମସ୍ତିଷ୍କରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ପୂର୍ବରୁ ଜୁଲାଇ ୨୦ ଓ ୩୦ରେ ଗୋପାଳଙ୍କୁ କଡ଼ା ସୁରକ୍ଷା ବଳୟରେ ଝାରସୁଗୁଡା କୋର୍ଟରେ ହାଜର କରାଯାଇଥିଲା। ଘଟଣାର ୭ମାସ ପରେ ମଧ୍ୟ ମନ୍ତ୍ରୀ ଦାସଙ୍କୁ ଜଣେ ପୋଲିସ କର୍ମଚାରୀ କାହିଁକି ସର୍ଭିସ ବନ୍ଧୁକରେ ଗୁଳିକରି ହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରି ନାହିଁ।

ପ୍ରଥମ ପୃଷ୍ଠାରୁ...

## କାର୍ଯ୍ୟ ଦିବସ ନଷ୍ଟ...

ଶିକ୍ଷକମାନଙ୍କ ଦାବିକୁ ନେଇ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ଜାରି ରଖିଛି। ଆଲୋଚନା ପରେ କମିଟି ସୁପାରିସଗୁଡ଼ିକୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଆନ୍ତଃମନ୍ତ୍ରୀସ୍ତରୀୟ କମିଟିକୁ ପ୍ରଦାନ କରିବ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲା ଓ ବ୍ଲକସ୍ତରରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅବଗତ କରିବାକୁ ଡିଇଓ ଏବଂ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଆନ୍ଦୋଳନ ଯୋଗୁ ରାଜ୍ୟରେ ପାଠପଢ଼ା ପ୍ରଭାବିତ ହୋଇଛି। ପିଲାମାନେ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି। ଯେକୌଣସି ପରିସ୍ଥିତିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଆନ୍ଦୋଳନରୁ ହଟାଇବାକୁ ସବୁ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍କଳ ପ୍ରାଥମିକ ସ୍କୁଲ ଶିକ୍ଷକ ଫେଡେରେଶନ ଅଧୀନରେ ରାଜ୍ୟବ୍ୟାପୀ ପ୍ରାୟ ୧.୩୦ ଲକ୍ଷ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ଚଳାଇଛନ୍ତି। ହାଇସ୍କୁଲ ଭଳି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରୁ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ କରିବା, ଗ୍ରେଡ୍ ପେ' ୨୨ଶହରୁ ୪୨ଶହକୁ ବୃଦ୍ଧି ଏବଂ ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ଶିକ୍ଷକମାନେ ଦାବି କରିଛନ୍ତି। ଶିକ୍ଷକ ଆନ୍ଦୋଳନ ଯୋଗୁ ରାଜ୍ୟର ପ୍ରାୟ ୫୦ ହଜାର ସ୍କୁଲର ୪୦ ଲକ୍ଷ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେବା ସହ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହୋଇଛି।

ପ୍ରାଥମିକ ଶିକ୍ଷକ ଫେଡେରେଶନର ସାଧାରଣ ସମ୍ପାଦିକା ଚାରୁଲତା ମହାପାତ୍ର କହିଛନ୍ତି, ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଅନୁମତି ନେଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚାଲିଛି। ପିଲାମାନଙ୍କ ପ୍ରତି ଆମେ ସମ୍ବେଦନଶୀଳ। ପିଲାମାନଙ୍କ ପାଠପଢ଼ାକୁ ଆମେ ଭରଣା କରିବୁ। ସରକାର ଆମ ଦାବିକୁ ପୂରଣ କଲେ ଆମେ କାର୍ଯ୍ୟରେ ଯୋଗଦେବୁ। ଆସନ୍ତା ଶନିବାର ସଂଘର ବୈଠକ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଶିକ୍ଷକ ସଂଘର ଜଣେ ସଦସ୍ୟ କହିଛନ୍ତି, ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୪୨୦୦ ରହିଛି। ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ ଗାଇଡ୍‌ଲାଇନ ଅନୁଯାୟୀ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟତା ଯୁକ୍ତ୨ ସହ ସିଟି କିମ୍ବା ବିଇଡି ଯୋଗ୍ୟତା ଧାର୍ଯ୍ୟ କରିଛନ୍ତି। ଏ ଦୃଷ୍ଟିରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକମାନଙ୍କର ଗ୍ରେଡ୍ ପେ' ୨୨୦୦ରୁ ୪୨୦୦କୁ ବୃଦ୍ଧି କରିବା ଆବଶ୍ୟକ। ୨୦୧୭ରୁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଏ ନେଇ ଦାବି କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲୁ ରହିବ। ଏହାଛଡ଼ା ପ୍ରାଥମିକ ସ୍କୁଲରେ ଠିକା ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି କରିବାକୁ ଶିକ୍ଷକ ସଂଘ ଦାବି କରିଛି।

## ଓଡ଼ିଶାର ଏମ୍‌ପି,...

ବୈଧାନିକ ସଂସ୍ଥାରେ ବ୍ୟବସ୍ଥା ରହିଥିବା ସେ ଦର୍ଶାଇଛନ୍ତି। ଏମ୍‌ପି ଏବଂ ବିଧାୟକମାନେ ଜନସାଧାରଣଙ୍କ ସାର୍ବଭୌମ ଇଚ୍ଛାର ପ୍ରତିନିଧିତ୍ୱ କରିଥାନ୍ତି। ସେ ନୈତିକ ନୀତି ଭ୍ରଷ୍ଟତାରେ ସମ୍ପୃକ୍ତ ଅପରାଧ କରିଥିବା ପ୍ରମାଣିତ ହେଲେ ସବୁଦିନ ପାଇଁ ଏହି ପଦବୀରୁ ଅଯୋଗ୍ୟ ଘୋଷିତ ହେବା ଆବଶ୍ୟକ। ଅଯୋଗ୍ୟ ଘୋଷଣା ସମୟସୀମାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସୀମିତ ରଖିବା ସମ୍ବିଧାନର ଅନୁଚ୍ଛେଦ ୧୪ରେ ଥିବା ସମାନତା ଧାରାର ଖୋଲା ଉଲ୍ଲଂଘନ ବୋଲି ହଂସାରିଆ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ନିର୍ଦ୍ଦିଷ୍ଟ ଦୋଷୀ ସାବ୍ୟସ୍ତ ସମୟସୀମା ଶେଷ ହେବା ପରେ ଉକ୍ତ ବ୍ୟକ୍ତି ପୁଣିଥରେ ସର୍ବୋଚ୍ଚ ବ୍ୟବସ୍ଥାପିକାରେ ସ୍ଥାନ ପାଇବା ସ୍ପଷ୍ଟ ଭାବେ ମନମାନି ବୋଲି ସେ କହିଛନ୍ତି। ଦୋଷୀ ସାବ୍ୟସ୍ତ ଏମ୍‌ପି ଏବଂ ବିଧାୟକମାନେ ୬ ବର୍ଷ ଯାଏ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୮ରେ ରହିଥିବା ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଭାଜପା ନେତା ଅଶ୍ୱିନୀ ଉପାଧ୍ୟାୟ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହା ଉପରେ ରିପୋର୍ଟ ଦେବା ଲାଗି ହଂସାରିଆଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାପଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖି କାହାକୁ ମଧ୍ୟ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଅତି ଭଲ ପାଉଥିବା ବନ୍ଧୁଟି ପ୍ରତି ନିର୍ଦ୍ଦୟ ହେବା ଠିକ୍ ହେବନାହିଁ। ସନ୍ତାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ତଥା ଅତୀତ ସ୍ମୃତି ରୋମନ୍ଥନ କରି ଭାବ ବିହ୍ୱଳ ହୋଇପାରନ୍ତି।

**ବୃଷ** ଦୀର୍ଘଦିନରୁ ରହିଥିବା ଋଣ ଓ ବନ୍ଧୁବର୍ଗଙ୍କ ହୀନମନ୍ୟତା ବିଷୟରେ ଚିନ୍ତା କରିବେ। ସହକର୍ମୀଙ୍କ ସ୍ନେହ, ସହାନୁଭୂତି ଯୋଗୁ ସମସ୍ୟା ଓ ଦୁଃଖକୁ କିଛି ସମୟ ପାଇଁ ଭୁଲି ଯାଇପାରନ୍ତି। ପୁରାତନ ରୋଗର ପ୍ରାଦୁର୍ଭାବ କ୍ରମଶଃ ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇହେବ ନାହିଁ। ନିଜର ଆତ୍ମୀୟଙ୍କ ଭିନ୍ନ ଚିନ୍ତାଧାରାର ସମାଲୋଚନା କରିପାରନ୍ତି।

**ମିଥୁନ** ପାରିବାରିକ ଜୀବନ ସୁଖରେ କାଟିବେ କିନ୍ତୁ ସାଧାରଣ କଥାରେ ବିତର୍କର ସମ୍ଭାବନା ରହିଛି। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ, କିନ୍ତୁ ଅସୁବିଧା ହେବନି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ହେତୁ ନିଷ୍ପତ୍ତି ନେବାରେ ବିଳମ୍ବ ହୋଇପାରେ।

**କର୍କଟ** ପୂର୍ବାପେକ୍ଷା ଆପଣଙ୍କ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଅଧିକ ଆଶା କରି ନ ପାଇବା କାରଣରୁ ମନ ଭଲ ରହିବ ନାହିଁ। ସହକର୍ମୀଙ୍କ ସହଯୋଗରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ କିମ୍ବା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଅଫିସରେ ସମସ୍ୟା ବଢ଼ିପାରେ।

**ସିଂହ** ମଙ୍ଗଳଙ୍କ ଦୁର୍ବଳତା ହେତୁ କେତେକ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ପରିଲକ୍ଷିତ ହେବ। ପରୋକ୍ଷ ଶତ୍ରୁତା କାର୍ଯ୍ୟରେ ବାଧା ସୃଷ୍ଟି କରିବ। ପର କଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇପାରନ୍ତି। କାହାଠାରୁ କିଛି ନିଜ ଘର ବିଷୟରେ ଶୁଣି ବିଶ୍ୱାସ କଲେ ଅସୁବିଧାରେ ପଡିବେ।

**କନ୍ୟା** ଅତୀତ କଥାକୁ ଭାବି ଆଜି ମନଟା ଭଲ ଲାଗିବ ନାହିଁ। କେତେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବା ହେତୁ କାମଗୁଡିକ ବିଶୃଙ୍ଖଳିତ ହୋଇଯିବ। ଆଇନ ଅଦାଲତ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସୌଜନ୍ୟତା ଦୃଷ୍ଟିରୁ ନିଜ କାମ ପଛକୁ ପକାଇ ସମ୍ପର୍କୀୟ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା** ଶୁକ୍ରଙ୍କ ଯୋଗୁ କାମରେ ହାରିବେ ନାହିଁ କିନ୍ତୁ ଦ୍ୱନ୍ଦ୍ୱ କଲେ ପାରିବେ ନାହିଁ। ମଧ୍ୟାହ୍ନରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଯେତେ ଭଲ କାମ କଲେ କ'ଣ ହେବ ଟିକିଏ ଟିକିଏ କଥାରେ ଚିହ୍ନା ପଡି ସମାଲୋଚିତ ହୋଇପାରନ୍ତି।

**ବିଛା** ଆଜି କୌଣସି କାମରେ ପୂର୍ଣ୍ଣ ସନ୍ତୋଷ ମିଳିବା କାରଣରୁ ମନ ଭଲ ରହି ନ ପାରେ। ଆଶା କରିଥିବା ଅର୍ଥ ବିଳମ୍ବରେ ପାଇବାରୁ ଯୋଜନା କଷ୍ଟରେ କାର୍ଯ୍ୟକାରୀ ହେବ। ଆପଣ ହାତଯୋଡି ବସିରହିଲେ ଚଳିବ ନାହିଁ , ଏଥିପାଇଁ ଦୃଢ଼ ମନୋବଳ ପୋଷଣ କରିବା ଭଲ ହେବ। ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ।

**ଧନୁ** ସାଧାରଣ କଥାକୁ ଅତିରଞ୍ଜିତ କରି ଆକସ୍ମିକ କଳହଜନିତ ଅନ୍ୟମନସ୍କ ରହିପାରନ୍ତି। ଯାତ୍ରା ସମୟରେ ପକେଟମାର କିମ୍ବା ଚୋରିଜନିତ ଧନ ହାନିର ସୂଚନା ମଧ୍ୟ ରହିଛି। ପୂର୍ବାଷାଢ଼ା ନକ୍ଷତ୍ର କିନ୍ତୁ କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ।

**ମକର** ଆଜିର ଯାତ୍ରା ଶୁଭପ୍ରଦ ଓ କାମ ଆଶାନୁରୂପ ହେବା କାରଣରୁ ମନ ଖୁସି ହୋଇଯିବ। ଆପଣଙ୍କ ସୁଖ ଅନ୍ୟମାନଙ୍କ ମନରେ ଈର୍ଷା ଉଦ୍ରେକ କରିବ। ବନ୍ଧୁଙ୍କ ଆଗମନରେ ଯେତିକି ଖୁସି ହେବେ ତାଙ୍କ ମତିଗତି ଓ କାର୍ଯ୍ୟ କଳାପରେ ସେତିକି ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ଆଜିର ଯାତ୍ରା ସମୟରେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ପାରିବାରିକ କ୍ଷେତ୍ରରେ ଛୋଟଛୋଟ କଥାରେ ବେଶି ରାଗନ୍ତୁ ନାହିଁ। ସ୍ୱାଭାବିକ ଭାବେ କଥାକୁ ବିଚାର କରି କାମ କଲେ ଭଲ ହୁଅନ୍ତା। ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ** ଚେଷ୍ଟା ସଫଳ ହେବାରେ ସହଯୋଗର ସୁଅ ଛୁଟିବ। କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। କିନ୍ତୁ ପରିବାର ଭିତରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଆଜି ଭାଦ୍ରବ ମାସର ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା ଶୁକ୍ରବାର, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ପ୍ରସ୍ତାବ, ସାଗରବିଜେ, ସେପ୍ଟେମ୍ବର ୧୫ ତାରିଖ, ଭାରତରତ୍ନ ସାର୍ ଏମ୍ ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ଇଞ୍ଜିନିୟର୍ସ ଡେ, ରାଶି ନକ୍ଷତ୍ର- ଉତ୍ତରାଫାଲଗୁନୀ/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ୦୬।୨୬ ମଧ୍ୟେ, ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୦ ଗତେ ଘ.୧୧।୪୧ ମଧ୍ୟେ ରାହୁକାଳ।

## ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ୧୩ ତାରିଖ ବୁଧବାର କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ଧରିତ୍ରୀ ସହଯୋଗରେ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାର କିଛି ଝଲକ






(ପ୍ରଥମରୁ ) ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ କୁମାର ନାୟକ, ପିଜି କାଉନ୍ସିଲ ଚେୟାରପର୍ସନ ଲୁନା ସାମନ୍ତ, କୁଳସଚିବ କାହ୍ନୁଚରଣ ମଲ୍ଲିକ ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା (ଡିଏସ୍‌ଡବ୍ଲ୍ୟୁ) ଡ. ଅଳକାନନ୍ଦ ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।




ରେଭେନ୍ସା ବିଶ୍ୱବିଦ୍ୟାଳୟ ପିଜି କାଉନ୍ସିଲ୍ ଚେୟାରମ୍ୟାନ ଲୁନା ସାମନ୍ତ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି । ନିକଟରେ ଅଛନ୍ତି ରେଜିଷ୍ଟ୍ରାର କାହ୍ନୁଚରଣ ମଲ୍ଲିକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ପ୍ରଫେସର ଡ.ଉର୍ମିଶ୍ରୀ ବେଦମାତା।

# ଏମ୍‌ଭି ୯୬ ପୋଲ ଉପରେ ୫ ଫୁଟର ବର୍ଷାଜଳ



ମାଲକାନଗିରି,୧୪।୯
(ଦୁର୍ଯ୍ୟୋଧନ ପାତ୍ର)

ଲଘୁଚାପଜନିତ ବର୍ଷା ଯୋଗୁ ମାଲକାନଗିରି ଜିଲାର ବିଭିନ୍ନ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ୨ଦିନ ପୂର୍ବେ କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୯୬ ଗ୍ରାମ ନିକଟ ପୋଲ ଉପରେ ୫ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେବାରୁ ମାଲକାନଗିରି-ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଉକ୍ତ ଦିନ ପ୍ରାୟ ୭ ରୁ ୮ ଘଣ୍ଟା ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ବେଳେ ଗୁରୁବାର ପୁନର୍ବାର ଉକ୍ତ ପୋଲ ଉପରେ ୫ ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ବୁଧବାର ରାତିଠାରୁ ପ୍ରବଳ ବର୍ଷା ହେବା ଯୋଗୁ ଏମ୍‌ଭି ୯୬ ପୋଲ ଉପରେ ୫ ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି-ମୋଟୁକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ନଦୀର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଛି। ଫଳରେ ମାଲକାନଗିରିରୁ ହାଇଦ୍ରାବାଦକୁ ଯାଉଥିବା ଯାତ୍ରୀବାହୀ ବସ୍‌ଗୁଡିକ ମଧ୍ୟ ଅଟକିଛି। ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏମ୍‌ଭି ୭୯ ପୋଲିସ ନଦୀ ନିକଟରେ ଜଗି ରହିଛି।

# ଇରାନୀଙ୍କ ମାୟାଜାଳରେ ଫସିଛନ୍ତି ବଡ଼ବଡ଼ିଆ

## ଅର୍ଚ୍ଚନାଙ୍କ ପରେ ଆଉ ଜଣେ ହନିଟ୍ରାପ୍ କୁଇନ୍

- ଥାନାରେ ରୁଜୁ ହେଲାଣି ୩ ମାମଲା, ଏତଲା ସଂଖ୍ୟା ବଢ଼ିବା ଆଶଙ୍କା
- ସୋସିଆଲ୍ ମିଡିଆରେ ବନ୍ଧୁତା କରି ଜାଲ ବିଛାଉଥିଲେ

ଭୁବନେଶ୍ୱର,୧୪।୯
(ସତ୍ୟଜିତ୍ ରାଉତ)

ଡାକ୍ତରଙ୍କୁ ହନିଟ୍ରାପ୍ ମାୟାଜାଲରେ ଫସାଇ ଲୁଟିବା ମାମଲାରେ ତମାଣ୍ଡୋ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଇରାନୀ ପାତ୍ର, ତାଙ୍କ ସ୍ୱାମୀ ଏବଂ ସହଯୋଗୀଙ୍କ ସମ୍ପର୍କରେ ବହୁ ଗୁମର ଖୋଲିବାରେ ଲାଗିଛି। ଅର୍ଚ୍ଚନା ନାଗଙ୍କ ଭଳି ଇରାନୀ ଜଣେ ବଡ଼ ହନିଟ୍ରାପ୍ କୁଇନ୍ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଇରାନୀ କେବଳ ଜଣେ ଡାକ୍ତରଙ୍କୁ ଫସାଇନାହାନ୍ତି, ଏଭଳି ବହୁ ବଡ଼ବଡ଼ିଆଙ୍କୁ ମଧ୍ୟ ତାଙ୍କ ମାୟାଜାଲରେ ଫସାଇ ଲୁଟିଛନ୍ତି। ଇରାନୀଙ୍କ ଗ୍ୟାଙ୍ଗର ଶିକାର ହୋଇଛନ୍ତି ଡାକ୍ତର, ବ୍ୟବସାୟୀ ଓ ଉଚ୍ଚଶିକ୍ଷିତ ଛାତ୍ର। ଇରାନୀଙ୍କ ନାଁ ଚର୍ଚ୍ଚାକୁ ଆସିବା ପରେ ହନିଟ୍ରାପ୍‌ର ଶିକାର ହୋଇଥିବା ଜଣକ ପରେ ଜଣେ ତମାଣ୍ଡୋ ଥାନାରେ ଏତଲା ଦେଉଛନ୍ତି। ତାଙ୍କ ବିରୋଧରେ ଏପର୍ଯ୍ୟନ୍ତ ୩ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସଂଖ୍ୟା ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ାର ଜଣେ ଉଚ୍ଚଶିକ୍ଷିତ ଛାତ୍ର ଇରାନୀଙ୍କ ଜାଲରେ ପଡ଼ି ୫ ହଜାର ଟଙ୍କା ଦେଇଥିବା ବୁଧବାର ଅଭିଯୋଗ କରିଥିଲେ। ଏପରିକି ସେ ୨ ଲକ୍ଷ ଟଙ୍କା ଦେବା ପାଇଁ ଡିଲ୍ ହୋଇଥିଲା। ଗୁରୁବାର ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଜଣେ ବ୍ୟବସାୟୀ ଥାନାରେ ଏତଲା ଦେଇ ବହୁ ତଥ୍ୟ ଦେଇଛନ୍ତି। ଇରାନୀ ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଘରକୁ ଡାକି ଫସାଇ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଇ ପାରିବାରୁ ନିସ୍ତୁକ ମାଡ଼ ମାରିଥିଲେ। ବ୍ଲାକମେଲ୍ କରି ତାଙ୍କ ଫୋନପେରୁ ୧୯ ହଜାର ୫୦୦, ନଗଦ ୩ ହଜାର ଟଙ୍କା ଓ ସୁନାମୁଦି ନେଇଯାଇଥିଲେ।



ଇରାନୀ

### ଡିନର୍ ପାଇଁ ଘରକୁ ଡାକି ବ୍ଲାକ୍‌ମେଲ୍ କରୁଥିଲେ

ଇରାନୀ ତମାଣ୍ଡୋ ନାରଗୋଦା ଅଞ୍ଚଳରେ ଏକ ଡୁପ୍ଲେକ୍ସ ଘରକୁ ଭଡ଼ା ନେଇଥିଲେ। ଉକ୍ତ ଘରକୁ ସମସ୍ତଙ୍କୁ ଡାକି ଗୃହବନ୍ଦୀ କରି ଫସାଉଥିଲେ। ଇରାନୀ ଫେସବୁକ୍ ଆଦି ସୋସିଆଲ ମିଡିଆରେ ବଡ଼ବଡ଼ିଆଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ। ପରେ ତାଙ୍କ ଘରକୁ ଡିନର୍ ପାଇଁ ଡାକୁଥିଲେ। ଡିନର୍ ପାଇଁ ସମ୍ପୃକ୍ତ ବ୍ୟକ୍ତି ଘରକୁ ଆସିବା ପରେ ସ୍ୱାମୀ ଓ ସହଯୋଗୀମାନେ ତାଙ୍କୁ ଘେରିଯାଉଥିଲେ। କାହାକୁ ୨ ଲକ୍ଷ ତ ଆଉ କାହାକୁ ୧୦ ଲକ୍ଷ ଦାବି କରୁଥିଲେ। ଟଙ୍କା ଦେବା ପାଇଁ ମନା କଲେ ଇରାନୀ ତାଙ୍କୁ ବଳାତ୍କାର ମାମଲାରେ ଫସାଇ ଦେବାକୁ କହି ବ୍ଲାକ୍‌ମେଲ୍ କରୁଥିଲେ।

### ଯାତ୍ରାରେ ଅଭିନୟ କରୁଥିଲେ ଇରାନୀ

ପୋଲିସ ଜାଣିବାକୁ ପାଇଛି ଯେ, ଇରାନିଙ୍କ ଘର ଯାଜପୁର ଅଞ୍ଚଳରେ। ସେ ବିବାହ ପୂର୍ବରୁ ଏକ ଯାତ୍ରାପାର୍ଟିରେ ଅଭିନୟ କରୁଥିଲେ। ଏପରିକି ମଝିରେ ମଝିରେ ଆଙ୍କରିଂ ମଧ୍ୟ କରୁଥିଲେ। ଅଭିନେତ୍ରୀ ହୋଇଥିବାରୁ ଇରାନି ସମସ୍ତଙ୍କୁ ହନିଟ୍ରାପ୍ ମାୟାରେ ଫସାଇବାକୁ ସଫଳ ହେଉଥିଲେ।

### ସ୍ୱାମୀଙ୍କ ପରେ ରିମାଣ୍ଡରେ ଆସିବେ ଇରାନୀ

ପୋଲିସ ପ୍ରଥମେ ତାଙ୍କ ସ୍ୱାମୀ ନିଶିକାନ୍ତ ପାତ୍ର ଓରଫ ବାପିଙ୍କୁ ରିମାଣ୍ଡରେ ଆଣିବ। ଶୁକ୍ରବାର ନିଶିକାନ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବ ପୋଲିସ। ନିଶିକାନ୍ତଙ୍କୁ ରିମାଣ୍ଡରେ ଆଣି ତଥ୍ୟ ହାସଲ କରିବା ପରେ ଇରାନୀଙ୍କ ପାଳି ପଡ଼ିବ। ଇରାନୀଙ୍କୁ ରିମାଣ୍ଡରେ ଆଣି ଜେରା କରି ହନିଟ୍ରାପ୍ ମାୟାଜାଲ ବିଷୟରେ ବହୁ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି।

### ଆଜି ଏସ୍‌ଏଫ୍‌ଏସ୍‌ଏଲ୍ ଯିବ ଜବତ ୨ ମୋବାଇଲ

ଇରାନୀଙ୍କ ପାଖିରୁ ଜବତ ହୋଇଥିବା ୨ଟି ମୋବାଇଲରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ଏପରିକି ବହୁ ଲୋକଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରହିଥିବା ଜଣାପଡ଼ିଛି। ସେହିଭଳି ଫେସବୁକ୍ ମେସେଞ୍ଜର, ହ୍ୱାଟସଆପ୍ ଚାଟ୍‌ରେ ମଧ୍ୟ ବହୁ ତଥ୍ୟ ରହିଛି। ସିଲ୍ ହୋଇଥିବା ଏହି ଦୁଇଟି ମୋବାଇଲକୁ ଶୁକ୍ରବାର ଷ୍ଟେଟ୍ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପୋଲିସ ପଠାଇବ। ଏହାର ରିପୋର୍ଟ ଆଧାରରେ ତଦନ୍ତ ଆଗେଇବ।

# ଗୋବିନ୍ଦାଙ୍କୁ ଜେରା କରିବ ଇଓଡବ୍ଲ୍ୟୁ

## ଏସ୍‌ଟିଏ କ୍ରିପ୍ଟୋ ଟୋକନ୍‌ରେ ହଜାରେ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା

ଭୁବନେଶ୍ୱର,୧୪।୯
(ସୂର୍ଯ୍ୟକାନ୍ତ ବେହେରା)

ଏସ୍‌ଟିଏ ଟୋକନ କ୍ରିପ୍ଟୋ ପୁଞ୍ଜି ନିବେଶ ନାଁରେ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଜାରି ରଖିଛି। ତେବେ ଏହି ମାମଲାରେ ବଲିଉଡ ଷ୍ଟାର୍ ଗୋବିନ୍ଦାଙ୍କୁ ସମନ କରି ଜେରା କରିବାକୁ ଇଓଡବ୍ଲ୍ୟୁ ଯୋଜନା କରିଛି। ଗୋଟିଏ ଟିମ୍ ମୁମ୍ବାଇ ଯାଇ ତାଙ୍କୁ ଜେରା କରିବ ବୋଲି ଇଓଡବ୍ଲ୍ୟୁ ଡିଏସ୍‌ପି ସସ୍ମିତା ସାହୁ ଗୁରୁବାର ସୂଚନା ଦେଇଛନ୍ତି। ଗତ ଜୁଲାଇ ୨୫ରୁ ୩୧ ତାରିଖ ମଧ୍ୟରେ ଗୋଆର ଏକ ଆଲିଶାନ୍ ହୋଟେଲ୍‌ରେ ବଡ଼ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହି କାର୍ଯ୍ୟକ୍ରମକୁ ଅଭିନେତା ଗୋବିନ୍ଦାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋବିନ୍ଦା ଏସ୍‌ଟିଏର 'ବ୍ଲକ୍ ଚେନ୍' ଲଞ୍ଚ୍ କରିଥିଲେ। ଏହା ଲଞ୍ଚ୍ ହେବା ପରେ ଏସ୍‌ଟିଏ ଟୋକନ୍ କଏନ୍‌ରେ ଲୋକେ ପ୍ରଭାବିତ ହୋଇଥାଇପାରନ୍ତି। ତେଣୁ ଏସ୍‌ଟିଏରେ ଗୋବିନ୍ଦାଙ୍କ ଭୂମିକା କ'ଣ ଏବଂ ସେ କାହିଁକି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ତାହା ଜାଣିବାକୁ ତାଙ୍କୁ ଇଓଡବ୍ଲ୍ୟୁ ଖୁବଶୀଘ୍ର ଜେରା କରିପାରେ ବୋଲି ଡିଏସ୍‌ପି ସାହୁ କହିଛନ୍ତି।

ସୂଚନାନୁଯାୟୀ, ଅତି କମ୍ ସମୟ ମଧ୍ୟରେ ବହୁଗୁଣ ଅର୍ଥ ଲାଭର ପ୍ରଲୋଭନ ଦେଖାଇ ଦେଶବ୍ୟାପୀ ଏହି ଠକେଇ ର୍‌ୟାକେଟର 'ଏସ୍‌ଟିଏ' ଭାରତ ମୁଖ୍ୟ ଗୁର୍‌ତେଜ୍ ସିଂ ସିଦ୍ଧୁ ଏବଂ ଓଡ଼ିଶା ମୁଖ୍ୟ ଭଦ୍ରକର ନୀରୋଦ ଦାସ ଓ ରତ୍ନାକର ଦଳାଇଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିବା ବେଳେ ଅନେକ ଅଭିଯୁକ୍ତ ଫେରାର ଅଛନ୍ତି । ତେଣୁ ଫେରାର ଥିବା ସଂସ୍ଥାର ମୁଖ୍ୟ ଅଭିଯୁକ୍ତ ହଙ୍ଗେରୀ ନାଗରିକ ଡେଭିଡ୍ ଗେଜ୍‌ଙ୍କ ସମେତ ୪ ସହଯୋଗୀଙ୍କ ବିରୋଧରେ ଇଓଡବ୍ଲ୍ୟୁର ଅନୁରୋଧ କ୍ରମେ ବ୍ୟୁରୋ ଅଫ୍ ଇମିଗ୍ରେସନ ଲୁକ୍ ଆଉଟ ସର୍କୁଲାର୍ ଜାରି କରିଛି। କ୍ରିପ୍ଟୋକରେନ୍ସି ଆଧାରିତ ପଞ୍ଜି ଯୋଜନା ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ସକ୍ରିୟ ଥିଲା ବୋଲି ଜଣାପଡ଼ିଥିଲା ।



# ମହାନଦୀକୁ ଡେଇଁ ଯୁବତୀ ନିଖୋଜ

ସମ୍ବଲପୁର, ୧୪।୯
(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଟାଉନ ଥାନା ଚାଉଁରପୁର ମହାନଦୀ ବ୍ରିଜ୍ ଉପରୁ ଡେଇଁ ଗୁରୁବାର ଜଣେ ଯୁବତୀ ନିଖୋଜ ହୋଇଯାଇଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନାହିଁ। ପ୍ରତ୍ୟକ୍ଷଦର୍ଶୀ ସୁରଜ ମେହେରଙ୍କ କହିବା ଅନୁଯାୟୀ, ଯୁବତୀଙ୍କ ବୟସ ୧୮ରୁ ୨୦ବର୍ଷ ମଧ୍ୟରେ ହେବ। ପୂର୍ବାହ୍ନ ୧୧ଟା ସମୟରେ ସେ ବ୍ରିଜ୍ ଉପରେ ଚପଲ ରଖି ମହାନଦୀକୁ ଡେଇଁ ପଡିଥିଲେ। ବ୍ରିଜ୍ ଗୋଟିଏ ମୁଣ୍ଡରେ ଆମେ ୩ଜଣ ଠିଆହୋଇଥିଲୁ। ଅନ୍ୟ ମୁଣ୍ଡରେ କେହିଜଣେ ମହାନଦୀକୁ ଡେଇଁପଡିଥିବା ଦେଖିଥିଲୁ। ପ୍ରଥମେ ସେ ଯୁବତୀ କିମ୍ବା ଯୁବକ ଜାଣିପାରି ନ ଥିଲୁ। ଆମେ ଦୌଡ଼ି ସେହି ସ୍ଥାନକୁ ଆସିବା ପରେ ତାଙ୍କ ମୁଣ୍ଡ ଉପରକୁ ଦେଖାଯାଉଥିବାରୁ ଯୁବତୀ ବୋଲି ଜାଣିଲୁ। ନଦୀ ସ୍ରୋତରେ ସେ ଭାସି ଯାଇଥିଲେ। ଟାଉନ ଥାନା ଅଧିକାରୀ ବୁଲୁ ସ୍ୱାଇଁ କହିଛନ୍ତି, ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ମହାନଦୀରେ ଜଳସ୍ରୋତ ଅଧିକ ଥିବାରୁ ଭାସିଯାଇଥିବା ଅନୁମାନ କରାଯାଉଛି। ଯୁବତୀ ନିଖୋଜ ନେଇ ଅଭିଯୋଗ ହୋଇ ନ ଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ ବୋଲି କହିଥିଲେ।

# ଜମିରେ ପାଣି ମଡ଼ାଇବାକୁ ନେଇ ବଡ଼ବାପାଙ୍କୁ ହତ୍ୟା



ହତ୍ୟାକାଣ୍ଡ ସ୍ଥଳରେ ପୋଲିସର ତଦନ୍ତ।

- ମୃତକଙ୍କ ସାନପୁଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି
- ଫାର୍ସା ଜବତ, ୪ ଗିରଫ

ଅମରପାଲି,୧୪।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ବଶରଭଟା ଗ୍ରାମରେ ଗୁରୁବାର ସକାଳେ ଚାଷଜମିରେ ପାଣି ମଡାଇବାକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୁତୁରାମାନଙ୍କ ଫାର୍ସା ଆକ୍ରମଣରେ ବାସୁଦେବ ସାହୁ ଓରଫ ବଙ୍କା (୬୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସାନପୁଅ ସୁରେନ୍ଦ୍ର(୨୪)ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ସୋନପୁର ଡାକ୍ତରଖାନା ଓ ପରେ ବୁର୍ଲା ବଡ଼ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସା କରାଯାଉଛି। ଘଟଣାସ୍ଥଳରେ ସୁବଳୟା ପୋଲିସ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଫାର୍ସା ଜବତ ସହ ତଦନ୍ତ ଆରମ୍ଭ କରିଛି। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କୁଞ୍ଜବିହାରୀ ସାହୁ ଓ ତାଙ୍କର ୩ ପୁଅ ରଞ୍ଜିତ, ରଞ୍ଜନ, ରାଜେନ୍ଦ୍ର।

ପ୍ରକାଶ ଯେ, ଚାଷଜମିରେ ପାଣି ମଡ଼ାଇବାକୁ କେନ୍ଦ୍ର କରି ବାସୁଦେବ ଓ ତାଙ୍କ ସାନଭାଇ କୁଞ୍ଜବିହାରୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହା ପରବର୍ତ୍ତୀ ସମୟରେ ଉଗ୍ର ରୂପ ନେଇଥିଲା। ଗାଁ ଦାଣ୍ଡରେ କୁଞ୍ଜବିହାରୀଙ୍କ ୨ପୁଅ ରଞ୍ଜିତ ଓ ରଞ୍ଜନ ଅତର୍କିତ ଭାବେ ଫାର୍ସାରେ ବାସୁଦେବ ଓ ତାଙ୍କ ସାନ ପୁଅ ସୁରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ବାସୁଦେବଙ୍କ ବେକ ଓ ବାହୁରେ ଚୋଟ ବସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୁରେନ୍ଦ୍ର ଗୁରୁତର ହୋଇଥିଲେ। ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ କରିଛି। ମୃତକଙ୍କ ବଡପୁଅ ମହର୍ଗୁ ସାହୁଙ୍କ ଅଭିଯୋଗ କ୍ରମେ ସୁବଳୟା ଥାନାରେ ଏକ ହତ୍ୟା ମାମଲା (ନଂ. ୧୫୨/୨୩) ରୁଜୁ ହୋଇଛି। ଅଭିଯୋଗ ଆଧାରରେ ରଞ୍ଜିତ, ରଞ୍ଜନ ଏବଂ ହତ୍ୟାକାଣ୍ଡରେ ସହଯୋଗ କରିଥିବା କୁଞ୍ଜବିହାରୀ ଓ ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅରବିନ୍ଦ ଭବନରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲ ହେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

କୋଲକାତାସ୍ଥିତ ଅରବିନ୍ଦଙ୍କ ଜନ୍ମସ୍ଥାନ ଅରବିନ୍ଦ ଭବନରୁ 'ମୋ ମାଟି ମୋ ଦେଶ' ଅଭିଯାନରେ ସାମିଲହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅମୃତ କଳସରେ ମାଟି ସଂଗ୍ରହ କରିଛନ୍ତି। ମୋ ମାଟି ମୋ ଦେଶ ଅଭିଯାନ ଏବେ ଦେଶରେ ଜନ ଆନ୍ଦୋଳନର ରୂପ ନେଇସାରିଛି ଏବଂ ଦେଶର କୋଟି କୋଟି ଲୋକ ଏଥିରେ ସାମିଲ ହେଉଛନ୍ତି । ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ଦେଶ ଭାବେ ପରିଣତ କରିବା ପାଇଁ ସଂକଳ୍ପ ନେବା ବୋଲି ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଅରବିନ୍ଦଙ୍କ ବିଚାର, ଆଦର୍ଶ ଓ ଅବଦାନ ଭାରତର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉପନିବେଶବାଦ ମାନସିକତାରୁ ମୁକ୍ତି କରାଇବାରେ ସେ ଥିଲେ ପ୍ରମୁଖ ବିନ୍ଧାଣି। 'ଶ୍ରେଷ୍ଠ ଭାରତ' ପାଇଁ ତାଙ୍କର ଦୃଷ୍ଟିକୋଣ ସର୍ବଦା ଆମକୁ ମାର୍ଗଦର୍ଶନ ପ୍ରଦାନ କରିବ। ମୋ ମାଟି ମୋ ଦେଶ ଅଭିଯାନରେ କୋଲକାତାସ୍ଥିତ ଶ୍ରୀଅରବିନ୍ଦଙ୍କ ଜନ୍ମସ୍ଥାନରୁ ପବିତ୍ର ମାଟି ସଂଗ୍ରହକରି ନିଜକୁ ଧନ୍ୟ ମନେକରୁଛି ବୋଲି ସେ କହିଛନ୍ତି। ଜାତୀୟ ଶିକ୍ଷାନୀତି ଅରବିନ୍ଦଙ୍କ ପ୍ରକୃତ ଶିକ୍ଷା ଦୃଷ୍ଟିକୋଣ ସହ ଯୋଡ଼ି ହୋଇରହିଛି। ଏହା ଶିଶୁର ସାମଗ୍ରିକ ବିକାଶ ପାଇଁ ଏକ ଉତ୍ତମ ପରିବେଶ ପ୍ରଦାନ କରେ ବୋଲି ସେ କହିଛନ୍ତି। ଏହି ଗସ୍ତ ସମୟରେ ଜନସମ୍ପର୍କ କାର୍ଯ୍ୟକ୍ରମରେ ମଧ୍ୟ ଧର୍ମେନ୍ଦ୍ର ଯୋଗ ଦେଇଥିଲେ।



> ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। **–ଶ୍ରୀମା**



# ଚାଇନାର ଅବରୋଧ


ଜାସନ ହସୁ
ଫେଲୋ, ହାର୍ଭାର୍ଡ କେନେଡି ସ୍କୁଲ


ରିଚାର୍ଡ ୱାଇ.କେ. ଚେନ୍
ପୂର୍ବତନ ଉପମନ୍ତ୍ରୀ (ନୀତି ପାଇଁ), ତାଇୱାନ ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ

ତାଇୱାନ୍ ପାଇଁ ଇଣ୍ଟରନେଟ୍ ସଂଯୋଗୀକରଣ ହେଉଛି ଏକ ଜୀବନରେଖା। ନିକଟରେ ତାଇପେଇରେ ଚାଇନା ପକ୍ଷରୁ ସୃଷ୍ଟ ଯୁଦ୍ଧସ୍ଥିତି ଓ ଚାଇନାର ଅବରୋଧ କାର୍ଯ୍ୟକଳାପ (ଇଣ୍ଟରନେଟ୍ ସଂଯୋଗରେ ବ୍ୟାଘାତ) ଯୋଗୁ ଏହି ଦ୍ୱୀପ ଯୋଗାଯୋଗରୁ ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଫେବୃୟାରୀରେ ତାଇୱାନ୍‌ର ଡିଜିଟାଲ ଭିତ୍ତିଭୂମି ପ୍ରତି ସୃଷ୍ଟି ହୋଇଥିବା ବିପଦ ସ୍ପଷ୍ଟ ହୋଇଥିଲା। ଚାଇନା ଉପକୂଳରେ ଅବସ୍ଥିତ ତାଇୱାନ୍‌ର କ୍ଷୁଦ୍ର ଦ୍ୱୀପ ମାଟ୍ସୁ ସହ ସଂଯୋଗ କରୁଥିବା ତଥା ସମୁଦ୍ର ଭିତରେ ଥିବା ଦୁଇଟି କେବଲ୍‌କୁ ଚାଇନାର ବୁଡ଼ାଜାହାଜ କାଟି ଦେବା ଦ୍ୱାରା ଏଭଳି ପରିସ୍ଥିତି ଉପୁଜିଥିଲା। ସେବେଠାରୁ ଅନେକ ମାସ ହେଲା ଲୋକେ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି। କ୍ଷତିଗ୍ରସ୍ତ କେବୁଲ୍‌ଗୁଡ଼ିକ ଆମେରିକାର ଟେକ୍ କମ୍ପାନୀ ଗୁଗୁଲ ପ୍ରତି ସମ୍ଭାବ୍ୟ ବିପଦକୁ ବି ସାମ୍ନାକୁ ଆଣିଛି। ତାଇୱାନ୍ ପଶ୍ଚିମ ଉପକୂଳରେ ଏହି କମ୍ପାନୀର ଏକ ଡେଟା କେନ୍ଦ୍ର ଅଛି। ସମ୍ପ୍ରତି ସମୁଦ୍ର ଭିତରେ ୧୪ଟି କେବୁଲ୍ ତାଇୱାନ୍‌କୁ ବିଶ୍ୱ ଟେଲି ଯୋଗାଯୋଗ ସହିତ ସଂଯୋଗ କରୁଛି। ଏଣୁ ଚାଇନାର ଦୀର୍ଘ ଦିନର ଅବରୋଧ ଏହି ଦ୍ୱୀପକୁ ଅବଶିଷ୍ଟ ବିଶ୍ୱରୁ ବିଚ୍ଛିନ୍ନ କରିପାରେ ଏବଂ ଏହାର ପରିଣାମ ବିଶ୍ୱ ଅର୍ଥନୀତି ଓ ଆର୍ଥିକ ବଜାର ଉପରେ ପଡ଼ିବାର ସମ୍ଭାବନା ଅଛି। ଏଭଳି ପରିଣାମ ଜାପାନ ସମେତ ଆମେରିକା ଏବଂ ଏହାର ଆଞ୍ଚଳିକ ସହଯୋଗୀମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ। ଏଣୁ ତାଇୱାନ୍ ସରକାର ଯୋଗାଯୋଗ କ୍ଷମତାକୁ ଦୃଢ଼ କରିବା ସହ ବିଶ୍ୱାସଯୋଗ୍ୟ ଇଣ୍ଟରନେଟ୍ ସଂଯୋଗ ଉପରେ ଧ୍ୟାନ ଦେବା ଆବଶ୍ୟକ।

ଏଭଳି ସ୍ଥିତିରେ ଏକ ସମ୍ଭାବ୍ୟ ସମାଧାନ ହେଉଛି ମୋବାଇଲ ଉପଗ୍ରହ–ଇଣ୍ଟରନେଟ୍ ସିଷ୍ଟମ ଷ୍ଟାର୍‌ଲିଙ୍କ ସେବା କାର୍ଯ୍ୟକାରୀ କରିବା। ଏଲୋନ ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସ୍ ଏକ୍ସ ଦ୍ୱାରା ଷ୍ଟାର୍‌ଲିଙ୍କ୍ ପରିଚାଳିତ। ଷ୍ଟାରଲିଙ୍କ ମସ୍କଙ୍କ ବ୍ୟବସାୟିକ ସାମ୍ରାଜ୍ୟର ଏକ ପ୍ରମୁଖ ଅଂଶ। ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପିତ ଏହାର ୪୫୦୦ରୁ ଅଧିକ ସାଟେଲାଇଟ ମାଧ୍ୟମରେ ବିଶ୍ୱରେ ଏହା ଇଣ୍ଟରନେଟ୍ ସଂଯୋଗ ଯୋଗାଇଥାଏ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ମସ୍କ ତାଙ୍କ ଉପଗ୍ରହଗୁଡ଼ିକୁ ମାଗଣାରେ ପ୍ରସାରଣ କରିବାକୁ ଅନୁମତି ଦେଇଥିଲେ। ୟୁକ୍ରେନ୍‌ର ଟେଲିକମ୍ ଭିତ୍ତିଭୂମି ଉପରେ ରୁଷିଆର ଆକ୍ରମଣରୁ କୌଣସି ଉପାୟରେ ବଞ୍ଚିବା ପାଇଁ ହଜାର ହଜାର ଷ୍ଟାରଲିଙ୍କ ଟର୍ମିନାଲ ୟୁକ୍ରେନ୍ ସରକାରଙ୍କୁ ପ୍ରଦାନ କରିଥିଲେ। ସେହି ଦିନଠାରୁ ଷ୍ଟାରଲିଙ୍କ ୟୁକ୍ରେନ୍ ସୈନ୍ୟବାହିନୀର ଏକ ଅତ୍ୟାବଶ୍ୟକ ସାଧନ ହୋଇଆସିଛି। ଏହାଦ୍ୱାରା ୟୁକ୍ରେନ୍‌ରେ ରୁଷିଆ ସୈନ୍ୟଙ୍କ ଗତିବିଧି ଉପରେ ଗୁପ୍ତ ତଥ୍ୟ ସଂଗ୍ରହ କରିପାରୁଛି। ଏହାସହ ନାଟୋ ସହଭାଗୀମାନଙ୍କ ସହ ନିରାପଦରେ ଯୋଗାଯୋଗ କରିବାକୁ ଅନୁମତି ଦେଇଛି। କିନ୍ତୁ ଗତବର୍ଷ ରୁଷିଆର ଜାହାଜ ଉପରେ ୟୁକ୍ରେନ୍ ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ମସ୍କ କ୍ରିମିଆ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଷ୍ଟାରଲିଙ୍କକୁ ଅକାମୀ କରିଦେଇଥିଲେ। ତେବେ ଏଭଳି କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ଇଣ୍ଟରନେଟ୍ ସେବା ପାଇଁ ଷ୍ଟାର୍‌ଲିଙ୍କକୁ ବ୍ୟବହାର କରି ବାହାର ଦେଶଗୁଡ଼ିକ ସହ ସଂଯୋଗ ସ୍ଥାପନ କରିବା ତାଇୱାନ୍ ଲାଗି କେତୋଟି ସମସ୍ୟା ଆଣିପାରେ। ପ୍ରଥମେ, କେବଳ ଷ୍ଟାର୍‌ଲିଙ୍କ ଉପରେ ନିର୍ଭର କରିବା ଅର୍ଥ କୌଣସି ବ୍ୟବସ୍ଥିତ ବିଫଳତା ଆସିପାରେ କିମ୍ବା ତଥ୍ୟ ପ୍ରତ୍ୟାବର୍ତ୍ତନ ନ ହୋଇପାରେ। ଦ୍ୱିତୀୟତଃ, ଏହା ସ୍ପଷ୍ଟ ଯେ ମସ୍କ ଚାଇନାର ଜଣେ ଜଣାଶୁଣା ସମର୍ଥକ। ଏପରିକି ହଂକଂ ପରି ପିପୁଲ୍ସ ରିପବ୍ଲିକର ତାଇୱାନ୍ ଏକ ସ୍ୱତନ୍ତ୍ର ପ୍ରଶାସନିକ ଜୋନ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ତୃତୀୟତଃ, ଚାଇନାରେ ମସ୍କଙ୍କର ଅତ୍ୟଧିକ ବ୍ୟବସାୟିକ ଆଗ୍ରହ ରହିଛି। ଚାଇନାରେ ତାଙ୍କ ବୈଦ୍ୟୁତିକ ଯାନ (ଇଭି) କମ୍ପାନୀ ଟେସ୍‌ଲାର ସର୍ବାଧିକ ଉତ୍ପାଦନକାରୀ କେନ୍ଦ୍ର ଅଛି।

ଏସବୁକୁ ଲକ୍ଷ୍ୟ କଲେ ଚାଇନା ଏବଂ ତାଇୱାନ୍ ମଧ୍ୟରେ ଯୁଦ୍ଧ ହେଲେ ମସ୍କ ଚାଇନାର ଦାବିଗୁଡ଼ିକ ଯେ ସ୍ୱୀକାର କରିବେ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ଡେଟା ପ୍ରବାହ ଏବଂ ଡାଟା ଷ୍ଟୋରେଜ ସହିତ ତଥ୍ୟର ସାର୍ବଭୌମ ନିୟନ୍ତ୍ରଣ ବିନା ତାଇୱାନ୍‌ର ଜାତୀୟ ସୁରକ୍ଷା ବିପଦରେ ପଡ଼ିବ। ତାଇୱାନ୍ ଏବେ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାରେ ବିଶ୍ୱରେ ସବୁଠୁ ଆଗରେ ରହିଛି। ଏଣୁ ନିଜକୁ ରକ୍ଷା କରିବା ପାଇଁ ଏହା ଉପଗ୍ରହ ଯୋଗାଯୋଗ ଏବଂ ପ୍ରଯୁକ୍ତିବିଦ୍ୟାରେ ସ୍ୱଦେଶୀ ଦକ୍ଷତା ବିକାଶ କରିବା ଆବଶ୍ୟକ। ସମ୍ବଳକୁ ସମନ୍ୱିତ ଓ ଏକୀକରଣ କରି ତାଇୱାନ୍ ସରକାର ସରକାରୀ–ବେସରକାରୀ ସହଭାଗିତା ପ୍ରତିଷ୍ଠା ଏବଂ ତାହାର ନିୟନ୍ତ୍ରଣ ବଜାୟ ରଖିପାରିବେ, ଯାହା ଯୁଦ୍ଧରେ ତାହାର କ୍ଷମତାକୁ ବୃଦ୍ଧି କରିବାରେ ସକ୍ଷମ ହେବ। ପ୍ରତିରକ୍ଷା କଣ୍ଟ୍ରାକ୍ଟରମାନଙ୍କ ସହିତ ଷ୍ଟାର୍ଟଅପଗୁଡ଼ିକୁ ସହଜରେ କାମ କରିବା ଲାଗି ସରକାର କ୍ରୟ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ଉଚିତ।



ତାଇୱାନ୍ ଜାତୀୟ ବିକାଶ ପାଣ୍ଠି ସାଟେଲାଇଟ୍ ଟେକ୍‌ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ଭିତ୍ତିଭୂମିରେ ନିବେଶ କରିଥିବାବେଳେ ପ୍ରତିରକ୍ଷା ଓ ଡିଜିଟାଲ ବ୍ୟାପାର ମନ୍ତ୍ରଣାଳୟ ଗୁପ୍ତ ତଥ୍ୟ ଆଦାନପ୍ରଦାନ ପାଇଁ ତାଇୱାନ୍ ମହାକାଶ ସଂସ୍ଥା ସହିତ କାମ କରିବା ଉଚିତ। ଏହା ସହ ସହଭାଗିତାରେ ଜାପାନ, ଦକ୍ଷିଣକୋରିଆ, ଫିଲିପାଇନ୍ସ ଏବଂ ଅଷ୍ଟ୍ରେଲିଆ ସହିତ ଏକ ପ୍ରତିରକ୍ଷାକେନ୍ଦ୍ରିକ ବ୍ୟବସ୍ଥା ଗଢ଼ିବା ଦରକାର। ନିରବଚ୍ଛିନ୍ନ ବ୍ୟାକ୍‌ଅପ୍ କଭରେଜକୁ ନିଶ୍ଚିତ କରିବା ପାଇଁ ତାଇୱାନକୁ ୧୨୦ଟି ଉପଗ୍ରହ ଉତ୍କ୍ଷେପଣ କରିବା ଆବଶ୍ୟକ। ନୀତି ନିର୍ଦ୍ଧାରକମାନେ ଏଭଳି ସ୍ଥିତିରେ ଶୀଘ୍ର କିଛି ପଦକ୍ଷେପ ନେବା ଉଚିତ ଏବଂ ସହଯୋଗୀ ଦେଶଗୁଡ଼ିକ ସମର୍ଥନକୁ ଉପଯୋଗ କରିବାକୁ ପଡ଼ିବ। ତାଇୱାନ୍ ସହ ମିଳିତ ଭାବେ ବିକାଶ କରିବା ଲାଗି ଚିପ୍ସ ଆକ୍ଟ ଏବଂ ନ୍ୟାଶନାଲ ଡିଫେନ୍ସ ଆକ୍ଟ ଅନୁଯାୟୀ କିଛି ପାଣ୍ଠି ଆବଣ୍ଟନ କରିବା ଉପରେ ଆମେରିକା ସରକାର ବିଚାର କରିବା ଉଚିତ। ଉପଗ୍ରହ–ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ସମ୍ପୃକ୍ତ ସେମିକଣ୍ଡକ୍ଟର ଚିପ୍ସ କ୍ଷେତ୍ରରେ ବି ମିଳିତ ଭାବେ କାମ କରିବା ଦରକାର। ଅଧିକନ୍ତୁ, ଭାରତ– ପ୍ରଶାନ୍ତ ମହାସାଗରୀୟ ରଣନୀତିର ଏକ ଅଂଶ ଭାବେ ଆମେରିକା ସକ୍ରିୟ ଗୋଷ୍ଠୀ ଗଠନ, ପ୍ରଯୁକ୍ତିବିଦ୍ୟା ମାନକ ନିର୍ଦ୍ଧାରଣ ଏବଂ ଉଚ୍ଚସ୍ତରୀୟ ଆଦାନପ୍ରଦାନ ବ୍ୟବସ୍ଥା କରି ମେଣ୍ଟ ଗଠନ କରିବାରେ ନେତୃତ୍ୱ ନେବା ଆବଶ୍ୟକ।

ତାଇୱାନ୍‌ର ପରିସ୍ଥିତି ୟୁକ୍ରେନ୍ ସହିତ ସମ୍ପୂର୍ଣ୍ଣ ଅନୁରୂପ ନୁହେଁ। ରୁଷିଆ ସହିତ ୟୁକ୍ରେନ୍‌ର ଏକ ଦୀର୍ଘ ଭୂ–ସୀମା ଅଛି। ହେଲେ ଚାଇନା ସହ ତାଇୱାନର ଏଭଳି ସୀମା ନାହିଁ। ତାଇୱାନ ପ୍ରଣାଳୀ (ଷ୍ଟ୍ରେଟ୍) ଏହାକୁ ଚାଇନାଠାରୁ ଅଲଗା କରିଛି। ତାଇୱାନ୍ ଏହାର ଆବଶ୍ୟକ ଶକ୍ତିର ୯୦% ଆମଦାନୀ କରୁଛି। ଏଥିରୁ ବୁଝାପଡୁଛି ଯେ, କୌଣସି ଅବରୋଧ ତାଇୱାନର ଅର୍ଥ ବ୍ୟବସ୍ଥାକୁ ଶୀଘ୍ର ମାନ୍ଦା କରିଦେବ। ଏହାର ପଡ଼ୋଶୀଙ୍କ ସୁରକ୍ଷା ପ୍ରତି ବିଶେଷକରି ଭାରତ–ପ୍ରଶାନ୍ତମହାସାଗରୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିବ। ଏହା ସହ ତାଇୱାନର ଇଣ୍ଟରନେଟ୍ ସଂଯୋଗରେ ବ୍ୟାଘାତ ସହଜରେ ଏକ ବିଶ୍ୱ ସଙ୍କଟରେ ପରିଣତ ହୋଇପାରେ। ତାଇୱାନ୍ ପ୍ରଣାଳୀରେ ଉତ୍ତେଜନା ବଢୁଥିବାରୁ ଏହି ଦ୍ୱୀପର ସୁରକ୍ଷା ଏବେ ଏକ ଭାଗୀଦାରି ଭୂରାଜନୈତିକ ଚିନ୍ତାର ବିଷୟ ପାଲଟିଛି। ଚାଇନାକୁ ପରାସ୍ତ କରିବା ସମ୍ଭବ ନୁହେଁ, କିନ୍ତୁ ନିଶ୍ଚିତ ଭାବେ ତାକୁ ମାତ୍ ଦିଆଯାଇପାରିବ। ଏଭଳି ଏକ ସବୁଠୁ ଜଟିଳ ସମୟରେ ଅବଶିଷ୍ଟ ବିଶ୍ୱ ସହିତ ତାଇୱାନ୍‌ର ଯୋଗାଯୋଗ ନିଶ୍ଚିତ କରିବାକୁ ଏହି ଦ୍ୱୀପ ଓ ତା'ର ସହଯୋଗୀମାନେ ଆଜିଠୁ ନିବେଶ ଆରମ୍ଭ କରିବାକୁ ପଡ଼ିବ।

## ଏକ ଦେଶ, ଏକ ନିର୍ବାଚନରେ ସମସ୍ୟା


ସୌରଜିତ ପ୍ରଧାନୀ

'ଏକ ଦେଶ, ଏକ ନିର୍ବାଚନ' ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚିନ୍ତାଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଥର ପ୍ରକାଶ କରିଛନ୍ତି। ଏହି 'ଏକ ଦେଶ, ଏକ ନିର୍ବାଚନ' ଯୋଜନା କ'ଣ ତାହା ଆମକୁ ବୁଝିବାକୁ ପଡ଼ିବ। 'ଏକ ଦେଶ, ଏକ ନିର୍ବାଚନ' ଏକ ନିର୍ବାଚନ ପ୍ରକ୍ରିୟା, ଯେଉଁଥିରେ ରାଜ୍ୟ ଓ ଜାତୀୟସ୍ତରର ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେବ। ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚନ ହେବ। ଏହି ଗୋଟିଏ ନିର୍ବାଚନର ଅର୍ଥ ନୁହେଁ ଯେ ଏହା ଭାରତର ସମସ୍ତ ଲୋକଙ୍କ ପାଇଁ ଗୋଟିଏ ଦିନରେ ହେବ, ବରଂ ପର୍ଯ୍ୟାୟକ୍ରମେ ନିର୍ବାଚନ ହେବ। ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଏକକାଳୀନ ବିଧାନସଭା ଓ ଲୋକ ସଭା ପାଇଁ ଭୋଟ ଦେବାକୁ ପଡ଼ିବ। ୧୯୬୭ ପର୍ଯ୍ୟନ୍ତ ଭାରତରେ ଅନୁଷ୍ଠିତ ନିର୍ବାଚନ ଏହି ଧାରାକୁ ଅନୁସରଣ କରୁଥିଲା। ଏହା ପରେ ହିଁ ବିଧାନସଭା ଭଙ୍ଗର ସଂସ୍କୃତି ଆରମ୍ଭ ହୋଇଥିଲା। ୧୯୮୩ରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା 'ଏକ ଦେଶ, ଏକ ନିର୍ବାଚନ' ପରିକଳ୍ପନାକୁ ସୁପାରିସ କରାଯାଇଥିଲା। ୧୯୯୯ରେ ଲ' କମିଶନ ତାଙ୍କ ରିପୋର୍ଟରେ ମଧ୍ୟ ଏହା ଉଲ୍ଲେଖ କରିଥିଲେ। ୨୦୧୪ରୁ ଏହି ପରିକଳ୍ପନା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

ଏହି ପରିକଳ୍ପନା ଆରମ୍ଭ ହେଲେ ପ୍ରତିବର୍ଷ ନିର୍ବାଚନ ପରିଚାଳନାରେ ହେଉଥିବା ଉଦ୍ୟମ ଓ ଅର୍ଥ ଅପଚୟ ହ୍ରାସ ପାଇବ ବୋଲି କୁହାଯାଉଛି। ରାଷ୍ଟ୍ରରେ ଭୋଟରମାନଙ୍କୁ ୫ ବର୍ଷରେ ଥରେ ହିଁ ଭୋଟ ଦେବାକୁ ପଡ଼ିବ। ତାହା ଦେଶର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇ ପାରିବ। କେବଳ ସେତିକି ନୁହେଁ, ରାଜନୈତିକ ଦଳଗୁଡ଼ିକୁ ୫ ବର୍ଷର ପର୍ଯ୍ୟାପ୍ତ ସମୟ ମିଳିବ। ଏହା ଦେଶର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। 'ଏକ ଦେଶ, ଏକ ନିର୍ବାଚନ' ସିଦ୍ଧାନ୍ତର କାର୍ଯ୍ୟକାରିତା ସମ୍ପର୍କରେ ସବୁଠାର ବଡ଼ 'କ୍ୱାସିଫେଡେରାଲ' (ଅର୍ଦ୍ଧସଙ୍ଘୀୟ) ବ୍ୟବସ୍ଥା ରହିଛି। ଦେଶରେ ଲୋକ ସଭା ଓ ବିଧାନସଭାର ସଦସ୍ୟ ଚୟନ ପାଇଁ ଅଲଗା ଅଲଗା ନିର୍ବାଚନ ହୋଇଥାଏ। ତେଣୁ ଯେବେ ବି ୫ ବର୍ଷର କାର୍ଯ୍ୟକାଳ ଶେଷ ହୁଏ, ବିଭିନ୍ନ ସମୟ ବ୍ୟବଧାନରେ ନିର୍ବାଚନ ହୋଇଥାଏ। ଏହାଛଡ଼ା ଏଭଳି ଅନେକ ପ୍ରତିବନ୍ଧକ ରହିଛି, ଯାହା ଏହି ପରିକଳ୍ପନାର କାର୍ଯ୍ୟାନ୍ୱୟନରେ ବାଧକ ସାଜିଛି। ଏକକାଳୀନ ନିର୍ବାଚନର କାର୍ଯ୍ୟାନ୍ୱୟନ ପାଇଁ କାର୍ଯ୍ୟକାଳ ବୃଦ୍ଧି କିମ୍ବା ହ୍ରାସର ଆବଶ୍ୟକତା ରହିବ, ଯାହାଫଳରେ ସେମାନଙ୍କର ନିର୍ବାଚନ ତାରିଖ ପ୍ରସ୍ତାବିତ ତାରିଖ ସହିତ ମେଳ ଖାଇପାରିବ ଏବଂ ଏହା ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥୀ। ସାମ୍ବିଧାନିକ ଆଇନରେ ସଂଶୋଧନ ବିନା ଏହା ସମ୍ଭବ ନୁହେଁ।

ଦ୍ୱିତୀୟତଃ ବିଧାନସଭା ନିର୍ବାଚନ ସ୍ଥାନୀୟ କିମ୍ବା ଆଞ୍ଚଳିକ ପ୍ରସଙ୍ଗକୁ ନେଇ କରାଯାଇଥାଏ। ଅନେକ ରାଜନୈତିକ ଦଳ ଏବଂ ସଙ୍ଗଠନ ଅଛନ୍ତି, ଯେଉଁମାନେ ଆଞ୍ଚଳିକ ମାନଦଣ୍ଡ ଏବଂ ଭାବନା ପାଇଁ ସେମାନଙ୍କର ଗଠନ ଏବଂ ଅସ୍ତିତ୍ୱ ରହିଛି। ଭାରତୀୟ ସମ୍ବିଧାନର ସପ୍ତମ ଅନୁସୂଚୀରେ ୟୁନିୟନ ବିଷୟ, ରାଜ୍ୟ ବିଷୟ ଏବଂ ସମକାଳୀନ ବିଷୟ ରହିଛି। ରାଜ୍ୟ ସରକାରଙ୍କ ଅଧୀନରେ ରାଜ୍ୟ ବିଷୟଗୁଡ଼ିକ ରହିଛି। ରାଜ୍ୟସ୍ତରରେ ଆଞ୍ଚଳିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଏ ଏବଂ ଏଭଳି ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଧାରରେ ରାଜନୈତିକ ଦଳଗୁଡ଼ିକ ବେକାରି ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଜାତୀୟ ପ୍ରସଙ୍ଗକୁ ବ୍ୟାପକ କରୁଥିବା ରାଜନୈତିକ ଦଳଗୁଡ଼ିକ 'ଏକ ଦେଶ, ଏକ ନିର୍ବାଚନ' ପରିକଳ୍ପନାକୁ ବାଛିବାର ଅନ୍ୟତମ କାରଣ ହେଉଛି ଏହା ନିର୍ବାଚନ ପ୍ରକ୍ରିୟାରେ ଲାଗିଥିବା ଅର୍ଥର ପରିମାଣକୁ ହ୍ରାସ କରିବା। ଯେକୌଣସି ନିର୍ବାଚନ, ସଂସଦୀୟ ବା ବିଧାନସଭାରେ ସମ୍ପୃକ୍ତ ଥିବା ଅର୍ଥକୁ ପ୍ରାର୍ଥୀମାନେ ନିଜ ନିଜ ନିର୍ବାଚନମଣ୍ଡଳୀରେ ଖର୍ଚ୍ଚ କରିଥାଆନ୍ତି। ଏକକାଳୀନ ନିର୍ବାଚନ କ୍ଷେତ୍ରରେ ଏହା ହ୍ରାସ ପାଇବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଦେଶରେ ଏକକାଳୀନ ନିର୍ବାଚନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବ୍ୟାପକ ମାନବ ସମ୍ବଳ, ସୁରକ୍ଷା, ଯନ୍ତ୍ରପାତିର ଆବଶ୍ୟକତା ରହିଛି। 'ଏକ ଦେଶ, ଏକ ନିର୍ବାଚନ' ପାଇଁ ବିପୁଳ କର୍ମଚାରୀ ଓ ଇଭିଏମ୍ ଆବଶ୍ୟକ ହେବ।

ଆମେରିକାରେ ଏକକାଳୀନ ନିର୍ବାଚନ ବ୍ୟବସ୍ଥା ରହିଛି। ସ୍ୱିଡେନ, ସ୍ପେନ, ହଙ୍ଗେରୀ, ବେଲ୍‌ଜିୟମ, ପୋଲାଣ୍ଡ, ସ୍ଲୋଭେନିଆ, ଆଲ୍‌ବାନିଆ, ଦକ୍ଷିଣ ଆଫ୍ରିକା, ଜର୍ମାନୀ ଇତ୍ୟାଦି ରାଷ୍ଟ୍ରର ଅନ୍ୟ ଦେଶଗୁଡ଼ିକ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥାକୁ ସମର୍ଥନ ଓ କାର୍ଯ୍ୟକାରୀ କରନ୍ତି। କିନ୍ତୁ ଏହି ଦେଶଗୁଡ଼ିକରେ 'ସଂସଦୀୟ ନିର୍ବାଚନ' ତୁଳନାରେ ସେମାନଙ୍କର 'ରାଷ୍ଟ୍ରପତି ନିର୍ବାଚନର' ଗୁରୁତ୍ୱ ରହିଛି।

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା**
**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ଏବେ ସାମୁଦ୍ରିକ ଜୀବଙ୍କ ପାଇଁ ବିପଦ ହୋଇଛି। ତେବେ ବିଶାଳ ସମୁଦ୍ରରୁ ଏହି ବର୍ଜ୍ୟକୁ ଦୂର କରିବା ଏକ ଅସମ୍ଭବ ବ୍ୟାପାର ହୋଇଥିବାବେଳେ ଚେନ୍ନାଇର ସ୍କୁବା ଡାଇଭର ଅରବିନ୍ଦ ଥାରୁନଶ୍ରୀ ଓ ତାଙ୍କ ୯ ବର୍ଷୀୟା ଝିଅ ଥାରାଗାଇ ଆରାଥନାଙ୍କ କ୍ଷୁଦ୍ର ପ୍ରୟାସ ସମସ୍ତଙ୍କ ପାଇଁ ଏକ ପ୍ରେରଣା। ଅରବିନ୍ଦ ବୃତ୍ତିରେ ଜଣେ ସ୍କୁବା ଡାଇଭର ଇନ୍‌ଷ୍ଟ୍ରକ୍ଟର। ସେ ଦୀର୍ଘ ୨୦ ବର୍ଷ ହେଲା ଗଭୀର ପାଣିରୁ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଏବେ ସୁଦ୍ଧା ସେ ୩୦,୦୦୦ କେଜି ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିସାରିଲେଣି। ସେ ଓ ତାଙ୍କ ଝିଅ ଥାରାଗାଇ ଏକାଠି ୧,୦୦୦ କେଜି ବର୍ଜ୍ୟ ସଂଗ୍ରହ କରିଛନ୍ତି। ଥାରାଗାଇ ୫ ବର୍ଷ ବେଳୁ ତାଙ୍କ ପିତାଙ୍କ ସହ ସ୍କୁବା ଡାଇଭିଂ ଆରମ୍ଭ କରିଥିଲେ। ଏବେ ବେଳାଭୂମି ସଫା କରିବା ଓ ବିଲୁପ୍ତପ୍ରାୟ ସାମୁଦ୍ରିକ ଜୀବଙ୍କ ଉପରେ ସଚେତନତା କାର୍ଯ୍ୟକ୍ରମ ବି କରୁଛନ୍ତି। ସେ ତାଙ୍କ ପିତାଙ୍କ ସହ ୧୮ କି.ମି. ପହଁରି ସାମୁଦ୍ରିକ ଜୀବଙ୍କ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ସେ ସ୍କୁବା ଡାଇଭିଂରେ ମାଷ୍ଟର ହେବା ସହ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଲାଗି ଆଜୀବନ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ସେପ୍ଟେମ୍ବର ୧୯୯୮**

- ଚାଇନାର ପୂର୍ବତନ ରାଷ୍ଟ୍ରପତି ୟାଙ୍ଗ ସାଙ୍ଗକୁନଙ୍କ ୯୧ ବର୍ଷ ବୟସରେ ଦେହାନ୍ତ।
- ବିହାରକୁ ଭାଗ ଭାଗ କରି ଏକ ପୃଥକ ଆଦିବାସୀ ରାଜ୍ୟ (ବନାଞ୍ଚଳ) ଗଠନ ପ୍ରସ୍ତାବକୁ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଅପ୍ରତ୍ୟାଶିତ ଭାବେ ଅଗ୍ରାହ୍ୟ କରିଦେଇଛନ୍ତି।
- ଖ୍ୟାତନାମା ଭାରତୀୟ ମଲ୍ଲଯୋଦ୍ଧା ତଥା ଚଳଚ୍ଚିତ୍ର ଅଭିନେତା ଦାରା ସିଂ ଅଖିଳ ଭାରତ ଜାଟ ମହାସଭାର ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 9 | 8 | | 6 | | |
| 8 | | | | | | | 1 | |
| 6 | 4 | | 3 | | | | | |
| | | | | 2 | 3 | | | |
| | | | 4 | | | | 3 | 8 |
| 4 | | | | | 9 | | | 5 |
| | | 6 | | | | | | 7 |
| | | | | 1 | | 5 | | 2 |
| | | 5 | 7 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 8 | 7 | 3 | 9 | 1 | 4 |
| 9 | 1 | 3 | 5 | 2 | 4 | 8 | 7 | 6 |
| 7 | 8 | 4 | 6 | 9 | 1 | 5 | 3 | 2 |
| 2 | 4 | 8 | 3 | 1 | 7 | 6 | 9 | 5 |
| 6 | 7 | 1 | 9 | 5 | 8 | 4 | 2 | 3 |
| 3 | 5 | 9 | 2 | 4 | 6 | 1 | 8 | 7 |
| 8 | 2 | 7 | 4 | 6 | 9 | 3 | 5 | 1 |
| 4 | 3 | 5 | 1 | 8 | 2 | 7 | 6 | 9 |
| 1 | 9 | 6 | 7 | 3 | 5 | 2 | 4 | 8 |

ଗତକାଲିର ଉତ୍ତର

# ଆବାସିକ ପୁନଃ ଥଇଥାନ


ରାଜୀବ କର୍ମ

ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଜୀବନରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥା'ନ୍ତି। ଅସୁସ୍ଥତା ସମୟରେ ବ୍ୟକ୍ତିକୁ କେବଳ ଯେ ନୂଆ କୌଶଳ ଶିଖିବାରେ ଅସୁବିଧା ହୋଇ ନ ଥାଏ ବରଂ ନିଜ ପାଖରେ ଥିବା ଦୈନନ୍ଦିନ ଜୀବନଚର୍ଯ୍ୟା, ଭାବର ଆଦାନପ୍ରଦାନ ଏବଂ ସାମାଜିକ କୌଶଳ ହରାଇବାର ସମ୍ଭାବନା ଥାଏ। ଚିକିତ୍ସାସେବା ବ୍ୟକ୍ତିର ଅସୁସ୍ଥତାର ଲକ୍ଷଣଗୁଡ଼ିକୁ କମ୍ କରିଥାଏ କିନ୍ତୁ ଅସୁସ୍ଥତାର ଫଳସ୍ୱରୂପ ହରାଇଥିବା କୌଶଳଗୁଡ଼ିକ ଫେରିପାଏ ନାହିଁ। ତେଣୁ ମାନସିକ ଅସୁସ୍ଥ ବ୍ୟକ୍ତିକୁ ସମାଜରେ ସାମିଲ ପାଇଁ ସେ ହରାଇଥିବା କୌଶଳକୁ ଫେରାଇ ଆଣିବା ଜରୁରୀ।

ଅନେକ ସମୟରେ ମାନସିକ ଅସୁସ୍ଥ ବ୍ୟକ୍ତିଟି ଧୀରେ ଧୀରେ ଗୋଷ୍ଠୀରୁ ଦୂରେଇ ଯାଇଥାଏ। ଫଳରେ ତା'ଭିତରେ ଏକାକିତ୍ୱବୋଧ, ଚିଡ଼ିଚିଡ଼ା ହେବା ଏବଂ ବିରୋଧାଭାବ ମାନସିକତା ଦେଖାଯାଏ। ଉପଚାରାତ୍ମକ ସମୁଦାୟର ସହଯୋଗ ଫଳରେ ମାନସିକ ଅସୁସ୍ଥ ବ୍ୟକ୍ତିଟି ଅନ୍ୟମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ସହିତ ସ୍ୱ–ନିୟନ୍ତ୍ରିତ ହୋଇଥାଏ ଏବଂ ଯେଉଁମାନେ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ତାଙ୍କୁ ସାହାଯ୍ୟରେ ସହାୟକ ହୁଏ। ଆବାସିକ ଶିବିରରେ ରହିବା ଦ୍ୱାରା ନିଜ ନିଜ ଭିତରେ ସମ୍ପର୍କ ସ୍ଥାପନ, ଭାବର ଆଦାନପ୍ରଦାନ ଏବଂ ପରସ୍ପର ସହଯୋଗ ସୁସ୍ଥତା ଆଡ଼କୁ ନେଇଯାଇଥାଏ। ଜଣେ ଅସୁସ୍ଥ ବ୍ୟକ୍ତି ତା'ର ହରେଇଥିବା ଦକ୍ଷତାକୁ ଫେରାଇ ଆଣିବାରେ ସକ୍ଷମ ହୋଇଥାଏ ଏବଂ ସମାଜରେ ସମ୍ମାନର ସହିତ ସାମିଲ ହେବାକୁ ସହଜ ହୋଇଥାଏ। ଏହି ଶିବିର ମାନସିକ, ଆବେଗିକ ଏବଂ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥାଏ, ଯାହାକି ଅସୁସ୍ଥ ବ୍ୟକ୍ତିକୁ ଶିଖିବା, ଗୋଷ୍ଠୀରେ କାମ କରିବାରେ ସହଜ ହୋଇଥାଏ। ଶିବିରରେ ଗୋଟିଏ ପରିବାର କେବଳ ନିଜର ବିକାଶରେ ଦାୟୀ ହୋଇ ନ ଥାଏ ବରଂ ଅନ୍ୟର ପରିବାରର ବିକାଶର ମଧ୍ୟ ଦାୟିତ୍ୱ ନେଇଥାଏ।

ଆବାସିକ ଶିବିରରେ ମାନସିକ ଅସୁସ୍ଥ ବ୍ୟକ୍ତି, ସେମାନଙ୍କର ପରିବାର, ସ୍ୱେଚ୍ଛାସେବୀ, ସଂଗଠନ କାର୍ଯ୍ୟକର୍ତ୍ତା, ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ କିପରି ମାନସିକ ଅସୁସ୍ଥ ବ୍ୟକ୍ତିକୁ ସମାଜରେ ସାମିଲ ସକାଶେ ସାହାଯ୍ୟ କରିପାରିବେ ତାହା ଉପଲବ୍ଧି କରିଥା'ନ୍ତି। ସମସ୍ତେ ପାଞ୍ଚଦିନ ଧରି ଗୋଟିଏ ସ୍ଥାନରେ ଏକ ଗୋଷ୍ଠୀ ଭାବରେ ବାସକରି, ବିଭିନ୍ନ ଦାୟିତ୍ୱକୁ ନିଜ ନିଜ ମଧ୍ୟରେ ବ୍ୟକ୍ତିଗତ ଏବଂ ଦଳଗତ ଭାବରେ ସମ୍ପାଦନ କରିଥାନ୍ତି। ସମସ୍ତେ ମିଶି ମାନସିକ ଅସୁସ୍ଥ ବ୍ୟକ୍ତିକୁ ଶିଖିବାରେ ସାହାଯ୍ୟ କରନ୍ତି। ଏହି ପ୍ରକ୍ରିୟା ମାନସିକ ଅସୁସ୍ଥ ବ୍ୟକ୍ତିକୁ କାମ କରିବାକୁ ଉତ୍ସାହିତ କରିଥାଏ। ଶିବିରରେ ଅଂଶଗ୍ରହଣ କରୁଥିବା ସ୍ୱେଚ୍ଛାସେବୀ ଏବଂ କର୍ମକର୍ତ୍ତାମାନେ ଏକୀକରଣର ଅଭିଜ୍ଞତା ହାସଲ କରିବା ଦ୍ୱାରା ସେମାନଙ୍କୁ ଅନ୍ୟ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ ସାହାଯ୍ୟ ସମୟରେ ସହାୟକ ହୁଏ।

ପୁନଃ–ଥଇଥାନ ଶିବିରରେ ମୁଖ୍ୟତଃ ପ୍ରାର୍ଥନା, ଯୋଗ, ପ୍ରାଣାୟାମ, ହାଲୁକା ବ୍ୟାୟାମ, ଦଳଗତ ଆଲୋଚନା, ଦୈନନ୍ଦିନ କାର୍ଯ୍ୟ ଶିଖିବାରେ ସହଯୋଗ, ସାମାଜିକ କୌଶଳ, ଜୀବନ କୌଶଳ, ବୃତ୍ତିଗତ ତାଲିମ, ହାସ୍ୟ କାର୍ଯ୍ୟକ୍ରମ, ବ୍ୟକ୍ତିଗତ ଏବଂ ପରିବାର ପରାମର୍ଶ ସେବା ଯୋଗାଇ ଦିଆଯାଇଥାଏ।



ଉପରୋକ୍ତ କାର୍ଯ୍ୟ ଗୋଷ୍ଠୀ ମାଧ୍ୟମରେ ହୁଏ। ଫଳରେ ଅସୁସ୍ଥ ବ୍ୟକ୍ତିଟି ଗୋଷ୍ଠୀରେ ସାମିଲ ହେବାର ସୁଯୋଗ ପାଏ। ଚିତ୍ତ ବିନୋଦନ ପାଇଁ ଭ୍ରମଣ, ସ୍ୱତନ୍ତ୍ର ତାଲିମ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସଚେତନତା ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଏବଂ ବିଭିନ୍ନ ଯୋଜନାରେ ସାମିଲ କାର୍ଯ୍ୟକ୍ରମ କରାଯାଇଥାଏ। ଜୀବନଜୀବିକା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା, ଆର୍ଥିକ ସାକ୍ଷରତା ଇତ୍ୟାଦି ମଧ୍ୟ ସାମିଲ କରାଯାଇ ପାରିବ। ରୋଗ ନିବାରଣ ସହିତ ମନୋ–ସାମାଜିକ କାର୍ଯ୍ୟକ୍ରମ ଅସୁସ୍ଥ ବ୍ୟକ୍ତି ଏବଂ ପରିବାରକୁ ପରବର୍ତ୍ତୀ ସମୟରେ ଅଭ୍ୟାସ ପାଇଁ ସାହାଯ୍ୟ କରିଥାଏ। ଏହି ଶିବିର ଅସୁସ୍ଥ ବ୍ୟକ୍ତିର ଗୁଣାତ୍ମକ ଜୀବନଶୈଳୀରେ ପରିବର୍ତ୍ତନ ଆଣିଥାଏ।

ମନୋସାମାଜିକ ଆବାସିକ ପୁନଃ ଥଇଥାନ ଶିବିର ଏକ ବହୁମୁଖୀ ଉପଚାର ଭଳି କାମ କରିଥାଏ। ଏହି ଶିବିର କେବଳ ମାନସିକ ରୋଗର ଉପଚାର ନୁହେଁ, ଏହା ଅସୁସ୍ଥ ବ୍ୟକ୍ତିର ଅନ୍ୟାନ୍ୟ ଦକ୍ଷତା, ବୃତ୍ତିଗତ ତାଲିମ, ପରିବାର ଓ ଗୋଷ୍ଠୀ ଲୋକଙ୍କୁ ମାନସିକ ରୋଗ ଏବଂ ଗ୍ରହଣୀୟତା ବିଷୟରେ ସଚେତନ କରିବା ଲକ୍ଷ୍ୟ ରଖେ।

ଆବାସିକ ଶିବିର ମାନସିକ ଅସୁସ୍ଥ ବ୍ୟକ୍ତିକୁ ସ୍ୱାଧୀନ ଭାବରେ ନିଜ କାମ ନିଜେ କରିବାକୁ ସକ୍ଷମ ହେବାର କୌଶଳ ଶିଖେଇଥାଏ। ପରିବାର ଲୋକ, ବନ୍ଧୁବାନ୍ଧବ ଏବଂ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା କରିବାର କୌଶଳ ସହିତ ଅନ୍ୟାନ୍ୟ ଜୀବନ କୌଶଳ ହାସଲ କରିଥାଏ। ମାନସିକ ଅସୁସ୍ଥ ବ୍ୟକ୍ତିମାନେ ଜୀବନସାରା ଘରେ, ଗାଁରେ, କର୍ମକ୍ଷେତ୍ରରେ ଅନେକ ଘୃଣା ଏବଂ ବାଛବିଚାରର ଶିକାର ହୋଇଥା'ନ୍ତି। ଏହି ଘୃଣ୍ୟଭାବ ବଢ଼ିବା ଫଳରେ ମାନସିକ ଅସୁସ୍ଥତା ବଢ଼େ ଏବଂ ସୁସ୍ଥତାରେ ବିଳମ୍ବ ହୋଇଥାଏ। ପରବର୍ତ୍ତୀ ସମୟରେ ଅସୁସ୍ଥତା କମିବା ପରେ ମଧ୍ୟ ଘୃଣାଭାବ ଯୋଗୁ ବ୍ୟକ୍ତିଟି ବୃତ୍ତିଗତ ସୁଯୋଗ ପାଏନାହିଁ, ଫଳରେ ପରିବାରରେ ଆର୍ଥିକ ବୋଝ ବଢ଼େ। ନିଜେ ଆୟକରି ପରିବାରକୁ ଆର୍ଥିକ ସହଯୋଗ କରିପାରୁଥିବା ବ୍ୟକ୍ତିର ସମ୍ମାନ ସମାଜରେ ଅଧିକ ହୋଇଥାଏ। ଅସୁସ୍ଥ ବ୍ୟକ୍ତିର ବୃତ୍ତିର ସ୍ଥାୟିତ୍ୱ ସବୁବେଳେ ବ୍ୟକ୍ତିର ଲକ୍ଷଣ, ସ୍ୱାସ୍ଥ୍ୟର ଯତ୍ନ, ଆତ୍ମସମ୍ମାନ ଏବଂ ଆତ୍ମତୃପ୍ତି ଉପରେ ନିର୍ଭରକରେ। ପରିବାର ଏବଂ ଗୋଷ୍ଠୀର ସହଯୋଗ ଫଳରେ ଅସୁସ୍ଥ ବ୍ୟକ୍ତିର ଆତ୍ମବିଶ୍ୱାସ ବଢ଼ିବା ସହିତ ସେ ଅସୁସ୍ଥତାଜନିତ ଆହ୍ୱାନକୁ ମୁକାବିଲା କରିବାକୁ ସକ୍ଷମ ହୋଇଥାଏ।

ସମୟାନ୍ତରରେ ଆବାସିକ ଶିବିର ଆୟୋଜନ କରାଯାଉଛି। ଏହି ଶିବିରରୁ ପ୍ରତ୍ୟାବର୍ତ୍ତନ ପରେ ଶିଖିଥିବା ଉପାୟଗୁଡ଼ିକୁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ। ଏଥିରେ ଅଂଶଗ୍ରହଣ କରୁଥିବା କର୍ମକର୍ତ୍ତାମାନେ ସହଯୋଗୀ ବାତାବରଣ ସୃଷ୍ଟି କରିବା ଉଚିତ୍। ଯାହାଦ୍ୱାରା ପରିବାରର ମାନସିକ ଅସୁସ୍ଥତା ପ୍ରତି ଥିବା ନକାରାତ୍ମକ ମନୋଭାବ ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ହୋଇପାରିବ। ଏଭଳି ଆବାସିକ ଶିବିରର ବହୁସଂଖ୍ୟାରେ ଆୟୋଜନ କରିବାର ଆବଶ୍ୟକତା ରହିଛି। ଏହାକୁ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମାନସିକ ସ୍ୱାସ୍ଥ୍ୟ ବିଭାଗ ମାଧ୍ୟମରେ କରିବାର ସୁଯୋଗ ରହିଛି। ଏହା ସରକାରୀ, ବେସରକାରୀ ଏବଂ ସି.ଏସ୍.ଆର. ସହଯୋଗରେ କରାଯାଇପାରିବ। ଏଥିପାଇଁ କେବଳ ମାନସିକ ସ୍ୱାସ୍ଥ୍ୟ କର୍ମକର୍ତ୍ତା ନୁହେଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗୋଷ୍ଠୀ ଆଗକୁ ଆସିବା ଦରକାର।

**ମୋ:୮୩୨୮୮୪୮୧୪୫**

## ପାଠକ ଶ୍ରେଷ୍ଠ ବିଚାରକ

### ସମାନ ନାଗରିକ ଆଇନ ଏବଂ ଜନମତ

ମହାଶୟ,

ମୁଖ୍ୟତଃ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ଭାରତ ବିଶ୍ୱରେ ସୁନାମ ଅର୍ଜନ କରିଛି। ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିବିଶେଷ ଭାରତର ସମ୍ବିଧାନକୁ ମାନି ଚଳୁଛନ୍ତି। ଏପରିସ୍ଥଳେ ସମାନ ନାଗରିକ ଆଇନଶୃଙ୍ଖଳା ପଦବାଚ୍ୟ ଏକ ଦୂରଦୃଷ୍ଟି ପ୍ରଶ୍ନବାଚୀ। ବିଭିନ୍ନ ଧର୍ମୀୟ ପରମ୍ପରା ବ୍ୟକ୍ତିବିଶେଷଙ୍କର ସାମାଜିକ, ସାଂସ୍କୃତିକ, ସ୍ୱାଧୀନତାର ଅଧିକାର ଏବଂ ବାକ୍ ସ୍ୱାଧୀନତା ପ୍ରତି ଯେପରି ଆଘାତ ନ ହେବ, ସେ ବିଷୟରେ ଗଭୀର ସମୀକ୍ଷା ପରେ ବହୁ ମତକୁ ନେଇ ଯୋଜନା କରିବା ଆବଶ୍ୟକ। କେବଳ ମନେମନେ ଆଇନ ପାଶ୍ କରିଦେଲେ ଚଳିବ ନାହିଁ। ଗଣତନ୍ତ୍ର ରାଷ୍ଟ୍ର ଭାରତରେ ଜନତା କ୍ଷମତା ଦେଇପାରିବେ, ଆବଶ୍ୟକସ୍ଥଳେ ସିଂହାସନକୁ ବିପରୀତ କରିଦେବେ। ମନମୁଖି ଶାସନକୁ ସମସ୍ତେ ବିରୋଧ କରିବେ। କୌଣସି ବ୍ୟକ୍ତି ବିଶେଷଙ୍କ ଉପରେ ଅନ୍ୟାୟ ଆଇନକୁ ଲଦି ଦିଆଗଲେ ଦେଶବାସୀ ଗ୍ରହଣ କରିବେ ନାହିଁ। ଏଣୁ ସମାନ ନାଗରିକ ଆଇନ ଉପରେ ବିଚାରବିମର୍ଶ ଏକାନ୍ତ ଅପରିହାର୍ଯ୍ୟ।

**– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

### ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା–ନଭେ।
-(ଜୀବନର ସ୍ୱର୍ଣ୍ଣ)
**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରକ୍ ପଛକୁ ଧକ୍କାଦେଲା ଆମ୍ବୁଲାନ୍ସ ଡ୍ରାଇଭର, ସହାୟକ ଗୁରୁତର




ବୋଲଗଡ଼,୧୪।୯(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ଚୁଡ଼ା ଗେଡିମୁଣ୍ଡିଆ ଛକ ନିକଟରେ ଗୁରୁବାର ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଗ୍ୟାସ ବୋଝେଇ ଟ୍ରକ୍ ପଛକୁ ୧୦୮ ଆମ୍ବୁଲାନ୍ସ ଧକ୍କା ଦେବାରୁ ଏହାର ଡ୍ରାଇଭର ଓ ସହାୟକ ଗୁରୁତର ଆହତ ହୋଇଛନ୍ତି। ଡ୍ରାଇଭର ସନ୍ଦୀପ ତାରେଣିଆ(୩୦) ଓ ସହାୟକ ରାଜେଶ ପୃଷ୍ଟି(୨୫)ଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନୟାଗଡ଼ ଜିଲା ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ (ଓଡି୦୨ଏଡବ୍ଲ୍ୟୁ ୧୭୨୬) ଭୁବନେଶ୍ୱରର ଏକ ହସ୍ପିଟାଲରେ ବିଳମ୍ବିତ ରାତିରେ ରୋଗୀ ଛାଡ଼ି ଫେରୁଥିବା ବେଳେ ଜାତୀୟ ରାଜପଥର ଚୁଡା ଗେଡିମୁଣ୍ଡିଆ ଛକ ନିକଟରେ ଛିଡା ହୋଇଥିବା ଏକ ଗ୍ୟାସ ବୋଝେଇ ଟ୍ରକ୍ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଡ୍ରାଇଭର ଓ ସହାୟକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ମେଘ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଦୁଇଦିନିଆ ମେଘ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ ମହାନ୍ତି ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସଙ୍ଗୀତଜ୍ଞ ପଣ୍ଡିତ ହରମୋହନ ଖୁଣ୍ଟିଆ ଯୋଗଦେଇ ସଙ୍ଗୀତ ଓ ସାହିତ୍ୟର ଅନନ୍ୟ ସମ୍ପର୍କ ଏବଂ ମେଘର ବର୍ଣ୍ଣନା କରି ଏହାର ପ୍ରତିଫଳନକୁ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ତଥା କବି ରକ୍ଷକ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାହିତ୍ୟରେ ମେଘର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ମେଘ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ। କୁଳପତି ସ୍ୱାଇଁ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ସହ ଓଡ଼ିଶାର ସାଂସ୍କୃତିକ ବିକାଶ ଦିଗରେ ଏହିଭଳି ଉତ୍ସବର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଦେଇଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିବସରେ କବିତା ପାଠ ସହ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ତାଳ ବାଦ୍ୟ, ବେହେଲା ବାଦନ, ଛଉ ନୃତ୍ୟ ପରିବେଷଣ ସହ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଡା. ଚକ୍ରଧର ବେହେରା ପରିଚାଳନା କରିଥିଲେ।

# ଏଲ୍‌ଭିପିଇଆଇକୁ 'ପ୍ରୋଜେକ୍ଟ ଅଫ୍ ଦି ଇୟର ଆୱାର୍ଡ'

ଭୁବନେଶ୍ୱର,୧୪।୯ (ଅନୁରାଧା ମହାରଣା)




ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନକୁ ପ୍ରୋଜେକ୍ଟ ଅଫ୍ ଦି ଇୟର ଆୱାର୍ଡ ପ୍ରଦାନ କରାଯାଉଛି।

ଏଲ୍.ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲ୍‌ଭିପିଇଆଇ)ର ଗ୍ରାମୀଣ ଓଡ଼ିଶା ଆର୍‌ଓପି ପ୍ରକଳ୍ପର ଉଲ୍ଲେଖନୀୟ ସଫଳତା ପାଇଁ ଏନ୍‌ଜିଓ ବର୍ଗରେ ୨୦୨୩ ମସିହାର ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଅଫ୍ ଇନଷ୍ଟିଚ୍ୟୁଟ୍ ସାଉଥ୍ ଏସିଆ (ପିଏମ୍‌ଆଇ) ପୁରସ୍କାର ଲାଭ କରିଛି। ଓଡ଼ିଶାର ୮ଟି ଜିଲାରେ ପ୍ରି-ଟର୍ମ ଶିଶୁଙ୍କଠାରେ ଆର୍‌ଓପିର ପରୀକ୍ଷଣ ଓ ଉପଚାର ଶୀର୍ଷକ ଏହି ପ୍ରକଳ୍ପ ପାଇଁ କଗ୍ନିଜାଣ୍ଟ ଫାଉଣ୍ଡେଶନ୍ ପାଣ୍ଠି ଯୋଗାଇ ଦେଉଛି। ଏଲଭିପିଇଆଇର ମିଠୁ ତୁଲସୀ ଚନରାଇ କ୍ୟାମ୍ପସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇଛି। ଏଲଭିପିଇଆଇ ତରଫରୁ ପ୍ରୋଜେକ୍ଟ ଲିଡ୍ ଡାକ୍ତର ତାପସ ରଞ୍ଜନ ପାଢ଼ୀଙ୍କ ସମେତ ଟିମ୍‌ର ଅନ୍ୟ ସଦସ୍ୟ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରେଟିନୋପାଥି ଅଫ୍ ପ୍ରିମାଚ୍ୟୁରିଟି (ଆର୍‌ଓପି) ଏକବିଂଶ ଶତାବ୍ଦୀରେ ଦେଖାଦେଇଥିବା ଏକ ଭୟଙ୍କର ଚକ୍ଷୁ ରୋଗ ହୋଇଥିବାବେଳେ ଆର୍‌ଓପି କାରଣରୁ ଓଡ଼ିଶାରେ ପ୍ରତିବର୍ଷ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶିଶୁ ଅନ୍ଧତ୍ୱର ଶିକାର ହେବାର ଆଶଙ୍କା ଥାଏ। ଦୁଇ କିଲୋଗ୍ରାମ୍ କିମ୍ବା ମା' ଗର୍ଭରେ ୩୪ ସପ୍ତାହ ପୂର୍ବରୁ ଜନ୍ମ ନେଇଥିବା ଏହି ଶିଶୁଙ୍କଠାରେ ଆର୍‌ଓପି ରୋଗର ଆଶଙ୍କା ଶତକଡ଼ା ୩୦ ରୁ ୫୦ ଏବଂ ଅନ୍ଧତ୍ୱ ଆଶଙ୍କା ୧୦ରୁ ୧୮ ପ୍ରତିଶତ। ଜନ୍ମର ୩୦ଦିନ ଭିତରେ ଚକ୍ଷୁ ପରୀକ୍ଷା ଓ ଆବଶ୍ୟକସ୍ଥଳେ ଠିକ୍ ଚିକିତ୍ସା ଏହି ରୋଗ ନିରାକରଣର ଏକମାତ୍ର ଉପାୟ। ଭୁବନେଶ୍ୱରସ୍ଥିତ ଏଲଭିପିଇଆଇ କ୍ୟାମ୍ପସ୍ ହେଉଛି ଓଡ଼ିଶାର ଏକମାତ୍ର କେନ୍ଦ୍ର ଯେଉଁଥିରେ ନିଓନାଟାଲ୍ ରେଟିନାଲ୍ ଇମେଜିଂ, ଲେଜର ଇଣ୍ଟ୍ରାଭିଟ୍ରିଏଲ୍ ଇଞ୍ଜେକ୍ସନ, ଅତ୍ୟାଧୁନିକ ପେଡିଆଟ୍ରିକ୍ ରେଟିନାଲ୍ ମାଇକ୍ରୋସର୍ଜରି, କମ୍ ଦୃଷ୍ଟିଶକ୍ତି ଏବଂ କ୍ଷୀଣ ଦୃଷ୍ଟିଶକ୍ତି ଶିଶୁଙ୍କ ଥଇଥାନ ତାଲିମ୍ ଆଦି ସମସ୍ତ ସୁବିଧା ସହଜରେ ଉପଲବ୍ଧ। ପିଏମ୍‌ଆଇ ଦ୍ୱାରା ପୁରସ୍କାର ଲାଭ କରିଥିବା ଏହି ପ୍ରକଳ୍ପ ଓଡ଼ିଶାରେ ଏଲ୍‌ଭିପିଇଆଇ ଦ୍ୱାରା ଚାଲିଥିବା ଆରଓପି କାର୍ଯ୍ୟକଳାପର ଅଂଶବିଶେଷ। ଏହି ପ୍ରକଳ୍ପ ମାଧ୍ୟମରେ ୮ଟି ଜିଲାର ପ୍ରି-ଟର୍ମ ଶିଶୁ ଉପକୃତ ହୋଇପାରିଛନ୍ତି । ୩୪ ସପ୍ତାହ ପୂର୍ବରୁ ଜନ୍ମ କିମ୍ବା ଜନ୍ମ ବେଳେ ୨କିଲୋଗ୍ରାମରୁ କମ୍ ଥିବା ଶିଶୁ ଓ ଦୁର୍ବଳ ଶିଶୁଙ୍କୁ ଆରଓପି ଚକ୍ଷୁ ପରୀକ୍ଷଣ କରାଇନେବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ପ୍ରକଳ୍ପରେ ଏକ ବର୍ଷ ମଧ୍ୟରେ ୧୩୩୩ ଜଣ ପ୍ରିଟର୍ମ ଶିଶୁଙ୍କୁ ପରୀକ୍ଷା କରି ସେମାନଙ୍କ ମଧ୍ୟରୁ ୨୧୬ଜଣଙ୍କୁ ଅନ୍ଧତ୍ୱରୁ ରକ୍ଷା କରାଯାଇପାରିଛି। ରିଅଲ୍ ଟାଇମ୍ ଆରଓପି ସ୍କ୍ରିନିଙ୍ଗ୍ ନାମକ ଏକ ଅଭିନବ ଓ ଉନ୍ନତ ଶୈଳୀର ଟେଲିସ୍କ୍ରିନିଙ୍ଗ୍ ପ୍ରକ୍ରିୟାରେ ଅନେକ ଦୂରରେ ଓ ଗ୍ରାମାଞ୍ଚଳରେ ଥିବା ଶିଶୁଙ୍କୁ ମଧ୍ୟ ପରୀକ୍ଷଣ କରାଯାଇପାରୁଛି ବୋଲି ଡାକ୍ତର ତାପସ ରଞ୍ଜନ ପାଢ଼ୀ କହିଛନ୍ତି।



ରବୀନ୍ଦ୍ର ମଣ୍ଡପରେ ଗୁରୁବାର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନୀ କଥାକୁ ନେଇ ପରିବେଷିତ ଏକକ ନାଟକ 'ମଧୁବାବୁ'ର ଏକ ଦୃଶ୍ୟ। (ଫଟୋ: ମୌସମ ନନ୍ଦ)




ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ମେଘ ଉତ୍ସବର ଉଦ୍‌ଯାପନୀ ଦିବସରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଭୁଲ୍ ଇଞ୍ଜେକ୍ସନ ପାଇଁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

## ଡାକ୍ତରଖାନା ପରିସରରେ ଉତ୍ତେଜନା

ବାଲୁଗାଁ,୧୪।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ନାଭାଲ ଫାଣ୍ଡି ନିକଟ ଏକ ଘରୋଇ ଚିକିତ୍ସାଳୟରେ କର୍ମଚାରୀଙ୍କ ଚିକିତ୍ସାରେ ଅବହେଳା ତଥା ଭୁଲ ଇଞ୍ଜେକ୍ସନ ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ପିତାଗାଡ଼ିଆ ଗ୍ରାମର ପ୍ରମିଳା ପ୍ରଧାନ(୩୮)। ଏ ସମ୍ପର୍କରେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୨୩୮/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ମଙ୍ଗଳବାର ପ୍ରମିଳା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ଭାଇ ଚୁକୁନା ଚିକିତ୍ସା ନିମନ୍ତେ ତାଙ୍କୁ ନାଭାଲ ଛକସ୍ଥିତ ଘରୋଇ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ କିଛି ବ୍ୟସ୍ତ ହେବାର ନାହିଁ ଅତିଶୀଘ୍ର ସୁସ୍ଥ ହୋଇଯିବେ କହି ଏକ ଇଞ୍ଜେକ୍ସନ ଲେଖିଥିଲେ। ତେବେ କର୍ମଚାରୀ ଆଣି ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ସୁସ୍ଥ ପରିବର୍ତ୍ତେ ପ୍ରମିଳା ଜୋରରେ ଯନ୍ତ୍ରଣା ଅନୁଭବ କରିଥିଲେ। ଖବରପାଇ ଡାକ୍ତର ପହଞ୍ଚି ଲେଖିଥିବା ଇଞ୍ଜେକ୍ସନ ବଦଳରେ ଏହି ଇଞ୍ଜେକ୍ସନ କାହିଁକି ଦେଲ କହି କର୍ମଚାରୀଙ୍କୁ ତାଗିଦା କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ତଥା ଡାକ୍ତର ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଭଉଣୀର ମୃତ୍ୟୁ ଘଟିଲା ବୋଲି ଚୁକୁନା ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଦୁର୍ଗାପୂଜା ପୂର୍ବରୁ ରାସ୍ତା ମରାମତି ସାରିବାକୁ ଲକ୍ଷ୍ୟ

## ବିଏମ୍‌ସି ୱାର୍କର୍ସ କମିଟି ବୈଠକ

ଭୁବନେଶ୍ୱର, ୧୪।୯ (ବନ୍ଦନା ସେଠୀ)

ଦୁର୍ଗାପୂଜା ପୂର୍ବରୁ ଭୁବନେଶ୍ୱର ରାସ୍ତାର ମରାମତି ହେବ। ବିଭିନ୍ନ ୱାର୍ଡରେ ଥିବା ଖୋଲା ଡ୍ରେନ୍‌ରେ ସ୍ଲାବ୍ ପଡିବା ସହ ଛୋଟ ଛୋଟ ସ୍ଲାବ୍ ନ ପକାଇ ଡ୍ରେନ୍‌ରେ ଲମ୍ବା ଏବଂ ଗୋଟିଏ ସ୍ଲାବ ପକାଯିବ। ଏଥିସହ ଜାତୀୟ ରାଜପଥ ନିକଟରେ ଥିବା ୱାର୍ଡଗୁଡିକରେ ଅସରାଏ ବର୍ଷା ହେଲେ ଜଳବନ୍ଦୀ ସମସ୍ୟା ଦେଖା ଦେଉଛି। ୱାର୍ଡବାସିନ୍ଦା ବର୍ଷା ଜଳରେ ପଶି ଯାତାୟାତ କରୁଛନ୍ତି। ତେଣୁ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗୁରୁବାର ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ୱାର୍କର୍ସ କମିଟି ବୈଠକରେ ନିର୍ଦ୍ଧାରିତ ହୋଇଛି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଅମରେଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସହରର ମୁଖ୍ୟ ନାଳ ନିକଟରେ ଥିବା ଜବରଦଖଲ ହଟାଯିବା ସହ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ମହାନଗର ନିଗମାଞ୍ଚଳରେ ଥିବା ମୋଟ୍ ୧୦୨ଟି ପୋଖରୀ ମଧ୍ୟରୁ ୨ଟି ପୋଖରୀର ପୁନରୁଦ୍ଧାର ହୋଇଥିବାବେଳେ ଆଉ ୧୫ଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରିବା ନେଇ ବିଏମ୍‌ସି ହାତକୁ ନେଇଛି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ ହୋଇଥିବାବେଳେ ଡିସେମ୍ବର ବେଳକୁ ଅନ୍ୟ ପୋଖରୀ କାମ ଆରମ୍ଭ ହେବା ନେଇ ସୂଚନା ଦିଆଯାଇଛି।



ବିଏମ୍‌ସି ୱାର୍କର୍ସ କମିଟି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

### ଆବାସ ପାଇଁ ଲାଞ୍ଚ ଅଭିଯୋଗ

ଟାଙ୍ଗୀ,୧୪।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ପଞ୍ଚାୟତରେ ଗରିବ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବାକୁ କହି ସରପଞ୍ଚ ଗୁରୁବନ୍ଧୁ ବେହେରା ଲାଞ୍ଚ ନେଇଥିବା ଗୁରୁବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସରପଞ୍ଚ ବେହେରା ପ୍ରଧାନମନ୍ତ୍ରୀ ଆବାସ ଚୟନ ତାଲିକାରେ ନାମ ରହିଥିବା ଦର୍ଶାଇ କାର୍ଯ୍ୟାଦେଶ ଦେବା ପାଇଁ ଗତ ଜାନୁୟାରୀରେ ରମାମଣି ପାଇକରାୟଙ୍କଠାରୁ ୧୦ ହଜାର, ପ୍ରଭାତୀ ସାସ୍‌ମଲଙ୍କଠାରୁ ୧୦ ହଜାର, ରଞ୍ଜୁଦେଈଙ୍କ ଠାରୁ ୧୦ହଜାର, ନୀଳ ପାଇକରାୟଙ୍କଠାରୁ ୯ହଜାର, ମମତା ସାସ୍‌ମଲଙ୍କଠାରୁ ୫ହଜାର ଟଙ୍କା ନେଇଥିଲେ। ୮ମାସ ପରେ ମଧ୍ୟ କାର୍ଯ୍ୟାଦେଶ ନ ମିଳିବାରୁ ସରପଞ୍ଚଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ହିତାଧିକାରୀ କହିଥିଲେ। ଟଙ୍କା ଫେରାଇଦେବି ବୋଲି କହି ସରପଞ୍ଚ ଦିନ ଗଡ଼ାଇ ଚାଲିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ କହିଛନ୍ତି, ଘଟଣାର ତଦନ୍ତ ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ସରପଞ୍ଚ ବେହେରା କହିଛନ୍ତି, ଆବାସ ଯୋଜନାରେ ଗୃହ ଯୋଗାଇଦେବା ପାଇଁ କାହାଠାରୁ ଟଙ୍କା ନେଇନାହିଁ।

# ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବିପତ୍ର



ସର୍ବୋଦୟ ଓ ମାନବ ଅଧିକାର ଗଣ ସଙ୍ଗଠନ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ପ୍ରଫୁଲ୍ଲ ସାମନ୍ତରାଙ୍କ ଅପହରଣ ଘଟଣା

ଭୁବନେଶ୍ୱର, ୧୪।୯ (ବନ୍ଦନା ସେଠୀ)

ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କୁ ଅଗଷ୍ଟ ୨୯ରେ ରାୟଗଡ଼ାର ଏକ ହୋଟେଲରୁ ଅପହରଣ କରି ନିଆଯାଇଥିଲା। ଘଟଣାଟି ରାଜ୍ୟବାସୀଙ୍କୁ ବିଚଳିତ କରିଥିବାବେଳେ ଏନେଇ ରାୟଗଡ଼ା ଜିଲା ପ୍ରଶାସନ ଅଥବା ପୋଲିସ ମୁହଁ ଖୋଲୁନାହିଁ। ଏପରିକି ରାଜ୍ୟ ସରକାର ମଧ୍ୟ ଏନେଇ କୌଣସି ପଦକ୍ଷେପ ନେଉ ନାହାନ୍ତି। ତେଣୁ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଗୁରୁବାର ସର୍ବୋଦୟ ଓ ମାନବ ଅଧିକାର ଗଣ ସଂଗଠନ ସମୂହ ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ଅଧ୍ୟୁଷିତ କୋରାପୁଟ, କଳାହାଣ୍ଡି, ରାୟଗଡା, ଗଜପତି ଜିଲ୍ଲାର ମାଳିପର୍ବତ, ନିୟମଗିରି, କାଶୀପୁର ଅଞ୍ଚଳରୁ ଅଗଣତାନ୍ତ୍ରିକ ଓ ବେଆଇନ ଭାବେ ଜନଗଣଙ୍କୁ ତାଙ୍କ ଭିଟାମାଟିରୁ ଉଚ୍ଛେଦ କରି ଖଣି ଲୁଣ୍ଠନ କରାଯାଉଛି। ଯେଉଁମାନେ ନିଜ ଭିଟାମାଟି ତଥା ଜଳ-ଜମି-ଜଙ୍ଗଲ ଓ ଜୀବନ ଜୀବିକା ସୁରକ୍ଷା ପାଇଁ ସଂଘର୍ଷ କରୁଛନ୍ତି, ସେମାନଙ୍କ ବିରୋଧରେ ୟୁଏପିଏ ଭଳି କଳା ଆଇନ ପ୍ରୟୋଗ କରି ଦମନ କରାଯାଉଥିବା ଅଭିଯୋଗ କରିବା ସହ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏଥିରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଲୋହିଆ ଏକାଡେମୀ ସମ୍ପାଦକ ଦେବ ପ୍ରସାଦ ରାୟ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ଇନ୍‌ସାଫ ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜଣେ ରକ୍ତଦାନ କଲେ ୩ ଜଣଙ୍କ ଜୀବନ ରକ୍ଷା ହୋଇପାରିବ

ଭୁବନେଶ୍ୱର, ୧୪।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷ ଅବସରରେ ଗୁରୁବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମେୟର ସୁଲୋଚନା ଦାସ ଉଦଘାଟନ କରି ଜଣେ ଲୋକ ରକ୍ତଦାନ କଲେ ୩ ଜଣ ଲୋକଙ୍କର ଜୀବନ ରହିବ ବୋଲି କହିଥିଲେ। ରକ୍ତରୁ ସଂଗୃହୀତ ପ୍ଲାଜ୍‌ମା, ପ୍ଲେଟଲେଟ ଓ ରକ୍ତ ସବୁକିଛି ଲୋକଙ୍କ ଜୀବନ ରକ୍ଷା ଦିଗରେ ସହାୟକ ହୋଇଥାଏ। ରାଜ୍ୟରେ ଏବେ ଡେଙ୍ଗୁର ପ୍ରଭାବ ରହିଥିବାବେଳେ ସେମାନଙ୍କ ପାଇଁ ପ୍ଲେଟଲେଟର ଆବଶ୍ୟକତା ରହିଛି। ଏହି ରକ୍ତଦାନ ଶିବିର କେତେକାଂଶରେ ତାହା ପୂରଣ କରିପାରିବ। ତେଣୁ ପ୍ରତ୍ୟେକ ଲୋକ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କଲେ ରକ୍ତ ପାଇଁ କାହାରି ମୃତ୍ୟୁ ହେବ ନାହିଁ ବୋଲି ମେୟର କହିଥିଲେ। କର୍ପୋରେଟର, ବିଏମ୍‌ସିର କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ବିଭିନ୍ନ ୱାର୍ଡରୁ ରକ୍ତଦାତା ଆସି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୩୫ ଜଣ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୯୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡା. ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଡା. ସୁମନ ସୁନ୍ଦରାୟ, ଡା. ସୁଦେଷ୍ଣା ସାହୁ, ଡା. ରଜନୀକାନ୍ତ ସାହୁ, ଡା. ଦୀପକ ୟନମ, ଡା. ନିତିଶ କୁମାର ଧଳ, ସିପିଏମ୍‌ୟୁ ନେହା ରାଜପସ୍ୱଚ୍ଛ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କ୍ୟାପିଟାଲ ବ୍ଲଡ ବ୍ୟାଙ୍କ ଟିମ୍, ସିଟି ହେଲ୍‌ଥ ସୋସାଇଟ୍, ନର୍ସିଂ ଅଫିସର ଏବଂ ବହୁ ସ୍ୱାସ୍ଥ୍ୟକର୍ମୀ ଶିବିରରେ ସହାୟତା କରିଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସୂର୍ଯ୍ୟବଂଶୀ ମୟୁର ବିକାଶ, ଶୁଭେନ୍ଦୁ କୁମାର ସାହୁ, ସମସ୍ତ ଜୋନାଲ ଡେପୁଟି କମିଶନର ଓ ଟିମ୍ ବିଏମ୍‌ସିର କର୍ମଚାରୀମାନେ ଉପସ୍ଥିତ ଥିଲେ।



ରକ୍ତଦାନ ଶିବିରରେ ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନେ।

# ରୋଟାରି ଇ-କ୍ଲବ୍ ଅଫ୍ ଡିଷ୍ଟ୍ରିକ୍ଟ ୩୨୬୨ର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୧୪।୯ (ବନ୍ଦନା ସେଠୀ)

ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ଓ ରୋଟାରି ଇ କ୍ଲବର ସଭାପତି ମେଜର ଡ. କଳ୍ପନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋଟାରି ଇ କ୍ଲବ ଅଫ ଡିଷ୍ଟ୍ରିକ୍ଟ ୩୨୬୨ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋଟାରୀ ସଦସ୍ୟଙ୍କର ସାମୁହିକ ସେବା ପ୍ରତି ଅତୁଟ ପ୍ରତିବଦ୍ଧତା, ବିଶେଷ କରି ବାତ୍ୟା 'ଫନି' ଦ୍ୱାରା ହୋଇଥିବା ବିପର୍ଯ୍ୟୟ ସମୟରେ ଉଲ୍ଲେଖନୀୟ ପ୍ରତିକ୍ରିୟା ପାଇଁ ପ୍ରଶଂସା କରିଥିଲେ। ଏଥିସହ ଦିବ୍ୟାଙ୍ଗଙ୍କ ପାଇଁ କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଏବଂ ଫୁଟବଲ ସମେତ ବିଭିନ୍ନ ଖେଳକୁ ପ୍ରୋତ୍ସାହିତ କରିବାରେ ରୋଟାରୀ କ୍ଲବର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲା ୩୨୬୨ର ପ୍ରଥମ ମହିଳା ଡିଜି ଜୟଶ୍ରୀ ମହାନ୍ତି ଯୋଗଦେଇ, ସମାଜର କୋଣ ଅନୁକୋଣରେ ସେବା ପହଞ୍ଚାଇବା ପାଇଁ ଦୃଢ ସଙ୍କଳ୍ପ କରିବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସହାନୁଭୂତିର ସହ ସେବାର ସାରମର୍ମ ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଟାରୀ ଇ କ୍ଲବର ପୂର୍ବତନ ଅଧ୍ୟକ୍ଷା ଚିଦାତ୍ମିକା ଖଟୁଆ ରୋଟାରି ବର୍ଷ ୨୦୨୨-୨୩ରେ କାର୍ଯ୍ୟକାରୀ ହୋଇଥିବା ସଫଳ ପ୍ରକଳ୍ପଗୁଡିକ ଉପରେ ଆଲୋକପାତ କରିଥିଲେ। ସଭାପତି ମେଜର ଡ. ଦାସ ୨୦୨୩-୨୪ ପାଇଁ କ୍ଲବର ପରିକଳ୍ପନା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଅଭିଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମଣ ସ୍ୱାଇଁ, ସହକାରୀ ସଚିବ ତଥା ନୂତନ ସଦସ୍ୟ ମେଜର ଡ. ବିଜୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ମିଶନ ଶକ୍ତି ସ୍କୁଟର ରଣର ଶୁଭାରମ୍ଭ



ବୋଲଗଡ଼,୧୪।୯(ଦେବବ୍ରତ ହୋତା)

ରାଜସୁନାଖଳାସ୍ଥିତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବୋଲଗଡ଼ ଶାଖା ପକ୍ଷରୁ ଗୁରୁବାର ମିଶନ ଶକ୍ତି ସ୍କୁଟର ରଣର ଶୁଭାରମ୍ଭ ହୋଇଛି। ଏକ ସ୍କୁଟି ଉର୍ମିଳା ବିଷ୍ଣୁଙ୍କୁ ରଣ ମାଧ୍ୟମରେ ଦିଆଯାଇ ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଉକ୍ତ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ, ଶାଖା ପରିଚାଳକ ବିଷ୍ଣୁ ପ୍ରଧାନ, ସୁପରଭାଇଜର ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍କୁଟର ରଣର ଶୁଭାରମ୍ଭ କରି ହିତାଧିକାରୀ ମହିଳାଙ୍କୁ ଚାବି ପ୍ରଦାନ କରିଥିଲେ। ମିଶନଶକ୍ତିର ପଞ୍ଚାୟତ ଏବଂ ବ୍ଲକ ସଂଘ କର୍ମକର୍ତ୍ତା ତଥା କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ସମେତ ଓଡ଼ିଶା ଜୀବିକା ମିଶନର ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ପ୍ରାଣୀମିତ୍ରଙ୍କ ପାଇଁ ସ୍କୁଟର ଯୋଜନାରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଣ ଉକ୍ତ ସମବାୟ ବ୍ୟାଙ୍କ ଏହି ଶାଖାରେ ଆବେଦନ କରିଥିବା ହିତାଧିକାରୀଙ୍କୁ ରଣ ଯୋଗାଇ ଦିଆଯାଉଛି ବୋଲି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ରାଉତରାୟ କହିଛନ୍ତି।

### ବଦଳିଲେ ବିଡିଓ, ତହସିଲଦାର

ବୋଲଗଡ଼,୧୪।୯(ଦେବବ୍ରତ ହୋତା)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଓଏଏସ ସ୍ତରରେ ଅଦଳବଦଳ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ କାର୍ଯ୍ୟରତ ବିଡିଓ ଓ ତହସିଲଦାରଙ୍କ ବଦଳି ହୋଇଛି। ତହସିଲଦାର ସନ୍ତୋଷିନୀ ଦାସ ପୁରୀ ଜିଲା ଡେଲାଙ୍ଗ ତହସିଲ କାର୍ଯ୍ୟାଳୟକୁ ବଦଳି ହୋଇଛି। ଡେଲାଙ୍ଗ ତହସିଲଦାର ନିବେଦିତା ପରିଡ଼ା ବୋଲଗଡ଼ ତହସିଲଦାରଭାବେ ଯୋଗଦେବାକୁ ନିର୍ଦ୍ଦେଶ ରହିଛି। ସେହିପରି ବୋଲଗଡ଼ ବିଡିଓ ଧୋବେଇ ଚରଣ ନାୟକ ନୟାଗଡ ଜିଲା କାର୍ଯ୍ୟାଳୟକୁ ଡେପୁଟି କଲେକ୍ଟରଭାବେ ବଦଳି କରାଯାଇଛି। ତେବେ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ଏଠାରେ ନିଯୁକ୍ତ କରାଯାଇନଥିବାରୁ ସେ ଏଠାରୁ କେବେ ଯିବେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବୋଲଗଡ଼,୧୪।୯(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ମିଶ୍ରଙ୍କ ସହଧର୍ମିଣୀ ହାରାମଣି ମିଶ୍ରଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହାରାମଣି ଏକାଧାରାରେ ଧର୍ମପରାୟଣା, ସମାଜସେବୀ, ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପୁଅ ଶ୍ରୀବତ୍ସ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।

### ୧୨୫ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୧୪।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମସ୍ଥିତ ପଣ୍ଡିତ ଦାଶରଥି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସାହୁ, ଶୁଭକାନ୍ତ ମହାପାତ୍ର, ଅବ୍ୟକ୍ତ ହରିହର ଖାଡଙ୍ଗା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ଦତ୍ତ, ସିକୋ ସରପଞ୍ଚ ସନ୍ତୋଷୀ ରାୟ, ସମିତି ସଭ୍ୟା ଅଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସାହୁ, ଦାଶରଥି ନରେନ୍ଦ୍ର, ନାଏବ ସରପଞ୍ଚ ସୁଶାନ୍ତ କୁମାର ରାଉତରାୟ, ପ୍ରଶାନ୍ତ କୁମାର ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଟ୍ରକ ଚକା ତଳେ ଚାଲିଗଲା ବୃଦ୍ଧଙ୍କ ଜୀବନ

ବାରଙ୍ଗ,୧୪।୯(ଲିଙ୍ଗରାଜ ରାଉତ)

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ଅଧଘଣ୍ଟା ରାସ୍ତାରୋକୋ



ଦୁର୍ଘଟଣାପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି।

ବାରଙ୍ଗ ଥାନା ଅଧୀନ ବାରଙ୍ଗ- ବାଙ୍କୀ ରାସ୍ତାର ମୁଣ୍ଡମୁହାଣ ଖେଳପଡ଼ିଆ ଆଗରେ ଏକ ୧୦ ଚକିଆ ଟ୍ରକ ଗୁରୁବାର ସନ୍ଧ୍ୟାରେ ଜଣେ ସାଇକେଲ ଆରୋହୀଙ୍କୁ ପଛପଟରୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଗ୍ରାମର ଉତ୍ତ୍ୟକ୍ତ ଲୋକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ରାସ୍ତା ଅବରୋଧ କରିଥିଲେ। ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା ପରେ ଅଧଘଣ୍ଟାରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଉକ୍ତ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ପ୍ରକାଶ ଯେ, ସନ୍ଧ୍ୟା ସମୟରେ ଫକୀରପଡ଼ା ଗ୍ରାମର ଅନନ୍ତ ଭୋଇ(୬୦) ସାଇକେଲ ଯୋଗେ ତ୍ରିଶୂଳିଆରୁ ଘରକୁ ଫେରୁଥିଲେ। ବାରଙ୍ଗ- ବାଙ୍କୀ ରାସ୍ତାର ମୁଣ୍ଡମୁହାଣ ଖେଳ ପଡ଼ିଆ ଆଗରେ ଅନନ୍ତଙ୍କୁ ପଛପଟୁ ଆସୁଥିବା ଏକ ୧୦ ଚକିଆ ଟ୍ରକ(ଓଆର୍‌୦୪-ଏଚ୍-୪୯୮୧) ଧକ୍କା ଦେଇଥିଲା। ଅନନ୍ତ ସାଇକେଲକୁ ଛିଟିକି ଟ୍ରକର ପଛ ଚକା ତଳେ ପଡ଼ିଯାଇଥିଲେ। ଟ୍ରକ୍‌ର ପଛ ଚକା ବୃଦ୍ଧଙ୍କ ଉପରେ ଚଢ଼ି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ସ୍ଥଳରେ ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଯାଇ ନ ପାରି ଅଟକି ରହିଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଅଧଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

# ମେଘ ଉତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,୧୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଦୁଇଦିନିଆ ମେଘ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ. ଲେନିନ ମହାନ୍ତି ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସଙ୍ଗୀତଜ୍ଞ ପଣ୍ଡିତ ହରମୋହନ ଖୁଣ୍ଟିଆ ଯୋଗଦେଇ ସଙ୍ଗୀତ ଓ ସାହିତ୍ୟର ଅନନ୍ୟ ସମ୍ପର୍କ ଏବଂ ମେଘର ବର୍ଣ୍ଣନା କରି ଏହାର ପ୍ରତିଫଳନକୁ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ତଥା କବି ରକ୍ଷକ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାହିତ୍ୟରେ ମେଘର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ମେଘ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ। କୁଳପତି ସ୍ୱାଇଁ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ସହ ଓଡ଼ିଶାର ସାଂସ୍କୃତିକ ବିକାଶ ଦିଗରେ ଏହିଭଳି ଉତ୍ସବର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଦେଇଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିବସରେ କବିତା ପାଠ ସହ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ତାଳ ବାଦ୍ୟ, ବେହେଲା ବାଦନ, ଛଉ ନୃତ୍ୟ ପରିବେଷଣ ସହ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଡା. ଚକ୍ରଧର ବେହେରା ପରିଚାଳନା କରିଥିଲେ।

### ପୂଜକଙ୍କୁ ବର୍ଷେ ଜେଲଦଣ୍ଡ

ଭୁବନେଶ୍ୱର,୧୪।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟରେ ଗୁରୁବାର ଧଉଳି ଥାନା ଅଞ୍ଚଳର ଏକ ଠକେଇ ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ପୂଜକ କଳିଙ୍ଗ କୁମାର ପଣ୍ଡା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଳିଙ୍ଗଙ୍କୁ ବିଚାରପତି ସୁନୀଲ ମିଶ୍ର ଏକବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଫେବୃୟାରୀ ୩ରେ ରଞ୍ଜନ ସାହୁଙ୍କ ଏତଲା କ୍ରମେ ଧଉଳି ଥାନା ପୋଲିସ ଏକ ମାମଲା (ନଂ.୧୬/୨୦୨୩) ରୁଜୁ କରି କଳିଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଟିକରପଡ଼ା ଗାଁ ମନ୍ଦିର ସମେତ ରଞ୍ଜନଙ୍କ ଘରେ ଥିବା ଠାକୁରଙ୍କୁ କଳିଙ୍ଗ ପୂଜାର୍ଚ୍ଚନା କରିଆସୁଥିଲେ। ଏହି କାରଣରୁ ରଞ୍ଜନ ଏବଂ କଳିଙ୍ଗଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଗଢ଼ିଉଠିଥିଲା। କଳିଙ୍ଗ ତାଙ୍କ ଗାଁ ପାଖରେ ଥିବା ଏକ ପ୍ଲଟ କିଣିବା ପାଇଁ ବାରମ୍ବାର ରଞ୍ଜନଙ୍କୁ ଚାପ ପକାଇଥିଲେ। ପରେ ପ୍ଲଟ ବାବଦକୁ ରଞ୍ଜନଙ୍କଠାରୁ କଳିଙ୍ଗ ମୋଟ ୧୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ ପ୍ଲଟ୍ ନ ଦେବାରୁ ରଞ୍ଜନ ତାଙ୍କ ଟଙ୍କା ଫେରାଇଦେବାକୁ କହିଥିଲେ। ଏନେଇ କଳିଙ୍ଗ ଏକ ଚେକ୍ ଦେଇଥିଲେ। ଏହି ଚେକ୍‌କୁ ରଞ୍ଜନ ବ୍ୟାଙ୍କରେ ଦେବା ପରେ ଉକ୍ତ ଏକାଉଣ୍ଟରେ ଟଙ୍କା ନ ଥିବା ଜଣାପଡ଼ିଥିଲା। ଏନେଇ ରଞ୍ଜନ କହିବାରୁ ତାଙ୍କୁ କଳିଙ୍ଗ ଗାଳିଗୁଲଜ କରିଥିଲେ। ଶେଷରେ ରଞ୍ଜନ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଏହି ମାମଲାକୁ ମିଶାଇ ଚଳିତ ବର୍ଷ ଏପର୍ଯ୍ୟନ୍ତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ୪୫ଟି ମାମଲାର ରାୟ ପ୍ରକାଶ ପାଇଛି।

# ଜେଲ ଅନ୍ତେବାସୀଙ୍କ ଏଚ୍‌ଆଇଭି, ଯକ୍ଷ୍ମା ପରୀକ୍ଷା କରିବ ଓସାକ୍ସ

ଭୁବନେଶ୍ୱର, ୧୪।୯ (ବନ୍ଦନା ସେଠୀ)

ରାଜ୍ୟରେ ଥିବା ଜେଲ୍ ଏବଂ ଅନ୍ୟାନ୍ୟ କ୍ଲୋଜ ସେଣ୍ଟିରେ ରହୁଥିବା ଅନ୍ତେବାସୀଙ୍କ ପାଇଁ ସାମଗ୍ରିକ ଭାବେ ଯୌନ ସଞ୍ଚାରିତ ସଂକ୍ରମଣ (ଏସ୍‌ଟିଆଇ), ଏଚଆଇଭି, ଯକ୍ଷ୍ମା, ହେପାଟାଇଟିସ-ବି ଏବଂ ସି ସଂକ୍ରମଣର ପରୀକ୍ଷା ଅଭିଯାନ (ଆଇଏସ୍‌ଏଚ୍‌ଟିଏଚ୍) ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ଝାରପଡ଼ା ଜେଲରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ନିର୍ଦ୍ଦେଶକ ଡା. ଉର୍ମିଳା ମିଶ୍ର ଅଭିଯାନର ଶୁଭାରମ୍ଭ କରି କହିଲେ, ରାଜ୍ୟ ଜେଲ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଏସ୍‌ଏସ୍‌ଇପିଡି ବିଭାଗ ସହଯୋଗରେ ରାଜ୍ୟର ୮୭ଟି ଜେଲ, ୬୬ ଅନ୍ୟାନ୍ୟ କ୍ଲୋଜ ସେଣ୍ଟି, ୫୪ଟି ସ୍ୱାଧାର ଗୃହ, ୧୧ଟି ଉଜାଲା ହୋମ, ୪ଟି ଜୁଭେନାଇଲ ହୋମ୍, ୪୮ଟି ଡ୍ରଗ ଡିଆଡିକ୍‌ସନ୍ ସେଣ୍ଟରରେ ଅନ୍ତେବାସୀଙ୍କର ପରୀକ୍ଷା ନିରୀକ୍ଷା କରାଯିବ। ୧ ମାସ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୩୩୩୫ ଅନ୍ତେବାସୀଙ୍କ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ ଦେବାର କାର୍ଯ୍ୟକ୍ରମ ରହିଛି। ସଂକ୍ରମିତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ଓ ଉପଯୁକ୍ତ ଚିକିତ୍ସା ପ୍ରକ୍ରିୟାରେ ସେମାନଙ୍କ ପଞ୍ଜୀକରଣ ସୁନିଶ୍ଚିତ କରିବା ଅଭିଯାନର ମୂଳ ଲକ୍ଷ୍ୟ। ଅନ୍ତେବାସୀଙ୍କୁ ଏଚ୍‌ଆଇଭି, ଯକ୍ଷ୍ମା, ଯୌନ ସଂକ୍ରମଣ ଏବଂ ହେପାଟାଇଟିସ ପାଇଁ ମାଗଣା ପରାମର୍ଶ, ଚିକିତ୍ସା ଏବଂ ଔଷଧ ଓସାକ୍ସ ଯୋଗାଇଦେବ ବୋଲି ସୂଚନା ଦେଇଥିଲେ। କାରାଗାର ମହାନିର୍ଦ୍ଦେଶକ ଡ. ମନୋଜ ଛାବ୍ରା ଜେଲ ଅନ୍ତେବାସୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜେଲର ବରିଷ୍ଠ ଅଧୀକ୍ଷକ ଏବଂ ଏଚ୍‌ଆଇଭି/ଏଡ୍‌ସ ପାଇଁ ନୋଡାଲ ଅଧିକାରୀ ବୀରେନ ସାହୁ, ଜେଲର ସନ୍ତୋଷିନୀ ଦାସ, ଝାରପଡ଼ା ଜେଲର ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଉପସ୍ଥିତ ଥିଲେ। ଡା. ଇନ୍ଦିରା ନାୟକ, ଡା. ଧନରାଜ କୃଷ୍ଣ ବେହେରା, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡ.ଡି.ଏସ.ଅରବିନ୍ଦ, ପ୍ରତିଷ୍ଠାନ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ ଯୋଗଦେଇଥିଲେ।

### ଗାର୍ଡୱାଲକୁ ଧକ୍କା ଦେଲା କାର

ନିରାକାରପୁର,୧୪।୯(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ଜଙ୍କିଆ ଓଭରବ୍ରିଜ୍ ଗାର୍ଡୱାଲରେ ଏକ କାର୍ ଭାରସାମ୍ୟ ହରାଇ ପିଟିହୋଇଯାଇଥିଲା। ଫଳରେ କାରରେ ଥିବା ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୁରୁବାର ଏକ କାର୍ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଜଙ୍କିଆ ଥାନା ସମ୍ମୁଖରେ ଥିବା ଜାତୀୟ ରାଜପଥର ଓଭରବ୍ରିଜ ଗାର୍ଡ ଓ୍ୱାଲରେ ପିଟିହୋଇଯାଇଥିଲା। ଗାଡ଼ିର ଗୋଟିଏ ସାଇଟ୍ ଭାଙ୍ଗି ଯାଇଥିବା ବେଳେ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି।

# ବିଭିନ୍ନ ଦାବିରେ ଆନ୍ଦୋଳନ ଚେତାବନୀ




ଓଷ୍ଟା ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

### ବେଗୁନିଆ ବ୍ଲକ ଓଷ୍ଟାର କ୍ୟାଡର କନଭେନସନ

ବେଗୁନିଆ,୧୪।୯(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାରୁଅ-ଜୟମଙ୍ଗଳ ପଞ୍ଚପଲ୍ଲୀ ବାଉତି ଉଚ୍ଚ ବିଦ୍ୟାଳୟ ପରିସରରେ ଓଷ୍ଟାର ବ୍ଲକ ସଭାପତି ଗଣେଶର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଶ୍ରୀନିବାସ ମିଶ୍ର, ସମ୍ପାଦକ ରତିକାନ୍ତ କହଲସିଂହ, ଯୁଗ୍ମ ସମ୍ପାଦକ ଅକ୍ଷୟ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟା ଦମୟନ୍ତୀ ପଟ୍ଟନାୟକ ଓ ସଙ୍ଗଠନ ସମ୍ପାଦକ ବଂଶୀଧର ପାଣିଗ୍ରାହୀ ଯୋଗଦେଇଥିଲେ। ସେହିପରି ବ୍ଲକର ୧୫ଟି ବିଦ୍ୟାଳୟରୁ ପ୍ରାୟ ୫୦ଜଣ ଶିକ୍ଷକ ଉପସ୍ଥିତ ଥିଲେ। ତେବେ ଓଷ୍ଟା ପକ୍ଷରୁ ପୂର୍ବ ପ୍ରସ୍ତାବିତ ଦାବିକୁ ରାଜ୍ୟ ସରକାର ଏବେ ସୁଧା ପୂରଣ କଲେନାହିଁ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ବିରୋଧରେ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ କଠୋର ହେବାକୁ ପଡିବ। ରାଜ୍ୟ ସଂଘର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୨ତାରିଖରେ ଭୁବନେଶ୍ୱର ଲୋୟର ପିଏମଜିଠାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଖୋର୍ଦ୍ଧା ଜିଲା ଓଷ୍ଟାର ସମ୍ପାଦକ ସୁଧାକର ମହାପାତ୍ର, ଜିଲା ଉପସଭାପତି ପ୍ରକାଶ ପଲେଇ, ସଭାପତି ଗଣେଶ୍ୱର ପୃଷ୍ଟି ଏବଂ ଜିଲା କାର୍ଯ୍ୟକାରୀ ସଭ୍ୟ ବିଶ୍ୱନାଥ ମଙ୍ଗରାଜ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଲାଗୁ ଓ ପେନସନ ପ୍ରଦାନ, ଏହି ବର୍ଗର ବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରାଯାଉ ଆଦି ଦାବି ରହିଛି।

# ଦିନକରେ ୫୪୩ ୟୁନିଟ୍ ରକ୍ତ ସଂଗ୍ରହ



ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ନିର୍ବାଚନମଣ୍ଡଳୀ ବିଧାୟକ ରାଜେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଗୁନିଆ ଓ ବୋଲଗଡ଼ ବ୍ଲକ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଦିନରେ ୫୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସେଣ୍ଟ୍ରାଲ ରକ୍ତଭଣ୍ଡାର କଟକ, ଏସ୍‌ସିବି ମେଡିକାଲ କଲେଜ କଟକ, ରିଜିଓନାଲ ବ୍ଲଡ ବ୍ୟାଙ୍କ, ବିଏମ୍‌ସି ବ୍ଲଡ ବ୍ୟାଙ୍କ, କ୍ୟାପିଟାଲ ବ୍ଲଡ ବ୍ୟାଙ୍କ, ଖୋର୍ଦ୍ଧା ଡିଏଚ୍‌ଏଚ୍ ବ୍ଲଡ ବ୍ୟାଙ୍କ, ନୟାଗଡ ବ୍ଲକ ବ୍ୟାଙ୍କ ଏବଂ ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

ବୋଲଗଡ଼, ଡାବରଧୁଆ, ଫାଶୀଓଦା, ବାଘମାରି, ସିକୋ, ଶଗଡଭଙ୍ଗା, ରାଉତପଡା, ଡିଙ୍ଗର, ଦେଉଳି, ଗୋବିନ୍ଦପୁର, ପୋଡାଡିହ, ପଙ୍ଗରାସିଂ ଆଦି ୧୨ ପଞ୍ଚାୟତକୁ ନେଇ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୮ଟି କେନ୍ଦ୍ରରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଧାୟକ ରାଜେନ୍ଦ୍ର ସାହୁ ସମସ୍ତ ଶିବିର ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ନିର୍ବାଚନମଣ୍ଡଳୀରେ ପ୍ରତିବର୍ଷ ନିୟମିତ ବ୍ୟବଧାନରେ ଶିବିର ଆୟୋଜନ କରାଯାଇଥାଏ। ଏହା ଏବେ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ବହୁ ଯୁବକଯୁବତୀ, ମହିଳା ସ୍ୱତଃପ୍ରବୃତ୍ତ ଭାବେ ଆସି ରକ୍ତଦାନ କରୁଛନ୍ତି। ଗ୍ରାମାଞ୍ଚଳରେ ଏଥିପ୍ରତି ବିଶେଷ ଆଗ୍ରହ ରହିଛି। ଆଗକୁ ଏହାକୁ ବ୍ୟାପକ କରାଯିବ ବୋଲି ବିଧାୟକ ସାହୁ କହିଛନ୍ତି। ସମସ୍ତ ପଞ୍ଚାୟତରେ ସରପଞ୍ଚ, ଜନପ୍ରତିନିଧି, ଯୁବ, ଛାତ୍ର, ମହିଳା, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଅନିଲ ବେହେରା, ଶ୍ରୀକାନ୍ତ ତ୍ରିପାଠୀ, ଦିଲୀପ ମହାପାତ୍ର, ଜ୍ୟୋତିରଞ୍ଜନ ଖାଡଙ୍ଗା, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ବେହେରା, ସର୍ବେଶ୍ୱର ମଙ୍ଗରାଜ ପ୍ରମୁଖ ସଂଯୋଜନା କରିଥିଲେ। ତନୁଜା ପାଟଶାଣୀ, ରୂପକାନ୍ତି ସାହୁ, ଶାନ୍ତିଲତା ରଣସିଂ, ଗୀତାଞ୍ଜଳି ସୁବୁଦ୍ଧି, ରୀନା ସେଠୀ, ଲୀଳା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ସୁରକ୍ଷିତ ମାତୃତ୍ୱ ପାଇଁ ଚିନ୍ତାରେ ମହିଳା

ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

- ଜିଲାପାଳଙ୍କୁ ନିବେଦନ କଲେ ସରପଞ୍ଚ
- ଡିଏଚ୍‌ଏଚ୍‌ରେ ଯୋଗାଇ ଦିଆଯିବ ସମସ୍ତ ସେବା
- ଆଶା, ଅଙ୍ଗନୱାଡି କର୍ମୀ ନେଉଛନ୍ତି ଯତ୍ନ



ସୁରକ୍ଷିତ ମାତୃତ୍ୱ ପାଇଁ ମହିଳାମାନେ ନିବେଦନ କରୁଛନ୍ତି।

ସୁରକ୍ଷିତ ମାତୃତ୍ୱ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ଜଣେ ଆଦିବାସୀ ମହିଳା ସୁରକ୍ଷିତ ପ୍ରସବ ପାଇଁ ଜିଲା ପ୍ରଶାସନ ନିକଟରେ ନିବେଦନ କରିଥିବା ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ଏପରିକି ସ୍ଥାନୀୟ ସରପଞ୍ଚ ମଧ୍ୟ ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ପରିଛଳ ଗ୍ରାମ ଆଦିବାସୀସାହିର ପବିତ୍ର ନାୟକଙ୍କ ସ୍ତ୍ରୀ ଡଲି ତୃତୀୟ ଥର ଲାଗି ଗର୍ଭଧାରଣ କରିଛନ୍ତି। ଡାକ୍ତରୀ ପରୀକ୍ଷା ପରେ ତାଙ୍କ ଗର୍ଭରେ ୩ଟି ସନ୍ତାନ ରହିଥିବା ଜଣାପଡିବା ପରେ ସେ ଏବେ ଚିନ୍ତାରେ ପଡିଛନ୍ତି। ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ସୁରକ୍ଷିତ ପ୍ରସବ ପାଇଁ ଭୟଭୀତ ହୋଇପଡିଛନ୍ତି। ଯେପରି କୌଣସି ଅଘଟଣ ନ ଘଟିବ ସେଥିପ୍ରତି ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ଦୃଷ୍ଟିଦେବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ନିରୀକ୍ଷଣ କରୁଛନ୍ତି।

ପବିତ୍ର ଜଣେ ଦିନମଜୁରିଆ। ତାଙ୍କର ୭ବର୍ଷର ଝିଅ ଏବଂ ୪ବର୍ଷର ପୁଅ ରହିଛି। ଏବେ ତାଙ୍କର ସ୍ତ୍ରୀ ତୃତୀୟ ଗର୍ଭଧାରଣ କରିଥିବାରୁ ମମତା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଆର୍ଥିକ ଅନଟନରୁ ସେ ନିୟମିତ ଡାକ୍ତରୀ ପରାମର୍ଶ, ସୁଷମ ଖାଦ୍ୟ ତଥା ସ୍ୱାସ୍ଥ୍ୟର ଯତ୍ନ ନେବାରେ ଅସମର୍ଥ। ପ୍ରସୂତି ସମୟ ପାଖେଇ ଆସୁଥିବା ବେଳେ ସେ ମାନସିକସ୍ତରରେ ଭାଙ୍ଗିପଡିଛନ୍ତି। ଗ୍ରାମର ଆଶାକର୍ମୀ ମିତା ବେହେରା ଏବଂ ଅଙ୍ଗନୱାଡି କର୍ମୀ ରଶ୍ମିତା ବରାଳ କହିଛନ୍ତି, ଡଲିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯେପରି କୌଣସି ଅବନତି ନ ଘଟିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। କିପରି ସେ ସୁରକ୍ଷିତ ମାତୃତ୍ୱ ଲାଭ କରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯିବା ଜରୁରୀ। ସ୍ଥାନୀୟ ସରପଞ୍ଚ ଅକ୍ଷୟ ରାଉତ କହିଛନ୍ତି, ଏ ସମ୍ପର୍କରେ ଜାଣିବା ପରେ ଗତ ୭ ତାରିଖରେ ଜିଲାପାଳଙ୍କୁ ଲିଖିତଭାବେ ଜଣାଇବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ବେଗୁନିଆ ବିଡିଓଙ୍କୁ ମଧ୍ୟ ଅବଗତ କରାଯାଇଛି। ଗ୍ରାମର ଆଶା, ଅଙ୍ଗନୱାଡି କର୍ମୀମାନେ ତାଙ୍କର ଯତ୍ନ ନେଉଛନ୍ତି। ଏ ସମ୍ପର୍କରେ ବିଡିଓ ଲକ୍ଷ୍ମୀଧର ସାହୁ କହିଛନ୍ତି, ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷିତ ପ୍ରସବ ଉପରେ ଗୁରୁତ୍ୱ ଦିଆଯିବ। ଏଥିସହିତ ମାଆ ଓ ଶିଶୁର ଯତ୍ନ ଲାଗି ସମସ୍ତ ସୁବିଧା ଯୋଗାଇ ଦିଆଯିବ। ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସହ ଆବଶ୍ୟକ ପଡିଲେ କ୍ୟାପିଟାଲ ହସ୍ପିଟାଲକୁ ପଠାଯିବା ବ୍ୟବସ୍ଥା କରାଯିବ ବୋଲି ନାୟକ କହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୪।୯।୨୦୨୩

| | |
|---|---|
| ୨,୪୭,୨୫୨ ଟଙ୍କା | |
| ସୁନା | ୧୨୦ ମିଲିଗ୍ରାମ୍ |
| ରୁପା | ୯ ଗ୍ରାମ୍ |

# ଆଜି ଶ୍ରୀମନ୍ଦିରରେ ସାତପୁରୀ ଭୋଗ ଲାଗି

## ଆଲାମଚଣ୍ଡୀ ମନ୍ଦିରରୁ ଆସିଲା ସପ୍ତପୁରୀ ତାଡ଼

ପୁରୀ,୧୪।୯( ଅଜିତ୍ ମହାନ୍ତି):

ପବିତ୍ର ଭାଦ୍ରବ ମାସ ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବରେ ବିବେଚନା କରାଯାଇଥାଏ। ସପ୍ତପୁରୀ ଅମାବାସ୍ୟାରେ ଶ୍ରମନ୍ଦିରରେ ମହାପ୍ରଭୁଙ୍କୁ ମାଟିରେ ନିର୍ମିତ ତାଡ଼ ମଧ୍ୟରେ ସାତପୁର ଦିଆ ପିଠା ଭୋଗ ହୋଇଥାଏ। ଶୁକ୍ରବାର ସପ୍ତପୁରୀ ଅମାବାସ୍ୟା (ମଳ) ପଡୁଥିବାରୁ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଗୁରୁବାର ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହୋଇଛି। ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପପରେ ଶ୍ରୀମନ୍ଦିରରୁ ଘଣ୍ଟ ଛତା, କାହାଳି ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯାଇଥିଲେ। ମା'ଙ୍କ ନିକଟରେ ବିଶେଷ ନୀତି ସମ୍ପନ୍ନ ହେବାପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। କୁମ୍ଭକାର ବିଶୋଇମାନେ ମୁଣ୍ଡରେ ତାଡ଼ଗୁଡ଼ିକୁ ମୁଣ୍ଡାଇ ଚାଲିଚାଲି ଘଣ୍ଟ, ଓଲାର କାହାଳୀ ସହ ଶ୍ରୀମନ୍ଦିରକୁ ଆସିଥିଲେ। ତାଡ଼ଗୁଡ଼ିକ ଶ୍ରୀମନ୍ଦିର ପରିସରରେ ପହଞ୍ଚିବା ପରେ ଶ୍ରୀମନ୍ଦିର ଭିତର ବେଢ଼ାରେ ସେଗୁଡ଼ିକୁ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହେରଣ୍ଠାରେ ରଖାଯାଇଥିଲା। ପରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ଏହାପରେ ଦକ୍ଷିଣକାଳୀଙ୍କ ସେବକମାନେ ଏକ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ଉକ୍ତ ଆଜ୍ଞାମାଳକୁ ଅର୍ପଣ କରିଥିଲେ। ପରେ ରୋଷ ପାଇକଉକ୍ତ ଆଜ୍ଞାମାଳକୁ ନେଇ ରୋଷଘରେ ବିଜେ କରାଇଥିଲେ। ଏହାପରେ ଶ୍ରୀମନ୍ଦିରରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢିଥିଲା। ଶୁକ୍ରବାର ସାତପୁରୀ ରୋଷରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ପିଠାଗୁଡିକୁ ସକାଳଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ। ଉଲ୍ଲେଖଯୋଗ୍ୟ, ମାଟିରେ ନିର୍ମିତ ସାତପୁରୀ ତାଡ଼ରେ ସାତପୁରୀ ପିଠା ପ୍ରସ୍ତୁତ ହୁଏ। କୁମ୍ଭାର ବିଶୋଇ ସେବକମାନେ ତାଡକୁ ତିଆରି କରିଥାନ୍ତି। ମା' ଆମାଲଚଣ୍ଡୀ ମନ୍ଦିରରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ଆସିଥାଏ।


ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡକୁ ପାରମ୍ପରିକ ରିତିନୀତିରେ ନିଆଯାଉଛି ।

## ସଂକ୍ଷେପରେ

### ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଶୁଡ଼ିବାକୁ ଲାଗିଛି

କଣାସ,୧୪।୯(ବିଭୂତି ଭୂଷଣ ତ୍ରିପାଠୀ)

ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଭୁଶୁଡ଼ିବାକୁ ଲାଗିଛି। ଶିକ୍ଷା ଓ ଶିକ୍ଷା ଆୟତନ ସମସ୍ୟା ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିବାରୁ ବର୍ତ୍ତମାନ ଶିକ୍ଷକଙ୍କ ଅସନ୍ତୋଷ ବିରାଟ ଗଣଆନ୍ଦୋଳନ ରୂପ ନେଇଛି। ଗୁଣାତ୍ମକ ଶିକ୍ଷାସହ ଶିକ୍ଷକଙ୍କ ନ୍ୟାଯ୍ୟ ଦାବି ସହ ସମ୍ମାନ ନିମନ୍ତେ ସମସ୍ତ ଶିକ୍ଷକ ସମାଜ ଗୁରୁବାର ଏକତ୍ରିତ ହେବାକୁ କଣାସ ବ୍ଲକ ଶିକ୍ଷା ବିଭାଗୀୟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକଙ୍କ ଧାରଣାରେ ଅଲଷ୍ଟାର ରାଜ୍ୟ ସମ୍ପାଦକ ସୁକାନ୍ତ ବେହେରା ପ୍ରକାଶ କରିଛନ୍ତି। ୩ ଦଫା ଦାବି ନେଇ ଗତ ୮ତାରିଖରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମଗ୍ର ରାଜ୍ୟର ପ୍ରାଥମିକ ଶିକ୍ଷକ ଧାରଣାରେ ବସି ରହିଛନ୍ତି। ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟକୁ ଛାଡ଼ି ଦେଲେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି।

### କାକଟପୁର ପୋଲିସର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

କାକଟପୁର,୧୪।୯(ଶୁଭଦର୍ଶନ ମିଶ୍ର)

ଦିନକୁ ଦିନ ରାଜ୍ୟରେ ଦୁର୍ଘଟଣାର ହାର ବଢ଼ିବାରେ ଲାଗିଛି। ବେପରୁଆ ଗାଡ଼ିଚାଳନା ଆଉ ବିନା ହେଲମେଟ୍, ଦ୍ରୁତଗତିରେ ଗାଡ଼ି ଚାଳନା ଆଦି ଘଟଣାକୁ ଦୃଷ୍ଟିରେ ରଖି କାକଟପୁର ଥାନା ଅଧିକାରୀ ଉମେଶ ସାହୁଙ୍କ ନେତୃତ୍ୱରେ କାକଟପୁର ପୋଲିସର ସ୍ୱତନ୍ତ୍ର ଟିମ୍ କାକଟପୁର ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଗୁରୁବାର ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି। ୨ ଚକିଆ ଗାଡ଼ି ଚାଳକଙ୍କୁ ହେଲମେଣ୍ଟ ପିନ୍ଧି ଗାଡ଼ି ଚଳାଇବା ଓ ୪ ଚକିଆ ଯାନ ଚାଳକଙ୍କୁ ସିଟବେଲ୍ଟ ବାନ୍ଧି ଗାଡ଼ି ଚଳାଇବାକୁ ତାଗିଦା କରିଥିଲେ। ଯେଉଁମାନେ ହେଲମେଟ ବ୍ୟବହାର କରି ଗାଡ଼ି ଚଳାଉଥିଲେ, ସେମାନଙ୍କୁ କାକଟପୁର ପୋଲିସ ପକ୍ଷରୁ ଏକ ଗୋଲାପ ଫୁଲ ଦିଆଯାଇ ସ୍ୱାଗତ କରାଯାଇଥିଲା। ଆଉ ଯେଉଁମାନେ ବିନା ହେଲମେଟ୍ ଆଉ ସିଟବେଲ୍ଟରେ ଗାଡ଼ି ଚଳାଉଛନ୍ତି, ସେମାନଙ୍କୁ ସଚେତନତା କରାଇଥିଲେ। କାକଟପୁର ପୋଲିସର ସ୍ୱତନ୍ତ୍ର ଟିମ୍, କାକଟପୁର ଥାନା ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ କୁ ବିଭିନ୍ନ ମହଲରେ ପ୍ରଶଂସା ମିଳିଛି।

# 'ମହିଳାଙ୍କ ଉତ୍ସର୍ଗୀକୃତ ସେବାର ବିକଳ୍ପ ନାହିଁ'

## ଆଇନ ସଚେତନତା କାର୍ଯ୍ୟକ୍ରମ

ପୁରୀ,୧୪।୯(ଅଜିତ୍ ମହାନ୍ତି)

ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମିତ୍ କୁମାର ବାରିକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ଷେତ୍ରରେ ନାରୀମାନଙ୍କ ସୁରକ୍ଷା ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ତ୍ୟାଗ ଅଦ୍ୱୀତିୟ ଏବଂ ପରିବାରକୁ ଶିକ୍ଷିତ କରିବାରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମା' ଭଉଣୀ , କନ୍ୟା ଓ ସ୍ତ୍ରୀ ଭାବରେ ସେମାନେ ସମାଜର ସେବା କରି ଆସୁଛନ୍ତି। ମହିଳାଙ୍କ ଉତ୍ସର୍ଗୀକୃତ ସେବାର ବିକଳ୍ପ ନାହିଁ। ପୁରୁଷଙ୍କ ତୁଳନାରେ ମହିଳା କୌଣସି ଗୁଣରେ କମ୍ ନୁହନ୍ତି। ସବୁକ୍ଷେତ୍ରରେ ମହିଳାଙ୍କୁ ସମାନ ଅଧିକାର ଦିଆଯିବା ସହ କର୍ମକ୍ଷେତ୍ରରେ ସୁରକ୍ଷା ଦିଆଯିବା ଉଚିତ୍। ଯାହାଦ୍ୱାରା ସେମାନେ ନଜକୁ ସୁରକ୍ଷା ସହ କର୍ମକ୍ଷେତ୍ରରେ ନିଜକୁ ସୁରକ୍ଷିତ ମଣିପାରିବେ ବୋଲି ଜିଲା ଓ ଦୌରାଜଜ୍ ଶୀତିକଣ୍ଠ ସାମଲ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ସୁଶ୍ରୀ ପ୍ରତିମା ପଣ୍ଡା , ପୋକ୍‌ସୋ କୋର୍ଟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଫାଷ୍ଟ ଟ୍ରାକ୍ ରମାନାଥ ପଣ୍ଡା, ପୋକ୍‌ସୋ ଜଜ୍ ନିରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ମିଶ୍ର , ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରୀତୀଶ୍ କୁମାର ରାଉତରାୟ, ରେଜିଷ୍ଟ୍ରାର ନିଖିଲ ଭରତ ମହାନ୍ତି , ବରିଷ୍ଠ ଦେୱାନୀ ବିଚାରପତି ରାଣା ଘୋଷ , ଅତିରିକ୍ତ ବରିଷ୍ଠ ଦେୱନୀ ବିଚାରପତି ଦେବାଶିଷ ବିଶୋଇ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଦିଗବିଜୟ ଦାସ, ଦେୱାନୀ ବିଚାରପତି ମନୀନ୍ଦ୍ର ଭୂଷଣ ସାହୁ , ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପତିତପାବନ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତନ୍ମୟ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇ କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ ସୁରକ୍ଷା ନିମନ୍ତେ ଥିବା ଆଇନ ଉପରେ ଆଲୋକପାତ କରିଥିଲେ।

# ୬ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଲାପଟପ ପ୍ରଦାନ



## ୭୫ ଟ୍ରାନ୍ସଜେଣ୍ଡରଙ୍କୁ ମିଳିଲା ପରିଚୟପତ୍ର

ପୁରୀ ୧୪।୯( ଅଜିତ୍ ମହାନ୍ତି):

ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ବିଭିନ୍ନ କଲେଜ ଓ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ନେଉଥିବା ପୁରୀର ୬ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଲାପଟପ୍ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ଏହି ଲାପଟପ ପ୍ରଦାନ କରି ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରାଜ୍ୟସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷା ବିଭାଗ ସହଯୋଗରେ ଦୃଷ୍ଟିବାଧିତମାନଙ୍କୁ ମିଳୁଥିବା ଏହି ଲାପଟପ୍ ପାଇବା ପାଇଁ ଯଦି କୌଣସି ଦୃଷ୍ଟିବାଧିତ ଚାହାନ୍ତି ତେବେ ସେମାନେ ଏସଏସଇପିଡି.ଗଭ.ଇନ୍ ୱେବସାଇଟରେ ଆପ୍ଲାଏ କରିପାରିବେ କିମ୍ବା ସିଧାସଳଖ ଜିଲା ସାମାଜିକ ସୁରକ୍ଷା ଅଫିସ ସହିତ ମଧ୍ୟ ଯୋଗାଯୋଗ କରିପାରିବେ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା କହିଛନ୍ତି। ସେହିପରି ଜିଲାରେ ଥିବା ଟ୍ରାନ୍ସଜେଣ୍ଡରମାନଙ୍କୁ ସାମାଜିକ ମୂଳସ୍ରୋତକୁ ଫେରାଇଆଣିବା ପାଇଁ ଜିଲା ପ୍ରଶାସନ ସହିତ ଅନୁବନ୍ଧିତ ହୋଇଥିବା ସାଥି ଅନୁଷ୍ଠାନ ପ୍ରୟାସରେ ୭୫ଜଣ ଟ୍ରାନ୍ସଜେଣ୍ଡରଙ୍କୁ ଟିଜି କାର୍ଡ (ଟ୍ରାନ୍ସଜେଣ୍ଡର କାର୍ଡ) ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ ପରାମର୍ଶଦାତା ସିଦ୍ଧାର୍ଥ ରାୟ ପରିଚାଳନା କରିଥିଲେ। ସାଥୀ ଅନୁଷ୍ଠାନର ରୋଜାଲିନ ସାହୁ, ରଶ୍ମିତା ସାହୁ, ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ଶ୍ରୀଧର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅଣ୍ଡିଆ ସାହି ଉ.ପ୍ରା. ବିଦ୍ୟାଳୟଠାରେ ଅନଶନରେ ବସିଥିବା ଅଭିଭାବକ ।

# ଶିକ୍ଷକଙ୍କ ଆନ୍ଦୋଳନ ପ୍ରତିବାଦରେ ଅଭିଭାବକଙ୍କ ଅନଶନ

ନିମାପଡ଼ା,୧୪।୯(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ଶିକ୍ଷକଙ୍କ ଆନ୍ଦୋଳନ ଫଳରେ ନିମାପଡ଼ାର ୧୩୭ଟି ସ୍କୁଲରେ ତାଲା ଝୁଲୁଛି। ଶିକ୍ଷକଙ୍କ ଦୀର୍ଘ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନର ପ୍ରତିବାଦ ଏବଂ ତୁରନ୍ତ ବିଦ୍ୟାଳୟଗୁଡ଼ିକୁ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ବ୍ୟବସ୍ଥା କରାଯିବା ଦାବିରେ ନିମାପଡ଼ା ଏନ୍‌ଏସି ଅଧୀନ ଅଣ୍ଡିଆ ସାହି ଗ୍ରାମର ଅଭିଭାବକ ମନୋଜ ପଣ୍ଡା ଗ୍ରାମ ଅଣ୍ଡିଆ ସାହି ଉ.ପ୍ରା. ବିଦ୍ୟାଳୟଠାରେ ଗୁରୁବାର ଆମରଣ ଅନଶନ ଚଳାଇଛନ୍ତି। ସ୍କୁଲ ନ ଖୋଲିବା ପର୍ଯ୍ୟନ୍ତ ସେ ଅନଶନ ଚାଲୁ ରଖିବେ ବୋଲି କହିଛନ୍ତି। ଅଭିଭାବକ ପଣ୍ଡାଙ୍କ ଏହି ଅନଶନକୁ ସମର୍ଥନ ଜଣାଇ ଅଭିଭାବକ ବାବୁଲି ବେହେରା, ହେମନ୍ତ ସାହୁ, ଅକ୍ଷୟ ବେହେରା, ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ତପନ ପଣ୍ଡା ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ସମ୍ପର୍କରେ ଆନ୍ଦୋଳନକାରୀ ମନୋଜ ପୂର୍ବରୁ ରାଜ୍ୟର ୫-ଟି ସଚିବ, ପୁରୀ ଜିଲାପାଳ, ନିମାପଡ଼ା ବିଡିଓ, ନିମାପଡ଼ା ବିଇଓଙ୍କୁ ଅବଗତ କରିଥିବା ଜଣାପଡ଼ିଛି।

## ବିଧାୟକ, ଭାଜପା ନେତାଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ

ନିମାପଡ଼ା,୧୪।୯(ବିଚିତ୍ରାନନ୍ଦ ସାହୁ)

ପ୍ରାଥମିକ ଶିକ୍ଷକ ୟୁନିୟନ ପକ୍ଷରୁ ୭ ଦିନ ଧରି ସ୍ଥାନୀୟ ବିଇଓ କାର୍ଯ୍ୟାଳୟଠାରେ ୬ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଆନ୍ଦୋଳନ ଚଳାଇଛନ୍ତି। ଗୁରୁବାର ବିଧାୟକ ସମୀର ରଞ୍ଜନ ଦାଶ, ଭାଜପା ବରିଷ୍ଠ ନେତା ଦିଲୀପ ନାୟକ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମବେଦନା ଜଣାଇବା ସହ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ସଂଘ ପକ୍ଷରୁ ବିଧାୟକ ଓ ଭାଜପା ନେତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ସରକାର ଅତ୍ୟନ୍ତ ଆବେଗର ସହ ସମସ୍ତ ଦାବିଗୁଡ଼ିକୁ ପୂରଣ କରିବାକୁ ପ୍ରୟାସ ଚଳାଇଛନ୍ତି ବୋଲି ବିଧାୟକ କହିଥିଲେ। ଅନ୍ୟପକ୍ଷରେ ଭାଜପା ନେତା ନାୟକ ରାଜ୍ୟ ସରକାରଙ୍କ ଏପରି ଶିକ୍ଷକଙ୍କ ପ୍ରତି ବୈମାତୃକ ଭାବକୁ ନିନ୍ଦା କରି ସମାଲୋଚନା କରିଥିଲେ।

## ଗୀତିନାଟ୍ୟ ମାଧ୍ୟମରେ ୫-ଟି ସଚିବଙ୍କୁ ଗୁହାରି

ନିମାପଡ଼ା,୧୪।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଇଓଙ୍କ କାର୍ଯ୍ୟାଳୟଠାରେ ୭ ଦିନ ବ୍ୟାପୀ ଚାଲିଥିବା ଶିକ୍ଷକ ସଂଘର ଆନ୍ଦୋଳନ ସ୍ଥଳରେ ସଭାମଞ୍ଚରେ ଶିକ୍ଷୟିତ୍ରୀମାନେ ଗୀତିନାଟ୍ୟ ମାଧ୍ୟମରେ ସରକାରଙ୍କୁ ତାଙ୍କ ଗୁହାରି ଜଣାଇଛନ୍ତି। କ୍ଷୀଣପ୍ରଭା ପାତ୍ର, ମାହେଶ୍ୱରୀ ଦାସ, ମୀନତି ବେହେରା ପ୍ରମୁଖ ୩ ଶିକ୍ଷୟିତ୍ରୀ ସମସ୍ତ ଦାବିକୁ ଗୀତିନାଟ୍ୟ ଜରିଆରେ ୫-ଟି ସଚିବଙ୍କୁ ଜଣାଇଥିଲେ।

# ଧସିଲା ଭାର୍ଗବୀ ନଦୀବନ୍ଧ

ପିପିଲି,୧୪।୯(ଦୁର୍ଗା ମାଧବ ମିଶ୍ର)

ଭାର୍ଗବୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ରଥପୁରୁଷୋତ୍ତମପୁରଠାରେ ବନ୍ଧ ନଦୀ ଗର୍ଭକୁ ଧସି ଯାଇଛି। ଏହି ଘଟଣାରେ ଗୁରୁବାର ପୁରୀ ଜିଲା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅଞ୍ଚଳର ୨୪ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଚିଠି ଜରିଆରେ ଜଣାଇଛନ୍ତି। ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ନଦୀଗୁଡ଼ିକରେ ବନ୍ୟା ପାଣି ବଢ଼ିବାର ଆଶଙ୍କା ରହିଛି। ଏଥିରେ ବୀରପୁରୁଷୋତ୍ତମପୁର, ସରସ୍ୱତୀପୁର, ରୂପଦେଇପୁର ଓ ଯଶୁଆପୁର ପଞ୍ଚାୟତ ବାସୀଙ୍କ ପାଇଁ ବିପଦ ଆଣିଦେବ। ତେଣୁ ଏହାକୁ ତୁରନ୍ତ ମରାମତି କରିବାକୁ ଯନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଗତ ୩ ମାସ ତଳେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପଥର ପ୍ୟାକିଂ ମଧ୍ୟ ଭୁଶୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ସେହିଭଳି ସତ୍ୟବାଦୀ ଓ ପୁରୀ ସଦର ବ୍ଲକର ବହୁ ଗ୍ରାମ ସମେତ ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବବୋଲି ଆଶଙ୍କା କରାଯାଉଛି।

# ଡକାୟତି ଯୋଜନା ବେଳେ ୭ ଧରାପଡ଼ିଲେ

## ବନ୍ଧୁକ, ଗୁଳି, ଲୁହାରଡ, ମାରଣାସ୍ତ୍ର ଜବତ

ପୁରୀ,୧୪।୯( ଅଜିତ୍ ମହାନ୍ତି):

ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ସଦର ଥାନା ପୋଲିସ ଓ ଚନ୍ଦନପୁର ଥାନା ପୋଲିସ ମୋଟ୍ ୭ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ ସୂଚନା ଦେଇଛନ୍ତି। ପୁରୀରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି। ବୁଧବାର ରାତିରେ ସଦର ଥାନା ଅଧୀନ କୋଇଲା ଅଡା ଛକ ନିକଟ ଶାସନଦାମୋଦରପୁର ରୋଡ ସ୍ଥିତ ଏକ ପରିତ୍ୟକ୍ତ ଘରେ କେତେଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସଦର ଥାନାର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଖସିଯାଇଥିଲେ। ଅଭିଯୁକ୍ତମାନେ ହେଲେ କଣ୍ଟପୁରର ଛବି ପ୍ରଧାନ(୨୬), ଗୋପୀନାଥପୁରର ସୁକାନ୍ତ କୁମାର ମଲିକ(୪୨), ଉମାକାନ୍ତ ଦାସ (୩୨) ଏବଂ ସନ୍ତୋଷ ଦାସ(୨୭)। ଏମାନଙ୍କଠାରୁ ଗୋଟିଏ ଲୁହାରଡ, କଟୁରି, କରତ, ଲଙ୍କା ଗୁଣ୍ଡ, ଗ୍ଲାସ, ସିଗାରେଟ ଓ ଦିଆସିଲି ଜବତ ହୋଇଛି। ଏନେଇ ସଦର ଥାନାରେ ଏକ ମାମଲା (ନଂ.୨୦୦/୨୩) ରୁଜୁ ହୋଇଛି। ସାତପଡା ଯାଉଥିବା ପର୍ଯ୍ୟଟକଙ୍କଠାରୁ ଲୁଟ୍ କରିବା ପାଇଁ ଯୋଜନା କରୁଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ସେହିପରି ଜଗନ୍ନାଥ ସଡକ ଜମୁନାକୁଦ ବ୍ରିଜ୍ ନିକଟରେ କେତେଜଣ ଦୁର୍ବୃତ୍ତ ଡାକାୟତି ପାଇଁ ଯୋଜନା କରୁଥିବା ବେଳେ ଚନ୍ଦନପୁର ଥାନା ପୋଲିସ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦଶଗୋବା ମୁଦୁଲିସାହିର ଜୟ ମୁଦୁଲି(୨୪), ଜାନେକାଦେଇପୁରର ଉମେଶ ଦାସ(୩୫) ଏବଂ ଦାମୋଦରପୁର ଅଞ୍ଚଳର ମିଥୁନ ଭୋଇ (୩୫)। ଏମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଲୁହା ପାଇପ୍ ଏବଂ ବିଭିନ୍ନ ମାରଣାସ୍ତ୍ର ଜବତ ହୋଇଛି। ଏନେଇ ଚନ୍ଦନପୁର ଥାନାରେ ଏକ ମାମଲା (ନଂ.୨୨୨/୨୩)ରୁଜୁ ହୋଇଛି। ତେବେ ଗିରଫ ମୋଟ୍ ୭ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଥିବା ଏସ୍‌ଡିପିଓ ଭଞ୍ଜ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ଏବଂ ଚନ୍ଦନପୁର ଥାନା ଅଧିକାରୀ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ମାରଣାସ୍ତ୍ର ।

# ମହିଳା ଆୟୋଗ ଆଇନ ସଚେତନତା କାର୍ଯ୍ୟକ୍ରମ

ପୁରୀ,୧୪।୯( ଅଜିତ୍ ମହାନ୍ତି):

ପ୍ରତିଟି ପରିବାର ସଦସ୍ୟଙ୍କ ମଧ୍ୟରେ ସ୍ନେହ, ଶାନ୍ତି ଓ ବୁଝାମଣା ରହିବା ସହ ପରିବାରରେ ମହିଳାଟିଏ ଯେପରି ସମ୍ମାନ ପାଇପାରିବ ସେଥିପାଇଁ ମହିଳା କମିଶନ ସର୍ବଦା ଚେଷ୍ଟିତ ବୋଲି ରାଜ୍ୟ ମହିଳା ଆୟୋଗର ଅଧକ୍ଷା ମିନତୀ ବେହେରା କହିଛନ୍ତି। ଗୁରୁବାର ସଂସ୍କୃତି ଭବନଠାରେ ରାଜ୍ୟମହିଳା ଆୟୋଗଙ୍କ ଆୟୋଜନ ଏବଂ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଧକ୍ଷତା କରି ଅଧକ୍ଷା ବେହେରା ଉଭୟ ମହିଳା ଓ ପୁରୁଷ ସମାଜ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିଥିଲେ। ପ୍ରାଚୀନ ଭାରତରେ ନାରୀ ଏକ ମହନୀୟ ସ୍ଥାନର ଅଧିକାରିଣୀ ଥିଲା। ସମ୍ବିଧାନରେ ଉଭୟ ମହିଳା ଓ ପୁରୁଷଙ୍କୁ ସମାନ ଅଧିକାର ଦିଆଯାଇଛି। ହେଲେ ଅନେକ ସ୍ଥାନରେ ନାରୀ ଅବହେଳାର ଶିକାର ହେଉଛି। ପ୍ରତି ଜିଲାରେ ମହିଳାମାନଙ୍କ ପାଇଁ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାସହ ମହିଳା କମିଶନ ରାଜ୍ୟ, ଜିଲା, ବ୍ଲକସ୍ତରରେ ସଚେତନତା ଶିବିର ମାଧ୍ୟମରେ ମହିଳାଙ୍କ ପାଇଁ ଆଇନରେ ଥିବା ଅଧିକାର, ଦାୟିତ୍ୱ, କର୍ତ୍ତବ୍ୟ ଓ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଉଛି ବୋଲି ବେହେରା କହିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ )ପ୍ରଦୀପ କୁମାର ସାହୁ ପାରିବାରିକ ସଂହତି ଓ ସଦ୍‌ଭାବନା ବଜାୟ ରଖି ମହିଳାମାନଙ୍କୁ ପରିବାର ଓ ସମାଜରେ ଉପଯୁକ୍ତ ସମ୍ମାନ ପ୍ରଦାନରେ ଆୟୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଜିଲାସ୍ତରରେ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ବିଷ୍ଣୁ ଚରଣ ପତି ଜିଲାର ଥାନାଗୁଡ଼ିକରେ ମହିଳା ଓ ଶିଶୁ ଡେସ୍କ ମାଧ୍ୟମରେ ସହଯୋଗ ଯୋଗାଇ ଦିଆଯାଉଛି ବୋଲି କହିବା ସହ ଏହିଭଳି ଶିବିର ଜିଲାସ୍ତରରେ ଆୟୋଜନ ଦ୍ୱାରା ଅଧିକ ସଚେତନତା ସୃଷ୍ଟି ପାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଗର ସଦସ୍ୟ ସଚିବ ବିଥିକା ସ୍ୱାଇଁ, ସଦସ୍ୟ ସ୍ୱାଗତିକା ମହାନ୍ତି, ବିଜୟା ବରୁହା, ପରାମର୍ଶ ଦାତା ଡ. ଏନ୍. ତୁନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସମସ୍ତଙ୍କୁ ସ୍ୱାଗତ କରି ଅତିଥି ପରିଚୟ ଓ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଅଧିକାରୀ ଓ କର୍ମଚାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।



ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଗୁରୁବାର ସଂସ୍କୃତି ଭବନଠାରେ ଆୟୋଜିତ ଆଇନ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

## ସଂକ୍ଷେପରେ

### ବାଇକ୍ ଚାଳକଙ୍କୁ ଆକ୍ରମଣ, ଯୁବକ ଗିରଫ

ଫୁଲନଖରା,୧୪।୯(ସତ୍ୟରଞ୍ଜନ ଦାସମହାପାତ୍ର)

ବାଇକ ଚାଳକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ପରିଜା। ସ୍ଥାନୀୟ ଭୀମପୁର ଗ୍ରାମର ରଞ୍ଜନ କୁମାର ମହାନ୍ତି ଓ ତାଙ୍କ ସାଙ୍ଗ ବିଶ୍ୱନାଥ ବେଉରା ଗତ ଅଗଷ୍ଟ ୨୯ ତାରିଖ ରାତି ପ୍ରାୟ ୧୦ଟାରେ ଔଷଧ କିଣିବା ପାଇଁ ତ୍ରିନାଥ ବଜାର ଯାଉଥିଲେ। ସେହି ସମୟରେ ନିକଟସ୍ଥ ଓମ୍‌ଫେଡ ଛକଠାରେ ସୂର୍ଯ୍ୟକାନ୍ତ ଓ ତାଙ୍କ ସହଯୋଗୀ କାର୍‌ରେ ଆସି ରଞ୍ଜନଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଏନେଇ ରଞ୍ଜନ ପଚାରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭୨/୨୩) ରୁଜୁ କରିଥିଲା।

### ଜବରଦଖଲ ଉଚ୍ଛେଦ

କଟକ,୧୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି)କୁ ଗାଡି ଚଳାଚଳ ଓ ଯାତାୟତ ପାଇଁ ରିଂ ବନ୍ଧରେ ୬ ଥାକିଆ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ନଦୀ ପାର୍ଶ୍ୱରେ କାର୍ଯ୍ୟ ଜାରି ରହିଥିବାବେଳେ ଏବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। କଟକ ମହାନଗର ନିଗମ(ସିଏମ୍‌ସି) ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଖାନ୍‌ନଗର ରିଂ ବନ୍ଧ ରାସ୍ତାପାର୍ଶ୍ୱରେ ଥିବା ଦୋକାନ ଭଙ୍ଗା ଯାଇଛି। ଏନେଇ ଡେପୁଟି କମିଶନର ମହାନ୍ତି, କହିଛନ୍ତି ସରକାରୀ ଜମିରେ ଥିବା ଘର ଓ ଦୋକାନକୁ ଚିହ୍ନଟ କରାଯାଇଛି । ବସ୍ ଚଳାଚଳ ପାଇଁ ଯେତିକି ସ୍ଥାନ ଆବଶ୍ୟକ ବର୍ତ୍ତମାନ ସେତିକି ଉଚ୍ଛେଦ କରାଯିବ। ଆସନ୍ତା ୧୬ ତାରିଖରେ ସିଏନ୍‌ବିଟି ଉଦ୍‌ଘାଟନକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଉଛି। ପରେ ବିଧିବଦ୍ଧ ଭାବରେ ଉଚ୍ଛେଦ କାର୍ଯ୍ୟ ଜାରି ରହିବ।

### ୨ ବଖରା ଜଳିଗଲା

କଟକ ସଦର,୧୪।୯
(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ କମରପଦା ଗ୍ରାମର ରାଜ ନାରାୟଣ ସ୍ୱାଇଁଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ରଘୁନାଥପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଗୁରୁବାର ସକାଳେ କିଶନ ନଗର ତହସିଲର କର୍ମଚାରୀମାନେ ସ୍ୱାଇଁଙ୍କ ଘରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ।

### ଖବରଦାତାଙ୍କ ପରଲୋକ

ଚୌଦ୍ୱାର,୧୪।୯(ଆଶୁତୋଷ ଦାସ)

ଚୌଦ୍ୱାର ପ୍ରେସ୍‌କ୍ଲବ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଖବରଦାତା ମନୋଜ କୁମାର ଦାସ(୫୩)ଙ୍କର ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ରବିବାର ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଧରିତ୍ରୀ ସମେତ ବିଭିନ୍ନ ଖବର କାଗଜରେ ସେ ପ୍ରାୟ ୨୮ ବର୍ଷ ଧରି ଖବରଦାତା ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଅମାୟିକ ବ୍ୟବହାର, ସେବା ମନୋଭାବ ଓ ଉତ୍ତମ ଜନ ସମ୍ପର୍କ ପାଇଁ ସେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଜନପ୍ରିୟ ଥିଲେ। ତାଙ୍କ ମରଶରୀରକୁ ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ ଅଧୀନ ନୂଆସାହିସ୍ଥିତ ବାସଭବନକୁ ନିଆଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଜନତା ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର କରାଯାଇଥିଲା। ସାନଭାଇ ତଥା ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଚୌଦ୍ୱାର ପ୍ରେସ୍ କ୍ଲବ୍ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।



# ଥଇଥାନ ପ୍ରତିଶ୍ରୁତି ମିଳିଲା, ଧାରଣାରୁ ଓହରିଲେ ବ୍ୟବସାୟୀ

କଟକ,୧୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ୧୬ ତାରିଖରେ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ଉଦ୍‌ଘାଟନ ହେବ। ହେଲେ ଏହାକୁ ନେଇ ବିବାଦ ଦେଖିବାକୁ ମିଳିଛି। ପୂର୍ବରୁ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ପାଇଁ ବିବାଦ ମୁଣ୍ଡ ଟେକିଥିଲାବେଳେ ଏବେ ସରକାରୀ ବସ୍‌ଷ୍ଟାଣ୍ଡରେ ବ୍ୟବସାୟ କରୁଥିବା ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି। ଥଇଥାନ ଦାବିରେ ଧାରଣାରେ ବସିଥିବା ବ୍ୟବସାୟୀମାନେ ଗୁରୁବାର ଓହରି ଯାଇଛନ୍ତି। ପରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସମ୍ମିଳନୀ କକ୍ଷରେ ବାଦାମବାଡି ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ବ୍ୟବସାୟୀ ସଂଘର ପ୍ରତିନିଧିମାନେ ଯୋଗଦେଇଥିଲେ। ବାଦାମବାଡି ବସ୍‌ଷ୍ଟାଣ୍ଡରେ ବ୍ୟବସାୟ କରୁଥିବା ଛୋଟ ବ୍ୟବସାୟୀଙ୍କ ଭବିଷ୍ୟତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ବାଦାମବାଡିରେ ହଠାତ୍ ବସ୍ ଚଳାଚଳ ବନ୍ଦ ହୋଇଗଲେ ବ୍ୟବସାୟୀମାନେ ଆର୍ଥିକ କ୍ଷତିଗ୍ରସ୍ତର ସମ୍ମୁଖୀନ ହେବେ। ତେଣୁ ନିର୍ମାଣ ହେବାକୁ ଥିବା ମାର୍କେଟରେ ବିନା ଟେଣ୍ଡରରେ ୧୪୭ ବ୍ୟବସାୟୀଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯାଉ ବୋଲି ସେମାନେ ଦାବି ଉପସ୍ଥାପନ କରିଥିଲେ। ଅପରପକ୍ଷରେ ସିଏନ୍‌ବିଟି ମଧ୍ୟରେ ଏକାଧିକ ବ୍ୟବସାୟୀଙ୍କୁ ସୁଯୋଗ ଦେଲା ଭଳି ପରିବେଶ ନ ଥିବା ସମ୍ପର୍କରେ ବୈଠକରେ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିଲା । ବାଦାମବାଡି ବସ୍‌ଷ୍ଟାଣ୍ଡରେ ୧୩୯ ଜଣ ବ୍ୟବସାୟୀ ଓଏସ୍‌ଆର୍‌ଟିସି ସଂସ୍ଥାରେ ପଞ୍ଜୀକୃତ ହୋଇ ବ୍ୟବସାୟ କରୁଥିବାବେଳେ ସିଏନ୍‌ବିଟିରେ ମାତ୍ର ୩୨ଟି ଦୋକାନ ଗୃହର ବ୍ୟବସ୍ଥା କରାଯାଇଛି। ସେଗୁଡିକ ଲଟେରି ମାଧ୍ୟମରେ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ବ୍ୟବସାୟୀମାନଙ୍କୁ ବାଦାମବାଡି କିମ୍ବା ଆଖପାଖ ଅଞ୍ଚଳରେ ସରକାରଙ୍କ ପକ୍ଷରୁ ହେବାକୁ ଥିବା କମର୍ସିଆଲ କମ୍ପ୍ଲେକ୍ସରେ ଅଗ୍ରାଧିକାର ଭିତ୍ତିରେ ଦୋକାନ ଗୃହ ଆବଣ୍ଟନ କରାଯିବ ବୋଲି ବୈଠକରେ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ୧୫ ଦିନ ମଧ୍ୟରେ ଏନେଇ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ଓ ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିବେଦନ କରାଯାଇଥିଲା।



ବୈଠକରେ ସିଡିଏ ଅଧ୍ୟକ୍ଷ, ଆର୍‌ଡିସି, ଜିଲାପାଳଙ୍କ ସହ ଅନ୍ୟମାନେ।

# କାମ ସରିନି, ତରବରିଆ ଭାବେ ଉଦ୍‌ଘାଟନ ହେବ




ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

କଟକ,୧୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଖାନ୍‌ନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ହେଲେ ତରବରିଆ ଭାବେ ଆସନ୍ତା ୧୬ରେ ଏହାକୁ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏ ନେଇ ବାଦାମବାଡିସ୍ଥିତ ଏକ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ କହିଛନ୍ତି, ବସ୍ ଟର୍ମିନାଲ କାମ ସରିନାହିଁ। ବସ୍ କେଉଁ ପଟେ ବାହାରିବ ତାହା ଠିକ୍ ଭାବେ ଜଣା ନାହିଁ। ହେଲେ ଉଦ୍‌ଘାଟନ ତାରିଖ ସ୍ଥିର ହୋଇଛି। ଦୈନିକ ଶତାଧିକ ବସ୍ ଖପୁରିଆ-ଖାନନଗର ଦେଇ କାଠଯୋଡ଼ି ନଦୀ କୂଳ ଟର୍ମିନାଲକୁ ପ୍ରବେଶ ଏବଂ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି। ହେଲେ ଏପର୍ଯ୍ୟନ୍ତ ଠିକ୍ ଭାବେ ରାସ୍ତା ଘାଟ ନିର୍ମାଣ କରାଯାଇନାହିଁ। ବସ୍ ଟର୍ମିନାଲରେ କଟକ ସହରର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗକୁ ଅଣଦେଖା କରାଯାଇଛି। ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଦୀର୍ଘବର୍ଷ ଧରି ବ୍ୟବସାୟ କରି ଆସୁଥିବା ବ୍ୟବସାୟୀଙ୍କୁ ଥଇଥାନ ସହ ସିଏନ୍‌ବିଟିରେ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯାଉ। ଏହାସହ ତାଳଦଣ୍ଡା କେନାଲ ନବୀକରଣ କାର୍ଯ୍ୟ କେଉଁ ସଂସ୍ଥାକୁ ଦିଆଯାଇଥିଲା ? ଏଥିପାଇଁ ମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଛି ? ଏହାର ହିସାବ ସରକାର ରଖନ୍ତୁ ବୋଲି ଭାଜପା ଦାବି କରିଛି। ବସ୍ ଷ୍ଟାଣ୍ଡ ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡିକରେ ଅନିୟମିତତା ଏବଂ ସ୍ଥାନୀୟ ବ୍ୟବସାୟୀ ଓ ଯୁବକମାନଙ୍କ ନିଯୁକ୍ତି ପ୍ରସଙ୍ଗକୁ ନେଇ ଆବଶ୍ୟକ ପଡିଲେ କୋର୍ଟର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଆତ୍ମହତ୍ୟା ନିରାକରଣ ଓ ସଚେତନତା କର୍ମଶାଳା

କଟକ,୧୪।୯ (କାର୍ତ୍ତିକ ସାହୁ)

ଖ୍ରୀଷ୍ଟ କଲେଜର ମନସ୍ତତ୍ତ୍ୱବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଆତ୍ମହତ୍ୟା ନିରାକରଣ ଓ ସଚେତନତା କର୍ମଶାଳା ଗୁରୁବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମଧୁମିତା ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ସିବି ମେଡିକାଲ କଲେଜ କ୍ଲିନିକାଲ ସାଇକୋଲୋଜି ବିଭାଗର ମୁଖ୍ୟ ଡ. ଯଶୋବନ୍ତ ମହାପାତ୍ର ଓ ଅଧ୍ୟାପିକା ଶୁଭଦର୍ଶିନୀ ବରିହା ବକ୍ତା ଭାବେ ଯୋଗଦେଇ ଆତ୍ମହତ୍ୟାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ସାଦିଆ ଆଲାମ ଅତିଥି ପରିଚୟ, ଆଇକ୍ୟୁଏସ୍‌ର ସଂଯୋଜକ ଶୋଭନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ଆଦ୍ୟାଶା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

କଟକ,୧୪।୯ (କାର୍ତ୍ତିକ ସାହୁ)

ରାଜସ୍ୱ ପର୍ଷଦ ଚିତ୍ତ ବିନୋଦନ କ୍ଲବ୍ ଆନୁକୂଲ୍ୟରେ ଓ ଡକ୍ଟର ଅଗ୍ରୱାଲା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ରାଜସ୍ୱ ପର୍ଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ପର୍ଷଦର ଅର୍ଥ ପରାମର୍ଶଦାତା ସୁବ୍ରତ ଶତପଥୀ ଏହାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଅଧିକାରୀ ବିନୋଦିନୀ ପଣ୍ଡା, ଦେବାଶିଷ ପଟ୍ଟନାୟକ, ବରେନ୍ଦ୍ର ନାଥ ଧଳ, ରଶ୍ମୀରେଖା ସ୍ୱାଇଁ, ସୂର୍ଯ୍ୟକାନ୍ତ ନାୟକ, ଅଶୋକ ଷଡ଼ଙ୍ଗୀ, ଅଭିଲିପ୍ସା ଦାଶଙ୍କ ସମେତ ରାଜସ୍ୱ ପର୍ଷଦର କର୍ମଚାରୀମାନେ ଚକ୍ଷୁ ପରୀକ୍ଷା କରାଇଥିଲେ। ରାଜସ୍ୱ ପର୍ଷଦ ଚିତ୍ତ ବିନୋଦନ କ୍ଲବ୍‌ର କର୍ମକର୍ତ୍ତା ଭାଗ୍ୟଧର ସାହୁ, ପ୍ରଦ୍ୟୁମ୍ନ ବିଶ୍ୱାଳ, ତୁଷାର କୁମାର ପ୍ରଧାନ, ଗୋପାଳକୃଷ୍ଣ ଦାସ, ବସନ୍ତ କୁମାର ହାତୀ, ଅରୁଣ କୁମାର ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଛୁରାମାଡ଼ ଅଭିଯୋଗରେ ଅଭିଯୁକ୍ତ ଗିରଫ

ମଙ୍ଗୁଳି-ଜଗତପୁର,୧୪।୯(ମାନସ ସାମଲ)

ଛୁରା ମାଡ ଅଭିଯୋଗରେ ଜଗତପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ତିଗିରିଆ ଥାନା ଅଧୀନ ଶୁଣ୍ଡିପାଳ ଗ୍ରାମର ସୁବାସ ବାରିକ (୩୭)। ପୋଲିସ ସୂଚନା ଅନୁଯାୟୀ, ଜଗତପୁର ଥାନା ଅଧୀନ ନାନକାର ଗ୍ରାମରେ ଘରଭଡା ନେଇ ବିଷ୍ଣୁପ୍ରିୟା ମିଶ୍ର ଦୀର୍ଘବର୍ଷ ହେବ ସ୍ୱାମୀ ଓ ଦୁଇ ପିଲାଙ୍କୁ ନେଇ ରହୁଛନ୍ତି। ବିଷ୍ଣୁପ୍ରିୟାଙ୍କ ସ୍ୱାମୀ ଦୀପକ ଓ ଅଭିଯୁକ୍ତ ସୁବାସ ଜଗତପୁରର ଗୋଟିଏ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଥିଲା। ହେଲେ କୌଣସି କାରଣବଶତଃ କିଛି ମାସ ହେବ ଉଭୟ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଗତ ୮ ତାରିଖ ସନ୍ଧ୍ୟାରେ ଜଗତପୁର ମିନିଟ୍ରକ ଷ୍ଟାଣ୍ଡଠାରେ ଦୀପକ ଥିବାବେଳେ ନିଶାସକ୍ତ ଅବସ୍ଥାରେ ସୁବାସ ସେଠାରେ ପହଞ୍ଚି ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଦୀପକ ଏହାକୁ ବିରୋଧ କରିବାରୁ ସୁବାସ ଏକ ଧାରୁଆ ଛୁରିରେ ତାଙ୍କ ପେଟକୁ ଆକ୍ରମଣ କରି ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ବିଷ୍ଣୁପ୍ରିୟା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୬୧/୨୩) ରୁଜୁ କରିଥିଲା।

## ଖୁବ୍‌ଶୀଘ୍ର ଉନ୍ନତୀକରଣ କାର୍ଯ୍ୟ କରାଯିବ



ବିଧାୟକ ସୁଶାନ୍ତ ରାଉତଙ୍କ ସହ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଫୁଲନଖରା,୧୪।୯(ସତ୍ୟ ରଞ୍ଜନ ଦାସମହାପାତ୍ର)

**କ୍ଷେତ୍ର ପରିଦର୍ଶନ କଲେ ବିଧାୟକ, ପ୍ରଶାସକ**

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ ନମ୍ବର ୱାର୍ଡ ଅନ୍ତର୍ଗତ ନଖରା ଓ ନହରକଣ୍ଟା ମୌଜାର ବିକାଶ ପାଇଁ ଗୁରୁବାର ବିଧାୟକ ସୁଶାନ୍ତ ରାଉତ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ ଓ ନିଗମର ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ବିଧାୟକ ରାଉତ କହିଥିଲେ, ନହରକଣ୍ଟା ଗ୍ରାମ ନିକଟରେ ଗୋଟିଏ ଖେଳ ପଡିଆର ଉନ୍ନତୀକରଣ ସହ ଇନ୍‌ଡୋର ଷ୍ଟାଡିୟମ କରାଯିବ। ସେହିପରି ନଖରା ଗ୍ରାମରେ ଥିବା ଖେଳପଡ଼ିଆର ଉନ୍ନତୀକରଣ, ଲକ୍ଷେଶ୍ୱରଙ୍କ ନିକଟରେ ଥିବା ପ୍ରାଚୀ ଗଣ୍ଡକୁ ପୁନରୁଦ୍ଧାର କରାଯାଇ ନୌବିହାର କରାଯିବ, ବିବାହ ମଣ୍ଡପ, ଗ୍ରାମ୍ୟ ଶ୍ମଶାନର ଉନ୍ନତୀକରଣ କରାଯିବ। ସମସ୍ତ କାର୍ଯ୍ୟ ପାଇଁ ଆସନ୍ତା ୧୫ ଦିନ ମଧ୍ୟରେ ଟେଣ୍ଡର ଡକାଯିବ। ଖୁବ୍‌ଶୀଘ୍ର ଉନ୍ନତୀକରଣ କାର୍ଯ୍ୟ କରାଯିବ ବୋଲି ରାଉତ କହିଥିଲେ। ଏହି ପରିଦର୍ଶନବେଳେ କର୍ପୋରେଟର ସୁକୁମାର ସାହୁ, ଅକ୍ଷୟ କୁମାର ଲେଙ୍କା, ରଶ୍ମିରଞ୍ଜନ ସାହୁ, ସାଗର ଜେନା, ପ୍ରେମାନନ୍ଦ ସାହୁ, ନଳିନୀକାନ୍ତ ସ୍ୱାଇଁ, ରମାକାନ୍ତ ଜେନାଙ୍କ ସମେତ ନଖରା ୟୁଥ୍ କ୍ଲବ୍‌ର ସଦସ୍ୟ, ଗ୍ରାମ ମୁରବୀ, ବରିଷ୍ଠ ନାଗରିକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଭକ୍ତିପସରାର ରୌପ୍ୟଜୟନ୍ତୀ ସମାରୋହ



କଟକ,୧୪।୯ (କାର୍ତ୍ତିକ ସାହୁ)

ଭକ୍ତିପସରାର ରୌପ୍ୟଜୟନ୍ତୀ ସମାରୋହ ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର ପରିସରରେ ୫ ଦିନ ଧରି ପାଳିତ ହୋଇଯାଇଛି। କୁନି ପ୍ରବଚକ କେଶବ ଦିତିକୃଷ୍ଣ, ଜିତୁ ଦାସ, ସୂର୍ଯ୍ୟନାରାୟଣ ଶର୍ମା ବିଭିନ୍ନ ଦିବସରେ ପ୍ରବଚନ ଦେଇଥିଲେ। ଏହି ଅବସରରେ ସମ୍ବର୍ଦ୍ଧନା ଓ ଅନୁଷ୍ଠାନର ମୁଖପତ୍ର ଭକ୍ତିସାଗର ପୁସ୍ତକ ଉନ୍ମୋଚିତ ହୋଇଥିଲା। ମନ୍ଦିର କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ରାଣୀହାଟ ପୂଜା କମିଟି ସଭାପତି ବିଜୟ କୁମାର ସାହୁ, ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସଂଘର ଉପଦେଷ୍ଟା କାଶୀନାଥ ଦାସ ମହନ୍ତ, ସହ ସମ୍ପାଦକ ହୃଷୀକେଶ ସାହୁ, ରଞ୍ଜନ କୁମାର ସାହୁ, ଉପ ସଭାପତି ବିଚିତ୍ରାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




୩ ଦଫା ଦାବି ନେଇ କଟକ ସଦର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦେଇଛନ୍ତି। ଗୁରୁବାର ଏଥିରେ ବିଧାୟକ ମହମ୍ମଦ ମୋକିମ ସାମିଲ ହୋଇଛନ୍ତି।

## ଫେରାର ଦମ୍ପତି କୋର୍ଟ ଚାଲାଣ

କଟକ,୧୪।୯ (କାର୍ତ୍ତିକ ସାହୁ)

**ବେଆଇନ ଲିଙ୍ଗ ନିରୂପଣ ମାମଲା**

ବେଆଇନ ଲିଙ୍ଗ ନିରୂପଣ କରାଇବା ମାମଲାରେ ବାଦାମବାଡି ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଜିତ୍ ମହାପାତ୍ର(୫୫) ଓ ତାଙ୍କ ସ୍ତ୍ରୀ ମାମିନା ମହାପାତ୍ର (୩୯)। ସେମାନଙ୍କ ଘର ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ଅନୋଳିପାଟଣାରେ ହୋଇଥିବାବେଳେ ସେମାନେ ଅରୁଣୋଦୟ ମାର୍କେଟ ଅଞ୍ଚଳର ଥିବା ହେଲ୍‌ଥ ହୋମ୍ ନାମକ ନର୍ସିଂହୋମ୍‌ରେ ଏହି କାରବାର ଚଳାଇଥିଲେ। ବୁଧବାର ପୋଲିସ ଚଢ଼ାଉ ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ।

ପୋଲିସ ସୂଚନା ଅନୁସାରେ, ଉକ୍ତ ନର୍ସିଂହୋମ୍‌ରେ ବେଆଇନ ଭାବେ ଲିଙ୍ଗ ନିରୂପଣ ହେଉଥିବା ନେଇ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ମିଳିଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବଟକୃଷ୍ଣ ମହଲା ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ବାଦାମବାଡି ଥାନା ଅଞ୍ଚଳରେ ବୁଧବାର ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସର ମିଳିତ ଚଢ଼ାଉବେଳେ ଜଣେ ବ୍ୟକ୍ତି ୩ଟି ଜାଗାରେ ଲିଙ୍ଗ ନିରୂପଣ କରୁଥିବା ଜଣାପଡ଼ିଥିଲା। ଏପରି କି ଫିଜିଓଥେରାପି ସେଣ୍ଟରରେ ଲିଙ୍ଗ ନିରୂପଣ ଚାଲିଥିଲା। ଚଢ଼ାଉବେଳେ ୨ଟି ଅଲଟ୍ରାସାଉଣ୍ଡ ମେଶିନ ସହ ଅଲଟ୍ରାସାଉଣ୍ଡ ଜେଲ, ଗର୍ଭପାତ ଔଷଧ ଜବତ ହୋଇଥିଲା। ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏପରିସ୍ଥଳେ ନର୍ସିଂହୋମର ମାଲିକ ଏଭଳି ଘଟଣା ସଂକ୍ରାନ୍ତରେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ଏନେଇ ବାଦାମବାଡ଼ି ଥାନାରେ ଏକ ମାମଲା(ନଂ.୩୨୯/୨୩) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟ ଅଲଟ୍ରାସାଉଣ୍ଡ ମାଧ୍ୟମରେ ଗର୍ଭବତୀଙ୍କ ପେଟରେ ଥିବା ସନ୍ତାନର ଲିଙ୍ଗ ନିରୂପଣ କରୁଥିଲେ। ଏଥିପାଇଁ ସେମାନେ ଲୋକଙ୍କଠାରୁ ମୋଟାଅଙ୍କର ଟଙ୍କା ନେଉଥିବା ପୋଲିସ ଜାଣିବାକୁ ପାଇଛି।

# ଘରୋଇ ବସ୍ କର୍ମଚାରୀ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ




ଆନ୍ଦୋଳନ ପ୍ରତ୍ୟାହୃତ ପରେ ଘରୋଇ ବସ୍ କର୍ମଚାରୀ ସଂଘର କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କଟକ,୧୪।୯ (କାର୍ତ୍ତିକ ସାହୁ)

ଘରୋଇ ବସ୍ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ହେବାକୁ ଥିବା ଆନ୍ଦୋଳନ ପ୍ରତ୍ୟାହାର କରାଗଲା ବୋଲି ଗୁରୁବାର ଘୋଷଣା କରାଯାଇଛି। ବସ୍ ଡ୍ରାଇଭର, କଣ୍ଡକ୍ଟର, ହେଲ୍‌ପରମାନଙ୍କୁ ନେଇ ଏକ ବୈଠକ ହେବା ପରେ ଏହି ଘୋଷଣା କରାଯାଇଥିଲା। ପରେ ସଂଘର କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ, ପାରାଦୀପ ବସ୍‌ଷ୍ଟାଣ୍ଡ ଓ ପୁରୀ ବସ୍‌ଷ୍ଟାଣ୍ଡ ପରିକ୍ରମା କରି ଏହି ସନ୍ଦେଶ ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ଦାବିଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଂଘ ଏଭଳି ଘୋଷଣା କରିଥିବା ପ୍ରେସ୍‌ବିବୃତିରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ସିଡିଏ ଚେୟାରମ୍ୟାନ ଅନିଲ ସାମଲ, ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣ ଓ ସଂଘ ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ନେଇ ସିଡିଏ କାର୍ଯ୍ୟାଳୟରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ବସ୍ କର୍ମଚାରୀଙ୍କ ପାଇଁ ନୂଆ ବସ୍‌ଷ୍ଟାଣ୍ଡରେ ଅଫିସ୍ ଗୃହ, ଟିକେଟ୍ କାଉଣ୍ଟର, ବିଶ୍ରାମ ଗୃହ ଓ ପାଇଖାନା ଆଦି ବ୍ୟବସ୍ଥା କରାଯିବା ପାଇଁ ଉକ୍ତ ବୈଠକରେ ସଂଘ କର୍ମକର୍ତ୍ତାଙ୍କୁ କୁହାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଲେଙ୍କା, ସହ ସମ୍ପାଦକ ଗଗନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ସଂଘର ବାଦାମବାଡ଼ିସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକ କରାଯାଇଥିଲା। ଏଥିରେ ବଦ୍ରିନାରାୟଣ ଦାସ, ଆରତ ଗଣ୍ଡିଆ, ରଞ୍ଜନ କୁମାର ଜେନା, ନିମାଇଁ ଚରଣ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକଙ୍କ 'ମୋ ସ୍କୁଲ' କାର୍ଯ୍ୟାଳୟ ପରିଦର୍ଶନ

**ଭୁବନେଶ୍ୱର,୧୪ା୯ (ଅନୁରାଧା ମହାରଣା):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ନବନିଯୁକ୍ତ ଶିକ୍ଷକ ପ୍ରଶିକ୍ଷକଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ ସୋମବାର ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି) ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ଚତୁର୍ଥ ଦିନରେ ୯୬ ଶିକ୍ଷକ ପ୍ରଶିକ୍ଷକ 'ମୋ ସ୍କୁଲ ଅଭିଯାନ'ର ରାଜ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେମାନଙ୍କୁ 'ମୋ ସ୍କୁଲ'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଅବଗତ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ସଂଯୋଗ କାର୍ଯ୍ୟକ୍ରମ, ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ, ଆକାଂକ୍ଷୀ ପାଠ୍ୟକ୍ରମ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ୍ ଜେନା, କାର୍ଯ୍ୟକ୍ରମ ଉପନିର୍ଦ୍ଦେଶିକା ସସ୍ମିତା ମାଳି, ଟିଇ ଆଣ୍ଡ ଏସ୍‌ସିଇଆର୍‌ଟିର ସହକାରୀ ନିର୍ଦ୍ଦେଶକ ଡ. ସୁଦର୍ଶନ ସାନ୍ତରା, 'ମୋ ସ୍କୁଲ'ର କାର୍ଯ୍ୟକ୍ରମ ଅଧିକାରୀ (ପରିଚାଳନା) ଅବିନାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନି ନିରାପତ୍ତା କର୍ମଶାଳା

**ଭୁବନେଶ୍ୱର,୧୪ା୯ (ସୂର୍ଯ୍ୟକାନ୍ତ ବେହେରା):** ଅନେକ ସମୟରେ ବିଦ୍ୟାଳୟ, କଲେଜ ଏବଂ ହସ୍ପିଟାଲରେ ଅଗ୍ନିକାଣ୍ଡ ଯୋଗୁ ଲୋକେ ପ୍ରାଣ ହରାଇବା ସହ ବହୁ କ୍ଷୟକ୍ଷତି ହୋଇଥାଏ। ତେଣୁ ଏଥିରେ କିଭଳି ରୋକ ଲଗାଯାଇପାରିବ ଓ ସଚେତନତା ସୃଷ୍ଟି କରାଯାଇପାରିବ ସେନେଇ ଭୁବନେଶ୍ୱରଠାରେ ନିରାପତ୍ତା, ପ୍ରତିରୋଧ, କ୍ଷତିକାରକ ଓ ଦକ୍ଷତା ବୃଦ୍ଧି ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ନିଆଁ ଲାଗିବା ପରେ କ୍ଷୟକ୍ଷତି, ବିଲ୍ଡିଂ ସୁରକ୍ଷା ଉପରେ ଧ୍ୟାନ ଦେଇ ଅଗ୍ନି ନିରାପତ୍ତା, ଦୁର୍ଘଟଣାଜନିତ କାରଣ ଏବଂ ପ୍ରତିଷେଧକ କାର୍ଯ୍ୟକ୍ରମ ଉପରେ କୌଶଳ ଉପସ୍ଥାପନ କରାଯାଇଥିଲା। ସେହିପରି କୌଣସି କାମ କରୁଥିବାବେଳେ ନିଜକୁ ପ୍ରଥମେ ସୁରକ୍ଷିତ ଅବଲମ୍ବନ କରିବାକୁ ସଚେତନ କରାଯାଇଥିଲା। ଘରେ ଲଗାଯାଇଥିବା କାଠର କବାଟ ଓ ଝରକା ମଧ୍ୟରେ ସେରାମିକ ପ୍ଲେଟ ବ୍ୟବହାର କଲେ ନିଆଁ ଅନ୍ୟ ଏକ ସ୍ଥାନକୁ ବ୍ୟାପିବାକୁ ବହୁ ସମୟ ନେବ ବୋଲି ଏକ କମ୍ପାନୀ ପକ୍ଷରୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଗ୍ନି ଏବଂ ଜରୁରିକାଳୀନସେବା ଉପଆରକ୍ଷୀ ମହାନିର୍ଦ୍ଦେଶକ ଡ. ସାର୍ଥକ ଷଡ଼ଙ୍ଗୀ ଯୋଗଦେଇଥିଲେ। ଚିଫ୍ ଫାୟାର ଅଫିସର ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ ଓଡ଼ିଶା ଅଗ୍ନି ଓ ଜରୁରିକାଳୀନସେବାର ଅଧିକାରୀ ଏବଂ ଇଣ୍ଡୋ ଜର୍ମାନ ଫୋକାଲ ପଏଣ୍ଟର ଅଧିକାରୀ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ସେହିପରି ବଡ ବଡ କମ୍ପାନୀର କର୍ମଚାରୀମାନେ ଏଥିରେ ସାମିଲ ହୋଇ ପରାମର୍ଶ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲର କର୍ମକର୍ତ୍ତା ଯୋଗଦେଇଥିଲେ।

# ଟ୍ରକ ଚକା ତଳେ ବୃଦ୍ଧଙ୍କ ଜୀବନ ଗଲା

**ବାରଙ୍ଗ,୧୪ା୯ (ଲିଙ୍ଗରାଜ ରାଉତ)**

ବାରଙ୍ଗ ଥାନା ଅଧୀନ ବାରଙ୍ଗ- ବାଙ୍କୀ ରାସ୍ତାର ମୁଣ୍ଡମୁହାଣ ଖେଳପଡ଼ିଆ ଆଗରେ ଏକ ୧୦ ଚକିଆ ଟ୍ରକ ଗୁରୁବାର ସନ୍ଧ୍ୟାରେ ଜଣେ ସାଇକେଲ ଆରୋହୀଙ୍କୁ ପଛପଟରୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଗ୍ରାମର ଉତ୍ତ୍ୟକ୍ତ ଲୋକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ନେଇ ରାସ୍ତା ଅବରୋଧ କରିଥିଲେ। ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା ପରେ ଅଧଘଣ୍ଟାରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଉକ୍ତ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

**କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ**


ଦୁର୍ଘଟଣାପରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି।

ପ୍ରକାଶ ଯେ, ସନ୍ଧ୍ୟା ସମୟରେ ଫକୀରପଡ଼ା ଗ୍ରାମର ଅନନ୍ତ ଭୋଇ(୬୦) ସାଇକେଲ ଯୋଗେ ତ୍ରିଶୂଳିଆରୁ ଘରକୁ ଫେରୁଥିଲେ। ବାରଙ୍ଗ- ବାଙ୍କୀ ରାସ୍ତାର ମୁଣ୍ଡମୁହାଣ ଖେଳ ପଡ଼ିଆ ଆଗରେ ଅନନ୍ତଙ୍କୁ ପଛପଟୁ ଆସୁଥିବା ଏକ ୧୦ ଚକିଆ ଟ୍ରକ(ଓଆର୦୪-ଏଚ୍-୪୯୮୧) ଧକ୍କା ଦେଇଥିଲା। ଅନନ୍ତ ସାଇକେଲକୁ ଛିଟିକି ଟ୍ରକର ପଛ ଚକା ତଳେ ପଡ଼ିଯାଇଥିଲେ। ଟ୍ରକ୍‌ର ପଛ ଚକା ବୃଦ୍ଧଙ୍କ ଉପରେ ଚଢ଼ି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଦୁର୍ଘଟଣା ସ୍ଥଳରେ ବାରଙ୍ଗ-ବାଙ୍କୀ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଯାଇ ନ ପାରି ଅଟକି ରହିଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ଅଧଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

# ବ୍ରିଜ୍ ଉପରୁ ଖସି ଜଣେ ମୃତ, ଜଣେ ଆହତ

**ଭୁବନେଶ୍ୱର,୧୪ା୯ (ସୂର୍ଯ୍ୟକାନ୍ତ ବେହେରା)**

ଶହୀଦନଗର ଥାନା ଅନ୍ତର୍ଗତ ବମିଖାଲ ଫ୍ଲାଏ ଓଭର ବ୍ରିଜ୍ ଉପରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହାତ ହୋଇଛନ୍ତି । ମୃତକ ହେଲେ କେଦାରଗୌରୀ ଅଞ୍ଚଳର ସୁଧାକର ପୁଷ୍ଟି ଓ ଆହତ ହେଲେ ସୁମିତ ପାତ୍ର। ସୂଚନାନୁଯାୟୀ, ସୁଧାକର ଓ ସୁମିତ ବୁଧବାର ବିଳମ୍ବିତ ରାତିରେ ମୋଟରସାଇକେଲ ଯୋଗେ ଝାରପଡ଼ାରୁ କୌଣସି କାମ ସାରି ଉକ୍ତ ଫ୍ଲାଏଓଭର ଦେଇ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇଯାଇଥିଲେ। ଫଳରେ ସୁଧାକର ତଳକୁ ଖସିପଡ଼ିଥିବା ବେଳେ ସୁମିତ ଛିଟିକି ବ୍ରିଜ ଉପରେ ପଡିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇବା ସହ ଗାଡ଼ି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ବିଦ୍ୟାଳୟ ପରିଚାଳନା ସଭାପତି ଚଳାଇଲେ ବିଦ୍ୟାଳୟ

**ବାରଙ୍ଗ,୧୪ା୯ (ଲିଙ୍ଗରାଜ ରାଉତ) :** ଭୁବନେଶ୍ୱର ବ୍ଲକର ୨୦ଟି ପଞ୍ଚାୟତରେ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ୩ଦଫା ଦାବିରେ ଆନ୍ଦୋଳନ ଯୋଗୁ ବିଦ୍ୟାଳୟରେ ଶିକ୍ଷାଦାନ ହୋଇପାରୁନି। ଏହି ପରିପ୍ରେକ୍ଷୀରେ ଉପକଣ୍ଠ ଦାଢ଼ା ପଞ୍ଚାୟତର କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୨ଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ଆନ୍ଦୋଳନରେ ସାମିଲ ଥିବାରୁ ବିଦ୍ୟାଳୟରେ ପାଠପଢା ବନ୍ଦ ରହିଛି। ତେବେ ଗୁରୁବାର ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କମିଟି ସଭାପତି ଜଗନ୍ନାଥ ଭଞ୍ଜ ଓ କମିଟି ସଦସ୍ୟଙ୍କ ଉଦ୍ୟମକ୍ରମେ ବିଦ୍ୟାଳୟରେ ବିଭିନ୍ନ ସାଧାରଣଜ୍ଞାନ, ବକ୍ତୃତା, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ବିଦ୍ୟାଳୟ ଛୁଟି ହୋଇଥିଲା। ଅଭିଭାବକଙ୍କ ମଧ୍ୟରେ ଏଭଳି ପ୍ରଚେଷ୍ଟାକୁ ପ୍ରଶଂସା କରାଯାଉଛି।


ଶ୍ରମିକମାନଙ୍କର ଜନ୍ମ ତାରିଖ ଠିକ୍ ଭାବେ ପଞ୍ଜୀକରଣ କରାଯିବା ଏବଂ ଅନ୍ୟାନ୍ୟ ଦାବିରେ ବିଏମ୍‌ଏସ୍ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ କର୍ମଚାରୀ ରାଜ୍ୟ ବୀମା ନିଗମ କ୍ଷେତ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

# ଜେଲ ଅନ୍ତେବାସୀଙ୍କ ଏଚ୍‌ଆଇଭି, ଯକ୍ଷ୍ମା ପରୀକ୍ଷା କରିବ ଓସାକ୍ସ

**ଭୁବନେଶ୍ୱର, ୧୪ା୯ (ବନ୍ଦନା ସେଠୀ)**

ରାଜ୍ୟରେ ଥିବା ଜେଲ୍ ଏବଂ ଅନ୍ୟାନ୍ୟ କ୍ଲୋଜ ସେଣ୍ଟରରେ ରହୁଥିବା ଅନ୍ତେବାସୀଙ୍କ ପାଇଁ ସାମଗ୍ରିକ ଭାବେ ଯୌନ ସଞ୍ଚାରିତ ସଂକ୍ରମଣ (ଏସ୍‌ଟିଆଇ), ଏଚଆଇଭି, ଯକ୍ଷ୍ମା, ହେପାଟାଇଟିସ-ବି ଏବଂ ସି ସଂକ୍ରମଣର ପରୀକ୍ଷା ଅଭିଯାନ (ଆଇଏସ୍‌ଏଚ୍‌ଟିଏଚ୍) ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ଝାରପଡ଼ା ଜେଲରେ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ନିର୍ଦ୍ଦେଶକ ଡା. ଉର୍ମିଳା ମିଶ୍ର ଅଭିଯାନର ଶୁଭାରମ୍ଭ କରି କହିଲେ, ରାଜ୍ୟ ଜେଲ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଏସ୍‌ଏସ୍‌ଇପିଡି ବିଭାଗ ସହଯୋଗରେ ରାଜ୍ୟର ୮୭ଟି ଜେଲ, ୬୬ ଅନ୍ୟାନ୍ୟ କ୍ଲୋଜ ସେଣ୍ଟର, ୫୪ଟି ସ୍ୱଧାର ଗୃହ, ୧୧ଟି ଉଜାଲା ହୋମ, ୪ଟି ଜୁଭେନାଇଲ ହୋମ୍, ୪୮ଟି ଡ୍ରଗ ଡିଆଡିକ୍‌ସନ୍ ସେଣ୍ଟରରେ ଅନ୍ତେବାସୀଙ୍କର ପରୀକ୍ଷା ନିରୀକ୍ଷା କରାଯିବ। ୧ ମାସ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୩୩୧୫ ଅନ୍ତେବାସୀଙ୍କ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ ଦେବାର କାର୍ଯ୍ୟକ୍ରମ ରହିଛି। ସଂକ୍ରମିତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ଓ ଉପଯୁକ୍ତ ଚିକିତ୍ସା ପ୍ରକ୍ରିୟାରେ ସେମାନଙ୍କ ପଞ୍ଜୀକରଣ ସୁନିଶ୍ଚିତ କରିବା ଅଭିଯାନର ମୂଳ ଲକ୍ଷ୍ୟ। ଅନ୍ତେବାସୀଙ୍କୁ ଏଚ୍‌ଆଇଭି, ଯକ୍ଷ୍ମା, ଯୌନ ସଂକ୍ରମଣ ଏବଂ ହେପାଟାଇଟିସ ପାଇଁ ମାଗଣା ପରାମର୍ଶ, ଚିକିତ୍ସା ଏବଂ ଔଷଧ ଓସାକ୍ସ ଯୋଗାଇଦେବ ବୋଲି ସୂଚନା ଦେଇଥିଲେ। କାରାଗାର ମହାନିର୍ଦ୍ଦେଶକ ଡ. ମନୋଜ ଛାବ୍ରା ଜେଲ ଅନ୍ତେବାସୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜେଲର ବରିଷ୍ଠ ଅଧୀକ୍ଷକ ଏବଂ ଏଚ୍‌ଆଇଭି/ଏଡ୍‌ସ ପାଇଁ ନୋଡାଲ ଅଧିକାରୀ ବୀରେନ ସାହୁ, ଜେଲର ସନ୍ତୋଷିନୀ ଦାସ, ଝାରପଡ଼ା ଜେଲର ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଉପସ୍ଥିତ ଥିଲେ। ଡା. ଇନ୍ଦିରା ନାୟକ, ଡା. ଧନରାଜ କୃଷ୍ଣ ବେହେରା, ଓସାକ୍ସର ଯୁଗ୍ମ ନିର୍ଦ୍ଦେଶକ ଡ.ଡି.ଏସ.ଅରବିନ୍ଦ, ପ୍ରତିଷ୍ଠାନ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଜନସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ୱାଇଆର୍‌ଜି କେୟାରର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଜାତୀୟ ଏଡସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଏସିପି) ଅଧୀନରେ ଅନ୍ତେବାସୀଙ୍କୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବେ ଚିହ୍ନଟ କରାଯାଇଛି। ସାରା ଦେଶରେ ଜେଲ ଏବଂ ଅନ୍ୟାନ୍ୟ କ୍ଲୋଜ ସେଟିଂ ସମୂହ ମଧ୍ୟରେ ଅଧିକ ବିପଦସଙ୍କୁଳ ଅନ୍ତେବାସୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯିବା ଜାତୀୟ ଏଡସ ନିୟନ୍ତ୍ରଣ ସଂଗଠନ (ନାକୋ) ଲକ୍ଷ୍ୟ ରଖିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ସାମଗ୍ରିକ ଆଇଏସ୍‌ଏଚ୍‌ଟିଏଚ୍ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଯକ୍ଷ୍ମା ପରୀକ୍ଷା, ସନ୍ଦିଗ୍ଧ ମାମଲା ପାଇଁ କଫ ସଂଗ୍ରହ ଏବଂ ଡଟ୍‌ସ ପ୍ରଦାନ କରାଯିବ। ଏଥିସହ ଗର୍ଭବତୀ ମହିଳା ଅନ୍ତେବାସୀଙ୍କର ୩ ମାସରେ ଥରେ ଭାଇରାଲ ହେପାଟାଇଟିସ ପରୀକ୍ଷା କରାଯିବ।

### ବାଇକ୍ ଚାଳକଙ୍କୁ ଆକ୍ରମଣ, ଯୁବକ ଗିରଫ

**ଫୁଲନଖରା,୧୪ା୯ (ସତ୍ୟରଞ୍ଜନ ଦାସମହାପାତ୍ର)**

ବାଇକ ଚାଳକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସୂର୍ଯ୍ୟକାନ୍ତ ପରିଜା। ସ୍ଥାନୀୟ ଭୀମପୁର ଗ୍ରାମର ରଞ୍ଜନ କୁମାର ମହାନ୍ତି ଓ ତାଙ୍କ ସାଙ୍ଗ ବିଶ୍ୱନାଥ ବେଉରା ଗତ ଅଗଷ୍ଟ ୨୯ ତାରିଖ ରାତି ପ୍ରାୟ ୧୦ଟାରେ ଔଷଧ କିଣିବା ପାଇଁ ତ୍ରିନାଥ ବଜାର ଯାଉଥିଲେ। ସେହି ସମୟରେ ନିକଟସ୍ଥ ଓମ୍‌ଫେଡ ଛକଠାରେ ସୂର୍ଯ୍ୟକାନ୍ତ ଓ ତାଙ୍କ ସହଯୋଗୀ କାର୍‌ରେ ଆସି ରଞ୍ଜନଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ଏନେଇ ରଞ୍ଜନ ପଚାରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭୨/୨୩) ରୁଜୁ କରିଥିଲା।

# ପୂଜକଙ୍କୁ ବର୍ଷେ ଜେଲଦଣ୍ଡ

**ଭୁବନେଶ୍ୱର,୧୪ା୯ (ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟରେ ଗୁରୁବାର ଧଉଳି ଥାନା ଅଞ୍ଚଳର ଏକ ଠକେଇ ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ପୂଜକ କଳିଙ୍ଗ କୁମାର ପଣ୍ଡା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଳିଙ୍ଗଙ୍କୁ ବିଚାରପତି ସୁନୀଲ ମିଶ୍ର ଏକବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଫେବୃୟାରୀ ୩ରେ ରଞ୍ଜନ ସାହୁଙ୍କ ଏତଲା କ୍ରମେ ଧଉଳି ଥାନା ପୋଲିସ ଏକ ମାମଲା (ନଂ.୧୬/୨୦୨୩) ରୁଜୁ କରି କଳିଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଟିକରପଡ଼ା ଗାଁ ମନ୍ଦିର ସମେତ ରଞ୍ଜନଙ୍କ ଘରେ ଥିବା ଠାକୁରଙ୍କୁ କଳିଙ୍ଗ ପୂଜାର୍ଚ୍ଚନା କରିଆସୁଥିଲେ। ଏହି କାରଣରୁ ରଞ୍ଜନ ଏବଂ କଳିଙ୍ଗଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଗଢ଼ିଉଠିଥିଲା। କଳିଙ୍ଗ ତାଙ୍କ ଗାଁ ପାଖରେ ଥିବା ଏକ ପ୍ଲଟ କିଣିବା ପାଇଁ ବାରମ୍ବାର ରଞ୍ଜନଙ୍କୁ ଚାପ ପକାଇଥିଲେ। ପରେ ପ୍ଲଟ ବାବଦକୁ ରଞ୍ଜନଙ୍କଠାରୁ କଳିଙ୍ଗ ମୋଟ ୧୫ ଲକ୍ଷ ଟଙ୍କା ନେଇଥିଲେ। ହେଲେ ପ୍ଲଟ୍ ନ ଦେବାରୁ ରଞ୍ଜନ ତାଙ୍କ ଟଙ୍କା ଫେରାଇଦେବାକୁ କହିଥିଲେ। ଏନେଇ କଳିଙ୍ଗ ଏକ ଚେକ୍ ଦେଇଥିଲେ। ଏହି ଚେକ୍‌କୁ ରଞ୍ଜନ ବ୍ୟାଙ୍କରେ ଦେବା ପରେ ଉକ୍ତ ଏକାଉଣ୍ଟରେ ଟଙ୍କା ନ ଥିବା ଜଣାପଡ଼ିଥିଲା। ଏନେଇ ରଞ୍ଜନ କହିବାରୁ ତାଙ୍କୁ କଳିଙ୍ଗ ଗାଳିଗୁଲଜ କରିଥିଲେ। ଶେଷରେ ରଞ୍ଜନ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଏହି ମାମଲାକୁ ମିଶାଇ ଚଳିତ ବର୍ଷ ଏପର୍ଯ୍ୟନ୍ତ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ୪୫ଟି ମାମଲାର ରାୟ ପ୍ରକାଶ ପାଇଛି।

**ଠକେଇ ମାମଲାର ରାୟ**


କଳିଙ୍ଗ କୁମାର ପଣ୍ଡା

# ବର୍ଷାପାଣି ଘେରରେ ବିଦ୍ୟାଳୟ




**ବାରଙ୍ଗ,୧୪ା୯ (ଲିଙ୍ଗରାଜ ରାଉତ)**

ବାରଙ୍ଗ ବ୍ଲକ ଅଧୀନ କୁହେଇଁପଡ଼ା ପଞ୍ଚାୟତ ପାଟପୁର ଗ୍ରାମ ହରିଜନ ସାହିରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଚାରିପଟେ ବର୍ଷାପାଣି ଜମି ରହିଛି। ଫଳରେ ପିଲାମାନେ ଅସୁରକ୍ଷିତ ପରିବେଶରେ ପାଠ ପଢିବାକୁ ଯାଉଛନ୍ତି। ବର୍ଷା ଦିନ ଆସିଲେ ବିଦ୍ୟାଳୟର ସ୍ଥିତି ଏହିପରି ଉପୁଜୁଥିବାବେଳେ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ।

ପ୍ରକାଶ ଯେ, ଏବେ ସାରା ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ବିଦ୍ୟାଳୟର ଏକ ପାର୍ଶ୍ୱରେ ପୋଖରୀ ଓ ଅନ୍ୟପଟେ ଚାଷ ଜମି ରହିଥିବାବେଳେ ବର୍ଷା ଜଳ ସଠିକ ଭାବେ ନିଷ୍କାସନ ନ ହୋଇ ସ୍କୁଲ ଚାରିପଟେ ଜମି ରହୁଛି। ଫଳରେ ବର୍ଷା ଜଳ ଜମି ଦୁର୍ଗନ୍ଧମୟ ହେଉଛି ଏବଂ ପିଲାମାନେ ସେହି ପାଣିରେ ପଶି ବିଦ୍ୟାଳୟକୁ ଯାଉଛନ୍ତି। ପ୍ରତ୍ୟେକ ବର୍ଷ ବର୍ଷା ଦିନରେ ଏହିଭଳି ସ୍ଥିତି ଉପୁଜୁଥିବାବେଳେ ଏହାର ସ୍ଥାୟୀ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୫ଦିନ ଧରି ପାଳନ ହେବ ସ୍ୱଚ୍ଛତା ପକ୍ଷ

**ଇଣ୍ଡିଆନ୍ ସ୍ୱଚ୍ଛତା ଲିଗ୍ ୨.୦**

**ଭୁବନେଶ୍ୱର, ୧୪ା୯ (ବନ୍ଦନା ସେଠୀ):** ଇଣ୍ଡିଆନ ସ୍ୱଚ୍ଛତା ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଛି। ଏଥିରେ ସମଗ୍ର ଦେଶର ପ୍ରମୁଖ ସହରଗୁଡ଼ିକ ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ଭାଗ ନେଇଛି। ଏନେଇ ନାଗରିକଙ୍କ ପଞ୍ଜୀକରଣ ଆରମ୍ଭ ହୋଇ ସାରିଥିବାବେଳେ ଅଧିକରୁ ଅଧିକ ନାଗରିକ କିପରି ଏଥିରେ ଯୋଡ଼ିହେବେ ସେ ନେଇ ବିଏମ୍‌ସି ଯୋଜନା କରିଛି। ପରିମଳ ବିଭାଗରେ କାର୍ଯ୍ୟରତ ସ୍ୱଚ୍ଛସାଥୀ, ସ୍ୱଚ୍ଛତାକର୍ମୀଙ୍କୁ ସହରରେ ସଚେତନତା ବଢାଇବା ଲାଗି ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ଭୁବନେଶ୍ୱରବାସୀଙ୍କ ମଧ୍ୟରେ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ବିଏମସି ସ୍ୱଚ୍ଛତାଜନିତ ସଚେତନତାକୁ ବ୍ୟାପକ କରିବ। ବିଭିନ୍ନ ଶିକ୍ଷା ତଥା ବ୍ୟବସାୟିକ ଅନୁଷ୍ଠାନ ଗସ୍ତ କରି ବିଏମସି ସୁଗମ ବର୍ଜ୍ୟ ପରିଚାଳନା ନେଇ ସଚେତନ କରାଇବ। ସ୍ଥାନେସ୍ଥାନେ ପଥପ୍ରାନ୍ତ ନାଟକ କରି ଜନସଚେତନତା ବଢାଇବା ସହ ବର୍ଜ୍ୟ ପୃଥକକରଣ କରି ଓଦା ଶୁଖିଲା ଅଲଗା ଅଲଗା ସଫେଇ ଗାଡ଼ିରେ ଦେବାଲାଗି ନାଗରିକଙ୍କୁ ଅପିଲ କରିବ ବୋଲି ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ୧୭ତାରିଖରେ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖଣ୍ଡଗିରି ଓ ଶିଖରଚଣ୍ଡୀ ଠାରେ ସଫେଇ କାର୍ଯ୍ୟକ୍ରମ ସହିତ ପିଏମ୍‌ଜିଠାରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ସଚେତନତା ରାଲି କରାଯିବ। ସେହିପରି ଆଇଜି ପାର୍କ ଠାରେ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରଦର୍ଶନୀ କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସ୍ୱଚ୍ଛ ଭାରତ ମିଶନ (ଅର୍ବାନ) ଅଧୀନରେ ବର୍ଜ୍ୟମୁକ୍ତ ସହର ନିର୍ମାଣ ଦିଗରେ ଯୁବକଙ୍କ ନେତୃତ୍ୱରେ 'ଇଣ୍ଡିଆନ ସ୍ୱଚ୍ଛତା ଲିଗ' ହେଉଛି ଭାରତର ପ୍ରଥମ ଆନ୍ତଃ ସହର ପ୍ରତିଯୋଗିତା। ୨୦୨୨ରେ, ୫ଲକ୍ଷରୁ ଅଧିକ ଯୁବକ ଛାତ୍ର, ନାଗରିକ ସ୍ୱେଚ୍ଛାସେବୀ, ଯୁବ ନେତା, ଏବଂ ସେଲିବ୍ରିଟି ଆଇକନ ଆଇଏସ୍‌ଏଲ୍‌ର ପ୍ରଥମ ସଂସ୍କରଣରେ ଯୋଗଦେଇ ସହରକୁ ସଫା ଏବଂ ଅଳିଆ ମୁକ୍ତ କରିବାରେ ସହଯୋଗ କରିଥିଲେ।

# ସଫଳ ବ୍ୟବସାୟ ପାଇଁ 'ଆକାଉଣ୍ଟିଂ' ଜରୁରୀ




**ଆଇସିଏସି, ମୋ କଲେଜ ପକ୍ଷରୁ ସି.ଏ କ୍ୟାରିୟର କାଉନ୍‌ସେଲିଂ**

**ଭୁବନେଶ୍ୱର,୧୪ା୯ (ଅନୁରାଧା ମହାରଣା):** ପ୍ରଭାବଶାଳୀ ଯୋଗାଯୋଗ ପାଇଁ ଭାଷା ଯେପରି ଜରୁରୀ, ସଫଳ ବ୍ୟବସାୟ ପାଇଁ ଆକାଉଣ୍ଟିଂ ମଧ୍ୟ ସେଭଳି ଜରୁରୀ। ଅର୍ଥନୈତିକ ହିସାବନିକାଶ, ବ୍ୟବସାୟିକ ଲାଭ କ୍ଷତି, ଟ୍ୟାକ୍ସ ସମ୍ପର୍କିତ ସୂଚନା, ଅଟୋମେଶନ ଆଦି ଭଳି ବିଷୟ ନିମନ୍ତେ ଜଣେ ଅଭିଜ୍ଞ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସି.ଏ)ଙ୍କୁ ଖୋଜା ପଡ଼େ। ତେବେ ଏ କ୍ଷେତ୍ରରେ କ୍ୟାରିୟର କରିବାକୁ ଆଶାବାଦୀ ବିଦ୍ୟାର୍ଥୀଙ୍କୁ ନିରନ୍ତର ଉଦ୍ୟମ କରିବା ସହ ତତ୍‌ସମ୍ପର୍କିତ ପାଠ୍ୟକ୍ରମ ଓ ପରାମର୍ଶକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଗୁରୁବାର 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ' (ଆଇସିଏସି) ଏବଂ 'ମୋ କଲେଜ ଅଭିଯାନ' ପକ୍ଷରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମତ ରଖିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ମୋ କଲେଜ ଅଭିଯାନ'ର ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। କଠିନ ପରିଶ୍ରମ ଓ ପ୍ରତିବଦ୍ଧତାକୁ ଅସ୍ତ୍ର କରି ଲକ୍ଷ୍ୟ ହାସଲ କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ପୃଥ୍ୱୀ ରଞ୍ଜନ ପାଢ଼ୀ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କ୍ୟାରିୟର ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ପକ୍ଷରୁ 'ମୋ କଲେଜ' ସଂଯୋଜକ ଡ. ସମ୍ପ୍ରିତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ଜି.ଏମ୍. ଖାନ୍, ଉପାଧ୍ୟକ୍ଷା ଡ. ମଧୁବ୍ରତା ଶତପଥୀ, ଆଇସିଏସି ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଇଆଇସିଏସଏର ଉପାଧ୍ୟକ୍ଷ ଗଗନ ବିହାରୀ ଦାସ, ପରିଚାଳନା କମିଟି ସଦସ୍ୟ ଜାହ୍ନବୀ ଦେଓ, 'ମୋ କଲେଜ' ସହସଂଯୋଜକ ଡ. ପୁଷ୍ପାଞ୍ଜଳି ସାହୁ ଏବଂ ଡ. ସ୍ମୃତିରଞ୍ଜନ ସାହୁ, କ୍ୟାରିୟର କାଉନ୍‌ସେଲିଂ ସେଲର ସହସଂଯୋଜକ କଲ୍ୟାଣୀ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଶେଷଜ୍ଞ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ୟାରିୟର କାଉନ୍‌ସେଲିଂ ସେଲ୍ ସଂଯୋଜକ ଡ. ଲିପ୍ସା ମିଶ୍ର ଧନ୍ୟବାଦ ଦେଇଥିଲେ।

# 'ବୈକୁଣ୍ଠନାଥଙ୍କ କବିତାରେ ମାନବିକତାର ସ୍ପର୍ଶ ରହିଛି'

**ଭୁବନେଶ୍ୱର,୧୪ା୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବଡ଼ମ୍ବା ପୂଜ୍ୟପୂଜା ସଂସଦ ସହଯୋଗରେ ଗୁରୁବାର ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ବୈକୁଣ୍ଠନାଥଙ୍କ କବିତାରେ ମାନବିକତାର ଯେଉଁ ସ୍ପର୍ଶ ରହିଛି, ତା'ର ପଟାନ୍ତର ନାହିଁ। ସେ ଥିଲେ ସ୍ୱାଧୀନଚେତା କବି। ବରେଣ୍ୟ ଅତିଥି ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର କହିଥିଲେ, ବୈକୁଣ୍ଠନାଥ ସାମ୍ୟବାଦୀ ଚେତନାର ଜଣେ ଅଗ୍ରଣୀ ଉଦ୍‌ଗାତା ଥିଲେ। ସେ ତାଙ୍କ କବିତାର କେତେକ ପଂକ୍ତି ଉଦ୍ଧାର କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ଯୋଗଦେଇ ରାଉତରାଏ କହିଥିଲେ, ନିରାଶା ମଧ୍ୟରେ ଆଶାର ଉଜ୍ଜୀବନ ଥିଲା ବୈକୁଣ୍ଠନାଥଙ୍କ କବିତାର ନିଷ୍କର୍ଷ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ କହିଥିଲେ, ବୈକୁଣ୍ଠନାଥଙ୍କ କବିତାରେ ସାମାଜିକ ଓ ମାନବ ଜୀବନର ବହୁସ୍ତରୀୟ ଅନୁଭୂତି ରୂପ ପାଇଛି।



କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏବଂ ଅନ୍ୟ ଅତିଥିମାନେ। (ଫଟୋ - ମୌସମ)

**ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

ବୈକୁଣ୍ଠନାଥ ସଂଶ୍ଳିଷ୍ଟ ଥିବା 'ସବୁଜ ସାହିତ୍ୟ' ସମ୍ପର୍କରେ ଏକ ଆଲୋଚନାଚକ୍ରର ଆୟୋଜନ କରିବାକୁ ମନ୍ତ୍ରୀ ପାତ୍ର ଯେଉଁ ପ୍ରସ୍ତାବ ଦେଇଥିଲେ ଏକାଡେମୀ ତରଫରୁ ସର୍ବଭାରତୀୟସ୍ତରରେ ତା'ର ଆୟୋଜନ କରାଯାଇ ବୈକୁଣ୍ଠ କୃତିର ତୁଳନାତ୍ମକ ଆଲୋଚନା କରାଯିବ ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପୂଜ୍ୟପୂଜା ସଂସଦ, ବଡ଼ମ୍ବା ପକ୍ଷରୁ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏକାଡେମୀର ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରାରମ୍ଭରେ ଉତ୍ସବ ସମ୍ପର୍କରେ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା ଓ ତାଙ୍କର ସାଥୀ ବୈକୁଣ୍ଠ ନାଥଙ୍କ ରଚିତ ସଙ୍ଗୀତ ପରିବେଷଣ କରିଥିଲେ।

**ଗଣେଶ ପୂଜା: ଭସାଣିରେ ଡିଜେ ସାଉଣ୍ଡକୁ ବାରଣ**

ତିଗିରିଆ,(ଜାଫର ଖାଁ ):ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ନୂଆପାଟଣା ଓ ବିନ୍ଧାଣିମା ଗ୍ରାମରେ ଗଣେଶ ପୂଜା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପର୍ଣ୍ଣ ହେବ ଏ ନେଇ ଏକ ବୈଠକ ଗୁରୁବାର ତିଗିରିଆ ଥାନା ପରିସରରେ ଆଇଆଇସି ଜ୍ଞାନରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୯ ତାରିଖରୁ ଗଣେଶ ପୂଜା ହେଉଥିବାରୁ ପୂଜା ସହିତ ଭସାଣିରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ରାତି ୧୦ଟା ସୁଦ୍ଧା ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରିବାକୁ ଆଇଆଇସି କହିଛନ୍ତି। ଏଥିରେ ବିନ୍ଧାଣିମା ଓ ନୂଆପାଟଣାର ସମସ୍ତ ଗଣେଶ ପୂଜା କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବ୍ୟବସାୟୀଙ୍କ ପରଲୋକ, ବଜାର ବନ୍ଦ

ସାଲେପୁର,୧୪।୯(ଅରବିନ୍ଦ ଭୂୟାଁ)

ସାଲେପୁର କଲେଜରୋଡ୍‌ରେ ଦୀର୍ଘବର୍ଷ ଧରି ଚା' ଦୋକାନ କରିଥିବା ସତ୍ୟାନନ୍ଦ ପରିଡ଼ା (ବୈରାଗୀ)ଙ୍କର ୬୫ବର୍ଷ ବୟସରେ ବୁଧବାର ରାତିରେ ନିଜ ଘରେ ଶୋଇଥିବାବେଳେ ହୃଦ୍‌ଘାତ ଯୋଗୁ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। କଲେଜରୋଡ୍‌ରେ ଚା' ଦୋକାନ କରି ବୈରାଗୀ ଲୋକମାନଙ୍କର ପ୍ରିୟ ପାତ୍ର ହୋଇଥିଲେ। ବିଜେଡି ନେତା ତଥା ଲୋକସେବା ଫାଉଣ୍ଡେଶନର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସାଲେପୁର କଲେଜରୋଡ୍ ବ୍ୟବସାୟୀ ସଂଘ ପକ୍ଷରୁ ଗୁରୁବାର ବଜାର ବନ୍ଦ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ସଂସ୍କାର ସମୟରେ ବଡ଼ ପୁଅ ସୁଦୀପ୍ତ ମୁଖାଗ୍ନି ଦେଇଥିଲେ।

### ଶିକ୍ଷକଙ୍କ ଅକାଳ ବିୟୋଗରେ ସ୍ମୃତିଚାରଣ ସଭା

ନିଶ୍ଚିନ୍ତକୋଇଲି,୧୪।୯
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କେନ୍ଦିଲୋସ୍ଥିତ ବାବା ତାରକ ଚନ୍ଦ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ଅକାଳ ବିୟୋଗ ହୋଇଛି। ସେ ସାମୁହିକ ଛୁଟିରେ ଥାଇ ନିଜ ହକ୍ ପାଇଁ ଲଢେଇ କରି ଆସୁଥିଲେ। ବୁଧବାର ରାତିରେ ହଠାତ ତାଙ୍କର ମୃତ୍ୟୁ ଘଟିଛି। ତେବେ ତାଙ୍କ ବିୟୋଗରେ ନିଜ ବିଦ୍ୟାଳୟ ତଥା ଶିକ୍ଷକଙ୍କ ଧାରଣାସ୍ଥଳରେ ଶୋକସଭା କରାଯାଇଥିଲା। ସୂଚନା ଅନୁଯାୟୀ, ବାବା ତାରକଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ସୁକାନ୍ତ କୁମାର ବେହେରା (୫୮) ରାତିବିଳମ୍ବିତ ପ୍ରହରରେ ତାଙ୍କ ବାଲିଆପଦା ବାସଭବନରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ନେତା ନାରାୟଣ ଚାନ୍ଦ, ଜ୍ଞାନରଞ୍ଜନ ରାଉତରାୟଙ୍କ ସମେତ ଧାରଣରେ ଉପସ୍ଥିତ ସମସ୍ତ ଶିକ୍ଷକ ଶୋକବ୍ୟକ୍ତ କରିଥିଲେ।

### ହାଇସ୍କୁଲରେ ଜାତୀୟ ହିନ୍ଦୀ ଦିବସ

ତିଗିରିଆ,୧୪।୯(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ହାଇସ୍କୁଲ ଠାରେ ଗୁରୁବାର ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଦିବସରେ ହାଇସ୍କୁଲ ର ହିନ୍ଦୀ ଶିକ୍ଷୟିତ୍ରୀ ମାନସୀ ମହାନ୍ତି ଅଧ୍ୟକ୍ଷତା କରି ହିନ୍ଦୀ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଉପସ୍ଥିତ ଥିଲେ।

### ୨ ଥାନା ଅଞ୍ଚଳରେ ଯାନବାହନ ଯାଞ୍ଚ କଡ଼ାକଡ଼ି

ଖୁଣ୍ଟୁଣୀ, ୧୪।୯(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଝାଟିଆ ଓ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ୨ ଦିନ ହେବ ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ଏସ୍‌ଆଇ ପାନାମଣି ସୋରେନ୍, ଏଏସ୍‌ଆଇ ଅମ୍ବିକା ଦାସଙ୍କ ସହ କର୍ମଚାରୀମାନେ ଘଣ୍ଟିଖାଲ ଓ ଖୁଣ୍ଟୁଣୀ ଗୋଲେଇ ଛକଠାରେ ରାତି ୮ଟା ପର୍ଯ୍ୟନ୍ତ ଗାଡି ଯାଞ୍ଚ କରିଥିଲେ। ସିଟ୍ ବେଲ୍ଟ ଓ ହେଲ୍‌ମେଟ୍ ପିନ୍ଧି ନ ଥିବା, ଡ୍ରାଇଭିଂ ଲାଇସେନ୍ସ ନ ଥିବା ଓ ବାଇକରେ ତିନିଜଣ ବସିଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କଠାରୁ ପ୍ରୋସିକ୍ୟୁଶନ ରିପୋର୍ଟ (ପିଆର୍) କଟାଯାଇ ଛଡା ଯାଇଥିଲା। ଅନ୍ୟ ଚାଳକଙ୍କୁ ସତର୍କ ଓ ସଚେତନ କରାଯାଇଥିବା ଆଇଆଇସି ଖୁଣ୍ଟିଆ କହିଛନ୍ତି। ସେହିପରି ଗୁରୁଡିଝାଟିଆ ଥାନା ଅଧୀନ ଡାକ୍ତରଖାନା ଛକଠାରେ ଏସ୍‌ଆଇ ସଞ୍ଜୁକ୍ତା ଖିଲାର, ଏସ୍‌ଆଇ କାମାକ୍ଷା ପ୍ରସାଦ ନାୟକ ଓ ଏସ୍‌ଆଇ ସୁଧାକର ଭୋଇ ପ୍ରମୁଖ ରାତି ୮ଟା ପର୍ଯ୍ୟନ୍ତ ଯାନବାହାନ ଯାଞ୍ଚ କରିଥିଲେ। ୨ ଦିନରେ ୨୧ ପିଆର କଟାଯାଇଥିବା ଏସ୍‌ଆଇ ଭୋଇ କହିଛନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳ ରାସ୍ତାରେ ଯାନାବାହାନ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ସରକାରଙ୍କ ଯୋଜନା ପ୍ରଚାର କରିବେ କଳାକାର

ନିଶ୍ଚିନ୍ତକୋଇଲି/ଆଠଗଡ଼,୧୪।୯
(ଅଶୋକ କୁମାର ମହାପାତ୍ର/ ସତ୍ୟପ୍ରକାଶ ରଥ)


ନିଶ୍ଚିନ୍ତକୋଇଲିରେ ଅନୁଷ୍ଠିତ କଳା ସଂସ୍କୃତି ସଂଘର ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ଗହଣରେ କଳାକାରମାନେ।

### ବ୍ଲକ କଳା ସଂସ୍କୃତି ସଂଘର ପ୍ରଶିକ୍ଷଣ ଶିବିର

ଲୋକକଳାର ପ୍ରସାର ନିମନ୍ତେ ସୂଚନା ଲୋକ ସମ୍ପର୍କ ବିଭାଗ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ କଟକ ଜିଲା ନିଶ୍ଚିନ୍ତକୋଇଲି, ଆଠଗଡ଼ ବ୍ଲକରେକଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ତାଲିମପ୍ରାପ୍ତ ସମସ୍ତ କଳାକାର ସରକାରଙ୍କ ଯୋଜନାଗୁଡ଼ିକକୁ ପଞ୍ଚାୟତ ସ୍ତରରେ କଳା ପରିବେଷଣ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଇବେ।

ଓଡ଼ିଶାର ପାରମ୍ପାରିକ ଲୋକକଳାର ସଂରକ୍ଷଣ, ବିକାଶର ପ୍ରଚାର ପ୍ରସାର କରି କଳାକାରମାନେ କିଭଳି ଜୀବନ ବଞ୍ଚାଇବେ, ସରକାରଙ୍କ ସୂଚନା, ଶିକ୍ଷା ଓ ଯୋଗାଯୋଗର ଏକ ଅଂଶ ଭାବେ ସାଂସ୍କୃତିକ ଦଳ ରହିବେ। ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାରେ ଲୋକଙ୍କ ସମ୍ପୃକ୍ତିକୁ ଅଧିକ ଦୃଢୀଭୂତ କରିବା ନେଇ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକେଶଇଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ପାତ୍ର ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏବିଡିଓ ଅଶୋକ କୁମାର ମହାନ୍ତି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ସତ୍ୟଭାମା ବିଷୋଇ, ଡା. ମନୋରଞ୍ଜନ ମହାପାତ୍ର, ସହକାରୀ କୃଷି ଅଧିକାରୀ ସିର୍ଦ୍ଧାର୍ଥ ଶେଖର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦୈନିକ ୪୦ରୁ ଉର୍ଦ୍ଧ୍ୱ ପଞ୍ଜୀକୃତ କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା, କୃଷିରଣ ଓ ସହାୟତା ଯୋଜନା, ମଧୁ ପେନସନ, ୫-ଟି ବିଦ୍ୟାଳୟ ରୂପାନ୍ତରିକରଣ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମିଶନଶକ୍ତି କାର୍ଯ୍ୟକ୍ରମ ଆଧାରିତ ବିଷୟ ବସ୍ତୁକୁ ନେଇ ଗାଁ ଗାଁରେ କଳାକରମାନେ ଲୋକଙ୍କୁ ସଚେତନ କରାଇବା ଉପରେ ଆଲୋଚନା ହୋଇଥିଲା। ଦାସକାଠିଆ, ପାଲା, ଘୋଡାନାଚ, ସଂକୀର୍ତ୍ତନ ମଣ୍ଡଳୀ, କେନ୍ଦରା ପରି ପାରମ୍ପରିକ ନୃତ୍ୟ ଗୀତ ମାଧ୍ୟମରେ ଜନ ସଚେତନତା ମାଧ୍ୟମ ହେବ ବୋଲି କଳାକାରମାନେ ସଂକଳ୍ପ ନେଇଥିଲେ।

ସେହିପରି ଆଠଗଡ଼ ବ୍ଲକରେ ୨ଦିନ ପ୍ରଶିକ୍ଷଣ ଶିବିରରେ ୬୯୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନରେ ବ୍ଲକ କଳା ସଂସ୍କୃତି ସଂଘର ସଭାପତି ତଥା ବିଡିଓ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉପସଭାପତି ପ୍ରଫୁଲ୍ଲ କୁମାର ଗଣ୍ଡିଆ, ପାଲାଗାୟକ ସନ୍ତୋଷ କୁମାର ପଟ୍ଟନାୟକ, ସଂକୀର୍ତ୍ତନ ଗାୟକ ଅଜୟ କୁମାର ଦାସ, ପାଲା ଗାୟକ ଅଗାଧୁ ଚରଣ ବେଉରା, ଦିବ୍ୟସିଂହ ରାଉତ, ଜଗନାଥ ମହିଳା ମହାମଣ୍ଡଳର ସଂଯୋଜକ, ସମ୍ପାଦକ ତଥା ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ଚପଳା ସାହୁ ଉପସ୍ଥିତ ଥିଲେ। ଏଥିରେ ବ୍ଲକ କଳା ସଂସ୍କୃତି ସଂଘ ଦ୍ୱାରା ଆମନ୍ତ୍ରିତ ଅବସରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡଙ୍ଗୀ, କନିଷ୍ଠ ସହାୟକ ମୁକେଶ କୁମାର ସାହୁ, ପ୍ରୋଗ୍ରାମ ସହାୟକ ଦେବୀ ପ୍ରସାଦ ନନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ସେଣ୍ଟ୍ରାଲ ପାଥୋଲାବ୍ ଉଦ୍‌ଘାଟିତ

କଟକ,୧୪।୯ (କାର୍ତ୍ତିକ ସାହୁ)

ପଦ୍ମିନୀ କେୟାର ହସ୍ପିଟାଲର ନୂତନ ସେଣ୍ଟ୍ରାଲ ପାଥୋଲ୍ୟାବ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଡା. ଚିନ୍ମୟୀ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ସମସ୍ତ ପରୀକ୍ଷାନିରୀକ୍ଷା ସୁବିଧାରେ ଓ କମ୍ ସମୟ ଭିତରେ ହେବା ଦ୍ୱାରା ରୋଗୀ ଉପକୃତ ହେବେ ବୋଲି ସେ ଆଶାବ୍ୟକ୍ତ କହିଛନ୍ତି। ଲ୍ୟାବ୍ ସର୍ଭିସ୍ ନିର୍ଦ୍ଦେଶିକା ପ୍ରଫେସର ଡା. ନିରୂପମା ଚୟନୀ ଏଠାରେ ଉପଲବ୍ଧ ଅତ୍ୟାଧୁନିକ ଓ ସର୍ବୋତ୍ତମ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଡ୍ରିମ୍‌ସ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ବିନୟ ବିହାରୀ, ଡା. ମୃତ୍ୟୁଞ୍ଜୟ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀ, ସଞ୍ଜୟ ବିଶ୍ୱାଳ, ଦେବାଶିଷ ରାଉତ, ଅରୁଣ ପ୍ରସାଦ ପଣ୍ଡା, ଦୀପଙ୍କର ଆଚାର୍ଯ୍ୟ, ସାରଦା ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ‘ସୁଯୋଗର ସଦୁପଯୋଗ କରନ୍ତୁ’


କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଅନ୍ୟମାନେ।

ମଙ୍ଗୁଳି-ଜଗତପୁର,୧୪।୯(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁର ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ଗୁରୁବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେକ୍ ସାହାଜାନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ୬ଟି ପଞ୍ଚାୟତରେ କୁକୁଡ଼ା ଚାଷ ପାଇଁ ୧୭ଜଣଙ୍କୁ କାର୍ଯ୍ୟଦେଶ, ୬ଜଣ ମହିଳାଙ୍କୁ ଛେଳି ଓ କୁକୁଡ଼ା ଚାଷ ପାଇଁ ୨୦ଲକ୍ଷ ଋଣ ପ୍ରଦାନ, ସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ଋଣ ପ୍ରଦାନ, ୨୬ଜଣ ମହିଳାଙ୍କୁ ସ୍କୁଟି ଓ ୨୦୫ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ରୋଜଗାର ପାଇଁ ଏହି ସୁଯୋଗ ଦିଆଗଲା। ସେମାନେ ଏହାର ସଦୁପଯୋଗ କରି ସ୍ୱାବଲମ୍ବୀ ହେବାକୁ ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଆଶୁତୋଷ ମିଶ୍ର, ସରପଞ୍ଚ ପ୍ରମୋଦିନୀ ଖଟୁଆ, କଳ୍ପନା ଛତାର, କଲ୍ୟାଣୀ ଦାସ, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ସୁକାନ୍ତ ରାଉତ, ବିଶ୍ୱଜିତ୍ ମାଝୀ, ସ୍ନେହଲତା ପରିଡା, ଦେବେନ୍ଦ୍ର ନାଥ ପାଣ୍ଡପ ଓ ମମତା ସାମନ୍ତ ପ୍ରମୁଖ ଯୋଗଦେଇଥିଲେ।

# ହାଟରେ ୩ ଫୁଟ ପାଣି, ରାସ୍ତାକଡ଼ରେ ଚାଲିଲା ବ୍ୟବସାୟ

ସାଲେପୁର,୧୪।୯(ଅରବିନ୍ଦ ଭୂୟାଁ)


ରାସ୍ତାକଡ଼ରେ ବସି ବ୍ୟବସାୟୀମାନେ ପରିବା ବିକ୍ରି କରୁଛନ୍ତି।

ସାଲେପୁର ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଥିବା ଖାଲୁଆ ଜାଗାଗୁଡ଼ିକ ଜଳପୂର୍ଣ୍ଣ ହୋଇଯାଇଛି। ୨ଦିନ ଧରି ବର୍ଷା ହେବା ଫଳରେ ସାଲେପୁର-କୁଆଁପାଳ ରାସ୍ତାର ବିଭିନ୍ନ ସ୍ଥାନରେ ପାଣିର ସୁଅ ଚାଲିଥିଲା। ସାଲେପୁର ହାଟ ଭିତରେ ୩ ଫୁଟର ପାଣି ଜମି ରହିଥିବାରୁ ଗୁରୁବାର ହାଟ ଭିତରକୁ ବ୍ୟବସାୟୀ ଓ ଖାଉଟିମାନେ ଯାଇ ପାରି ନ ଥିଲେ। ଫଳରେ ସାଲେପୁର-କୁଆଁପାଳ ରାସ୍ତା କଡ଼ରେ ବ୍ୟବସାୟୀ ବସି ପନିପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ଏହି ବ୍ୟବସାୟୀ ରାସ୍ତା ପାର୍ଶ୍ୱରେ ବସି ପନିପରିବା ବିକ୍ରି କରିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଖାଲୁଆ ଜାଗାରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ପାଣି ଜମି ରହିଛି।

# ଭାରତକୁ ଏକତାରେ ବାନ୍ଧି ରଖିଛି ହିନ୍ଦୀ ଭାଷା

### ଗୋପପୁରରେ ରାଷ୍ଟ୍ରଭାଷା ଦିବସ, ସବୁଜ କବିଙ୍କ ଜୟନ୍ତୀ

ବଡ଼ମ୍ବା/ମାଣିଆବନ୍ଧ, ୧୪।୯
(ମାୟାଧର ମଲ୍ଲିକ/ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ରାଷ୍ଟ୍ରଭାଷା ହିନ୍ଦୀ ଦିବସ ଓ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାମରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଅଶୋକ କୁମାର ଧଳ ସଂଯୋଜନାରେ ଆଲୋଚନାଚକ୍ରରେ ହିନ୍ଦୀ ଭାଷା ଦେଶ ଏକତା ସୂତ୍ରରେ ବାନ୍ଧି ରଖିଛି ବୋଲି କରିଥିଲେ। ଏଥିସହ ବଡ଼ମ୍ବା ଗଡ଼ଜାତ ରାଜ୍ୟର ସାରସ୍ୱତ ସାଧକ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜୟନ୍ତୀ ହୋଇଥିବାରୁ ତାଙ୍କର ସ୍ମୃତିଚାରଣ ପୂର୍ବକ ଫଟୋଚିତ୍ରରେ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ମିନାକ୍ଷୀ ସ୍ୱାଇଁ ହିନ୍ଦୀ ଦିବସର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଭାରତକୁ ଏକତାର ରଜ୍ଜୁରେ ବାନ୍ଧି ରଖିବାର ପ୍ରମୁଖ ଭାଷା ହେଉଛି ହିନ୍ଦୀ। ଛାତ୍ରୀଛାତ୍ରମାନେ ମଧ୍ୟ ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ଓ ପ୍ରସାରର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଧଳ ସବୁଜ କବିଙ୍କ ରଚିତ କାଳଜୟୀ ସୃଷ୍ଟି ଜୀବନ ପାତ୍ର ମୋ ଭରିଛ କେତେ ମତେ ବିଭୁ ବନ୍ଦନା ଗାନ କରି ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମନୋରମା ବେହେରା, ତୃପ୍ତିମୟୀ ପଣ୍ଡା, ପଙ୍କଜିନୀ ଭୋଇ, ଶୁଭସ୍ମିତା ସାହୁ, ଶାରଳା ମାହେଶ୍ୱରୀ ବିଶୋଇ, ଶିକ୍ଷକ ହୃଦାନନ୍ଦ ମଙ୍ଗରାଜ ଓ ରାକେଶ ଚନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାମଲା ରଫାଦଫା କରିବା ଅଭିଯୋଗରେ ୨ ଗିରଫ

### ରାଜମିସ୍ତ୍ରି ଗୁଳିମାଡ଼ ଘଟଣା

ଫୁଲନଖରା,୧୪।୯
(ସତ୍ୟରଞ୍ଜନ ଦାସମହାପାତ୍ର)

ଗୁଳିକାଣ୍ଡ ମାମଲାକୁ ରଫାଦଫା କରିବା ସହ ମୃତକଙ୍କ ସ୍ତ୍ରୀଙ୍କୁ ପ୍ରଲୋଭନ ଦେଖାଇ ଅଟକ ରଖିବା ଅଭିଯୋଗରେ କଟକ ସଦର ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳର ଜଳନ୍ଧର ପ୍ରଧାନ ଓ ତାଙ୍କ ସ୍ତ୍ରୀ ହେମଲତା ପ୍ରଧାନ। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଶ୍ୟାମପୁର ଗ୍ରାମରେ ଘରଭଡା ନେଇ ରହୁଥିବା ରାଜମିସ୍ତ୍ରୀ ଚିନ୍ତାମଣୀ ସାହୁଙ୍କୁ ଗତ ଅଗଷ୍ଟ ୮ ତାରିଖରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଜଗନ ପ୍ରଧାନ, ତାଙ୍କ ବଡ଼ ଭାଇ ରାକେଶ ପ୍ରଧାନ ଓ ସହଯୋଗୀ ସଂଗ୍ରାମ ଭୋଇଙ୍କୁ ଅଗଷ୍ଟ ୧୬ରେ ପୋଲିସ ବେଙ୍ଗାଲୁରୁରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଜଗନଙ୍କ ବାପା ଜଳନ୍ଧର, ମାଆ ହେମଲତା ଓ ଭାଉଜ ସୋନି ପ୍ରଧାନ ପ୍ରମୁଖ ଚିନ୍ତାମଣିଙ୍କ ସ୍ତ୍ରୀ ବେବିନା ସାହୁଙ୍କୁ ଗତ ୭ ତାରିଖରେ ପ୍ରଲୋଭିତ କରି ନିଜ ଘର ଶ୍ୟାମପୁରଠାରେ ରଖି ମାମଲାକୁ ରଫାଦଫା କରିବା ପାଇଁ ଯୋଜନା କରିଥିଲେ। ଏପରି କି ବେବିନାଙ୍କୁ ଜଗନ ସହିତ ବିବାହ କରାଇ ଦେବା ପାଇଁ ପ୍ରଲୋଭନ ଦେଖାଇଥିଲେ। ଏନେଇ ବେବିନାଙ୍କ ଶଶୁର ବାଙ୍କୀ ପଥୁରୀ ପଡା ଗ୍ରାମର ଅର୍ଜୁନ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୨୫/୨୩) ରୁଜୁ କରିଥିଲା।

# ବଦଳି ପରେ ବିଡିଓ ଛୁଟିରେ, ବ୍ଲକରେ ଅଚଳାବସ୍ଥା

ନିଶ୍ଚିନ୍ତକୋଇଲି,୧୪।୯
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବିଡିଓଙ୍କ ବଦଳି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସେ ୨ ଦିନ ହେଲା ଛୁଟିରେ ରହିଛନ୍ତି। ଫଳରେ ବ୍ଲକରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ନିଶ୍ଚିନ୍ତକୋଇଲି ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ତହସିଲଦାର ଭାବେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ତହସିଲକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ନିଶ୍ଚିନ୍ତକୋଇଲିକୁ ବିଡିଓ ରୂପେ ବଦଳି ହୋଇଛି। ପଣ୍ଡା ଏପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଏହି ବ୍ଲକରେ ୩୩ଟି ପଦବି ଖାଲିପଡ଼ିଛି। ଏ ସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ଏବିଡିଓଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କିନ୍ତୁ ଅନ୍ୟ ୩୨ଟି ପଦବୀ ଏପର୍ଯ୍ୟନ୍ତ ପୂରଣ କରାଯାଇ ନାହିଁ। ଫଳରେ ଦୂର ଦୂରାନ୍ତରୁ ଆସୁଥିବା ସାଧାରଣ ଲୋକ ବ୍ଲକରେ କୌଣସି ସରକାରୀ କର୍ମଚାରୀଙ୍କୁ ନ ପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ପ୍ରଶାସନ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକରେ ଖାଲିଥିବା ପଦବୀ ଗୁଡିକୁ ଶୀଘ୍ର ପୂରଣ ନିମନ୍ତେ ଦାବି ହୋଇଛି।

# କଳାକାରଙ୍କର ପ୍ରଶିକ୍ଷଣ ଶିବିର


ଶିବିରରେ ମଞ୍ଚାସୀନ ଅତିଥି।

ତିଗିରିଆ,୧୪।୯(ଜାଫର ଖାଁ)

ତିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକ କଳା ସଂସ୍କୃତି ସଂଘ ଆନୁକୂଲ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳା ପ୍ରସାର ପାଇଁ ବ୍ଲକର ଶତାଧିକ କଳାକାରଙ୍କ ୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘର ସଭାପତି ବିଡିଓ ପ୍ରଣବ କୁମାର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ ସୂଚନା ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ଶିବିରରେ ବ୍ଲକର ସମସ୍ତ ପଞ୍ଚାୟତର ବିଭିନ୍ନ ବିଭାଗର ୨୨୫ଟି ଦଳ ନାମ ପଞ୍ଜୀକରଣ କରି ପ୍ରଶିକ୍ଷଣ ନେଇଥିଲେ। ମୁଖ୍ୟଅତିଥି ଭାବେ ସନ୍ଥ ସଦାନନ୍ଦ ଦାଶ ମହାରାଜ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୧୯ଟି ପାଲା ଦଳ, ୧୪୬ ଭାଗବତ, ସଂକୀର୍ତ୍ତନ ୪୭, ଗୀତିନାଟ୍ୟ ୧, ଖଞ୍ଜଣି ବାଜା ୧, ଦଣ୍ଡ ନୃତ୍ୟ ୨, ଓଡ଼ିଶୀ ନୃତ୍ୟ ୬, ରାମଲୀଳା ୩ ଦଳର ସଦସ୍ୟ ଭାଗ ନେଇଥିଲେ। ଶିବିରରେ ଉପସ୍ଥିତ ସମସ୍ତ ସାଂସ୍କୃତିକ ଅନୁଷ୍ଠାନକୁ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ ନୃତ୍ୟ, ଗୀତ ଆଦି ମାଧ୍ୟମରେ କିଭଳି ଲୋକଙ୍କ ପାଖରେ ପହଞ୍ଚ ପାରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ସମସ୍ତ ଅନୁଷ୍ଠାନ ମାନଙ୍କର ଅଡିସନ ମାଧ୍ୟମରେ ଶ୍ରେଷ୍ଠ ଦଳ ମାନଙ୍କୁ ବଛାଯାଇ ଆଗାମୀ ଦିନରେ ସେମାନଙ୍କୁ ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ବିଡିଓ ବେହେରା ସୂଚନା ଦେଇଛନ୍ତି। ଏହି ଶିବିରରେ ଅତିଥି ଭାବେ ଉପାଧ୍ୟକ୍ଷ ମାନସ କୁମାର ସାହୁ, ଦୁଇ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ଏବିଡିଓ ଯାଜ୍ଞସେନୀ ଗୋଛାୟତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ, ବ୍ଲକ କଳା ଓ ସଂସ୍କୃତି ସଙ୍ଘ ଉପ ସଭାପତି ହେମଲତା ,ସମ୍ପାଦକ ବିଏସ୍‌ଏସ୍‌ଓ ଗଙ୍ଗାଧର ବେହେରାଙ୍କ ସମେତ ବ୍ଲକର ଅନ୍ୟ ପଦାଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଗଣେଶ ପୂଜା ନ ହେବା ପ୍ରତିବାଦରେ ଧାରଣା

### ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ

କଟକ,୧୪।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକସ୍ଥିତ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଗଣେଶ ପୂଜା ପାଇଁ ବାରଣ କରାଯାଇଛି। ଏ ନେଇ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଗୁରୁବାର ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ମଞ୍ଚର ଅଭିଯୋଗ ଅନୁଯାୟୀ, ୧୯୮୧ ମସିହାରୁ ଅବିରତ ଭାବେ ଗଣେଶ ପୂଜା ହୋଇ ଆସୁଥିଲାବେଳେ କରୋନା ପାଇଁ ୨୦୧୯ରୁ ବନ୍ଦ କରାଯାଇଥିଲା। କରୋନା କଟକଣା ଉଠିବା ପରେ ପିଲାମାନେ ଅଧ୍ୟକ୍ଷାଙ୍କ ନିକଟରେ ଚଳିତବର୍ଷ ଗଣେଶ ପୂଜା କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର କଲେଜ କର୍ତ୍ତୃପକ୍ଷ ପୂଜା କରିବାକୁ ମନା କରିଥିଲେ। ଏଣୁ ହିନ୍ଦୁ ଜାଗରଣ ମଞ୍ଚର ଜିଲା ସଂଯୋଜକ ଗୁରୁ ପ୍ରସାଦ ସାହୁ, ସହ ସଂଯୋଜକ ବାପୁଜୀ କର ଓ ଅମିତ ରାଉତରାୟଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ଗତ ୮ତାରିଖରେ ଅଧ୍ୟକ୍ଷାଙ୍କୁ ଭେଟି ମହାବିଦ୍ୟାଳୟ ପରିସରରେ ଗଣେଶ ଏବଂ ସରସ୍ୱତୀ ପୂଜା ପାଇ ଅନୁମତି ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଫଳରେ ଗୁରୁବାର ମଞ୍ଚର କାର୍ଯ୍ୟକର୍ତ୍ତା ଅଧ୍ୟକ୍ଷାଙ୍କୁ ଭେଟିବାକୁ ଯିବାବେଳେ ମୁଖ୍ୟ ଫାଟକ ତାଲା ପକାଇ ଦିଆଯାଇଥିଲା। ସଂଯୋଜକ ରାକେଶ ଧୂପର ନେତୃତ୍ୱରେ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ପ୍ରାୟ ୫ ଘଣ୍ଟା ଧରି ବର୍ଷାରେ ଓଦା ହୋଇ ଫାଟକ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ସ୍ଥାନୀୟ ଥାନା ଅଧିକାରୀ ଆସି ଅଧ୍ୟକ୍ଷାଙ୍କୁ ଦାବି ବିଷୟରେ ଅବଗତ କରିଥିଲେ। ମାତ୍ର କଲେଜ ପରିସରରେ ପୂଜା ନ ହେବାକୁ ନିଷ୍ପତି ହୋଇଥିବା କର୍ତ୍ତୃପକ୍ଷ ଜଣାଇଥିଲେ। ଏହା ପ୍ରତିବାଦରେ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଆଶୁତୋଷ ଦାସ, ବାପୁଜୀ କର, ଜଗମୋହନ ଜେନା, ଚନ୍ଦନ ମହାରଣା, ଅଭିନ୍ନ ମହାନ୍ତି, ରିତେଶ କୁମାର, ଅଭୟ ସାହା, ବିଶ୍ୱଜିତ୍ ସେଠି, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଧାରଣାରେ ଯୋଗଦେଇଥିଲେ।

# ମିଶନଶକ୍ତି ସ୍କୁଟର ଯୋଜନାରେ ୧୦୩ ଜଣଙ୍କୁ ଅର୍ଥ ପ୍ରଦାନ


ସ୍କୁଟର କିଣିବା ଲାଗି ମିଶନ ଶକ୍ତି ମହିଳାଙ୍କୁ ଟଙ୍କା ପ୍ରଦାନ କରାଯାଉଛି।

ବାଙ୍କୀ,୧୪।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ସ୍କୁଟର ଯୋଜନାରେ ଚର୍ଚ୍ଚିକା ଶାଖାର ଡମପଡ଼ା ବ୍ଲକ ମହିଳା ମିଶନଶକ୍ତି କାର୍ଯ୍ୟକାରୀ କମିଟିର ୧୦୩ ଜଣ ସଭ୍ୟାଙ୍କୁ ମନୋନୀତ କରାଯାଇଛି। ସେମାନଙ୍କୁ ସ୍କୁଟର କିଣିବା ନିମନ୍ତେ ଗୁରୁବାର ଅର୍ଥ ପ୍ରଦାନ କରାଯାଇଛି। ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜେନା ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ମହିଳାମାନଙ୍କୁ ଆଗକୁ ନେବା ପାଇଁ ଏହି ଯୋଜନା ସହାୟକ ହେବ ବୋଲି କହିଥିଲେ। ବାଙ୍କୀ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ଜିଲାପରିଷଦ ସଭ୍ୟା ମିନତି ମହାପାତ୍ର ଓ ଆଶିଷ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରବ ବୋଲି ଅତିଥିମାନେ କହିଥିଲେ। ଡମପଡା ବ୍ଲକ ପ୍ରକଳ୍ପ ସଂଯୋଜକ ହରିପ୍ରିୟା ସାହୁ ବିଶେଷ ଅତିଥି ଭାବେ ଯୋଗଦେଇ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଓ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ବିବରଣୀ ପାଠ କରିବା ସହ ହିତାଧିକାରୀମାନଙ୍କୁ ସ୍କୁଟର କିଣିବା ପାଇଁ ୧ଲକ୍ଷ ଟଙ୍କା ବିନା ସୁଧରେ ପ୍ରଦାନ କରାଯାଉଛି ବୋଲି କହିଥିଲେ। ପରିଚାଳନା କମିଟି ନିର୍ଦ୍ଦେଶକ ଅଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଚର୍ଚ୍ଚିକା ବ୍ରାଞ୍ଚ ମ୍ୟାନେଜର ଚିତ୍ତରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ବାଙ୍କୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ, କାଉନସିଲର ସଞ୍ଜୟ ପୃଷ୍ଟି, ସମବାୟବିତ ସମରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରକ୍ ପଛକୁ ଧକ୍କାଦେଲା ଆମ୍ବୁଲାନ୍ସ ଡ୍ରାଇଭର, ସହାୟକ ଗୁରୁତର




ବୋଲଗଡ଼,୧୪।୯(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ଚୁଡ଼ା ଗେଡିମୁଣ୍ଡିଆ ଛକ ନିକଟରେ ଗୁରୁବାର ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଗ୍ୟାସ ବୋଝେଇ ଟ୍ରକ୍ ପଛକୁ ୧୦୮ ଆମ୍ବୁଲାନ୍ସ ଧକ୍କା ଦେବାରୁ ଏହାର ଡ୍ରାଇଭର ଓ ସହାୟକ ଗୁରୁତର ଆହତ ହୋଇଛନ୍ତି। ଡ୍ରାଇଭର ସନ୍ଦୀପ ତାରେଣିଆ(୩୦) ଓ ସହାୟକ ରାଜେଶ ପୃଷ୍ଟି(୨୫)ଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନୟାଗଡ଼ ଜିଲା ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସ (ଓଡି୦୨ଏଡବ୍ଲ୍ୟୁ ୧୭୨୬) ଭୁବନେଶ୍ୱରର ଏକ ହସ୍ପିଟାଲରେ ବିଳମ୍ବିତ ରାତିରେ ରୋଗୀ ଛାଡ଼ି ଫେରୁଥିବା ବେଳେ ଜାତୀୟ ରାଜପଥର ଚୁଡା ଗେଡିମୁଣ୍ଡିଆ ଛକ ନିକଟରେ ଛିଡା ହୋଇଥିବା ଏକ ଗ୍ୟାସ ବୋଝେଇ ଟ୍ରକ୍ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଡ୍ରାଇଭର ଓ ସହାୟକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଅବକାରୀ ଚଢ଼ାଉ, ୨ ଗିରଫ

ବେଗୁନିଆ (ହର ପ୍ରସନ୍ନ ପଣ୍ଡା)/ ବୋଲଗଡ଼, ୧୪।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ଥାନା ଅଞ୍ଚଳରେ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯିବା ସହ ୩୧ ଲିଟର ମଦ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ପିଚୁକୁଳି ଗ୍ରାମର ମାଧବ ନାୟକ ଓ ଅନନ୍ତ ନାୟକ। ଉଭୟ ଗାଁକୁ ଗାଁ ବୁଲି ଦେଶୀ ରନ୍ଧା ମଦ ପ୍ୟାକେଟ ବିକ୍ରି କରୁଥିଲେ। ଖବରପାଇ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଜାଗିନ ରାଓ ଏବଂ କର୍ମଚାରୀ ମିଳିତ ଚଢାଉ କରି ଉଭୟ ବିକ୍ରେତା ରାସ୍ତାରେ ଯାଉଥିବା ବେଳେ ପୃଥକ୍ ସ୍ଥାନରୁ ସେମାନଙ୍କୁ କାବୁ କରିଥିଲେ। ମାଧବଙ୍କ ନିକଟରୁ ୧୧ ଲିଟର ଏବଂ ଅନନ୍ତଙ୍କ ନିକଟରୁ ୨୦ ଲିଟର ଦେଶୀ ରନ୍ଧା ମଦ ପ୍ୟାକେଟ ଜବତ କରାଯାଇଛି। ଏନେଇ ବିଭାଗୀୟ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# କାର୍ଯ୍ୟାଦେଶ ସତ୍ତ୍ୱେ କିସ୍ତି ମିଳୁନି

- ଟାଙ୍ଗୀ ବ୍ଲକରେ ଆବାସ ବାଟବଣା
- ସହଯୋଗ କରୁନାହାନ୍ତି ଅଧିକାରୀ

ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

ଆବାସ ଯୋଜନାରେ ଘର ପାଇଁ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ହିତାଧିକାରୀ ହଇରାଣ ହେଉଛନ୍ତି। ଟାଙ୍ଗୀ ବ୍ଲକରେ ଆବାସ ଯୋଜନା ବାଟବଣା ହୋଇପଡିଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଦେଶ ସତ୍ତ୍ୱେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଦିଆଯାଉନାହିଁ। ଏନେଇ ଅଧିକାରୀମାନଙ୍କୁ ପଚାରିଲେ ସହଯୋଗ କରୁନାହାନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ହିତାଧିକାରୀ।

ଏହି ବ୍ଲକ ଛଣଗିରି ପଞ୍ଚାୟତ ଦେଉଳି ପାଟଣା ଗ୍ରାମର ଭୋଇ ପ୍ରଧାନଙ୍କ ସ୍ତ୍ରୀ ଉର୍ମିଳା ଗତ ଜୁନ ୧୯ରେ ଆବାସ ଯୋଜନାରେ ଘର କରିବା ପାଇଁ ବ୍ଲକ ପକ୍ଷରୁ କାର୍ଯ୍ୟାଦେଶ ପାଇଛନ୍ତି। ଏହାର କାର୍ଯ୍ୟାଦେଶ ନମ୍ବର ହେଉଛି ଓଡି/୨୩/୦୦୯/୯୩୦୫/୨୧-୨୨/ ରେଜିଷ୍ଟ୍ରେସନ ନଂ.ଓଆର ୧୫୩୨୭୭୧୬୭। ବର୍ତ୍ତମାନ ସୁଦ୍ଧା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତି ଆସିନାହିଁ। ଏନେଇ ସେ ପଞ୍ଚାୟତ ଅଫିସଠାରୁ ବ୍ଲକ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନୟାନ୍ତ ହେଲେଣି। କେବଳ ପ୍ରତିଶ୍ରୁତି ଦିଆଯାଉଛି, କୌଣସି ସହଯୋଗ ମିଳୁନଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଏନେଇ ଅଧିକାରୀମାନଙ୍କୁ ପଚାରିଲେ ସହଯୋଗ କରୁନାହାନ୍ତି। ଏନେଇ ଗୁରୁବାର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ (ସିଡିଓ ଆଣ୍ଡ ଇଓ) ବାଦଲ ମହାନ୍ତିଙ୍କ ନିକଟରେ ଭୋଇ ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି। ଉର୍ମିଳାଙ୍କ ନାମରେ କାର୍ଯ୍ୟାଦେଶ ସତ୍ତ୍ୱେ ବ୍ୟାଙ୍କ ଆକାଉଣ୍ଟକୁ କୌଣସି ଟଙ୍କା ଆସିନାହିଁ। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଯୋଗ କରିବାରୁ ସେ ବ୍ଲକରେ ଆବାସ ଦାୟିତ୍ୱରେ ଥିବା ଅଫିସରଙ୍କୁ ଦେଖାକରିବାକୁ କହିଥିଲେ। ତେବେ ସମ୍ପୃକ୍ତ ଅଫିସରଙ୍କୁ ଦେଖା କରିବା ସତ୍ତ୍ୱେ କୌଣସି ସହଯୋଗ କରିନଥିଲେ। ଏନେଇ ଗତ ଅଗଷ୍ଟ ୧୬ରେ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲି। ପରେ କୌଣସି ସହଯୋଗ ନ ମିଳିବାରୁ ପୁଣି ଥରେ ସେହି ମାସ ୨୩ ତାରିଖରେ ଅଭିଯୋଗ ପରେ ବିଡିଓଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପ୍ରଥମ କିସ୍ତି ମିଳିଲା ନାହିଁ। କାର୍ଯ୍ୟାଦେଶ ପାଇବାର ୩ ମାସ ବିତିବାକୁ ଆସିଲାଣି। ପ୍ରଥମ କିସ୍ତି ପ୍ରଦାନ କରାଗଲେ ଘର ନିର୍ମାଣ କରିବାରେ ସହାୟକ ହୋଇପାରିବ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀଙ୍କ ନିକଟରେ ଏଭଳି ଅଭିଯୋଗ କରିଛନ୍ତି ଭୋଇ ପ୍ରଧାନ। ଏ ସମ୍ପର୍କରେ ଜିଲା ପରିଷଦ ସିଡିଓ ଆଣ୍ଡ ଇଓ ମହାନ୍ତିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଅଭିଯୋଗ କରିବାକୁ ଆସିଥିବା ଭୋଇ ପ୍ରଧାନ।



ମିଳିଥିବା କାର୍ଯ୍ୟାଦେଶର କପି।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

## ଡାକ୍ତରଖାନା ପରିସରରେ ଉତ୍ତେଜନା

ବାଲୁଗାଁ,୧୪।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ନାଭାଲ ଫାଣ୍ଡି ନିକଟ ଏକ ଘରୋଇ ଚିକିତ୍ସାଳୟରେ ଡାକ୍ତରଖାନା କର୍ମଚାରୀଙ୍କ ଚିକିତ୍ସାରେ ଅବହେଳା ତଥା ଭୁଲ ଇଞ୍ଜେକ୍ସନ ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତା ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ପିତାଗାଡ଼ିଆ ଗ୍ରାମର ପ୍ରମିଳା ପ୍ରଧାନ(୩୮)। ଏ ସମ୍ପର୍କରେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୨୩୮/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ମଙ୍ଗଳବାର ପ୍ରମିଳା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ଭାଇ ଟୁକୁନା ଚିକିତ୍ସା ନିମନ୍ତେ ତାଙ୍କୁ ନାଭାଲ ଛକସ୍ଥିତ ଘରୋଇ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ କିଛି ବ୍ୟସ୍ତ ହେବାର ନାହିଁ ଅତିଶୀଘ୍ର ସୁସ୍ଥ ହୋଇଯିବେ କହି ଏକ ଇଞ୍ଜେକ୍ସନ ଲେଖିଥିଲେ। ତେବେ କର୍ମଚାରୀ ଆଣି ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ସୁସ୍ଥ ପରିବର୍ତ୍ତେ ପ୍ରମିଳା ଜୋରରେ ଯନ୍ତ୍ରଣା ଅନୁଭବ କରିଥିଲେ। ଖବରପାଇ ଡାକ୍ତର ପହଞ୍ଚି ଲେଖିଥିବା ଇଞ୍ଜେକ୍ସନ ବଦଳରେ ଏହି ଇଞ୍ଜେକ୍ସନ କାହିଁକି ଦେଲ କହି କର୍ମଚାରୀଙ୍କୁ ତାଗିଦା କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ପ୍ରମିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ତଥା ଡାକ୍ତର ଓ କର୍ମଚାରୀଙ୍କ ଅବହେଳା ଯୋଗୁ ଭଉଣୀର ମୃତ୍ୟୁ ଘଟିଲା ବୋଲି ଟୁକୁନା ବାଲୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏହା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଡିଇଓଙ୍କ କାର୍ଯ୍ୟାଳୟ ଘେରିଲା ପାଚିକା ସଂଘ




ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ, ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ୧୨ଦଫା ଦାବି ନେଇ ଶୁକ୍ରବାର ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଘେରାଉ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସର୍ବନିମ୍ନ ମାସିକ ଦରମା ୨୬ହଜାର ଟଙ୍କା, ଅବସର ପରେ ମାସିକ ପେନସନ ୧୦ହଜାର ଟଙ୍କା, ଅବସର ବୟସ ୬୨ ବର୍ଷକୁ ବୃଦ୍ଧି, ଛଟେଇ କରାଯାଇଥିବା ପାଚିକାଙ୍କୁ ଅଗ୍ରାଧିକାର ଭିତିରେ ନିକଟ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଉ। ୨୪ ମାସର ବକେୟା, ସହାୟିକାମାନଙ୍କୁ ଶ୍ରମିକର ମାନ୍ୟତା, ପ୍ରତିମାସର ୧୦ତାରିଖ ମଧ୍ୟରେ ଦରମା, ରୋଷଇ ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କରିବା, ଶିକ୍ଷା ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀଭାବେ ଘୋଷଣା କରାଯାଉ। ବର୍ଷକୁ ୧୦ମାସ ପରିବର୍ତ୍ତେ ୧୨ ମାସ ଦରମା ସହ ମଧ୍ୟାହ୍ନ ଭୋଜନକୁ ଘରୋଇକରଣ କରିବା ବନ୍ଦ ଦାବି କରିଛନ୍ତି। ସରକାରୀ ବାଳିକା ହାଇସ୍କୁଲଠାରୁ ଶୋଭାଯାତ୍ରାରେ ବାହାରି ପୁରୁଣା ବସଷ୍ଟାଣ୍ଡ ଦେଇ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। ଜିଲା ପାଚିକା ସଂଘ ସଭାପତି ଶୈଳେଶ ବଳିୟାରସିଂ, ରାଜ୍ୟ ଉପସଭାପତି ପୁଷ୍ପା ଦାଶ, ଅନନ୍ତ ମଙ୍ଗରାଜ, ଗିରିଶ ଚନ୍ଦ୍ର ମହାରଣା, ମିନତୀ ପାଣିଗ୍ରାହୀ, ବିଧୁଭୂଷଣ ମହାରଣା, ନିରଞ୍ଜନ ବେହେରା, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ସରକାରଙ୍କ ଶ୍ରମିକ, କୃଷକ, ପାଚିକା ମାରଣନୀତିକୁ ସମାଲୋଚନା କରିଥିଲେ। ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ହିନ୍ଦୀ ଦିବସ ପାଳିତ

ଜଟଣୀ,୧୪।୯(ରବୀନ୍ଦ୍ରନାଥ ମହାକୁଡ଼)

ପ୍ରତିବର୍ଷ ୧୪ ସେପ୍ଟେମ୍ବରରେ ହିନ୍ଦୀ ଦିବସ ପାଳନ କରାଯାଇଥାଏ। କର୍ମଚାରୀଙ୍କ ମଧ୍ୟରେ ହିନ୍ଦୀ ଭାଷା ଏବଂ ସାହିତ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ଦ୍ୱାରା ହିନ୍ଦୀ ଦିବସ ପାଳନ ସହ ଏବଂ ହିନ୍ଦୀ ପଖୱାଡାର ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ହିନ୍ଦୀ ଭାଷା ଯାହା ସମଗ୍ର ଦେଶକୁ ଏକତ୍ର କରିଥାଏ। ସରକାରୀ କାର୍ଯ୍ୟରେ ହିନ୍ଦୀକୁ ଯଥାସମ୍ଭବ ବ୍ୟବହାର କରିବା ପାଇଁ ଅଧିକାରୀ ଏବଂ କର୍ମଚାରୀଙ୍କୁ ହାତ ମିଳାଇବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରା ଜ୍ୟୋତି ମଣ୍ଡଳ ଉପସ୍ଥିତ ଥିଲେ। ଖୋର୍ଦ୍ଧାରୋଡ୍ ମଣ୍ଡଳର ରାଜଭାଷା ବିଭାଗ ଦ୍ୱାରା କର୍ମଚାରୀଙ୍କ ପାଇଁ ବିଭିନ୍ନ ଷ୍ଟେଶନରେ, ହିନ୍ଦୀ ନୋଟିସ-ଡ୍ରାଫ୍ଟ, କୁଇଜ୍, ହିନ୍ଦୀ ପ୍ରବାଦ, ରଙ୍ଗୋଲି ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଆୟୋଜିତ ହୋଇଥିଲା। ମଣ୍ଡଳର ରାଜଭାଷା ଅଧିକାରୀ ଉଷା ରାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଳ୍ପନାଙ୍କୁ 'ନେଶନ୍ ବିଲ୍ଡର' ସମ୍ମାନ



ଅତିଥିଙ୍କଠାରୁ କଳ୍ପନା ରାଉତ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଖଣ୍ଡଗିରି ରୋଟାରୀ କ୍ଲବ ପକ୍ଷରୁ ନେଶନ ବିଲ୍ଡର ଆୱାର୍ଡ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ କୁରାଡ଼ମଲ୍ଲର ସହକାରୀ ଶିକ୍ଷୟିତ୍ରୀ କଳ୍ପନା ରାଉତଙ୍କୁ 'ନେଶନ୍ ବିଲ୍ଡର-୨୦୨୩' ସମ୍ମାନରେ ସମ୍ମାନିତ କରାଯାଇଛି । କଳ୍ପନା ଜଣେ ଉଦ୍ୟମୀ, କର୍ତ୍ତବ୍ୟନିଷ୍ଠ, ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ। ପୂର୍ବରୁ ଶିକ୍ଷାଦାନରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ଏହି ପୁରସ୍କାରକୁ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ଏହି କୃତିତ୍ୱରେ ସ୍ଥାନୀୟ ସରପଞ୍ଚ ଶ୍ରୀରାମ ପ୍ରସାଦ ମହାନ୍ତି ଏବଂ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଆବାସ ପାଇଁ ସରପଞ୍ଚ ଲାଞ୍ଚ ନେଇଥିବା ଅଭିଯୋଗ

ଟାଙ୍ଗୀ,୧୪।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ପଞ୍ଚାୟତରେ ଗରିବ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବାକୁ କହି ସରପଞ୍ଚ ଗୁରୁବନ୍ଧୁ ବେହେରା ଲାଞ୍ଚ ନେଇଥିବା ଗୁରୁବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସରପଞ୍ଚ ବେହେରା ପ୍ରଧାନମନ୍ତ୍ରୀ ଆବାସ ଚୟନ ତାଲିକାରେ ନାମ ରହିଥିବା ଦର୍ଶାଇ କାର୍ଯ୍ୟାଦେଶ ଦେବା ପାଇଁ ଗତ ଜାନୁୟାରୀରେ ରମାମଣି ପାଇକରାୟଙ୍କଠାରୁ ୧୦ ହଜାର, ପ୍ରଭାତୀ ସାସ୍ମଲଙ୍କଠାରୁ ୧୦ ହଜାର, ରଞ୍ଜୁ ଦେଈଙ୍କ ଠାରୁ ୧୦ହଜାର, ନୀଳ ପାଇକରାୟଙ୍କଠାରୁ ୯ହଜାର, ମମତା ସାସ୍ମଲଙ୍କଠାରୁ ୫ହଜାର ଟଙ୍କା ନେଇଥିଲେ। ୮ମାସ ପରେ ମଧ୍ୟ ଘର ପାଇଁ କାର୍ଯ୍ୟାଦେଶ ନ ମିଳିବାରୁ ସରପଞ୍ଚଙ୍କୁ ଟଙ୍କା ଫେରସ୍ତ କରିବା ପାଇଁ ହିତାଧିକାରୀମାନେ ଅନୁରୋଧ କରିଥିଲେ। ଟଙ୍କା ଫେରାଇଦେବି ବୋଲି କହି ସରପଞ୍ଚ ଦିନ ଗଡ଼ାଇ ଚାଲିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟ କହିଛନ୍ତି, ଘଟଣାର ତଦନ୍ତ ପରେ ଉପଯୁକ୍ତ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଏନେଇ ସରପଞ୍ଚ ବେହେରା କହିଛନ୍ତି, ଆବାସ ଯୋଜନାରେ ଗୃହ ଯୋଗାଇଦେବା ପାଇଁ କାହାଠାରୁ ଟଙ୍କା ନେଇନାହିଁ।

# ଜୁନିୟର କରାଟେରେ ଖୋର୍ଦ୍ଧାକୁ ୩ ସ୍ୱର୍ଣ୍ଣ ସମେତ ୧୬ ପଦକ

ବାଲୁଗାଁ,୧୪।୯(ସଂଗ୍ରାମ ପାଇକରାୟ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୪ତମ ରାଜ୍ୟ କ୍ୟାଡେଟ୍ ଓ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୧୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଖୋର୍ଦ୍ଧା ଜିଲାରୁ ୧୨ଜଣ ପ୍ରତିଯୋଗୀ ରହିଥିଲେ। ପଦକ ବିଜେତାଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ଦୀପଶିଖା ସାମନ୍ତରାୟ ଏବଂ ଜାନକୀ ମୁଣ୍ଡା ବ୍ୟକ୍ତିଗତ ଭାବେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସଲୋନୀ ପାତ୍ର, ଅଂଶିତା ସାହୁ ଏବଂ ଦୀପ୍‌ସା ଦେବାଂଶୀ ପ୍ରଧାନ ଗ୍ରୁପ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସତ୍ୟପ୍ରକାଶ ଛାଟୋଇ, ଦେବୀ ପ୍ରସାଦ ଦାସ, ଆଶିଷ ଦାସଙ୍କୁ ରୌପ୍ୟ ଏବଂ ପ୍ରତିକ୍ ପ୍ରଧାନ, ରୋହିତ ସିଂ, ବିଶ୍ୱଜିତ୍ ନାୟକ କାଂସ୍ୟ ପଦକ ସମେତ ବିଭିନ୍ନ କୌଶଳ ପ୍ରତିଯୋଗିତାରେ ମୋଟ ୧୬ଟି ପଦକ ହାସଲ କରିଛନ୍ତି। ଜିଲା କରାଟେ ସଂଘର ସମ୍ପାଦକ ସେନସେଇ ଦୀପକ କୁମାର ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ପ୍ରଶିକ୍ଷଣ ଲାଭ କରି ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତିଯୋଗୀଙ୍କ ଏହି କୃତିତ୍ୱ ପାଇଁ ଅଭିଭାବକ ଏବଂ ରାଜ୍ୟ କରାଟେ ସଂଘର ସଭାପତି ହାନ୍‌ସି ଡ. ହରି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଗୌରୀ ମହାନ୍ତି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଡେରାଡୁନରେ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତାମାନେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି ବୋଲି କୋଚ୍ ସାମନ୍ତରାୟ ପ୍ରକାଶ କରିଛନ୍ତି।

# ସରକାରୀ ଜମିକୁ ସଂରକ୍ଷିତ ରଖାଯାଉ



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ଚତୁଃପାର୍ଶ୍ୱରେ ଥିବା ପ୍ରାୟ ୫୮ଏକର ସରକାରୀ ଜାଗାକୁ ସଂରକ୍ଷିତ ରଖିବା ପାଇଁ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜଜାରସିଂହ ମୌଜାର ପ୍ଲଟ ନଂ.୨୬୩୦, ୨୬୪୦ ଓ ୨୬୪୧ ନମ୍ବର ପ୍ଲଟରେ ଏହି ଜାଗା ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ସମେତ ୩ଟି ପଡୋଶୀ ଜିଲାର ଲୋକେ ନିର୍ଭର କରୁଛନ୍ତି। ଦିନକୁ ଦିନ ଏଠାରେ ରୋଗୀସଂଖ୍ୟା ବଢିବାରେ ଲାଗିଛି। ଭବିଷ୍ୟତରେ ଏଠାରେ ମେଡିକାଲ କଲେଜ ସ୍ଥାପନା ନେଇ ସମ୍ଭାବନା ଦୃଷ୍ଟିରୁ ଏହି ଜମିକୁ ସଂରକ୍ଷିତ ରଖିବାକୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ଏହି ମୂଲ୍ୟବାନ୍ ଜମିକୁ କୌଣସି ଅନୁଷ୍ଠାନକୁ ଦିଆଯିବା ପୂର୍ବରୁ ଜନଶୁଣାଣି କରାଯିବାର ଆବଶ୍ୟକତା ରହିଛି। ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟି ଓ ସମ୍ପାଦକ ପ୍ରକାଶ ଦାସଙ୍କ ସମେତ ଆଇନଜୀବୀ ବିଜୟ ସାମନ୍ତସିଂହାର, ବାଲାଜି ପାତ୍ର, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସାଧୁ ରଣବିଜୁଳି, ଜିତେନ୍ଦ୍ର ସାମନ୍ତରାୟ, ଶତ୍ରୁଘ୍ନ ପ୍ରଧାନ, ଗାୟତ୍ରୀ ବୋଷ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ୩୦ଫୁଟର ଲାଇଟ୍ ଗେଟ୍ ଶୋଭାପାଇବ

## ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟି

- ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା
- ୧୫ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ

ଜଟଣୀ,୧୪।୯(ରବୀନ୍ଦ୍ରନାଥ ମହାକୁଡ଼)

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମରେ ଗଣେଶପୂଜା ପାଳନ ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ସମସ୍ତେ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟିର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ପୂଜାରେ ୮ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ପୂଜା କମିଟି ଯୁଗ୍ମ ସମ୍ପାଦକ ନୀତୀଶ କୁମାର ସାହୁ କହିଛନ୍ତି। ପ୍ରତିବର୍ଷ ପରି ଏଥର ମଧ୍ୟ ୧୧ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି, ମା'ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତି ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରିବ। ୩୦ଫୁଟ ଉଚ୍ଚର ଦୁଇଟି ଡିଜିଟାଲ ଲାଇଟ ଗେଟ୍ ସହିତ ପେଣ୍ଡାଲକୁ କପଡ଼ାରେ ପ୍ରସ୍ତୁତ ତୋରଣ ଶୋଭାପାଇବ। ଜଟଣୀ ଗଣେଶ ପୂଜାରେ ୨୫ବର୍ଷ ପୂର୍ବେ ଏହି ବ୍ୟବସାୟ ଅନୁଷ୍ଠାନ ସାମିଲ ହୋଇଥିଲା। ପାଣୁ ସାହୁ, ନରେନ୍ଦ୍ର ପତିଙ୍କ ସହିତ ଅନ୍ୟ ବ୍ୟବସାୟୀ ଏହି ମଣ୍ଡପରେ ପ୍ରଥମେ ପୂଜା ଆରମ୍ଭ କରିଥିଲେ ବୋଲି ସଭାପତି ସନ୍ତୋଷ କୁମାର ଚୌଧୁରୀ କହିଛନ୍ତି। ଗତ ୧୫ବର୍ଷ ହେବ ସମ୍ପାଦକ ସତ୍ୟସୁନ୍ଦର ସ୍ୱାଇଁ ଏବଂ ସଭାପତି ଚୌଧୁରୀ, ନୀତୀଶ କୁମାର ସାହୁ, ଲକ୍ଷ୍ମୀନାରାୟଣ ବେହେରା ପ୍ରମୁଖଙ୍କ ସହିତ ବ୍ୟବସାୟ ପ୍ରତିଷ୍ଠାନର ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ସହଯୋଗରେ ପୂଜା ଆଡ଼ମ୍ବରରେ ଆୟୋଜିତ ହେଉଛି ବୋଲି ସଦସ୍ୟମାନେ କହିଛନ୍ତି। ଏହି ବ୍ୟବସାୟ ସ୍ଥଳରେ ବର୍ଷତମାମ ଜିଲା ଏବଂ ଜିଲା ବାହାରର ଲୋକଙ୍କ ଭିଡ଼ ଲାଗି ରହିଥାଏ। ସେହିଦୃଷ୍ଟିରୁ ପୂଜା ସମୟରେ ଅଧିକ ଜନଗହଳି ଏହି ମଣ୍ଡପରେ ଦେଖିବାକୁ ମିଳିଥାଏ। ମଣ୍ଡପରେ ରୀତିନୀତିରେ ୧୧ଦିନ ଧରି ଠାକୁରଙ୍କୁ ଆରାଧନା କରାଯିବା ସହିତ ପ୍ରତିଦିନ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଗ ଲାଗି ହୋଇଥାଏ। ପ୍ରତିଦିନ ସନ୍ଧ୍ୟା ଆଳତି ପରେ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଖିରି, ପୁରୀ, ଡାଲମା ଖେଚୁଡ଼ି, ଡାଲମା ଚୁଡାଘସା, ଡାଲମା ମାଲପୁଆ ଆଦି ବଣ୍ଟନ କରାଯାଇଥାଏ। ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ସହିତ ଅନୁଷ୍ଠାନର ୧୫ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବା ନେଇ ନିଷ୍ପତ୍ତି ହୋଇଛି ବୋଲି ଅନୁଷ୍ଠାନର କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ବେହେରା କହିଛନ୍ତି।



ଶୋଭା ପାଇବାକୁ ଥିବା ଏଲ୍‌ଇଡି ଲାଇଟ୍ ଗେଟ୍‌ର ନକଲ।

### ଏମାନେ ଯାହା କୁହନ୍ତି...



"ଜଟଣୀ ଗଣେଶ ପୂଜାରେ ଏହି ମଣ୍ଡପ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ପୂଜା ଏବଂ ସାଜସଜ୍ଜା ପ୍ରତିଯୋଗିତାରେ ପ୍ରତିବର୍ଷ କିଛି ନୂଆ କରିବା ଚେଷ୍ଟାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ପୂଜାକୁ ସଫଳ ଓ ଆକର୍ଷଣୀୟ କରିବା ପାଇଁ ଚେଷ୍ଟା ଜାରି ରହିଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଏବଂ ଆନନ୍ଦରେ ସମସ୍ତେ ପୂଜା ପାଳନ କରିବା ପାଇଁ ଅନୁରୋଧ କରୁଛି।

**- ସନ୍ତୋଷ କୁମାର ଚୌଧୁରୀ, ସଭାପତି, ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ**



"ସ୍ଥାନୀୟ ଲୋକଙ୍କ ସହିତ ବାହାର ଜିଲାରୁ ମଧ୍ୟ ବହୁ ଶ୍ରଦ୍ଧାଳୁ ପୂଜା ଦେଖିବାକୁ ଏଠାକୁ ଆସିଥାନ୍ତି। ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଦୁଇଟି ଡିଜିଟାଲ ଏଲ୍‌ଇଡି ଗେଟ ସହିତ କପଡାର ସୁନ୍ଦର ତୋରଣ ଶୋଭାପାଇବ। ପୂଜା ସମୟରେ ପ୍ରତିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

**- ସତ୍ୟସୁନ୍ଦର ସ୍ୱାଇଁ, ସମ୍ପାଦକ, ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ପ୍ରୟାସ ପକ୍ଷରୁ ସାଙ୍ଗଠନିକ ବୈଠକ

ସାକ୍ଷୀଗୋପାଳ,୧୪।୯(ଭରତ ରାଉତ/ ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ କେତକୀପାଟଣା ପଞ୍ଚାୟତର ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ରୟାସ ପକ୍ଷରୁ ସାଙ୍ଗଠନିକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ କର୍ମୀ ତଥା ସତ୍ୟବାଦୀ ଭାଜପାର ଯୁବନେତା କାମାକ୍ଷା ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନା ବାଟମାରଣା ହେଉଥିବା କହିଥିଲେ। ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ଆଲୋଚନା କରିବା ସହ ଆଗକୁ ଆସୁଥିବା ନିର୍ବାଚନର ବିଗୁଲ ବଜାଇଥିଲେ। ଲୋକଙ୍କୁ ଏକାଠି କରି ସଙ୍ଗଠନକୁ ଆଗକୁ ବଢ଼ିବାକୁ ପ୍ରବର୍ତ୍ତାଇବା ସହିତ ଲୋକଙ୍କ ସମସ୍ୟା ବିଷୟରେ ବୁଝିଥିଲେ। ନେତାଙ୍କ ଉପଦେଶକ୍ରମେ ସମସ୍ତ ପ୍ରକାର ପ୍ରସ୍ତୁତି ତୃଣମୂଳସ୍ତରରୁ ଆଗାମୀ ଦିନରେ ପାଳନ କରିବା ଲାଗି ସ୍ଥିର ହୋଇଥିଲା। ବୈଠକରେ ସଙ୍ଗଠନର ସକ୍ରିୟ ସଦସ୍ୟ ଗଙ୍ଗାଧର ଛାଟୋଇ, ସୁରଥ ବେହେରା, ଶରତ ସାହୁ, ଲକ୍ଷ୍ମଣ ବେହେରା, ରମେଶ ଚନ୍ଦ୍ର ମାଝୀ, ପ୍ରାଚୁର୍ଯ୍ୟ ହୋତା, ପ୍ରକାଶ ଆଚାର୍ଯ୍ୟ, ଦିଲ୍ଲୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ପଞ୍ଚାୟତର ବହୁ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ଅନୁରୂପ ଭାବେ ସଙ୍ଗଠନ ପକ୍ଷରୁ ମହୁରା ପଞ୍ଚାୟତରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା।

### ୭୦ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ୧୪।୯( ଅଜିତ୍ ମହାନ୍ତି):

ସ୍ଥାନୀୟ ଇନ୍ଦିରା ଭବନ ପରିସରରେ ଏନ୍ଏସ୍ୟୁ ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଜୟନାରାୟଣ ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୁରୀ ବ୍ଲଡ ବ୍ୟାଙ୍କ ଅଧିକାରୀଙ୍କ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା।ଶିବିରରେ ମୋଟ୍ ୭୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଦେବାଶିଷ ଦଇତାପତି, ରାକେଶ ମେକାପ, ମନୋଜ କୁମାର ବେହେରା, ବିଶ୍ୱରଞ୍ଜନ ମହାପାତ୍ର, ଆର୍ଦ୍ଦଶ ମିଶ୍ର ରୁଦ୍ର ଦଇତାପତି, ସୁଜିତ ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ଚେତନ ମିଶ୍ର, ପ୍ରେମଜିତ୍ ମହାନ୍ତିଙ୍କ ସମେତ ବହୁ ଛାତ୍ର ଓ ଯୁବକ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଡେଲାଙ୍ଗ,୧୪।୯(ରଶ୍ମିରଞ୍ଜନ ପ୍ରଧାନ)

ଶୌଚ ହେବାକୁ ଯିବାବେଳେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଲାଙ୍ଗ ଥାନା ପଞ୍ଚୁପଲ୍ଲା ଗ୍ରାମର ହୁଲାସ ପ୍ରଧାନ(୭୬)। ସୂଚନା ମୁତାବକ, ହୁଲାସ ରାତି ପ୍ରାୟ ୩ଟା ସମୟରେ ଶୌଚ ହେବାକୁ ଘର ସମ୍ମୁଖ ପୋଖରୀକୁ ଯାଇଥିଲେ। ଶୌଚ ହେବା ସମୟରେ ଶିଉଳିଲଗା ପଥରରେ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ପଡ଼ି ଯାଇଥିଲେ। ସେ ଘରକୁ ନ ଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲେ। ଘର ସାମ୍ନା ପୋଖରୀ ତୁଠରେ ତାଙ୍କ ପିନ୍ଧାଲୁଗା ଥୁଆ ହୋଇଥିବାବେଳେ ସେ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପାଣିରୁ ତାଙ୍କୁ ଉଦ୍ଧାର କଲାବେଳକୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ନିଜ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି।

# ଧାଡ଼ିବୁଣା ଧାନକ୍ଷେତ ପରିଦର୍ଶନ କଲେ ଆସାମ କୃଷି ବୈଜ୍ଞାନିକ

ଡେଲାଙ୍ଗ,୧୪।୯(ରଶ୍ମିରଞ୍ଜନ ପ୍ରଧାନ)


ଆସାମ କୃଷି ବୈଜ୍ଞାନିକମାନେ ଧାଡ଼ିବୁଣା ଧାନ କ୍ଷେତ ପରିଦର୍ଶନ କରୁଛନ୍ତି ।

ଡିଏସ୍ଆର୍ ଓଡ଼ିଶା ଓ ସିସା ପ୍ରୋଜେକ୍ଟ ମାଧ୍ୟମରେ ଡେଲାଙ୍ଗ ବ୍ଲକରେ କରାଯାଇଥିବା ଧାଡ଼ିବୁଣା ଧାନକ୍ଷେତକୁ ଗୁରୁବାର ଆସାମାର ୩୦ ଜଣ କୃଷି ବୈଜ୍ଞାନିକ ପରିଦର୍ଶନ କରିଛନ୍ତି। ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା)ର କୃଷି ବିଶେଷଜ୍ଞ ଡ. ଅଶୋକ ଯାଦବ, ଆସାମର ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଇରି) ବୈଜ୍ଞାନିକ ସୂର୍ଯ୍ୟକାନ୍ତ ଖଣ୍ଡାଇ, ବୈଷୟିକ ପରାମର୍ଶଦାତା ଜନ୍ମେଞ୍ଜୟ ବିଶ୍ୱାଳ, ସ୍ଥାନୀୟ ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ଆସାମର ଜୋରହାଟ ୟୁନିଭର୍ସିଟିର ବୈଜ୍ଞାନିକ ଡେଲାଙ୍ଗ ବ୍ଲକରେ ସୁଜନପୁର ପଞ୍ଚାୟତର ଗୌରାଦେଇପୁର ଓ ରାମଚନ୍ଦ୍ରପୁରଠାରେ କରାଯାଇଥିବା ଧାଡ଼ିବୁଣା କ୍ଷେତ ପରିଦର୍ଶନ କରିଥିଲେ। ଇରି, ସିସା, କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଧାଡ଼ିବୁଣା ଧାନଚାଷ ପାଇଁ ଚାଷୀଙ୍କୁ ସଚେତନ କରିବା ହେଉଛି କ୍ଷେତ୍ର ପରିଦର୍ଶନର ମୁଖ୍ୟଲକ୍ଷ୍ୟ। ଚଳିତବର୍ଷ ପୁରୀ ଜିଲାର ଡେଲାଙ୍ଗ, ପିପିଲି, ନିମାପଡ଼ା, ଗୋପ, କଣାସ ଓ ପୁରୀସଦର ବ୍ଲକରେ ଏହି ଧାଡ଼ିବୁଣା ଧାନ ଚାଷ କରାଯାଇଥିବା ନେଇ ସିସା ପକ୍ଷରୁ ସୂଚନା ମିଳିଛି। ଏହି ପ୍ରଦର୍ଶନ କ୍ଷେତରେ ଆସାମର ବୈଜ୍ଞାନିକ ପହଞ୍ଚି ଧାଡ଼ିବୁଣା ଧାନ ଚାଷର ପଦ୍ଧତି, ଉପକାରିତା, ଅର୍ଥନୀତି ଅଭିବୃଦ୍ଧି ସମ୍ପର୍କରେ ଚାଷୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। କମ୍ ଖର୍ଚ୍ଚ, ଶ୍ରମିକ ହ୍ରାସ, ଯାନ୍ତ୍ରିକ ପଦ୍ଧତିରେ ଚାଷ କରି ଅଧିକ ଲାଭବାନ ହୋଇଛି ବୋଲି ଚାଷୀ ଦୀପ୍ତିରଞ୍ଜନ ସ୍ୱାଇଁ ବୈଜ୍ଞାନିକଙ୍କୁ କହିଥିଲେ। ସେହିପରି ଏଠାରେ ଚାଷ କରାଯାଉଥିବା ପଦ୍ଧତି ତାଙ୍କୁ ବେଶ୍ ପସନ୍ଦ ଆସିବା ଓ ଚାଷୀ କମ୍ ଖର୍ଚ୍ଚରେ ଅଧିକ ଲାଭ ଉଠାଉଛନ୍ତି। ଏହି ପଦ୍ଧତିରେ ଆସାମର ଚାଷୀଙ୍କୁ ଚାଷ କରିବାକୁ ସଚେତନତା ସୃଷ୍ଟି କରିବେ ବୋଲି ବୈଜ୍ଞାନିକ ଡ. ଗାୟତ୍ରୀ ଗୋସ୍ୱାମୀ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ଡେଲାଙ୍ଗ ବ୍ଲକରେ ୩ଶହ ଏକରରୁ ଉର୍ଦ୍ଧ୍ୱ ଧାଡ଼ିବୁଣା ଧାନଚାଷ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚାଷୀ ଉପେନ୍ଦ୍ର ମାନସିଂ, ପୂର୍ଣ୍ଣଚନ୍ଦ୍ର ହରିଚନ୍ଦନ, ଅମରେନ୍ଦ୍ର ସୁବୁଦ୍ଧି, ବିପିନ ବିହାରୀ ନରେନ୍ଦ୍ର, ମାନସ ରଞ୍ଜନ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସେମାନଙ୍କ ଚାଷ କରିବାର ପଦ୍ଧତି ଓ ଅନୁଭୂତି ବୈଜ୍ଞାନିକଙ୍କୁ ପ୍ରକାଶ କରିଥିଲେ।

## ଆଜିର ଶିଶୁ କାଲିର ଭବିଷ୍ୟତ

ସାକ୍ଷୀଗୋପାଳ,୧୪।୯(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅଧୀନ ସମସ୍ତ ଗ୍ରାମ ପଞ୍ଚାୟତରେ ବ୍ଲକ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୀରରାମଚନ୍ଦ୍ରପୁର ପଞ୍ଚାୟତର ଡୁଙ୍ଗର ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ବର୍ଷାରାଣୀ ସେଠୀ ଯୋଗଦେଇଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ, ସମସ୍ତ ଶିଶୁଙ୍କୁ ସରକାରଙ୍କ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଯୋଜନାରେ ସାମିଲ କରିବା, ବାଲ୍ୟ ବିବାହ ନିବାରଣ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ଉଚ୍ଛେଦ ଓ ଶିଶୁ ଯୌନ ଶୋଷଣ ଉପରେ ରୋକ ଲଗାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସରପଞ୍ଚ ସେଠୀ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ ଓ ଆଶା ଦିଦିଙ୍କୁ କହିଥିଲେ। ଡୁଙ୍ଗର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରେବରାଣୀ ମହାପାତ୍ର, ଯୋଗ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ଡୁଙ୍ଗର ଅଙ୍ଗନୱାଡ଼ି ପରିଚାଳିକା ମଞ୍ଜୁଲତା ଦାସ, ସହାୟିକା ବନିତା ସ୍ୱାଇଁ, ନୀଳମଣି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲା କଂଗ୍ରେସ କମିଟି ଚୟନ

ପୁରୀ, ୧୪।୯( ଅଜିତ୍ ମହାନ୍ତି)

ଜିଲା କଂଗ୍ରେସ କମିଟିର ସଭାପତିଙ୍କ ସୁପାରିସ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ପୁରୀ ଜିଲା କଂଗ୍ରେସର ୧୧ଜଣ ଉପ-ସଭାପତି , କୋଷାଧ୍ୟକ୍ଷ, ୨୪ ସାଧାରଣ ସମ୍ପାଦକ, ୨୫ ସମ୍ପାଦକ, ୧୫ କାର୍ଯ୍ୟକାରୀ ସଭ୍ୟଙ୍କ ନାମ ଅନୁମୋଦନ କରିଛନ୍ତି। ଏତଦ୍‌ବ୍ୟତୀତ ଜିଲାର ସମସ୍ତ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ତଥା ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ପୂର୍ବତନ ଜିଲା କମିଟିର ସଭାପତି, ଜିଲା ପରିଷଦର ସଭ୍ୟାସଭ୍ୟ, ମ୍ୟୁନିସିପାଲିଟି ଏବଂ ଏନ୍ଏସିର ସମସ୍ତ ସଭ୍ୟ ଜିଲା କଂଗ୍ରେସ କମିଟିର ସ୍ଥାୟୀ ସଭ୍ୟଭାବେ ସ୍ଥାନ ପାଇଛନ୍ତି। ସ୍ୱତନ୍ତ୍ର ପ୍ରତିନିଧି ଭାବରେ ଜିଲା କଂଗ୍ରେସ କମିଟିର ୫୦ ଜଣଙ୍କ ନାମ ଅନୁମୋଦନ କରାଯାଇଛି। ଡେଲାଙ୍ଗ, ପିପିଲି, ପିପିଲି ଏନ୍ଏସି ଏବଂ ନିମାପଡ଼ା ବ୍ୟତୀତ ସମସ୍ତ ବ୍ଲକର ସଭାପତିଙ୍କ ନାମକୁ ମଧ୍ୟ ଅନୁମୋଦନ କରାଯାଇଛି। ସ୍ମୃତିରଞ୍ଜନ ପତିଙ୍କୁ(କୋଷାଧ୍ୟକ୍ଷ) ଭାବରେ ଚୟନ କରାଯାଇଥିବାବେଳେ ଉପ-ସଭାପତି ଭାବେ ନିରଞ୍ଜନ ରଥ, ଜୟନ୍ତ କୁମାର ହୋତା, ପଞ୍ଚାନନ ମହାପାତ୍ର, ଗୁଣନିଧି ପ୍ରଧାନ, ରମାକାନ୍ତ ମିଶ୍ର, ଫକୀର ଚରଣ ପଧାନ, ଜୟଦେବ ବରାଳ, ଲକ୍ଷ୍ମୀଧର ପ୍ରଧାନ, ବନରଞ୍ଜନ ପଟ୍ଟନାୟକ, ବିପିନ ବିହାରୀ ମହାନ୍ତି, ସରୋଜିନୀ ସିଂହଙ୍କୁ ଚୟନ କରାଯାଇଛି। ସେହିପରି ଦଳର କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ପୁଷ୍କର ମହାପାତ୍ର, ବିନାୟକ ଦାସମହାପାତ୍ର, ସୁଜିତ ମହାପାତ୍ର, ସୁକାନ୍ତି ପ୍ରଧାନ, ପୁଷ୍ପା ନାୟକ, ପ୍ରେମାନନ୍ଦ ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ସୁରେଶ ପ୍ରଧାନ, ପ୍ରମୋଦ ପ୍ରଧାନ, ଜୟନ୍ତ କୁମାର ପାଇକରାୟ, ବିଶ୍ୱରଞ୍ଜନ ବଳବନ୍ତରାୟ, ଶେଖ୍ ସଫିକ୍ ଉଦ୍ଦିନ, ରାମଚନ୍ଦ୍ର ଜେନା, ଭୀମସେନ ପ୍ରଧାନ,ପିତାମ୍ବର ବିଶ୍ୱାଳଙ୍କୁ ଚୟନ କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ଭାବରେ ରାମଚନ୍ଦ୍ର ସାହୁଙ୍କୁ ପୁରୀ ସଦର, ଛବିନ୍ଦ୍ର ପଢ଼ିଆରୀଙ୍କୁ ପୁରୀ ବ୍ଲକ-୧, ଅମରେନ୍ଦ୍ର ପାଇକରାୟଙ୍କୁ ପୁରୀ ବ୍ଲକ- ୨, ଅକ୍ଷୟ କୁମାର ହରିଚନ୍ଦନଙ୍କୁ ବ୍ରହ୍ମଗିରି, ସଂଗୀତ କୁମାର ରାଉତରାୟଙ୍କୁ କୃଷ୍ଣପ୍ରସାଦ, ସୁବାସ ମହାପାତ୍ରଙ୍କୁ ସତ୍ୟବାଦୀ, ସଦାନନ୍ଦ ପ୍ରଧାନଙ୍କୁ କଣାସ, ଭାସ୍କର ସେଠଙ୍କୁ ଗୋପ, ଅବଦୁତ ସ୍ୱାଇଁଙ୍କୁ କାକଟପୁର, ସୁକାନ୍ତ ମହାନ୍ତିଙ୍କୁ ଅସ୍ତରଙ୍ଗ ଏବଂ ଉପେନ୍ଦ୍ର କୁମାର କାଣ୍ଡିଙ୍କୁ କୋଣାର୍କ ବ୍ଲକ ସଭାପତିଭାବେ ଅନୁମୋଦନ କରାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଜିଲାର ସମସ୍ତ ବ୍ଲକରେ ପଦଯାତ୍ରା କରାଯିବ। ଆସନ୍ତା ୨୫ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହେବ। ତେଣୁ ଅକ୍ଟୋବର ୧୫ତାରିଖ ସୁଦ୍ଧା ସମସ୍ତ ବ୍ଲକର ସଭାପତିମାନେ ସେମାନଙ୍କ ବ୍ଲକର ବୁଥ୍ ତାଲିକା ଏବଂ ପଞ୍ଚାୟତ ପ୍ରତିନିଧିଙ୍କ ତାଲିକା ଜିଲା କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଜିଲା କଂଗ୍ରେସ କମିଟି ତରଫରୁ ଅନୁରୋଧ କରାଯାଇଛି।



ମୂଳଅଲସା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନରେ ଆସିଥିବା ୟୁନିସେଫ୍‌ର ଓଡ଼ିଶା ଭୁବନେଶ୍ୱର ମୁଖ୍ୟ ଉଇଲିଓମ ହାଂଲନ ଏବଂ ଅନ୍ୟମାନେ ।

## ୟୁନିସେଫ୍ ଅଧିକାରୀଙ୍କ ମୂଳଅଲସା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ

ସାକ୍ଷୀଗୋପାଳ,୧୪।୯ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ୟୁନିସେଫ୍ ଟିମ ଓଡ଼ିଶାର ପଦାଧିକାରୀ ବୁଧବାର ସତ୍ୟବାଦୀ ଗସ୍ତରେ ଆସିଥିଲେ। ପ୍ରଥମେ ଏହି ଟିମ୍ ସତ୍ୟବାଦୀର ମୂଳଅଲସା ପଞ୍ଚାୟତର ମୂଳଅଲସା ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। ୟୁନିସେଫ୍‌ର ଓଡ଼ିଶା ଭୁବନେଶ୍ୱର ମୁଖ୍ୟ ଉଇଲିଓମ ହାଂଲନ, ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଓ ତ୍ରିପ୍ତି କୌର, ନିୟୁଟ୍ରିଶନ ଅଧିକାରୀ ଡା. ସଞ୍ଜୟ ସାହୁ ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଉପସ୍ଥିତ ୬ ବର୍ଷରୁ କମ୍ ପିଲାଙ୍କ ସହ ସେମାନଙ୍କ ମା'ମାନଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ (ଆଇସିଡିଏସ୍) ଦ୍ୱାରା ନିୟନ୍ତ୍ରିତ ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ନେଇ ପଚାରି ବୁଝିଥିଲେ। ମୁଖ୍ୟତଃ ପୋଷଣ, ମମତା ଯୋଜନା, ଓଜନ, ଏନିମିଆ, ପରିଷ୍କାର ଭାବେ ହାତଧୁଆ, ଲୌହ ବଟିକାର ବ୍ୟବହାର, ଠିକ ଟିକାକରଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଗର୍ଭବତୀଙ୍କ ପୂର୍ବକାଳୀନ ପ୍ରସୁତି ଓ ପରବର୍ତ୍ତୀ ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରର ପିଲା ଓ ମା'ମାନଙ୍କ ସହ ମିଶି ଏହି ଅଧିକାରୀ ଖେଳକୁଦ ମାଧ୍ୟମରେ ଅନେକ ସଚେତନତାଧର୍ମୀ କାର୍ଯ୍ୟକ୍ରମ କରିଥିଲେ। ସତ୍ୟବାଦୀ ବ୍ଲକର (ସିଡିପିଓ) ରାଜଲକ୍ଷ୍ମୀ ଦାଶ, (ପିଏସ୍‌ଡବ୍ଲ୍ୟୁଓ) ଚିନ୍ମୟୀ ରଥ, ସୁପରଭାଇଜର ପୀୟୁଷମୟୀ ପଣ୍ଡାଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସୁନାମିକୁ ସାହସର ସହ ସାମ୍ନା କରିବା ଆମ ଲକ୍ଷ୍ୟ

ଗୋପ,୧୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ସମୁଦ୍ରରେ ଯେତେବେଳେ ସୁନାମି ଆସିବ ସେତେବେଳେ ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ଓ ଏ ସମ୍ପର୍କରେ ଅନ୍ୟମାନଙ୍କୁ ସଚେତନ କରିବା ଆମର ମୂଳ ଲକ୍ଷ୍ୟ। ବୁଧବାର ବ୍ଲକ ବୈଠକ ଗୃହରେ ବିଡିଓ ଦୀପ୍ତିରାଣୀ ଦାସ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୁରୀର ଏକ ୨ ଜଣିଆ ପ୍ରତିନିଧି ଦଳ ମଧ୍ୟ କିପରି ଆମେ ସୁନାମିରୁ ବଞ୍ଚିବା ଓ ଅନ୍ୟମାନଙ୍କୁ ବଞ୍ଚାଇବା ସେ ସମ୍ପର୍କରେ ସଚେତନ କରିବା ସହ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ୱାର୍ଡ ସଭ୍ୟାସଭ୍ୟଙ୍କୁ ବୁଝାଇଥିଲେ। ପ୍ରକାଶ ଯେ, ପୁରୀ ଜିଲା ଅସ୍ତରଙ୍ଗ, କାକଟପୁର ଓ ଗୋପ ବ୍ଲକର ସମୁଦ୍ରକୂଳିଆ ଗ୍ରାମବାସୀଙ୍କୁ ସୁନାମି ଆସିଲେ କିପରି ନିଜର ଜୀବନ ବଞ୍ଚାଇବା ସହିତ ଅନ୍ୟମାନଙ୍କୁ ବଞ୍ଚାଇବା ଲାଗି ସଚେତନତା କରିବା, ସୁନାମି କାହିଁକି ଆସେ ଓ କିପରି ଆସିବା ପୂର୍ବରୁ କ'ଣ କରାଯିବ ଏବଂ ଏହି ବିପର୍ଯ୍ୟୟ ପରିଚାଳନାକୁ କିପରି ମିଳିମିଶି ସାମ୍ନା କରିବା ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## 'କଂଗ୍ରେସ ଗୋଷ୍ଠୀ କନ୍ଦଳ ଚାହେଁନି, ଦେଶରେ ଶାନ୍ତି ଚାହେଁ'

ପିପିଲି,୧୪।୯(ଦୁର୍ଗାମାଧବ ମିଶ୍ର)

କଂଗ୍ରେସ ପ୍ରଫେଶନ ରାଜନୀତିକୁ ବିଶ୍ୱାସ ନ କରି ଲୋକଙ୍କ ସେବା କରିଥାଏ। କଂଗ୍ରେସ ଗୋଷ୍ଠୀ କନ୍ଦଳ ଚାହେଁ ନାହିଁ, ଦେଶରେ ଶାନ୍ତି ଚାହେଁ। ଦଳର ଏକ କାର୍ଯ୍ୟକାରିଣୀ ବୈଠକରେ ବୁଧବାର ବକ୍ତାମାନେ ଏହି ମତ ରଖିଛନ୍ତି। ସ୍ଥାନୀୟ ସିଉଳା ପେଟ୍ରୋଲ ଟାଙ୍କି ନିକଟ ମା' ଜାଗେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଏଭଳି ମତ ରଖି ଦଳୀୟ କର୍ମୀ ଆଗାମୀ ବିଧାନସଭା ଏବଂ ଲୋକସଭା ନିର୍ବାଚନ ମଇଦାନକୁ ଓହ୍ଲେଇବା ନେଇ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏବେ ନୂଆ ସମୟ ଆସିଛି ପ୍ରତ୍ୟେକ କର୍ମୀ ମାନସିକସ୍ତରରେ ସଜାଗ ରହି ଲୋକଙ୍କ ପାଖକୁ ଯାଇ ଦଳୀୟ ମନୋବଳକୁ ମଜଭୁତ କରିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ହାଇକୋର୍ଟ ଆଇନଜୀବୀ ନିଶିକାନ୍ତ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସଞ୍ଜୟ ଶତପଥୀ, ଦୁର୍ଯୋଧନ ଦାସ, ବିଭୂତି ନାୟକ, ବସନ୍ତ ପ୍ରଧାନ, ବିଜୟ ପ୍ରଧାନ, ବାଉରୀବନ୍ଧୁ ରାଉତ, ମାନସ ମୁଦୁଲି, ଶୁଭକାନ୍ତ ପରିଡ଼ା, ରମେଶ ବେହେରା, ଦୀପ୍ତି ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସପ୍ତାହ ଧରି ୨୪୪ ସ୍କୁଲରେ ପଢ଼ା ଠପ୍

ଗୋପ,୧୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ତିନି ଗୋଟି ଦାବିକୁ ନେଇ ଗୋପ ବ୍ଲକ ଶିକ୍ଷକଙ୍କ ଆନ୍ଦୋଳନ ଫଳରେ ଏବେ ବ୍ଲକ ଅଧୀନ ୨୪୪ ଗୋଟି ସ୍କୁଲରେ ପାଠପଢ଼ା ଠପ୍ ହୋଇଯାଇଛି। ଏହି ଆନ୍ଦୋଳନ ଜାରି ରହିଥିବାବେଳେ ଗୁରୁବାର ଅପରାହ୍ନରେ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥାନରେ ନିମାପଡ଼ା ନିର୍ବାଚନମଣ୍ଡଳୀର ଭାଜପା ଯୁବ ନେତୃତ୍ୱ ଦିଲୀପ ନାୟକ ପହଞ୍ଚି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବିକୁ ସମର୍ଥନ କରି ରାଜ୍ୟ ସରକାରଙ୍କ ଏପରି ଏକଚାଟିଆ ମନମୁଖି ଶାସନକୁ ବିରୋଧ କରିଥିବା ସମୟରେ ଭାଜପା ରାଷ୍ଟ୍ରୀୟ ଦଳ ସେମାନଙ୍କ ସହ ରହିଥିବା କହିଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକ ମଧ୍ୟ ଆପଣଙ୍କୁ ସହଯୋଗ କରିବେ ବୋଲି କହିଥିଲେ। ଭାଜପା ଦଳର ଯୁବ ନେତୃତ୍ୱ ନାୟକ ସାଧାରଣ ଲୋକ ସମସ୍ୟା ସହିତ ସରକାରୀ ସ୍ତରରେ ଥିବା ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ସଂଘ ସହିତ ଆଗାମୀ ଦିନରେ ରହିବେ ବୋଲି ସୂଚନା ଦେଇଥିଲେ। ଯୁବ ନେତୃତ୍ୱ ନାୟକଙ୍କ ଗସ୍ତ ସମୟରେ ତାଙ୍କ ସହିତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

### ଆନ୍ଦୋଳନ ସ୍ଥଳରେ ପହଞ୍ଚିଲେ ଭାଜପାର ଯୁବ ନେତୃତ୍ୱ


ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଳରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ ।

## ବାଲ୍ୟବିବାହ ମୁକ୍ତ ସଚେତନତା କର୍ମଶାଳା



ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି ।

ପିପିଲି,୧୪।୯(ପ୍ରଭାତ ମହାପାତ୍ର)

ନାବାଳିକାଙ୍କ ସୁରକ୍ଷା ନିମନ୍ତେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସଚେତନତା ପଦକ୍ଷେପ ନେଉଛନ୍ତି। ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ପିପିଲି ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୁରୁବାର ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପିପିଲି ବିଡିଓ ରଶ୍ମିତା ନାଥ, ସିଡିପିଓ ତପସ୍ୱିନୀ ସୋନା, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଜିପିଓ ଗାୟତ୍ରୀ ପଣ୍ଡା, ବିପିଏମ୍ ପ୍ରମୋଦିନୀ ବେହେରା, ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ ପରିଚାଳକ ଡ. ବେଣୁଧର ସେନାପତି ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ମୁକ୍ତ ସଚେତନତା ଉପରେ ମତବ୍ୟକ୍ତ କରିଥିଲେ। ରାଜ୍ୟରେ ୨୦ ପ୍ରତିଶତ ଅର୍ଥାତ୍ ପ୍ରତି ୫ ଜଣରେ ଜଣେ ବାଲ୍ୟବିବାହ କରୁଥିବା ଅନୁସନ୍ଧାନ ରିପୋର୍ଟରୁ ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ରୁଚିକା ସଂଗଠନ ରାଜ୍ୟର ସମସ୍ତ ଜିଲା ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ବିଭିନ୍ନ ଗ୍ରାମ, ସହରର ବସ୍ତି ଅଞ୍ଚଳରେ ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ କରୁଥିବା ସଂଗଠନର ମୁଖ୍ୟ ପରିଚାଳକ ସେନାପତି କହିଛନ୍ତି। ଏହିଭଳି କାର୍ଯ୍ୟକ୍ରମ ପ୍ରଶଂସନୀୟ। ତେଣୁ ପ୍ରତି ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତେ ସଚେତନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ପିପିଲି ସିଡିପିଓ ତପସ୍ୱିନୀ କହିଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ପୁରୀ ଜିଲା ସଂଯୋଜକ ହେମନ୍ତ ଦାଶ ସଂଯୋଜନା କରିଥିଲେ। ସଂଗଠନର ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା, ପ୍ରମୋଦ ବେହେରା, ହରପ୍ରିୟା ଖଟୋଇ, ସୁପ୍ରିୟା ମହାନ୍ତି, ମମତା ଦାଶ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ପିପିଲି ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଘରେ ପଶି ଅବକାରୀ କର୍ମଚାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ବଳଙ୍ଗା,୧୪।୯(କେଦାରେଶ୍ୱର ନନ୍ଦ)

### ଅଭିଯୋଗ ଭିତ୍ତିହୀନ ବୋଲି କହିଲେ ଥାନା ଅଧିକାରୀ

ବଳଙ୍ଗା ଥାନା ଅଧୀନ ଗୋଡ଼ିମାଳ ଗ୍ରାମରେ ମଦ ଜବତ କରିବାକୁ ଆସିଥିବା ନିମାପଡ଼ା ଅବକାରୀ କର୍ମଚାରୀଙ୍କ ଦାଦାଗିରିକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ଗୋଡ଼ିମାଳ ଗ୍ରାମର ଜମ୍ମେଶ୍ୱର ସାହାଣୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଜମ୍ମେଶ୍ୱରଙ୍କ ପଡ଼ୋଶୀ ଚୋରା ମଦ ଓ ଧଳାଜହର କାରବାର କରୁଥିବାବେଳେ ବୁଧବାର ରାତିରେ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚୋରା ମଦ ଜବତ ପରେ ନିମାପଡ଼ା ଅବକାରୀ କର୍ମଚାରୀ ଜମ୍ମେଶ୍ୱରଙ୍କ ଘରେ ଜୋରଜବରଦସ୍ତ ପଶିବାକୁ ଚେଷ୍ଟା କରୁଥିଲେ। ଏହାକୁ ଜମ୍ମେଶ୍ୱର ଓ ତାଙ୍କ ସ୍ତ୍ରୀ ବିରୋଧ କରିଥିଲେ। ହେଲେ କର୍ମଚାରୀ ସେମାନଙ୍କୁ ଠେଲାପେଲା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଠାକୁରଙ୍କ ଘରେ ଜୋତା ପିନ୍ଧି ପଶିବା ସହ ସାମଗ୍ରୀକୁ ଫୋପଡା ଫିଙ୍ଗା କରିଥିଲେ। ଏହି ଘଟଣାକୁ ଜମ୍ମେଶ୍ୱରଙ୍କ ପୁଅ ମୋବାଇଲରେ ରେକର୍ଡ କରୁଥିବାବେଳେ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ଭିଡିଓକୁ ଡିଲିଟ କରି ମୋବାଇଲକୁ ଫେରାଇ ଚାଲିଯାଇଥିବା ଜମ୍ମେଶ୍ୱର ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ନିମାପଡ଼ା ଅବକାରୀ ବିଭାଗର ଥାନା ଅଧିକାରୀ ନାରାୟଣ ବେହେରାଙ୍କୁ ପଚାରିବାରେ, ସେ ଜମ୍ମେଶ୍ୱରଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ। ବୁଧବାର ରାତିରେ ଗୋଡିମାଳ ଗ୍ରାମର ସଞ୍ଜୁ ସାହାଣୀଙ୍କ ଘରୁ ମଦ ଜବତ କରାଯାଇଥିଲା। ତେବେ ସଞ୍ଜୁ ତାଙ୍କ ବାଡିପଟେ ମଦ ରଖି କାରବାର କରୁଥିବା ଜଣାପଡିବା ପରେ ସଞ୍ଜୁଙ୍କ ବାଡିପଟକୁ ଯିବାକୁ ରାସ୍ତା ନ ଥିବାରୁ ଅବକାରୀ ଟିମ ଜମ୍ମେଶ୍ୱରଙ୍କ ବାଟ ପଟ ଦେଇ ଯିବାକୁ ଅନୁମତି ମାଗିଥିଲେ। ତେବେ ଜମ୍ମେଶ୍ୱର ଘରକୁ ପଶିବାକୁ ନ ଦେଇ ଓଲଟି ଅବକାରୀ ଟିମକୁ ଦୁର୍ବ୍ୟବହାର କରିଥିବା ଥାନା ଅଧିକାରୀ ବେହେରା କହିଛନ୍ତି।

## ୬ ମାସ ହେବ ମିଳୁନି ଭତ୍ତା, ବିଡିଓଙ୍କୁ ବୃଦ୍ଧାବୃଦ୍ଧଙ୍କ ଅଭିଯୋଗ

ଗୋପ,୧୪।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ୩୧ ପଞ୍ଚାୟତରେ ଏବେ ଭତ୍ତା ପାଉଥିବା ବିଭିନ୍ନ ବର୍ଗର ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରତ୍ୟେକ ଦିନ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଅଭିଯୋଗ ହେଉଛି। ବୁଧବାର ଏହି ବ୍ଲକ ବଉଳାଙ୍ଗ ପଞ୍ଚାୟତ ଅଧୀନ ପାଞ୍ଚେଣା ଗ୍ରାମର ୧୦/୧୨ ଜଣ ବୃଦ୍ଧାବୃଦ୍ଧ ଏନେଇ ବିଡିଓ ଦାସଙ୍କୁ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ବ୍ଲକର ୩୧ ଗୋଟି ପଞ୍ଚାୟତରେ ବିଭିନ୍ନ ବର୍ଗର ୧୩ ହଜାର ୬୪୨ ଜଣ ହିତାଧିକାରୀ ରହିଛନ୍ତି। ଏବେ ଅନେକ ଭତ୍ତା ହିତାଧିକାରୀ ଭତ୍ତା ପାଇଁ ହଇରାଣ ହରକତ ହେବା ସହ ବ୍ଲକ ଅଫିସକୁ ବାରମ୍ବାର ଦୌଡୁଥିବା ଅଭିଯୋଗ ହୋଇଛି। ପାଞ୍ଚେଣା ଗ୍ରାମର ଭ୍ରମରବର ସ୍ୱାଇଁ, ରସବତୀ ଦେଇ, ଜାହାନ କାଣ୍ଡି, ବସନ୍ତ ଦେଇ, ଗୁକୁନା ଗୋଛାୟତ, ବାବୁ କାଣ୍ଡି, ଅଲେଖ ଦାସ, ସବିତା ଦାସ ପ୍ରମୁଖ ଦୀର୍ଘ ୬ ମାସ ହେବ ଭତ୍ତା ପାଉନାହାନ୍ତି। ତେବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଭିନ୍ନ ବ୍ୟାଙ୍କ ଆଳ ଦେଖାଇ ହିତାଧିକାରୀଙ୍କୁ ଫେରାଉଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗ ସମ୍ପର୍କରେ ବିଡିଓ ଦାସଙ୍କୁ ପଚାରିବାରେ, ସରକାରୀ ନିୟମ ଅନୁସାରେ ହିତାଧିକାରୀ ବ୍ୟାଙ୍କରୁ ସେମାନଙ୍କ ଭତ୍ତା ନେବାକୁ ସରକାରୀ ନିର୍ଦ୍ଦେଶ ଆସିବା ପରେ ଏପରି ଅବ୍ୟବସ୍ଥା ଦେଖାଦେଇଥିବା କହିବା ସହ ଅଭିଯୋଗକାରୀଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱଦିଆଯାଉଛି ବୋଲି ସେ କହିଥିଲେ।


ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଅଭିଯୋଗ କରିବାକୁ ଆସିଥିବା ବୃଦ୍ଧାବୃଦ୍ଧ ।

# ଲୋକ କଳାକାରଙ୍କୁ ନେଇ ପ୍ରସ୍ତୁତ ହେଉନି ମାର୍ଗଦର୍ଶିକା

**ବାରମ୍ବାର ବଦଳୁଛି**
- ପ୍ରାପ୍ୟରେ ବି ପରିବର୍ତ୍ତନ
- ତେଜୁଛି ଅସନ୍ତୋଷ

ଭୁବନେଶ୍ୱର,୧୪।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁବାର ସମସ୍ତ ଜିଲାର ଜିଲାପାଳଙ୍କ ନିମନ୍ତେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କାର୍ଯ୍ୟକ୍ରମ ସମ୍ପର୍କରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ଆଇଇସି ଅଭିଯାନରେ ଲୋକକଳା କଳାକାରଙ୍କୁ ସମ୍ପୃକ୍ତ କରାଇ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ମାର୍ଗଦର୍ଶିକାରେ ବିଭିନ୍ନ ପ୍ରସଙ୍ଗରେ ସୂଚନା ଦିଆଯାଇଛି। ସେଥିରେ ଲୋକକଳା ଦଳର କଳାକାର ସଂଖ୍ୟା, ସେମାନଙ୍କ ଦୈନିକ ପ୍ରାପ୍ୟ, ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ ଏ ନେଇ ଲୋକକଳା କଳାକାରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ବିନା ପରାମର୍ଶରେ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଥିବା ଓ ବାରମ୍ବାର ପରିବର୍ତ୍ତନ ହେଉଥିବା ନେଇ ସେମାନେ ଅଭିଯୋଗ ଆଣିଛନ୍ତି।

ନିକଟରେ ଭୁବନେଶ୍ୱରରେ ଦୁଇଦିନିଆ ସଂସାଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଭିନ୍ନ ଜିଲା ଓ ବ୍ଲକ ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାର ଯୋଜନା ରହିଥିଲା। ସେପ୍ଟେମ୍ବର ୧୫ରୁ ୩୦ତାରିଖ ମଧ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ନୂତନ ମାର୍ଗଦର୍ଶିକାରେ ଏହା ୧୭ରୁ ୨୪ ତାରିଖ ମଧ୍ୟରେ କରାଯିବାକୁ ଉଲ୍ଲେଖ ରହିଛି। ସେହିପରି ସଂକୀର୍ତ୍ତନ, ସମ୍ପ୍ରଦା, ସଞ୍ଚାର ଆଦି ଲୋକନୃତ୍ୟ ପାଇଁ ଆବଶ୍ୟକ ସଂଖ୍ୟକ କଳାକାରଙ୍କ ସଂଖ୍ୟା ମଧ୍ୟ ହ୍ରାସ କରାଯାଇଛି, ଯାହାକି କଳାକାରଙ୍କୁ ଏକ ବିଷମ ପରିସ୍ଥିତିରେ ପକାଇଛି। ଯେଉଁ ଦଳ ପାଇଁ ସର୍ବନିମ୍ନ ୧୦ଜଣ କଳାକାର ଦରକାର ସେଠାରେ ୬ କିମ୍ବା ୮ଜଣ ରଖାଯାଇଛି। ଅନ୍ୟପକ୍ଷେ ମାର୍ଗଦର୍ଶିକାରେ ବାଉଁଶରାଣୀ, ଘୁଡୁକି, ଖଞ୍ଜଣି ଭଜନ, ସଞ୍ଚାର, ପାଲା, ସଂକୀର୍ତ୍ତନ, ସମ୍ପ୍ରଦା ଆଦି ଅନେକ ଲୋକକଳା ପାଇଁ ନିର୍ଦ୍ଧାରିତ ପ୍ରାପ୍ୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଗଦର୍ଶିକାରେ ପୂର୍ବରୁ ୫ହଜାର ଓ ୧୬୦୦ଟଙ୍କା ଉଲ୍ଲେଖ ଥିବା ବେଳେ ପରେ ଏହାକୁ ସଂଶୋଧନ କରାଯାଇ ଯଥାକ୍ରମେ ୪ହଜାର ୬ଶହ ଓ ୧୨୦୦ ଟଙ୍କା କରାଯାଇଛି।



ଫଳରେ ଲୋକକଳାକାରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମାର୍ଗଦର୍ଶିକା ପରେ ମାର୍ଗଦର୍ଶିକା ପ୍ରସ୍ତୁତ ହେଉଛି, କିନ୍ତୁ ସେଥିରେ ତାଳମେଳ ରହୁନାହିଁ। ଏପରିକି କଳାକାରଙ୍କ ସହମତି କି ସୁବିଧାକୁ ପ୍ରାଧାନ୍ୟ ଦିଆଯାଉନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ମାର୍ଗଦର୍ଶିକାକୁ ନେଇ ଝାରସୁଗୁଡ଼ା ଜିଲା ସଂସ୍କୃତି ସଂଘର ଉପସଭାପତି ସୁଡ଼ଙ୍ଗ ପ୍ରଧାନ କହିଛନ୍ତି, ପ୍ରଥମ କଥା ହେଉଛି ଆଗକୁ ବିଶ୍ୱକର୍ମା ପୂଜା, ଗଣେଶ ପୂଜା ଓ ନୂଆଖାଇ ଆସୁଛି। ପ୍ରଶିକ୍ଷଣ ପାଇଁ ନିର୍ଦ୍ଧାରିତ ସମୟ ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକଙ୍କୁ ବଡ଼ ଆଡୁଆରେ ପକାଇଛି। ଯଦି ସମୟ ପରିବର୍ତ୍ତନ କରାଯାଉଛି ତାହା ଆମ ସୁବିଧା ହିସାବରେ ହେଲେ ଭଲ ହୁଅନ୍ତା। ପୂଜା ସମୟରେ ପ୍ରଶିକ୍ଷଣ ଆୟୋଜନ ଉଚିତ୍ ହେଉନାହିଁ। ସମ୍ପ୍ରଦା, ସଞ୍ଚାର, ସଂକୀର୍ତ୍ତନ ଦଳରେ ୧୫ରୁ ୨୦ କଳାକାର ନିହାତି ରହୁଥିବା ପ୍ରାୟ ସମସ୍ତଙ୍କୁ ଜଣା। କିନ୍ତୁ ମାର୍ଗଦର୍ଶିକାରେ ସର୍ବାଧିକ ୮ କଳାକାରଙ୍କୁ ନେଇ ପରିବେଷଣ କରିବାକୁ ଉଲ୍ଲେଖ ରହିଛି। ଗାଁରେ ଆମେ ମିଳିତ ଭାବେ ଦୀର୍ଘ ବର୍ଷ ଧରି ପରିବେଷଣ କରିଆସୁଛୁ। ବର୍ତ୍ତମାନ କାହାକୁ ବାଦ୍ ଦେବୁ ଓ କାହାକୁ ରଖିବୁ ତାହା ବଡ଼ ସମସ୍ୟାରେ ପକାଇଛି। ଏମିତି ହେଲେ ଗାଁ ଭାଗ ଭାଗ ହୋଇଯିବ। ଭୁବନେଶ୍ୱରରେ ପ୍ରଶିକ୍ଷଣ ସମୟରେ ଆମେ ଏ ସମ୍ପର୍କରେ ଉଲ୍ଲେଖ କରିଥିଲୁ। ସେ ନୂତନ ମାର୍ଗଦର୍ଶିକାରେ ଅତିକମ୍‌ରେ ୧୦ଜଣ କଳାକାର ରଖାଯିବ ବୋଲି କହିଥିଲେ। କିନ୍ତୁ ପ୍ରକାଶିତ ମାର୍ଗଦର୍ଶିକା ଆମକୁ ସମସ୍ୟା ଭିତରକୁ ଟାଣିନେଇଛି। ସେହିପରି ସଞ୍ଚାର ପରିବେଷଣରେ ମାତ୍ର ୩ଜଣ ଆବଶ୍ୟକ। କିନ୍ତୁ ୪ଜଣଙ୍କୁ ରଖାଯିବା ପାଇଁ ନିର୍ଦ୍ଦେଶ ହୋଇଛି। ଯେଉଁଥିରେ ଆବଶ୍ୟକ ତାହା ନ କରି ଅନାବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯାଇଛି। ଭୁବନେଶ୍ୱରରେ ବସି ମାର୍ଗଦର୍ଶିକା କରିଦେଲେ ହେବ ନାହିଁ। ଲୋକକଳା କଳାକାରଙ୍କ ସହ ଆଲୋଚନା କରି ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବା ଆବଶ୍ୟକ। ସେହିପରି ସୁବର୍ଣ୍ଣପୁର ଜିଲା ସାଂସ୍କୃତିକ ସଂଘର ଉପସଭାପତି ମାନଭଞ୍ଜନ ମିଶ୍ର କହିଛନ୍ତି, ଲୋକକଳାକାରଙ୍କୁ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ ହେଉନାହିଁ। ଯେଉଁମାନେ ପରିବେଷଣ କରିବେ ସେମାନଙ୍କ ପ୍ରସ୍ତାବ କିମ୍ବା ପରାମର୍ଶ ନେବା ଆବଶ୍ୟକ। ନୂତନ ମାର୍ଗଦର୍ଶିକା ଆମକୁ ଅଡୁଆରେ ପକାଇଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରିଜିଓନାଲ ସାଇନ୍ସ ସେଣ୍ଟର ପକ୍ଷରୁ ଇଞ୍ଜିନିୟର ଦିବସ, ରିଜିଓନାଲ ସାଇନ୍ସ ସେଣ୍ଟର, ଆଚାର୍ଯ୍ୟ ବିହାର, ପୂର୍ବାହ୍ନ ୧୧ଟା।
- ଅସ୍ଥାୟୀ ଲଞ୍ଚ୍ ଡ୍ରାଇଭର ଓ ଖଲାସୀ ମହାସଂଘ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପତ୍ରକାର ସଂଘର ଚତୁର୍ଦ୍ଦଶତମ ପ୍ରତିଷ୍ଠା ଦିବସ, ଗୀତଗୋବିନ୍ଦ ସଦନ, ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ଇଞ୍ଜିନିୟର ଦିବସ ଅବସରରେ ଓଡ଼ିଶା ଟେକ୍ନୋଲୋଜି କନକ୍ଲେଭ୍, ସୂଚନା ଭବନ, ଅପରାହ୍ନ ୫ଟା।
- ୭ତମ ବିମୋହନ କଳା ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ମେହେଫିଲ-ଇ-ଗଜଲ ୩, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ବିପିୟୁଟି ଛାତ୍ରସଂଘ ପକ୍ଷରୁ ଇଞ୍ଜିନିୟର ଦିବସ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୬ତମ ଇଞ୍ଜିନିୟର ଦିବସ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ଭାରତରତ୍ନ ବିଶ୍ୱେଶ୍ୱରାୟଙ୍କ ୧୬୩ତମ ଜୟନ୍ତୀ ଓ ଯନ୍ତ୍ରୀ ଦିବସ, ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ପୂର୍ବାହ୍ନ ୧୧ଟା ୩୦।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ ୫୬ତମ ଇଞ୍ଜିନିୟର ଦିବସ, ସାରଳା ଭବନ, ସନ୍ଧ୍ୟା ୬ଟା।



ଟାଟା ପାୱାରର ମନମୁଖି କାର୍ଯ୍ୟ ପ୍ରତିବାଦରେ ଗୁରୁବାର ଗଭର୍ନର ହାଉସ୍ ସମ୍ମୁଖରେ ଅଲ୍‌ଓଡ଼ିଶା ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟର୍ସ ଆସୋସିଏଶନର ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

## ୨୬ରୁ ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ)ନୂତନ ପେନ୍‌ସନ ଯୋଜନାଭୁକ୍ତ ଶିକ୍ଷକ ସଂଘର ଆନ୍ଦୋଳନ

ଭୁବନେଶ୍ୱର,୧୪।୯
(ଅନୁରାଧା ମହାରଣା)

୨ ଦଫା ଦାବି ନେଇ ସେପ୍ଟେମ୍ବର ୨୬ରୁ ଓଡ଼ିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇବ। ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ୬ବର୍ଷ ଚୁକ୍ତି ଅବଧିକୁ ମୂଳ ନିୟମିତ ଚାକିରି କାର୍ଯ୍ୟ ସମୟ ସହ ଯୋଗ କରିବା, ୬ଟି ନୋସ୍ନାଲ ଇନକ୍ରିମେଣ୍ଟ ଓ ପୁରୁଣା ପେନସନ ପ୍ରଦାନ କରିବା ଦାବି ରହିଛି। ପୂର୍ବରୁ ୨ ଥର ଆନ୍ଦୋଳନ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ରାଜ୍ୟ ନେତୃତ୍ୱମାନଙ୍କ ସହ ଆଲୋଚନା କରି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାପରେ ସରକାର ପେ ପ୍ରୋଟେକ୍ସନ ଭଳି ଏକ ଅସାମ୍ବିଧାନିକ ପ୍ରଣାଳୀ ପ୍ରୟୋଗ କରି ୨୦୧୦ରୁ ୨୦୧୬ ବ୍ୟାଚ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମାକୁ ସମାନ କରିଦେଇ କିଛିବର୍ଷ ଲେଖାଏ ଚୁକ୍ତିଭିତ୍ତିକ ଚାକିରି ସମୟକୁ ନିୟମିତ ଚାକିରି ଭାବେ ଯୋଗକଲେ। ତେବେ ୨୦୦୪ରୁ ୨୦୦୯ ବ୍ୟାଚରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ରାଜ୍ୟ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଆଏଚ କହିଛନ୍ତି।

# ୨୪ ଘଣ୍ଟା ପରେ ବି ମିଳୁନି ପରିଚୟ

**ଦୟାନଦୀରୁ ଅଖାରେ ବନ୍ଧା ଯୁବତୀଙ୍କ ମୃତଦେହ ଜବତ**

କଣାସ,୧୪।୯(ବିଭୂତି ଭୂଷଣ ତ୍ରିପାଠୀ)/ପୁରୀ(ଅଜିତ୍ ମହାନ୍ତି)

କଣାସ ବ୍ଲକ ଗଡ଼ିଶାଗୋଦା ଥାନା ନିକଟ ନୂଆଗାଁ ଗ୍ରାମ ନିକଟ ଦୟାନଦୀରୁ ଅଖା ଭିତରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାର ୨୪ ଘଣ୍ଟା ପରେ ବି ତାଙ୍କର ପରିଚୟ ମିଳିପାରି ନାହିଁ। ମୃତ ଯୁବତୀଙ୍କ ଆନୁମାନିକ ବୟସ ୩୦ ବର୍ଷ ହେବ ବୋଲି କୁହାଯାଉଛି। କୌଣସି ବ୍ୟକ୍ତି ଯୁବତୀଙ୍କୁ ହତ୍ୟା କରି ଅଖାରେ ବାନ୍ଧି ଫେପାଡ଼ି ଦେଇଥିବା ଅନୁମାନ କରାଯାଉଛି। ଏନେଇ ଏକ ମାମଲା (ନଂ.୧୬୯/୨୦୨୩) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ କହିଛନ୍ତି। ଏସ୍‌ପି ଡ. କନୱର ବିଶାଲ ସିଂ କହିଛନ୍ତି , ମୃତଦେହ ଚିହ୍ନଟ ପାଇଁ ଜିଲାର ଆଖପାଖ ଥାନା ସହ ଜିଲାର ସମସ୍ତ ଥାନା ସହ ଯୋଗାଯୋଗ କରାଯାଉଛି। ଗୁରୁବାର ସକାଳେ ଘଟଣା ସ୍ଥଳକୁ ସିନିୟର ଟିମ୍ ଏବଂ ସାଇଣ୍ଟଫିକ୍ ଟିମ୍ ଯାଇ ତଦାରଖ କରିଛନ୍ତି। ଏପରିକି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଉଛି। ସେମାନଙ୍କ ଷ୍ଟେଟ୍‌ମେଣ୍ଟ ଅଣାଯାଇଛି। କେଉଁଠାରେ ନିଖୋଜ ରହିଛି କି ନାହିଁ ସେ ସମ୍ପର୍କରେ ଛାନ୍‌ଭିନ୍ ଚାଲିଛି ଖୁବ୍‌ଶୀଘ୍ର ମୃତଦେହ ଚିହ୍ନଟ କରାଯାଇ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି ସିଂହ କହିଛନ୍ତି।

ପ୍ରକାଶ ଯେ, ବୁଧବାର ରାତିରେ ନୂଆଗାଁ ଗ୍ରାମ ନିକଟ ଦୟାନଦୀରେ ଏକ ଅଖା ଭାସୁଥିବା ଖବରପାଇ ଆଇଆଇସି ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଗୁରୁବାର ସକାଳେ ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂ, ଅତିରିକ୍ତ ଏସ୍‌ପି ସୁନିଲ ମିଶ୍ର, ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସାଇଣ୍ଟିଫିକ୍ ଟିମ୍, ପୋଲିସ୍ ଫଟୋଗ୍ରାଫର ଓ ମାଜିଷ୍ଟ୍ରେଟ୍ ଭାବେ ଡେଲାଙ୍ଗ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

## ଆଜି ଦୂରଦର୍ଶନ କେନ୍ଦ୍ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୪।୯(ଶର୍ମିଷ୍ଠା ପାଣିଗ୍ରାହୀ): ଦୂରଦର୍ଶନ କେନ୍ଦ୍ରର ପ୍ରତିଷ୍ଠା ଦିବସ ଶୁକ୍ରବାର ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ପାଳନ କରାଯିବ। ୧୯୫୯ ମସିହା ଅର୍ଥାତ୍ ୬୪ବର୍ଷ ତଳେ ଦୂରଦର୍ଶନ ପକ୍ଷରୁ ଆରମ୍ଭ ହୋଇଥିଲା ସିଧା ପ୍ରସାରଣର ଯାତ୍ରା। ଦିଲ୍ଲୀରେ ସୀମିତ ଥିବା ଦୂରଦର୍ଶନ ପ୍ରସାରଣ ଆଜି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପରିବ୍ୟାପ୍ତ। ଏହି ଅବସରରେ ଶୁକ୍ରବାର ସନ୍ଧ୍ୟା ୭ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ 'ସତ୍ୟମ୍ ଶିବମ୍ ସୁନ୍ଦରମ୍' ପରିବେଷଣ ସହ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ।

## ରେଢ଼ାଖୋଲ ଷ୍ଟେଶନରେ ରହିବ ପୁରୀ-ଦୁର୍ଗ ଏକ୍ସପ୍ରେସ୍

ଭୁବନେଶ୍ୱର,୧୪।୯(ଅଭିଜିତ ଦାସ): ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୧୫ ତାରିଖରୁ ପରୀକ୍ଷାମୂଳକ ଭିତ୍ତିରେ ରେଢ଼ାଖୋଲ ଷ୍ଟେଶନରେ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସର ରହଣି ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ପୂର୍ବତଟ ରେଳପଥ ସୂଚନା ଅନୁଯାୟୀ, ପୁରୀରୁ ଛାଡୁଥିବା ୧୮୪୨୫ ପୁରୀ-ଦୁର୍ଗ ଏକ୍ସପ୍ରେସ ରେଢ଼ାଖୋଲ ଷ୍ଟେଶନରେ ରାତି ୧୨ଟା ୫୮ ମିନିଟ୍‌ରେ ପହଞ୍ଚି ରାତି ୧ଟା ବେଳେ ଦୁର୍ଗ ଅଭିମୁଖେ ଯାତ୍ରା କରିବ। ସେହିପରି ଫେରିବା ମାର୍ଗରେ ଦୁର୍ଗରୁ ଛାଡୁଥିବା ୧୮୪୨୬ ଦୁର୍ଗ-ପୁରୀ ଏକ୍ସପ୍ରେସ ରେଢ଼ାଖୋଲ ଷ୍ଟେଶନରେ ରାତି ୨ଟାରେ ପହଞ୍ଚି ୨ଟା ୫ ମିନିଟ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିବ।

# ଲକ୍ଷ୍ୟ ବଡ଼ ହେଲେ ସ୍ୱପ୍ନ ପୂରଣ ହୋଇପାରିବ

**ବିଶ୍ୱ ଦକ୍ଷତା କେନ୍ଦ୍ରର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ**

ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ 'ବିଶ୍ୱ ଦକ୍ଷତା କେନ୍ଦ୍ର'ର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦୨୨-୨୩ ବ୍ୟାଚ୍‌ର ୬ଟି ଟ୍ରେଡରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିପରି ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ 'ବେଷ୍ଟ ଟ୍ରେନି' ଭାବେ ସମ୍ମାନିତ କରାଯାଇଛି। ଦକ୍ଷତା କେନ୍ଦ୍ରରେ ତାଲିମ ଦିଆଯାଉଥିବା ୬ଟି ବିଷୟକୁ ନେଇ ପ୍ରତ୍ୟେକ ଟ୍ରେଡ୍‌ର ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ଏହିଭଳି ୧୮ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳ କ୍ୟାରିୟର ଗଢ଼ିବା ପାଇଁ ପରାମର୍ଶ



ସମାବର୍ତ୍ତନ ଉତ୍ସବରେ ସମ୍ମାନିତ ହୋଇଥିବା କୃତୀ ପ୍ରଶିକ୍ଷାର୍ଥୀମାନେ।

ଦେଇଥିଲେ। ଲକ୍ଷ୍ୟ ବଡ଼ ହେଲେ ହିଁ ଆମର ସ୍ୱପ୍ନ ପୂରଣ ହୋଇପାରିବ। କ୍ୟାରିୟର ଗଠନ ବେଳେ ଅନେକ ଆହ୍ୱାନ ଆସିଥାଏ। ମାତ୍ର ସେସବୁକୁ ସାମ୍ନା କରି ଆମକୁ ଆଗକୁ ଯିବାକୁ ହେବ। ନିଜର ଦକ୍ଷତା, ସାଧନା ସହ ଧୈର୍ଯ୍ୟ ଓ ନିଷ୍ଠା ଉପରେ ଜୋର୍ ଦେଲେ ଆମକୁ ସବୁ କାମରେ ସଫଳତା ମିଳିପାରିବ ବୋଲି ପାଢ଼ୀ କହିଛନ୍ତି। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଳକା ମିଶ୍ର ବିଦାୟୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତ ବର୍ଷ ୯୦ ପ୍ରତିଶତ ଛାତ୍ରୀଛାତ୍ର ବିଭିନ୍ନ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବାବେଳେ ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ସ୍ତରରେ ନିଯୁକ୍ତି ମିଳିଛି।

ଏହି ସଫଳତାକୁ ଆଧାରକରି ସମାବର୍ତ୍ତନ ଉତ୍ସବରେ ପ୍ରମୁଖ ନିଯୁକ୍ତିଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆର୍ସେଲର ମିତ୍ତଲ ଏବଂ ନିପନ୍ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି, ସିଏସ୍‌ଆର ମୁଖ୍ୟ ବିକାଶ ଯାଦବେନ୍ଦୁ ଏବଂ ବିବାନ୍ତା ହୋଟେଲ ଚେନ୍‌ର ସିଜିଏମ୍ ଆଶୀର୍ବାଦ ପ୍ରହରାଜଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି. ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗର ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକଙ୍କ ସହିତ ନିର୍ଦ୍ଦେଶକ (ଏକାଡେମୀ), ନିର୍ଦ୍ଦେଶକ (ପ୍ରଶାସନ) ଏବଂ ସ୍କୁଲ ଅଫ୍ ସର୍ଭିସେସ୍‌ର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ସଙ୍ଗରଣ ଗୋପାଳ ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୋନାଲିସା



@ ରଶ୍ମିରଞ୍ଜନ



@ ଶୁଭେନ୍ଦୁ



@ ସପୁନ୍



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍କ୍ରବ୍ ଟାଇଫସ୍‌କୁ ନେଇ ବଢୁଛି ଚିନ୍ତା

**ଚିଠି ଲେଖି ସତର୍କ କରାଇଲା ଜନସ୍ୱାସ୍ଥ୍ୟ ବିଭାଗ**

ଭୁବନେଶ୍ୱର,୧୪।୯(ଅଭିଜିତ ଦାସ)

ରାଜ୍ୟରେ ଏବେ ସ୍କ୍ରବ ଟାଇଫସ୍ ଚିନ୍ତା ବଢୁଛି। ବୁର୍ଲା ଭିମ୍‌ସାରରେ ୨୨ଜଣଙ୍କ ଠାରୁ ସ୍କ୍ରବ ଟାଇଫସ୍ ଚିହ୍ନଟ ହୋଇଥିବା ବେଳେ ସୁନ୍ଦରଗଡ଼ ଓ ବରଗଡ଼ରେ ସର୍ବାଧିକ ମାମଲା ଦେଖିବାକୁ ମିଳୁଛି। ଗତ ୨ଦିନରେ ସୁନ୍ଦରଗଡ଼ରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସ୍କ୍ରବ ଟାଇଫସ୍ ଓ ଲେପଟୋସ୍ପାଇରୋସିସ୍ ପ୍ରତିକାର ପାଇଁ ଗୁରୁବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସମସ୍ତ ଜିଲାର ସିଡିଏମ୍‌ଓ ଏବଂ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ସମସ୍ତ ହସ୍ପିଟାଲରେ ଡିପିଏଚ୍‌ଏଲ୍ ମାଧ୍ୟମରେ ଏହି ରୋଗର ଟେଷ୍ଟିଂ କରାଯିବ। ଏଥିସହ ସମସ୍ତ ହସ୍ପିଟାଲରେ ପର୍ଯ୍ୟାପ୍ତ ଟେଷ୍ଟିଂ କିଟ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରୀ ଦଳଙ୍କ ଦ୍ୱାରା ରୋଗର ସର୍ଭେଲାନ୍ସ କରାଯିବା ସହ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ପଦକ୍ଷେପ ନିଆଯିବ। ଆକ୍ରାନ୍ତ ଓ ମୃତ୍ୟୁ ତଥ୍ୟ ନେଇ ଷ୍ଟେଟ ସର୍ଭେଲାନ୍ସ ୟୁନିଟ୍‌କୁ ଅବଗତ କରାଯିବ। ସେହିପରି ହସ୍ପିଟାଲରେ ଔଷଧ ଓ ଆଣ୍ଟିବାୟୋଟିକ୍ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା ଏବଂ ମୃତ୍ୟୁର ଠିକ ଭାବେ ତଦନ୍ତ ସହ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଚିଠିରେ ନିର୍ଦ୍ଦେଶ ଜାରି କରାଯାଇଛି।

ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଲୋକେ ଭୟଭୀତ ହେବାର ଆବଶ୍ୟକ ନାହିଁ। ଏହି ରୋଗ ଚିଗର ନାମକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ୍ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲ୍‌ଥ ଲାବରେଟୋରିରେ ଏଲିଶା ପଦ୍ଧତିରେ ଚିହ୍ନଟ ହେବାର ବ୍ୟବସ୍ଥା ରହିଛି।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** ଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାରର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୨.୦୧ ପଏଣ୍ଟ ବଢ଼ି ୬୭,୫୧୯.୦୦ ଅଙ୍କରେ କାରବାର ବନ୍ଦ କରିଥିଲା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୩.୧୦ ପଏଣ୍ଟ ବୃଦ୍ଧି ଘଟି ୨୦,୧୦୩.୧୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୨.୫ ଲକ୍ଷ କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ: ପୁଷ୍କର

ଭୁବନେଶ୍ୱର,୧୪।୯ (ଅଭୟ ଦାଶ)



ଚଳିତ ବର୍ଷ ଡିସେମ୍ବରରେ ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ହେବାକୁ ଥିବା ଡେଷ୍ଟିନେସନ୍ ଉତ୍ତରାଖଣ୍ଡ-ଗ୍ଲୋବାଲ୍ ଇନ୍‌ଭେଷ୍ଟର୍ସ ସମ୍ମିଳନୀ-୨୦୨୩ରେ ରାଜ୍ୟ ସରକାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗର ଲକ୍ଷ୍ୟ ରଖିଛନ୍ତି। ପ୍ରଥମ ଦିନରେ ପ୍ରାୟ ୮୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ନେଇ ରାଜ୍ୟ ସରକାର ବିଭିନ୍ନ ଅଗ୍ରଣୀ ନିବେଶକ କମ୍ପାନୀଙ୍କ ମଧ୍ୟରେ ସହଭାଗିତା କରିଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମତପ୍ରକାଶ କରିଛନ୍ତି। ଗୁରୁବାର ଏ ନେଇ ନୂଆଦିଲ୍ଲୀର ହୋଟେଲ ତାଜମହଲରେ 'ଉତ୍ତରାଖଣ୍ଡ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମିଟ୍: କର୍ଟେନ ରେଜର' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଧାମି ଅଂଶ ଗ୍ରହଣ କରି ଡେଷ୍ଟିନେସନ୍ ଉତ୍ତରାଖଣ୍ଡ-ଗ୍ଲୋବାଲ୍ ଇନଭେଷ୍ଟର୍ସ ସମ୍ମିଳନୀ-୨୦୨୩ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ସେହିଭଳି ଧାମି କହିଛନ୍ତି , ରାଜ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସହ ସହଜ ବ୍ୟବସାୟ ପରିବେଶ ସୃଷ୍ଟି କରିବାର ଦୃଷ୍ଟିକୋଣ ସହିତ ସରକାର କାର୍ଯ୍ୟ କରୁଛନ୍ତି। ଏପରିକି ରାଜ୍ୟରେ ସ୍ୱତନ୍ତ୍ର ନୀତି କାର୍ଯ୍ୟକାରୀ କରିବା ସହ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଆକର୍ଷଣୀୟ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ଏହି ନୀତିଗୁଡ଼ିକ ମୁଖ୍ୟତଃ ୨୩-ପର୍ଯ୍ୟଟନ ନୀତି, ଏମ୍‌ଏସ୍‌ଏମ୍‌ଇ ନୀତି, ଷ୍ଟାର୍ଟଅପ୍ ପଲିସି, ଲଜିଷ୍ଟିକ୍ ପଲିସି ଏବଂ ବେସରକାରୀ ଶିଳ୍ପ ଇଷ୍ଟେଟ୍ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ନୀତି ଅନ୍ତର୍ଭୁକ୍ତ ରହିଛି। ସେହିପରି ରାଜ୍ୟରେ ରେଳ, ସଡ଼କ ଏବଂ ଏୟାର (ବିମାନପଥ) ସଂଯୋଗ

**ଡିସେମ୍ବରରେ ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମ୍ମିଳନୀ-୨୦୨୩**

କ୍ଷେତ୍ରରେ ମଧ୍ୟ କ୍ରମାଗତ ଉନ୍ନତି ଘଟିଛି। ଡେରାଡୁନ୍ ବିମାନବନ୍ଦରରୁ ବିଭିନ୍ନ ସହରକୁ ସିଧାସଳଖ ବିମାନ ସେବା ଉପଲବ୍ଧ ହୋଇଛି। ଡେରାଡୁନ୍ ଏବଂ ପନ୍ତନଗର ବିମାନବନ୍ଦର ମଧ୍ୟ ସମ୍ପ୍ରସାରିତ ହେଉଛି। ରେଳ ନେଟ୍‌ୱାର୍କର ବିକାଶ ଏବଂ ନବୀକରଣର ଏକ ଅଂଶ ଭାବେ ଋଷିକେଶ-କର୍ଣ୍ଣ ପ୍ରୟାଗ ରେଲଲାଇନର ନିର୍ମାଣ କାର୍ଯ୍ୟ ଚାଲିଛି। ବିଶେଷକରି ରାଜ୍ୟରେ ୪ଧାମ (ଚାର୍‌ଧାମ) ଯାତ୍ରାକୁ ସୁଗମ କରିବା ପାଇଁ ସମସ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲିଛି। ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି, ରାଜ୍ୟର ଉଦ୍ୟୋଗୀମାନେ ଆମର ବ୍ରାଣ୍ଡ୍ ଆମ୍ବାସାଡର ଏବଂ ରାଜ୍ୟରେ ପୁଞ୍ଜି ବିନିଯୋଗରେ ସେମାନଙ୍କର ସର୍ବାଧିକ ଅଂଶଗ୍ରହଣ ରହିଛି। ଆମ ସରକାର ସରଳୀକରଣ, ସମାଧାନ ଏବଂ ସନ୍ତୋଷ ଆଧାରରେ କାର୍ଯ୍ୟ କରୁଛି ଏବଂ ଶିଳ୍ପ ସଙ୍ଗଠନଗୁଡ଼ିକ ସହ ନିରନ୍ତର ଯୋଗାଯୋଗ କରି ସେମାନଙ୍କ ସମସ୍ୟାର ସମାଧାନ ହେଲେ ହିଁ ଏହା ସମ୍ଭବ ହେବ। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡ ସିଏସ୍ ଡ. ଏସ୍.ଏସ୍.ସାନ୍ଧୁ କହିଛନ୍ତି, ପୁଞ୍ଜି ବିନିଯୋଗ କରିବା ପାଇଁ ଉତ୍ତରାଖଣ୍ଡ ଏକ ଉତ୍ତମ ଗନ୍ତବ୍ୟସ୍ଥଳ ହୋଇଛି। ସେହିଭଳି ହରିଦ୍ୱାର, କୋଟଦ୍ୱାର, ରୁଦ୍ରପୁର, କାଶୀପୁର, ତାନକପୁରରେ ସଡକ ଭିତ୍ତିଭୂମିର ନବୀକରଣ ହେତୁ ଏଠାରେ ଦୂରତା ମଧ୍ୟ କମ୍ ସମୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବ। ସେହିପରି ଏସିଏସ୍ ରାଧା ରାତୁରୀ କହିଛନ୍ତି, ଅଧିକରୁ ଅଧିକ ଉଦ୍ୟୋଗୀଙ୍କୁ ରାଜ୍ୟକୁ ଆକର୍ଷିତ କରିବା ପାଇଁ ଶିଳ୍ପ ଅନୁକୂଳ ନୀତି ତଥା ସୁବିଧା ବିକାଶ ଉପରେ ଧ୍ୟାନ ଦିଆଯାଉଛି।

# ଏସ୍‌ବିଆଇ ଜେନେରାଲର ନୂତନ ଉତ୍ପାଦ

ଭୁବନେଶ୍ୱର, ୧୪।୯



ଆନନ୍ଦ ପେଜାୱର

ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ନୂତନ ଉତ୍ପାଦ 'ସୁପର ହେଲ୍‌ଥ ଇନ୍ସ୍ୟୁରାନ୍ସ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଆନନ୍ଦ ପେଜାୱର କହିଥିଲେ, ସୁପର ହେଲ୍‌ଥ ଇନ୍ସ୍ୟୁରାନ୍ସର ଶୁଭାରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ଉତ୍ପାଦ ଯୋଗାଇବା ସହ ସବୁ ପ୍ରକାର ସ୍ୱାସ୍ଥ୍ୟ ବୀମାର ସମାଧାନ କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ଉତ୍ପାଦ ଜରିଆରେ ଗ୍ରାହକଙ୍କ ସମସ୍ତ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରୁଥିବା ଏବଂ ହସ୍ପିଟାଲରେ ଭର୍ତ୍ତିହେବା ଓ ଔଷଧ ଖର୍ଚ୍ଚ ସହ ଜଡ଼ିତ ଆର୍ଥିକ ଭାର କମ୍ କରିବାରେ ବେଶ୍ ସହାୟକ ହେବ। ଏପରିକି କମ୍ପାନୀ ହିତାଧିକାରୀଙ୍କୁ ଆବଶ୍ୟକ ସହଯୋଗ ଓ ସକ୍ଷମ କରୁଥିବା ଏକ ବ୍ୟାପକ ସ୍ୱାସ୍ଥ୍ୟସେବା ପଲିସିକୁ ଗ୍ରାହକମାନେ ପାଇବା ସୁନିଶ୍ଚିତ କରିବା ପାଇଁ ପରିକଳ୍ପିତ ହୋଇଛି। ଉକ୍ତ ଉତ୍ପାଦରେ ୨୭ଟି ଏସ୍‌ସି ଏବଂ ୭ଟି ଓସି ଅନ୍ତର୍ଭୁକ୍ତ ରହିଥିବା ବେଳେ ଉକ୍ତ ପଲିସି ଏକ ବ୍ୟାପକ ପରିସରର ସହଯୋଗ ପ୍ରଦାନ କରିଥାଏ। ବିଶେଷକରି ୩ ଲକ୍ଷରୁ ୨କୋଟି ଟଙ୍କା ପର୍ଯ୍ୟନ୍ତ ବୀମାକୃତ ରାଶିର ବିକଳ୍ପ ଏବଂ ଏକରୁ ୩ ବର୍ଷ ପର୍ଯ୍ୟନ୍ତ ପଲିସି ଅବଧି ବିକଳ୍ପ ଥିବା ବ୍ୟାପକ ପରିସର ବହନ କରୁଥିବା ଏହି ଉତ୍ପାଦ ଅଧୀନରେ ୪ଟି ଯୋଜନା ରହିଛି।

# ନୂତନ ପେଣ୍ଟ 'ବିର୍ଲା ଓପସ୍' ଉନ୍ମୋଚିତ

ଭୁବନେଶ୍ୱର, ୧୪।୯

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ତଥା ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପେଣ୍ଟ 'ବିର୍ଲା ଓପସ୍'କୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ମଧ୍ୟରେ ବିର୍ଲା ଓପସ୍‌କୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯିବା କାର୍ଯ୍ୟକ୍ରମ ରହିଛି। ଏପରିକି ଗ୍ରାସିମ୍ ପକ୍ଷରୁ ଡେକୋରେଟିଭ ପେଣ୍ଟ ବର୍ଗମାଳାକୁ ଉନ୍ମୋଚନ କରାଯିବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାରମଙ୍ଗଳମ୍ ବିର୍ଲା କହିଛନ୍ତି, ଡେକୋରେଟିଭ୍ ପେଣ୍ଟ କ୍ଷେତ୍ରରେ ଆମର ପ୍ରବେଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପସନ୍ଦ। ଏହା ଆମକୁ ଉଚ୍ଚ ଅଭିବୃଦ୍ଧି ବଜାର ହାସଲ କରିବା ଏବଂ ଏହି ବ୍ୟାପକ ଗ୍ରାହକ ଦୃଶ୍ୟପଟରେ ଉପସ୍ଥିତି ସମ୍ପ୍ରସାରଣ କରିବାରେ ସକ୍ଷମ କରିବ। ଆମର ପେଣ୍ଟ ବ୍ୟବସାୟକୁ ଆଦିତ୍ୟ ବିର୍ଲା ବ୍ରାଣ୍ଡ ସହ ଜଡ଼ିତ ଥିବା ଶକ୍ତି ଓ ବିଶ୍ୱାସ ଆଧାରରେ ଗଠନ କରାଯିବ। ଏକ ସଫଳ ବ୍ୟବସାୟର ଶୁଭାରମ୍ଭ ପାଇଁ ଗତ କିଛି ବର୍ଷରେ କମ୍ପାନୀ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି। ଆଗାମୀ ବର୍ଷଗୁଡ଼ିକରେ ଏକ ଲାଭଦାୟକ କମ୍ପାନୀ ଭାବେ ୨ୟ ସ୍ଥାନରେ ରହିବାକୁ ଆମେ ଉଦ୍ୟମ କରୁଛୁ ଏବଂ ଆମ ବ୍ରାଣ୍ଡ୍ ନାମ ଘୋଷଣା ବହୁ ପଦକ୍ଷେପ ମଧ୍ୟରୁ ପ୍ରଥମ। ଶୁଭାରମ୍ଭ ପୂର୍ବରୁ ଗ୍ରାସିମ୍ ପକ୍ଷରୁ ମେଟ୍ରୋ ସହରଗୁଡ଼ିକରେ ସଫଳତାର ସହ ଏହାର ପରୀକ୍ଷଣ କରାଯାଇଥିଲା ଏବଂ ଉଡ୍ ଫିନିସ୍ ବର୍ଗମାଳାକୁ ଉପସ୍ଥାପନ କରାଯାଇଛି। ମହାରାଷ୍ଟ୍ରରେ ଏଥିପାଇଁ ଏକ ଅତ୍ୟାଧୁନିକ ଆର୍ ଆଣ୍ଡ୍ ଡି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି।

# ସମ୍ବଲପୁର ବସ୍ତ୍ରାଳୟର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୪।୯



ସମ୍ବଲପୁର ବସ୍ତ୍ରାଳୟର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ (ମେଗା ଶୋ'ରୁମ୍) ଗୁରୁବାର ଝାରସୁଗୁଡ଼ାର ସରବାହାଲଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ କୁମାର ଆଚାର୍ଯ୍ୟ, ସମ୍ପାଦକ ଶରତ ଲାଲ ସିଂ, ଏମ୍‌ଡି ଶିଶିର କୁମାର ନାଗ, ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ରଙ୍କ ସମେତ ପ୍ରସନ୍ନ କୁମାର ଗନ୍ତାୟତ ଯୁଗ୍ମ ନିର୍ଦ୍ଦେଶକ ବୟନ ଶିଳ୍ପ ପଶ୍ଚିମାଞ୍ଚଳ ବରଗଡ଼, ସୌଭାଗ୍ୟ ରଞ୍ଜନ ନାୟକ ଉପଦେଷ୍ଟା ହସ୍ତତନ୍ତ ଏବଂ ବୟନଶିଳ୍ପ ବିଭାଗ, କିରଣମୟ ପ୍ରଧାନ ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ସୁନ୍ଦରଗଡ଼, ପ୍ରଭାସ ରଞ୍ଜନ ମହଲା, ସୁନୀଲ କୁମାର ପଟ୍ଟନାୟକ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ଏହି ଆଉଟ୍‌ଲେଟ୍ ଜରିଆରେ ଉଭୟ ଗ୍ରାହକ ଓ ବୁଣାକାର ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବେ। ଏପରିକି ପଶ୍ଚିମ ଓଡ଼ିଶାରେ କାରବାର ବୃଦ୍ଧି ପାଇଁ ଝାରସୁଗୁଡ଼ା ଜିଲାରେ ଏହି ନୂତନ ବିକ୍ରୟ କେନ୍ଦ୍ରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ବସ୍ତ୍ରାଳୟର ଉଦ୍‌ଘାଟନୀ ଅଫର ପ୍ରତି କ୍ରୟ ଉପରେ ୩୦%ର (୧୦% +୨୦% ସରକାରୀ ) ରିହାତି ଗ୍ରାହକମାନେ ୨୦୨୩ ଅକ୍ଟୋବର ୩୧ ପର୍ଯ୍ୟନ୍ତ ପାଇପାରିବେ। ସେହିଭଳି ଏହି ଆଉଟ୍‌ଲେଟ୍ ଜରିଆରେ ଗ୍ରାହକ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ସାମଗ୍ରୀ ସବୁ ବର୍ଗର ଗ୍ରାହକ ପାଇପାରିବେ ବୋଲି ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଥିବା 'ସମ୍ବଲପୁରୀ ବସ୍ତ୍ରାଳୟ' ବୁଣାକାରଙ୍କ ଉତ୍ପାଦିତ ଲୁଗାର ବିକ୍ରୟ ନିମନ୍ତେ ତଥା ବୁଣାକାରଙ୍କୁ ନିରନ୍ତର କର୍ମଯୋଗାଣ କରିବା ସକାଶେ ଝାରସୁଗୁଡ଼ା ସହରର ସରବାହାଲଠାରେ ଏକ ମେଗା ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଛି।

# ବିଏସ୍‌ଏନ୍‌ଏଲ୍ ଓଡ଼ିଶା ପରିମଣ୍ଡଳରେ ହିନ୍ଦୀ ପକ୍ଷ

ଭୁବନେଶ୍ୱର, ୧୪।୯

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା ପରିମଣ୍ଡଳ ପକ୍ଷରୁ ହିନ୍ଦୀ ପକ୍ଷ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏସ୍‌ଏନ୍‌ଏଲ୍ ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ରୁଦ୍ରନାରାୟଣ ପଲାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା, ଶଶିଦେବ ଦୁର୍ଗା, ବରିଷ୍ଠ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ମହାପାତ୍ର, ସଞ୍ଜୟ କୁମାର ଗୁପ୍ତା, ଗୁରୁଦାସ ମେହେର, ବିଜୟ କୁମାର ବେହେରା, ମୁଖ୍ୟ ଯନ୍ତ୍ରୀ (ବୈଦ୍ୟୁତିକ) ଗଜେନ୍ଦ୍ର କୁମାର ଯାଦବ, ମୁଖ୍ୟଯନ୍ତ୍ରୀ (ସିଭିଲ) ପ୍ରଦୀପ କୁମାର ମଲ୍ଲିକ, ଅନ୍ତରୀଣ ଅର୍ଥ ପରାମର୍ଶଦାତା ହମ୍ବେ ହେମ୍ବ୍ରମ, ଉପମହାପ୍ରବନ୍ଧକ (ଭିଜିଲାନ୍ସ) କେ.ସି. ପତି ଏବଂ ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳର ସମସ୍ତ ଅନୁଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ହିନ୍ଦୀ ଅନୁବାଦକ ହିନ୍ଦୀ ପକ୍ଷ ଅବସରରେ ହେବାକୁ ଥିବା ବିଭିନ୍ନ ହିନ୍ଦୀ ପ୍ରତିଯୋଗିତା ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଏ ନେଇ ମୁଖ୍ୟ ମହାପ୍ରବନ୍ଧକ ପଲାଇ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ହିନ୍ଦୀ ପକ୍ଷ ଅବସରରେ ହେବାକୁ ଥିବା ସମସ୍ତ ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ସେମାନଙ୍କ ପିଲାମାନଙ୍କୁ ମଧ୍ୟ ହିନ୍ଦୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ଦେବାକୁ ପଲାଇ କହିଥିଲେ। ବିଶେଷକରି ହିନ୍ଦୀ ପକ୍ଷ ସମାରୋହକୁ ସଫଳ କରିବା ସହ ରାଜଭାଷା ହିନ୍ଦୀର ପ୍ରଗତି ପାଇଁ ଯୋଗଦାନ ଦେବାକୁ ସେ ଆହ୍ୱାନ କରିଥିଲେ।

**ଫୁର୍‌ସତ୍**



ନାଗା ଚୈତନ୍ୟ

# ନାଗା ଚୈତନ୍ୟଙ୍କ ଦ୍ୱିତୀୟ ବିବାହ ଚର୍ଚ୍ଚା

**ମୁମ୍ବାଇ:** ନାଗା ଚୈତନ୍ୟ ସାଉଥ୍ ଇଣ୍ଡଷ୍ଟ୍ରିରେ ଜଣେ ଜଣାଶୁଣା ଅଭିନେତା। ସେ ଫିଲ୍ମ ବ୍ୟତୀତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ସମୟରେ ଚର୍ଚ୍ଚାରେ ରୁହନ୍ତି। ତେବେ ନାଗା ୨୦୧୭ରେ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ଦୁହେଁ ଦୁହିଁଙ୍କୁ କିଛି ବର୍ଷ ଧରି ଡେଟ୍ କରିଥିଲେ। ଏହାପରେ ୨୦୨୧ରେ ଉଭୟଙ୍କ ଛାଡ଼ପତ୍ର ହୋଇଥିଲା। ଛାଡ଼ପତ୍ର ପରେ ଅଭିନେତା ନାଗା ଏବେ ତାଙ୍କ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ଶୁଣିବାକୁ ମିଳୁଛି। ସେ ଜଣେ ବ୍ୟବସାୟୀ ପରିବାରର ଝିଅଙ୍କୁ ବିବାହ କରିବେ ବୋଲି ସୂଚନା ମିଳିଛି। ଚଳିତବର୍ଷ ଶେଷକୁ ସେ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ସେହି ଝିଅଙ୍କ ବାବଦରେ କୌଣସି ସୂଚନା ମିଳିନାହିଁ। ହେଲେ ସେ ଗ୍ଲାମରସ୍ ଦୁନିଆରୁ ବହୁତ ଦୂରରେ ଥିବା ଜଣାପଡ଼ିଛି। ଛାଡ଼ପତ୍ର ପରେ ନାଗା ଅଭିନେତ୍ରୀ ଶୋଭିତା ଧୂଳିପାଲାଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଥିଲା। ନାଗା ତାଙ୍କ ଫିଲ୍ମ କ୍ୟାରିୟର ୨୦୦୯ରୁ ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ଶେଷ ଥର ପାଇଁ ତାଙ୍କୁ ଫିଲ୍ମ 'କଷ୍ଟଡି'ରେ ଦେଖିବାକୁ ମିଳିଥିଲା।

# ଝିଅ ଆଶାରେ ୯ ପୁଅ ଜନ୍ମ

**ଅଷ୍ଟିନ:** ଝିଅ ଜନ୍ମକୁ ଲୋକେ ଘରେ ଲକ୍ଷ୍ମୀଙ୍କ ଆଗମନ ବୋଲି ମଣିଥାନ୍ତି। ହେଲେ ବର୍ତ୍ତମାନ ବହୁତ କମ୍ ଲୋକ ଏହା ବିଶ୍ୱାସ କରନ୍ତି। ଅଧିକାଂଶ ସ୍ଥାନରେ କନ୍ୟାଭ୍ରୁଣ ହତ୍ୟା ଖବର ଶୁଣିବାକୁ ମିଳିଥାଏ। ହେଲେ ଏକ ଦମ୍ପତି କନ୍ୟାସନ୍ତାନ ପାଇଁ ଆଶା ବାନ୍ଧି ବସିଛନ୍ତି। ଏହି ଆଶାରେ ସେ ୯ ପୁଅଙ୍କୁ ଜନ୍ମ ଦେଇସାରିଲେଣି। ମହିଳା ଜଣକ ଏବେ ପୁନଃ ଗର୍ଭବତୀ ଅଛନ୍ତି। ସୂଚନା ମୁତାବକ, ଟେକ୍ସାସ୍‌ର ବାସିନ୍ଦା ୩୦ ବର୍ଷୀୟା ୟାଲାନସିଏ ରୋସାରିଓ ୯ ବର୍ଷରେ ୯ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ବର୍ତ୍ତମାନ ସେ ପୁଣି ଦୁଇ ଯାଆଁଳାଙ୍କୁ ଗର୍ଭରେ ଧାରଣ କରିଛନ୍ତି। ଏବର୍ଷ ସେମାନଙ୍କ ଏକ ଝିଅ ଜନ୍ମ ହେବ ବୋଲି ଆଶା ରଖିଛନ୍ତି। ତାଙ୍କ ସ୍ୱାମୀ ମାଇକେଲଙ୍କ କହିବା ମୁତାବକ, ସେମାନଙ୍କୁ ଏକ ଝିଅ ଦରକାର। ଯେ ପର୍ଯ୍ୟନ୍ତ ତାଙ୍କର ଏକ ଝିଅ ନ ହୋଇଛି, ସେ ପର୍ଯ୍ୟନ୍ତ ସେମାନେ ଜନ୍ମ କରୁଥିବେ। ତାଙ୍କର ବଡ଼ ପୁଅକୁ ବର୍ତ୍ତମାନ ୧୨ ବର୍ଷ ହୋଇଥିବାବେଳେ ସବୁଠୁ ସାନ ପୁଅକୁ ୨ ମାସ ହୋଇଛି। ଏନେଇ ସେ ତାଙ୍କ ସୋସିଆଲ ମିଡିଆରେ ବହୁତ ସାରା ଫଟୋ ମଧ୍ୟ ଶେୟାର କରିଛନ୍ତି। ରୋସାରିଓ ୧୮ ବର୍ଷ ବୟସରେ ପ୍ରଥମ ସନ୍ତାନ ଜନ୍ମ ଦେଇଥିଲେ। ଏହା ପରଠାରୁ ସେ ସନ୍ତାନ ଜନ୍ମ କରିଆସୁଥିବା କହିଛନ୍ତି। ଏହା ମଧ୍ୟରେ ତାଙ୍କର ଥରେ ଗର୍ଭପାତ ମଧ୍ୟ ହୋଇଥିଲା। ଏନେଇ ସୋସିଆଲ ମିଡିଆରେ ଅନେକ ତାଙ୍କର ମଜା ଉଠାଉଛନ୍ତି। ହେଲେ ସେମାନଙ୍କ କଥାକୁ ଖାତିର କରୁ ନ ଥିବା ସେ କହିଛନ୍ତି। ଏଥିସହ ତାଙ୍କ ପାଖରେ ପିଲାଙ୍କୁ ପାଳିବାକୁ ଯଥେଷ୍ଟ ଟଙ୍କା ଥିବା କହିଛନ୍ତି।



# ଆଧୁନିକ ଭାରତର ବିଶ୍ୱକର୍ମା ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା

**ଇଞ୍ଜିନିୟର୍ସ ଡେ**

**ସେ**ପ୍ଟେମ୍ବର ୧୫ରେ ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନକୁ ଭାରତରେ ଇଞ୍ଜିନିୟର୍ସ ଦିବସ (ଇଞ୍ଜିନିୟର୍ସ ଡେ') ଭାବେ ପାଳନ କରାଯାଏ। ଇଞ୍ଜିନିୟରିଂ ଏବଂ ଶିକ୍ଷା କ୍ଷେତ୍ରରେ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସେ ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀଙ୍କ ମଧ୍ୟରେ ବିବେଚିତ ହୋଇଥିଲେ, ଯେଉଁମାନେ ଆଧୁନିକ ଭାରତର ବନ୍ଧ, ଜଳଭଣ୍ଡାର ଏବଂ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଧୁନିକ ଭାରତର ବିନ୍ଧାଣି ଭାବେ ବିଶ୍ୱେଶ୍ୱରାୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଧୁନିକ ଭାରତର ବିଶ୍ୱକର୍ମା ହେଉଛନ୍ତି ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟା।

କର୍ଣ୍ଣାଟକର କୃଷ୍ଣରାଜ ସାଗର ବନ୍ଧ ଏବଂ ହାଇଦ୍ରାବାଦର ବନ୍ୟା ସୁରକ୍ଷା ବ୍ୟବସ୍ଥା ସମେତ ମୁଖ୍ୟ ଇଞ୍ଜିନିୟର ଭାବରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ଦେଶର ବହୁ ମୁଖ୍ୟ ସ୍ଥାପତ୍ୟର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ୧୯୬୮ ମସିହାରେ ଭାରତ ସରକାର ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜନ୍ମ ବାର୍ଷିକକୁ ଇଞ୍ଜିନିୟର୍ସ ଦିବସ ଭାବରେ ଘୋଷଣା କରିଥିଲେ। ସେବେଠାରୁ ଏହି ଦିନଟି ସମସ୍ତ ଇଞ୍ଜିନିୟରଙ୍କୁ ସମ୍ମାନ ଏବଂ ସମ୍ମାନିତ କରିବା ପାଇଁ ପାଳନ କରାଯାଏ। ୧୯୫୫ରେ ତାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା।



# ବିକାଶ ପାଇଁ ଗଣତନ୍ତ୍ର

**ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ**

**ପୃ**ଥିବୀର ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ। ଗଣତନ୍ତ୍ର ହେଉଛି ଏକ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଆଧାରିତ ପ୍ରଣାଳୀ। ଗଣତାନ୍ତ୍ରିକ ରାଷ୍ଟ୍ର ନିଜର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ପ୍ରଣାଳୀ ଏବଂ ଜୀବନର ସମସ୍ତ ଦିଗରେ ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଲୋକମାନଙ୍କର ମୁକ୍ତ ଭାବରେ କାର୍ଯ୍ୟ କରିଥାନ୍ତି। ଗଣତନ୍ତ୍ରର ଭୂମିକାକୁ ଉପଲବ୍ଧି କରି ୨୦୦୭ରେ ମିଳିତ ଜାତିସଂଘର ସାଧାରଣ ସଭା ଗଣତନ୍ତ୍ରର ନୀତିକୁ ପ୍ରୋତ୍ସାହନ ତଥା ସମର୍ଥନ କରିବା ଉଦ୍ଦେଶ୍ୟରେ ୧୫ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ସଙ୍ଗଠନକୁ ଏହି ଦିନକୁ ଉପଯୁକ୍ତ ଢଙ୍ଗରେ ସ୍ମରଣ କରିବାକୁ ଆମନ୍ତ୍ରଣ କରିଥିଲା। ସେପ୍ଟେମ୍ବର ୧୯୯୭ରେ ଆନ୍ତଃ ପାର୍ଲାମେଣ୍ଟାରୀ ୟୁନିୟନ (ଆଇପିୟୁ)ଦ୍ୱାରା ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ଉପରେ ଏକ ସାର୍ବଭୌମିକ ଘୋଷଣାନାମା ଗୃହୀତ ହୋଇଥିଲା। ଏଥିସହ ସଦସ୍ୟ ରାଷ୍ଟ୍ରଙ୍କୁ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ବଜାୟ ରଖିବା ଦିଗରେ ବିଶ୍ୱ ସ୍ତରରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିନଟିକୁ ପାଳନ କରିବାକୁ କୁହାଯାଇଥିଲା।

ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ ବଜାୟ ରଖିବା ସହ ବିଚାରଧାରାକୁ ପ୍ରସାର କରାଇବା ଏହି ଦିବସର ଲକ୍ଷ୍ୟ। ବିଶ୍ୱସ୍ତରରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ରୋକିବା ତଥା ପାର୍ଲିଆମେଣ୍ଟର ଏ ସମ୍ପର୍କିତ ଦାୟିତ୍ୱ ସମ୍ପର୍କରେ ଏକ ସଚେତାତା ସୃଷ୍ଟି କରାଇବା ପାଇଁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

# ସ୍କୁଲ ଫି' ବଦଳରେ ଖାଲି ପ୍ଲାଷ୍ଟିକ ବୋତଲ

**ଦିଶ୍‌ପୁର:** ଦୁନିଆରେ ସମସ୍ତ ପିଲାଙ୍କ ପାଇଁ ଶିକ୍ଷା ଜରୁରୀ। ହେଲେ କେତେକ ପିଲା ଅର୍ଥାଭାବରୁ ସ୍କୁଲ ଯାଇ ପାଠ ପଢ଼ିବାକୁ ଅସମର୍ଥ। ଅନେକ ସ୍କୁଲରେ ସ୍କୁଲ ଫି' ଲକ୍ଷାଧିକ ହେଲାଣି। ଏହା ମଧ୍ୟରେ ସୋସିଆଲ ମିଡିଆରେ ଏକ ସ୍କୁଲର ଚର୍ଚ୍ଚା ହେଉଛି, ଯାହା ଆସାମରେ ରହିଛି। ଏହି ଅକ୍ଷର ସ୍କୁଲରେ ଅର୍ଥାଭାବ ଥିବା ପିଲା ମଧ୍ୟ ପଢ଼ିବାକୁ ଆଗ୍ରହ ଦେଖାଉଛନ୍ତି। ଖାସ୍ କଥା ହେଉଛି, ସେଠାରେ ପଢୁଥିବା ପ୍ରତ୍ୟେକ ପିଲାଙ୍କୁ ସ୍କୁଲ ଫି' ଦେବାକୁ ପଡୁନି। ଫି' ବଦଳରେ ସ୍କୁଲରେ ପ୍ଲାଷ୍ଟିକର ଖାଲି ବୋତଲ ଜମା କରିବାକୁ ପଡ଼ିଥାଏ। ଆସାମର ଏହି ସ୍କୁଲରେ ଗ୍ରାମୀଣ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ଏଠାରେ ଫି' ବଦଳରେ ପିଲାଙ୍କୁ ସପ୍ତାହ ଶେଷକୁ ୨୫ ଖାଲି ବୋତଲ ଜମା କରିବାକୁ ପଡୁଛି। ସେହି ଅଞ୍ଚଳର ଅଳିଆ ଆବର୍ଜନାକୁ ଦେଖି ଏକ ଦମ୍ପତି ପର୍ମିତା ଶର୍ମା ଏବଂ ମାଜିନ ମୁଖତର୍ ୨୦୧୬ରେ ଏପରି ଏକ ସ୍କୁଲ ଖୋଲିବାକୁ ଯୋଜନା କରିଥିଲେ। ଏହି ସ୍କୁଲରେ ପାଠପଢ଼ା ବ୍ୟତୀତ ରୋଜଗାରର ମାର୍ଗ ମଧ୍ୟ ଶିଖାଯାଏ। ଏଥିସହ ସ୍କୁଲରେ କାର୍ପେଣ୍ଟ୍ରି, ଗାର୍ଡେନିଂ ଆଦି ବିଭିନ୍ନ ପ୍ରକାର କଳାଶିକ୍ଷା ଦିଆଯାଏ। ପ୍ରଥମ କରି ୧୦ ଜଣ ପିଲାଙ୍କୁ ନେଇ ଏହି ସ୍କୁଲ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ସ୍କୁଲରେ ୧୫୦ରୁ ଅଧିକ ପିଲା ପାଠ ପଢୁଛନ୍ତି।



**ଶିକ୍ଷକ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ**

ଭୁବନେଶ୍ୱର, (ସୁନିତ୍ ମିଶ୍ର): ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟର ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକମାନଙ୍କ ଦାବି ପ୍ରତି ସମର୍ଥନ ଜଣାଇଛନ୍ତି। ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରୁ ସହାନୁଭୂତିର ସହ ସେଗୁଡ଼ିକ ବିଚାରକରି ତୁରନ୍ତ ସମାଧାନ କରିବାକୁ ଶରତ ଆହ୍ୱାନ ଦେଇଛନ୍ତି। ପିସିସି ଗଣମାଧମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି କହିଛନ୍ତି, ରାଜ୍ୟ ସରକାର ଠିକାରେ ଶିକ୍ଷକ ନିଯୁକ୍ତି ହେବେ ନାହିଁ ବୋଲି ଘୋଷଣାକରି ଏବେ ୨୦ ହଜାର ଠିକା ଶିକ୍ଷକ ନିଯୁକ୍ତି ଦେବାର ବିଜ୍ଞାପନ ଜାରି କରିବା ଦୁର୍ଭାଗ୍ୟଜନକ।


ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି (ଡିପିସିସି)ର ନବନିଯୁକ୍ତ ସଭାପତି ଅରବିନ୍ଦର ସିଂ ଲଭ୍‌ଲିଙ୍କ ସହ ଅଜୟ ମାକେନ୍ ଓ ଦଳୀୟ ନେତାମାନେ। (ଫଟୋ: ଚମନ ଗୌତମ)।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଛାତ୍ର କଂଗ୍ରେସର ଅଣ୍ଡାମାଡ଼

**ଛାତ୍ର ସଂସଦ ନିର୍ବାଚନ ବନ୍ଦ ପ୍ରସଙ୍ଗ**

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

ଛାତ୍ର ସଂସଦ ନିର୍ବାଚନ ନ କରାଯିବା ଘଟଣାକୁ ନେଇ ରାଜ୍ୟରେ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଘେରାଉ ସହ ଅଣ୍ଡାମାଡ଼ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏଥିସହ ଛାତ୍ର କଂଗ୍ରେସ କର୍ମୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଭିତରକୁ ଧସେଇପଶିବାକୁ ଉଦ୍ୟମ କରିଥିବା ବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ସେଠାରୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ପ୍ରତିବାଦ କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାରକରି ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରାନ୍ତୁ। ନଚେତ୍ ଛାତ୍ର କଂଗ୍ରେସ ଏହି ଘଟଣାରେ ଚୁପ୍ ହୋଇ ବସିବ ନାହିଁ। ଆଗାମୀ ଦିନରେ ସାରା ରାଜ୍ୟରେ ଏହି ପ୍ରସଙ୍ଗ ନେଇ ଛାତ୍ରନେତାଙ୍କୁ ଏକାଠି କରାଯିବା ସହିତ ଆନ୍ଦୋଳନ ଜୋର୍‌ଦାର କରାଯିବ।

## 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା' ପ୍ରଚାରର ବାସ୍ତବତା ଭିନ୍ନ: ଭାଜପା

ଭୁବନେଶ୍ୱର, ୧୪।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାର 'ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା'ର କରୁଥିବା ପ୍ରଚାରର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ବରଂ ଦୁର୍ନୀତଗ୍ରସ୍ତ ଅଫିସରଙ୍କୁ ସୁରକ୍ଷା ଦେବାରେ ଆମ ରାଜ୍ୟ ସମଗ୍ର ଦେଶରେ ଅଗ୍ରଣୀ ସ୍ଥାନରେ ରହିଛି । ପ୍ରାୟ ପ୍ରତିଦିନ ଭିଜିଲାନ୍ସ ବିଭିନ୍ନ ସରକାରୀ ଅଫିସର ଓ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ନେଉଛି। ତଳିଆ କର୍ମଚାରୀଙ୍କ ବିରୋଧରେ ଦଣ୍ଡବିଧାନ ହେଉଛି, କିନ୍ତୁ ବଡ଼ ଅଫିସରଙ୍କ ବିରୋଧରେ ଦଣ୍ଡବିଧାନ ଲାଗୁ ହେଉନାହିଁ। ଫଳରେ ଦୁର୍ନୀତିଗ୍ରସ୍ତ ବାବୁମାନେ ଆରାମରେ ବୁଲୁଛନ୍ତି। ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସୁରକ୍ଷା ସ୍ୱୟଂ ସରକାର କରନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନୋଜ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଏକ ୫ ଜଣିଆ ଖଣ୍ଡପୀଠ, ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ରାୟ ଦେଇଛନ୍ତି। କୋର୍ଟଙ୍କ ଆଦେଶ ମୁତାବକ ୨୦୦୩ରୁ ଅଦ୍ୟାବଧି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୌଣସି ସରକାରୀ ମନ୍ତ୍ରଣାଳୟ ବା ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀର ଆବଶ୍ୟକତା ନାହିଁ। ତେଣୁ ସେହି ଅନୁଯାୟୀ ଓଡ଼ିଶାରେ ୨୨୭ ଜଣ ଆଇଏଏସ୍ ଏବଂ ଓଏଏସ୍ ଅଫିସର ଯେଉଁମାନେ ଦୁର୍ନୀତିରେ ରାଜ୍ୟ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ମନୋଜ କହିଛନ୍ତି।

## ୨୦୨୪ ନିର୍ବାଚନ ଏକାଠି ଲଢ଼ିବେ ଟିଡିପି-ଜେଏସ୍‌ପି

ବିଜୟୱାଡ଼ା, ୧୪।୯

ଅଭିନେତାରୁ ରାଜନେତା ହୋଇଥିବା ପୱନ କଲ୍ୟାଣଙ୍କ ଜନସେନା ପାର୍ଟି (ଜେଏସ୍‌ପି) ସହ ଆନ୍ଧ୍ରପ୍ରଦେଶରେ ବିରୋଧୀ ଦଳ ଟିଡିପି ଏକାଠି ୨୦୨୪ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଟିଡିପି ସାଧାରଣ ସମ୍ପାଦକ ନାରା ଲୋକେଶ ଏବଂ ହିନ୍ଦୁପୁର ବିଧାୟକ ନନ୍ଦମୁରୀ ବାଲକ୍ରିଷ୍ଣନଙ୍କ ସହ ପୱନ କଲ୍ୟାଣ ଗୁରୁବାର ରାଜମହେନ୍ଦ୍ରଭାରମଠାରେ ଏହା ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟ ଦକ୍ଷତା ବିକାଶ ନିଗମ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ଟିଡିପି ରାଷ୍ଟ୍ରୀୟ ଅଧକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ରାଜମହେନ୍ଦ୍ରଭରମ କେନ୍ଦ୍ରୀୟ ଜେଲରେ ରହିଥିବାବେଳେ ଉପରୋକ୍ତ ନେତାମାନେ ସେଠାରେ ତାଙ୍କୁ ଭେଟିବା ପରେ ଏହା ଘୋଷଣା କରିଛନ୍ତି। ଚନ୍ଦ୍ରାବାବୁଙ୍କ ଗିରଫଦାରିକୁ ପୱନ କଲ୍ୟାଣ ନିନ୍ଦା କରିଛନ୍ତି। ୱାଇଏସ୍‌ଆର୍‌ସି ପୁଣିଥରେ ଯେପରି କ୍ଷମତାକୁ ନ ଆସେ ସେଥିପାଇଁ ବିରୋଧୀ ଭୋଟ ନ ଭାଙ୍ଗିବାକୁ ସୁନିଶ୍ଚିତ କରିବାକୁ ହେବ ବୋଲି ସେ କହିଛନ୍ତି। ୱାଇଏସ୍‌ଆର୍‌ସିକୁ ଯଦି ଏବେଠାରୁ ରୋକା ନ ଯାଏ, ତେବେ ଆଗାମୀ ଦଶନ୍ଧି ପାଇଁ ରାଜ୍ୟରେ ବିପର୍ଯ୍ୟୟ ଲାଗି ରହିବ ବୋଲି କଲ୍ୟାଣ କହିଛନ୍ତି।

## ବିଜେଡି ଟିକେଟ ଦୌଡ଼ରେ ମନ୍ମଥ ମିଶ୍ର

**ଭୋଗରାଇ ରାଜନୀତି ସରଗରମ**

ଭୋଗରାଇ, ୧୪।୯(ପ୍ରଦୀପ ଦାସ)

ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଭୋଗରାଇ ନିର୍ବାଚନମଣ୍ଡଳୀ ବିଜେଡି ଟିକେଟ ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ବିଧାୟକ ଅନନ୍ତ ଦାସ ବୟସାଧିକ୍ୟ କାରଣରୁ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାରୁ ବଞ୍ଚିତ ହୋଇପାରନ୍ତି ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଏହି ସୁଯୋଗରେ ଏକାଧିକ ନେତା ବିଜେଡି ଟିକେଟ ପାଇଁ ଲବି ଆରମ୍ଭ କରି ଦେଇଥିବା ବେଳେ ମନ୍ମଥ ମଧ ମଉକା ଦେଖି ଚଉକା ମାରିବା ଚକ୍କରରେ ରହିଛନ୍ତି। ଭୋଗରାଇର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରରେ ଗୁରୁବାର ପୂଜାର୍ଚ୍ଚନା କରିବା ସହ ସେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ନିର୍ବାଚନମଣ୍ଡଳୀରେ ଲୋକଙ୍କ ସେବା କରିବା ନିମନ୍ତେ ଭଗବାନଙ୍କ କରୁଣା ନେବାକୁ ଆସିଥିବା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ କାର୍ଯ୍ୟଧାରାରେ ବିଶ୍ୱାସ ରଖି ସେ ଭାଜପାରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଥିବା ଏବଂ ଆସନ୍ତା ନିର୍ବାଚନରେ ଭୋଗରାଇରୁ ପ୍ରାର୍ଥୀ ହେବା ଲାଗି ଇଚ୍ଛୁକ ଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଯଦି ତାଙ୍କୁ ଦଳୀୟ ପ୍ରାର୍ଥୀ କରନ୍ତି ତେବେ ସେ ଏହାକୁ ସାଦରେ ଗ୍ରହଣ କରିବେ ଓ ଆଗକୁ ବଢ଼ିବେ ବୋଲି ଚନ୍ଦନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆଠଗଡ଼ ମୋ ଜନ୍ମସ୍ଥାନ ହୋଇଥିଲେ ମଧ ୩୦ବର୍ଷ ଧରି ଭୋଗରାଇକୁ କର୍ମସ୍ଥାନ ବୋଲି ବାଛି ନେଇଛି। ଭୋଗରାଇ ପାଣି ପବନରେ ବଢ଼ିଛି, ଏଠାକାର ଆବାଳବୃଦ୍ଧବନିତାଙ୍କ ସହ ଓତଃପ୍ରୋତ ଭାବେ ଜଡିତ ରହିଛି। ବିଧାୟକ ଅନନ୍ତ ଦାସ ଭୋଗରାଇର ଉନ୍ନୟନ କାର୍ଯ୍ୟକୁ ବହୁ ଆଗକୁ ନେଇଥିବା ବେଳେ ମୋତେ ସୁଯୋଗ ମିଳିଲେ ଏ ଅଞ୍ଚଳର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ପାଇଁ ବଦ୍ଧପରିକର ହେବି ବୋଲି ମନ୍ମଥ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତବଲା ବାଦକ ଜିତେନ୍ଦ୍ର ବେହେରା, ନିମାତପୁର ପଞ୍ଚାୟତର ଯୁବନେତା ଦିଲୀପ ପ୍ରଧାନ, ଦେଉଳା ପଞ୍ଚାୟତ ଯୁବନେତା ସତ୍ୟବ୍ରତ ଘଡ଼ାଇ, ବିରଜା ଗ୍ରାମର ବରେନ୍ଦ୍ର ଦତ୍ତ, ଚନ୍ଦନେଶ୍ୱର ଯୁବନେତା ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ମଥ ଭୋଗରାଇରେ ବହୁ କଳାକାର, ଛାମୁଆ ଯୁବନେତା ଓ ବୁଦ୍ଧିଜୀବୀଙ୍କୁ ସାକ୍ଷାତ୍ କରୁଥିବାରୁ ଏଠାକାର ରାଜନୀତି ଏବେ ସରଗରମ ହେବାରେ ଲାଗିଛି।


ଖବରଦାତା ସମ୍ମିଳନୀରେ ସମର୍ଥକଙ୍କ ସହ ମନ୍ମଥ ମିଶ୍ର।







ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ନିଷ୍ପତ୍ତିକୁ ବିରୋଧ କରି ଏନ୍‌ଏସ୍‌ୟୁଆଇର ଛାତ୍ରମାନେ ଗୁରୁବାର ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।(ବାମ), ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଛାତ୍ରମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**ଅନ୍ୟାନ୍ୟ ଖବର**

## ୨୦୨୭ ସୁଦ୍ଧା ଫାଇଲେରିଆମୁକ୍ତ ହେବ ଓଡ଼ିଶା

**୨ ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଔଷଧ ବଣ୍ଟନ**

ଭୁବନେଶ୍ୱର, ୧୪।୯(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁର ପ୍ରକୋପ ଥିବାବେଳେ ପାଖାପାଖି ୬୦ ପ୍ରତିଶତ ଲୋକ ଫାଇଲେରିଆ ରୋଗରେ ଆକ୍ରାନ୍ତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୭ ମସିହା ସୁଦ୍ଧା ରାଜ୍ୟରେ ଫାଇଲେରିଆ ରୋଗକୁ ନିର୍ମୂଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଦୁଇଟି ପର୍ଯ୍ୟାୟରେ ୨ କୋଟି ୭୩ ଲକ୍ଷ ଲୋକଙ୍କୁ ଫାଇଲେରିଆ ପ୍ରତିଷେଧକ ଔଷଧ ବଣ୍ଟନ କରାଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟକୁ ୨୦୩୦ ସୁଦ୍ଧା ଫାଇଲେରିଆ ମୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଲକ୍ଷ୍ୟ ୨୦୨୭ ରଖାଯାଇଛି। ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଚଳିତ ବର୍ଷ ଫେବୃୟାରୀରେ ଫାଇଲେରିଆ ରୋଗର ନିରାକରଣ ପାଇଁ ୧୦ଟି ଜିଲାରେ ସାମୂହିକ ଔଷଧ ବଣ୍ଟନ କରାଯାଇଥିଲା। ପାଖାପାଖି ୧କୋଟି ୨୩ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଗଷ୍ଟ ମାସରେ ଆରମ୍ଭ କରାଯାଇଥିଲା। ୧୧ଟି ଜିଲାରେ ୧ କୋଟି ୫୦ ଲକ୍ଷ ଲୋକଙ୍କୁ ଔଷଧ ଦିଆଯାଇଛି। ୯ଟି ଜିଲା ଫାଇଲେରିଆମୁକ୍ତ ଘୋଷଣା ପାଇଁ ଯୋଗ୍ୟତା ହାସଲ କରିଛି। ବର୍ତ୍ତମାନ ରାଜ୍ୟରେ ଫାଇଲେରିଆମୁକ୍ତ ଅଭିଯାନ ଜାରି ରହିଛି। ଉକ୍ତ ରୋଗ ପାଇଁ ୩ ପ୍ରକାର ଔଷଧ ଦିଆଯାଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧ କୋଟି ୮୧ ଲକ୍ଷ ଆଲ୍‌ବେଣ୍ଡାଜୋଲ, ୪କୋଟି ୫୩ ଲକ୍ଷ ଡିଇସି ଏବଂ ୪କୋଟି ୫୪ ଲକ୍ଷ ଆଇଭରମେଟିନ ବଟିକା ବଣ୍ଟାଯାଇଛି। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି କହିଛନ୍ତି, ରାଜ୍ୟରେ ମଶାବାହିତ ରୋଗ ମଧ୍ୟରୁ ଡେଙ୍ଗୁ, ଫାଇଲେରିଆ, ମ୍ୟାଲେରିଆ ଭଳି ରୋଗର ପ୍ରଭାବ ରହିଛି। କ୍ୟୁଲେସ୍ ମଶାଙ୍କ ଦ୍ୱାରା ଫାଇଲେରିଆ ରୋଗ ହେଇଥାଏ। ଫାଇଲେରିଆମୁକ୍ତ ଅଭିଯାନରେ ଡାକ୍ତରୀ ଛାତ୍ରୀଛାତ୍ର, ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସାମିଲ ହୋଇ ବହୁ ଜିଲାରେ ଲୋକଙ୍କୁ ଔଷଧ ବଣ୍ଟନ କରିଥିଲେ। ପୂର୍ବରୁ ଫାଇଲେରିଆ ପାଇଁ ଆଲ୍‌ବେଣ୍ଡାଜୋଲ ଓ ଡିଇସି ବଟିକା ଦିଆଯାଉଥିବାବେଳେ ବର୍ତ୍ତମାନ ଆଇଭରମେଟିନ ବଟିକା ମଧ ଦିଆଯାଇଛି। ଔଷଧ ବିତରଣରେ ସମଗ୍ର ଦେଶରେ ଉତ୍ତରପ୍ରଦେଶ ପ୍ରଥମ ସ୍ଥାନରେ ଥିବା ବେଳେ ବିହାର ଦ୍ୱିତୀୟ ଏବଂ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଜାତୀୟ ଭେକ୍ଟର ବୋର୍ନ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଭିବିଡିସିପି) ଜରିଆରେ ରାଜ୍ୟର ମଶାପ୍ରବଣ ଅଞ୍ଚଳରେ ୨୦୧୬, ୨୦୨୦ ଓ ୨୦୨୧ ମସିହାରେ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଥିଲା। ଚଳିତ ବର୍ଷ ମଧ ମଶାରି ବଣ୍ଟନ କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ବ୍ୟାକ୍ଟେରିଆ ବିଦ୍ୟୁତ୍ ଉତ୍ପାଦନରେ ସହାୟକ ହୋଇପାରେ

ବେର୍ଣ୍ଣ, ୧୪।୯

ସୁଇଜରଲାଣ୍ଡର ବୈଜ୍ଞାନିକମାନେ ନୂଆ ବ୍ୟାକ୍ଟେରିଆ ପ୍ରସ୍ତୁତ କରିଛନ୍ତି, ଯାହା ବିଭିନ୍ନ ପରିବେଶରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିପାରିବ ଏବଂ ଏହାକୁ ଦୀର୍ଘସ୍ଥାୟୀ ଭାବେ ବ୍ୟବହାର କରାଯାଇପାରିବ। ସେହିପରି ଏହି ବ୍ୟାକ୍ଟେରିଆକୁ ବ୍ୟବହାର କରି ବର୍ଜ୍ୟଜଳରୁ କିପରି ବିଦ୍ୟୁତ ଉତ୍ପନ୍ନ କରାଯାଇପାରିବ ସେନେଇ ବୈଜ୍ଞାନିକମାନେ ଏକ ଉପାୟ ବାହାର କରିଛନ୍ତି। ସ୍ୱିସ୍ ଫେଡେରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି ଲଉସେନ୍ସ (ଇପିଏଫ୍‌ଏଲ୍)ର ବୈଜ୍ଞାନିକମାନେ ଏହି ବ୍ୟାକ୍ଟେରିଆକୁ ବିକଶିତ କରିଛନ୍ତି। ଏହାକୁ 'ଏଶ୍ଚେରିଚିଆ କୋଲି' ବା 'ଇ-କୋଲି' ବୋଲି କୁହାଯାଉଛି। ଏହି ବ୍ୟାକ୍ଟେରିଆ ବିଭିନ୍ନ ପରିବେଶରେ ପ୍ରବଳ ମାତ୍ରାରେ ବଢ଼ିପାରେ। ଫଳରେ ଏହାର ପରିବେଶର ବିଭିନ୍ନ ସ୍ରୋତରୁ ବିଦ୍ୟୁତ୍ ଉତ୍ପନ୍ନ କରିବାରେ ସହାୟକ ହେବ। ଏହି ବ୍ୟାକ୍ଟେରିଆ ବଢୁଥିବା ଉତ୍ସ ମଧ୍ୟରେ ବର୍ଜ୍ୟଜଳ ରହିଛି ବୋଲି ବରିଷ୍ଠ ଗବେଷକ ତଥା କେମିକାଲ୍ ଇଞ୍ଜିନିୟର ଆର୍‌ଡେମିସ୍ ବୋଘୋସିଆନ୍ କହିଛନ୍ତି। ଆରଡେମସିଙ୍କ କହିବାନୁସାରେ ବୈଜ୍ଞାନିକମାନେ ପୂର୍ବରୁ ଏପରି କିଛି ଜୀବାଣୁଙ୍କୁ ଠାବ କରିଛନ୍ତି, ଯେଉଁମାନେ ପ୍ରାକୃତିକ ଉପାୟରେ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିପାରୁଛନ୍ତି। ତେବେ ଏଗୁଡ଼ିକ କିଛି ସ୍ୱତନ୍ତ୍ର ଉପାଦାନ ସହ ମିଶି ରହିଲେ ହିଁ ଏପରି କରିପାରିବେ ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ସଇଜରଲାଣ୍ଡର ବୈଜ୍ଞାନିକମାନଙ୍କ ଦ୍ୱାରା ବିକଶିତ ହୋଇଥିବା ଏହି ନୂଆ ବ୍ୟାକ୍ଟେରିଆ ବିଭିନ୍ନ ପରିବେଶରେ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରିପାରେ। ଏହି ବ୍ୟାକ୍ଟେରିଆଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ବୈଜ୍ଞାନିକମାନେ ବ୍ୟାକ୍ଟେରିଆର ଜେନମ୍‌କୁ ପରିବର୍ତ୍ତନ କରିଛନ୍ତି। ତେବେ ଏହା କେବଳ ଗବେଷଣାତ୍ମକ ସ୍ଥିତିରେ ରହିଛି। ତେଣୁ ଶିଳ୍ପାନୁଷ୍ଠାନରେ ବ୍ୟବହାର କରିବା ପରେ ଏହା ପୂର୍ବଭଳି ଫଳାଫଳ ଦେଉଛି କି ନାହିଁ ତାହା ଦେଖିବାକୁ ବାକି ରହିଛି। ସେହିପରି ଇ.କୋଲି, ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟଜଳ ବିଶୋଧନ କରିପାରିବ ବୋଲି ଗବେଷକମାନେ କହିଛନ୍ତି। ଶିଳ୍ପାନୁଷ୍ଠାନରୁ ନିର୍ଗତ ଜଳରେ ବିଭିନ୍ନ କ୍ଷତିକାରକ ଜୀବାଣୁ ମିଶି ରହିଥାନ୍ତି। ତେଣୁ ଏହା ସମୁଦ୍ର କିମ୍ବା ନଦୀ ଜଳ ସହ ମିଶିବା ପୂର୍ବରୁ ବିଶୋଧନ କରିବାକୁ ପଡ଼ିଥାଏ। ଇ.କୋଲିକୁ ବ୍ୟବହାର କରି ଜଳକୁ କିପରି ବିଶୋଧନ କରାଯାଇପାରିବ ସେନେଇ ବୈଜ୍ଞାନିକମାନେ ପରୀକ୍ଷା କରିଥିଲେ। ଏହି ନୂଆ ବ୍ୟାକ୍ଟେରିଆଗୁଡ଼ିକ ୫୦ ଘଣ୍ଟା ମଧ୍ୟରେ ବର୍ଜ୍ୟଜଳକୁ ବିଶୋଧନ କରିପାରିଥିଲା।

## ନଭେମ୍ବର ୧୫ ସୁଦ୍ଧା ଚିଲିକା ମତ୍ସ୍ୟନୀତି କାର୍ଯ୍ୟକାରୀ କର: ହାଇକୋର୍ଟ

- ଗଙ୍ଗୁଆ ନାଳ ପ୍ରଦୂଷଣ ରୋକିବାକୁ ରାଜ୍ୟ ପ୍ରଦୂଷଣ ବୋର୍ଡର ସତ୍ୟପାଠ ଦାଖଲ
- ଡ୍ରୋନ୍ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ୩ ଜିଲାପାଳଙ୍କୁ ରିପୋର୍ଟ ତଲବ

କଟକ, ୧୪।୯ (କାର୍ତ୍ତିକ ସାହୁ)

ଚିଲିକା ହ୍ରଦର ସୁରକ୍ଷା ଲାଗି ସ୍ୱତନ୍ତ୍ର ମତ୍ସ୍ୟ ନୀତି ଆଗାମୀ ନଭେମ୍ବର ୧୫ ତାରିଖ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ଚିଲିକା ହ୍ରଦର ସୁରକ୍ଷା ଲାଗି ସ୍ୱତନ୍ତ୍ର ମତ୍ସ୍ୟ ନୀତି ପ୍ରସ୍ତୁତ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଅର୍ଥ ବିଭାଗ ପକ୍ଷରୁ ଏଥିପାଇଁ ଏକ ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରାଯାଇଥିଲା। ଏନେଇ ହାଇକୋର୍ଟଙ୍କୁ ସତ୍ୟପାଠ ଆକାରରେ ରାଜ୍ୟ ସରକାର ଅବଗତ କରିଥିଲେ। ଏହାବାଦ ଚିଲିକାରେ ବେଆଇନ ଘେରିବନ୍ଧ ଯୋଗୁ ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଏହା ଉପରେ ଆକାଶ ମାର୍ଗରୁ ନଜର ରଖିବା ନିମନ୍ତେ ଡ୍ରୋନ ବ୍ୟବସ୍ଥା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତରେ ଚିଲିକା ସଂଲଗ୍ନ ଅଞ୍ଚଳର ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାପାଳଙ୍କୁ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି। ସେହିପରି କେତେଜଣ ମତ୍ସ୍ୟଜୀବୀ ସେମାନଙ୍କୁ ସ୍ୱତନ୍ତ୍ର ନୀତିରେ ସାମିଲ କରିବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ।

ଅପରପକ୍ଷରେ ଭୁବନେଶ୍ୱର ଉପକଣ୍ଠ ଦେଇ ଯାଇଥିବା ଗଙ୍ଗୁଆ ନାଳର ପ୍ରଦୂଷିତ ଜଳ ଚିଲିକାକୁ ବହୁମାତ୍ରାରେ ପ୍ରଦୂଷିତ କରୁଛି। ଏନେଇ ହାଇକୋର୍ଟରେ ଆଗତ ମାମଲାରେ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଗୁରୁବାର ସତ୍ୟପାଠ ଦାଖଲ କରାଯାଇଛି। ସୂଚନା ଅନୁସାରେ, ଭୁବନେଶ୍ୱର ସହରାଞ୍ଚଳର ବର୍ଜ୍ୟଜଳ ଗଙ୍ଗୁଆ ନାଳରେ ଯାଇ ଚିଲିକା ହ୍ରଦରେ ମିଶୁଛି। ବର୍ଷ ବର୍ଷ ଧରି ଏପରି ସ୍ଥିତି ଲାଗି ରହିଛି। ଚିଲିକାକୁ ପ୍ରଦୂଷଣମୁକ୍ତ କରିବା ନିମନ୍ତେ ପଦକ୍ଷେପ ନେବାକୁ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଙ୍ଗୁଆ ନାଳକୁ ପ୍ରଦୂଷଣମୁକ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଜଙ୍ଗଲ ପରିବେଶ ସୁରକ୍ଷା ବିଭାଗ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ନର୍ଦ୍ଦମା ଜଳ ଗଙ୍ଗୁଆରେ ନ ମିଶିବା ଓ ଗଙ୍ଗୁଆ ନାଳର ଜଳକୁ ପ୍ରଦୂଷଣମୁକ୍ତ କରାଯିବା ଉପରେ କେତେକ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା। ଏଥିସହ ବିଏମ୍‌ସି, ବିଡିଏ, ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ୱାଟ୍‌କୋ ଏ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିବା ନେଇ ପ୍ରଦୂଷଣ ବୋର୍ଡ ପକ୍ଷରୁ ହାଇକୋର୍ଟରେ ଦାଖଲ ସତ୍ୟପାଠରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଚିଲିକାର ବିକାଶ ଓ ସୁରକ୍ଷା ନିମନ୍ତେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ।

## ଭିଜିଲାନ୍ସ ଜାଲରେ ଓଏଏସ୍ ଅଧିକାରୀ


ସଂଗ୍ରାମ କେଶରୀ ଜେନା


ବାଲୁଗାଁରେ ଥିବା ସଂଗ୍ରାମଙ୍କ ତିନିମହଲା କୋଠା

- ଏକକାଳୀନ ୪ ସ୍ଥାନରେ ଚଢ଼ାଉ
- ବିପୁଳ ପରିମାଣର ସମ୍ପତ୍ତି ଠାବ

ଭୁବନେଶ୍ୱର (ସତ୍ୟଜିତ୍ ରାଉତ)/ ବାଲୁଗାଁ(ସଂଗ୍ରାମ ପାଇକରାୟ), ୧୪।୯

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଓଏଏସ୍ ଅଧିକାରୀ ତଥା ଗଞ୍ଜାମ ଜିଲା ବୁଗୁଡ଼ାର ପୂର୍ବତନ ତହସିଲଦାର ସଂଗ୍ରାମ କେଶରୀ ଜେନା ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍‌ର ୪ ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସଂଗ୍ରାମଙ୍କ ଘର ସମେତ ଖୋର୍ଦ୍ଧା ଜିଲାର ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଭୁବନେଶ୍ୱର ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଂଗ୍ରାମଙ୍କ ଅଫିସ ଚାମ୍ବର, ଖୋର୍ଦ୍ଧା ଜିଲା ବାଲୁଗାଁ ଚୁଡ଼ାମିଲ୍ ନିକଟରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ ଚାଲିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୪ଟି ଟିମ୍‌ରେ ୩ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଚଢ଼ାଉ ସମୟରେ ସଂଗ୍ରାମଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବାଲୁଗାଁ ଜେନା କଲୋନୀରେ ୭୫୫୪ ବର୍ଗଫୁଟରେ ଥିବା ସଂଗ୍ରାମଙ୍କ ପ୍ରାୟ ୧.୩୬ କୋଟି ଟଙ୍କାର ୩ ମହଲା କୋଠା, ଟାଙ୍ଗୀ ଥାନା ଅନ୍ତର୍ଗତ ହରିପୁରରେ ୨୭୦୦ ବର୍ଗଫୁଟର ଗୋଟିଏ କୋଠା, ବାଣପୁର ଟାଉନ୍‌ରେ ୪ଟି ପ୍ଲଟ୍, ଗୋଟିଏ ବେନାମି ପ୍ଲଟ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ନଗଦ ୮୫ ହଜାର ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୨୧.୪୬ ଲକ୍ଷ, ୨ଟି ବାଇକ୍, ୩୮.୨୯ ଲକ୍ଷ ଟଙ୍କାର ୩ ଚାରିଚକିଆ ଯାନ, ୧୧.୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ଘରୋଇ ସାମଗ୍ରୀ ଠାବ ହୋଇଛି। ଚଢ଼ାଉ ଜାରି ରହିଥିବାବେଳେ ସଂଗ୍ରାମଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଏକାଂଶ
ପରିବାରବର୍ଗ


ଶ୍ରେୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୧୪।୯**
**(ବିଜୟ ରଣା)**

ୟୁନାଇଟେଡ୍ ୟୁଥ ସ୍ପୋର୍ଟିଂ କ୍ଲବ ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅଗଷ୍ଟ ୪ରୁ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀରେ ଖେଳାଯାଇ ଆସୁଥିବା ଏହି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୟୁନାଇଟେଡ ୟୁଥ ସ୍ପୋର୍ଟିଂ ଫାଇନାଲରେ କିଟ୍ ଏକାଦଶକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳରେ ବିଜୟୀ ଦଳ ୩-୧ରେ ଅଗ୍ରଣୀ ରହିଥିଲା। ୟୁନାଇଟେଡ ୟୁଥ ସ୍ପୋର୍ଟିଂ ଦୀନବନ୍ଧୁ ଦାସ (୪ର୍ଥ ମିନିଟ), ବାପୁନୀ ବିନ୍ଧାଣୀ (୭ମ) ଓ ଜଗନ୍ନାଥ ବାରିକ (୩୫ତମ) ଙ୍କ ଗୋଲ ସ୍କୋର କରିଥିଲେ। କିଟ୍ ପକ୍ଷରୁ କୁନାଲ ସିଂ ୨୮ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ୫୫ତମ ମିନିଟ୍‌ରେ ଦୀନବନ୍ଧୁ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଓ ମ୍ୟାଚର ଅନ୍ତିମ ଗୋଲ୍ ସ୍କୋର କରି ୟୁନାଇଟେଡ ୟୁଥ ସ୍ପୋର୍ଟିଂକୁ ଜିତାଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଦୀନବନ୍ଧୁ ଦାସ ଅତିଥି ତଥା ପ୍ରାକ୍ତନ ମହିଳା କ୍ରୀଡ଼ାବିତ୍ ପ୍ରଣତି ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚକୁ ଏମ୍.ଏସ୍ ବେଗ୍ ପରିଚାଳନା କରିଥିବାବେଳେ ବିଜୟ ମଙ୍ଗରାଜ ଓ ଶିବ ସାମନ୍ତରାୟ ତାଙ୍କୁ ସହାୟତା କରଇଥିଲେ। ଆଲୋକ ଦେହୁରୀ ୪ର୍ଥ ରେଫରୀ ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରର ଦିବଂଗତ କ୍ରୀଡ଼ା ସଂଗଠକ ଗତିକୃଷ୍ଣ ପଣ୍ଡାଙ୍କ ପୁତ୍ର ତଥା ଶିଳ୍ପପତି ବିଷ୍ଣୁ ଚରଣ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳ ଏବଂ ଉପବିଜେତା ୟୁନିଟ୍-୧ ଦଳକୁ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସଭାପତି ତପନ କୁମାର ମହାନ୍ତି ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ଉପ ସଭାପତି ସନ୍ତୋଷ କୁମାର ମହାନ୍ତି, ଭାଗ୍ୟଧର ଜଗଦେବ ଓ ରାଧାନାଥ ମହାପାତ୍ର, କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ଯୁଗ୍ମ ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ସହକ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

### ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

## ଫାଇନାଲରେ ସୁନ୍ଦରଗଡ, ଓଡ଼ିଶା ସେକ୍ରେଟାରିଏଟ

**ଭୁବନେଶ୍ୱର, ୧୪।୯**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ମହିଳା ହକି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶା ସେକ୍ରେଟାରିଏଟ ଏବଂ ସୁନ୍ଦରଗଡ଼। ପ୍ରଥମ ସେମିରେ ଓଡ଼ିଶା ସେକ୍ରେଟାରିଏଟ ଶୁଟ୍‌ଆଉଟରେ କିଟ୍ ଓ କିସ ଦଳକୁ ୩-୧ ଗୋଲରେ ହରାଇ ଫାଇନାଲରେ ପହଞ୍ଚିଥିଲା। ଦ୍ୱିତୀୟ ସେମିରେ ସୁନ୍ଦରଗଡ଼ ୬-୧ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
**Mob. 7382841797**

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
**Mob:7656825212**
**7656825011**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଟାଇମ୍ ୧୦୦ ନେକ୍ସଟ ୨୦୨୩ ଇମର୍ଜିଂ ଲିଡର୍ସ

# ତାଲିକାରେ ହରମନପ୍ରୀତଙ୍କ ସମେତ ୩ ଭାରତୀୟ

**ନ୍ୟୁୟର୍କ,୧୪।୯**

ଟାଇମ୍ ମାଗାଜିନ ପକ୍ଷରୁ ବୁଧବାର ଟାଇମ୍ ୧୦୦ ନେକ୍ସଟ ୨୦୨୩ ଇମର୍ଜିଂ ଲିଡର୍ସଙ୍କ ତାଲିକା ପ୍ରକାଶ ପାଇଛି। ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ସମେତ ୩ ଜଣ ଭାରତୀୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଅନ୍ୟତମ ଭାରତୀୟ ଭାବରେ ନନ୍ଦିତା ଭେଙ୍କଟେସନ୍ ଓ ଭିନୁ ଡାନିଏଲ୍ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଭାବରେ ନବାରୁଣ ଦାସଗୁପ୍ତା ଏହି ତାଲିକାରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟା ହରମନ୍‌ପ୍ରୀତଙ୍କୁ ମହିଳା କ୍ରିକେଟର ଅଗ୍ରଗତିର ପୁରୋଧା ଭାବରେ ବର୍ଣ୍ଣନା କରାଯାଇଛି। ୨୦୧୭ ମସିହାରେ ହରମନ୍‌ପ୍ରୀତ୍ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ ମ୍ୟାଚରେ ୧୧୫ ବଲ୍‌ରୁ ୧୭୧ ରନ୍ ସ୍କୋର କରିଥିଲେ। ଏପରିକି ନିକଟରେ ବାଂଲାଦେଶ ବିପକ୍ଷ ସିରିଜ୍‌ରେ ଅମ୍ପାୟାରିଂକୁ ସମାଲୋଚନା କରି ୭୫ ପ୍ରତିଶତ ମ୍ୟାଚ୍ ଫି ହରାଇବା ସହିତ ଦୁଇଟି ମ୍ୟାଚରୁ ବାସନ୍ଦ ହୋଇଥିଲେ। ଭାରତ ପକ୍ଷରୁ ହରମନ୍‌ପ୍ରୀତ ୩ଟି ମହିଳା ଟେଷ୍ଟ, ୧୨୪ ଦିନିକିଆ ଓ ୧୫୩ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ ଓ ଟି୨୦ରେ ସେ ୩ ହଜାରରୁ ଅଧିକ ରନ୍ ସ୍କୋର କରିଛନ୍ତି। ଏହା ସହ ପ୍ରଥମ ସଂସ୍କରଣର ଓମେନ୍ସ ପ୍ରିମିୟର ଲିଗ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ସେ ଦଳକୁ ଚାମ୍ପିୟନ କରାଇଥିଲେ। ୩୩ ବର୍ଷୀୟ ନନ୍ଦିତା ଭେଙ୍କଟେସନ ଟ୍ୟୁବରକୋଲୋସିସ୍ (ଟି.ବି) କାରଣରୁ ନିଜର ବାକଶକ୍ତି ହରାଇଥିଲେ। ଖାଉଥିବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ନନ୍ଦିତା ନିଜର ବାକଶକ୍ତି ହରାଇଥିଲେ। ତେବେ ଉକ୍ତ ଔଷଧକୁ ବ୍ୟାନ୍ କରିବା ପାଇଁ ନନ୍ଦିତା ଆଇନଗତ ଲଢେଇ ଲଢିଥିଲେ। ନନ୍ଦିତାଙ୍କ ଉଦ୍ୟମ କାରଣରୁ ଜେନେରିକ୍ ମେଡିସିନ୍ ସହଜରେ ଉପଲବ୍ଧ ହେବ, ତେଣୁ ତାଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। କେରଳରୁ ଆସୁଥିବା ଭିନୁ ଡାନିଏଲଙ୍କ ୱାଲମେକର୍ସ ନାମକ ଏକ ଷ୍ଟୁଡିଓ ରହିଥିବା ବେଳେ ସେ ଘର ନିର୍ମାଣ କରଥାନ୍ତି। ମାଟି ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁର ବ୍ୟବହାର କରି ସେ ଦୀର୍ଘସ୍ଥାୟୀ ଘର ନିର୍ମାଣ କରିଥାନ୍ତି।


ହରମନ୍‌ପ୍ରୀତ୍ କୌର

**ଜନ୍ମଦିନ ଶୁଭେଚ୍ଛା**



**ଏକାଂଶ ପ୍ରତୀ ସାହୁ**
ଜନ୍ମ ତା. ୧୪।୦୯।୨୦୧୪
ଗ୍ରାମ: ଝାର୍‌ଗୁଲୁଣ୍ଡା, ନାଗଡ଼ିହି, ଜିଲ୍ଲା: ସମ୍ବଲପୁର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ପିତା କ୍ଷୀରୋଦ କୁମାର ସାହୁ, ମାତା ସଂଯୁକ୍ତା ସାହୁ ଓ ପରିବାର ତରଫରୁ ଶୁଭେଚ୍ଛା।
ଧ-୧୩୦୯

**14th Birthday**



**Sreyanshi Upadhyaya**
Address:- Sector- 7, CDA, Cuttack.
Parents- Suresh Ku Upadhyaya, Sasmita Padhi
Cousions- Mitoshna, Krishna, Subham, Jyoti, Grand father, Grand Mother and family members.
" May your birthday brings a lot of Smile to your face, happiness to your heart and many blessing to your whole life"
D-1312

# Classified Everyday
**0674-2580101, 2549949**


REAL ESTATE

**SALE**

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

ଭୁବନେଶ୍ୱର ତମାଣ୍ଡୋ ବଜାର ନିକଟରେ **30' road, boundary,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ କିଣନ୍ତୁ। **7894216209.** D-75215

**Patia (KIIT)** ଦାରୁଠେଙ୍ଗ **ODM Global School** ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। **9337830407.** D-75212

Duplex sale at Bhubaneswar @ 57lakhs only. Contact- 9777433701. D-75213

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75036

ଭୁବନେଶ୍ୱର କଟକ **NH-16** ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ **30**ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- **7978729819, 7008756026.** D-1244




1300sqft. single house at Pragati Enclave Chandrasekhar Bhubaneswar, with garage, for residence / corporate guesthouse contact 7978605216 D-75302

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Body relax/Mind fresh massage @800/- by trend therapist. 7008773793. D-75148

A s r i b a d a Panchakarma herbal SPA Kesharimall, Bhubaneswar. Contact: 8926173473. D-75037

Newly open SPA positively health benefits with expert therapist. 9938843929. D-75147

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

I, Jugal Kishore Samantaray, S/o Purna Chandra Barik, Village- Gudupangi, Ward- No- 6 PO- Malisahi, PIN-752070, PS- Nayagarh, Dist.- Nayagarh, Odisha declare by this affidavit CF No- 5/2 Date 12.09.2023, That now onwards I shall be known as Deepak Barik for all future purposes. D-1306

I Kuna Nath alias Laxmipriya Nath (44), W/o- Nirmal Nath, Vill- Rajagurupur, P.S.- Bansada, Dist.- Bhadrak. My name is Kuna Nath in my LIC Policy No.- 596812729. I declare that Kuna Nath and Laxmipriya Nath same and one person. D-1313

I, Pankaja Kumar Lenka, S/o- Late Haladhar Lenka, resident of Plot No- 918/6303. New Colony, PO- Rasulgarh, P.S. Mancheswar, Bhubaneswar-751010, Odisha declare by this affidavit No- 46 Dt. 14.09.2023 That now onwards I shall be known as Pankaja Kumar Lenka for all future purposes. D-1304

By virtue of an affidavit before the Executive Magistrate, Bhubaneswar, I Saroj Kumar Sahoo, age-29, S/o- Sarat Kumar Sahoo, resident of FR- 2/5. Sailashree Vihar, PS- Chandrasekharpur, Bhubaneswar-751021. My Original name Saroj Kumar Sahoo and I want to change my New name Saroj Swastik Bharadwaj. Henceforth I will be known as SAROJ SWASTIK BHARADWAJ for all purposes. D-61953

I Nakshyatra Das, W/o- Prashanta Kumar Mohanty, Resident of At- Jagannathpur, P.O.- Pallahat, P.S- Dist.- Khordha, PIN-752056 Odisha declared by this affidavit No. 2580, dtd.05.08.2023, that I do hereby declare that Nakshyatra Das, Nakhetra Das and Naliniprava Mohanty both names are one and same person, i.e myself Nakshyatra Das, W/o- Prashanta kumar Mohanty for all purposes. D-1310

By virtue of an affidavit before the Notary, G B Nagar, I Minakshi, W/o Naveen Kadanga, R/o The Anchorage, 93, Satya Nagar, P.S.- Kharavel Nagar, Bhubaneswar, Odisha- 751007 declare by this affidavit No.- IN-UP70423041052358T dated 29.04.2021 that now onwards, I shall be known as Minakshi Kadanga for all future purpose. D-1314

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୟାମାଶିତା ମ୍ୟାଚ୍ ଅଫିସିଆଲ୍

**କୁଆଲାଲମ୍ପୁର,୧୪।୯**

ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମ୍ୟାଚ ପରିଚାଳନା ପାଇଁ କାତାର ଯିବେ ରେଫରି ୟୋଶିମି ୟାମାଶିତା। ଗତବର୍ଷ ଏହି ଦେଶରେ ଅନୁଷ୍ଠିତ ପୁରୁଷ ବିଶ୍ୱକପ୍‌ରେ ସେ ରେଫରି ଦାୟିତ୍ୱ ତୁଲାଇ ଇତିହାସ ରଚିଥିଲେ। ଜାନୁୟାରୀ ୧୨ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟରେ ପ୍ରଥମ ମହିଳା ମ୍ୟାଚ ଅଫିସିଆଲ ଭାବେ ସେ ଆଉ ଏକ କୀର୍ତ୍ତିମାନ ଅର୍ଜନ କରିବାକୁ ଯାଉଛନ୍ତି। କାତାରରେ ଗୁରୁବାର ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ବୈଠକ ବସିଥିଲା। ଏଥିପାଇଁ ମନୋନୀତ ଦୁଇ ରେଫରିଙ୍କ ସମେତ ମନୋନୀତ ୫ମ୍ୟାଚ ଅଫିସିଆଲଙ୍କ ମଧ୍ୟରେ ୟାମାଶିତାଙ୍କ ନାମ ରହିଛି। ଏଏଫ୍‌ସି ପ୍ରଥମଥର ଜଣେ ମହିଳା ମ୍ୟାଚ ଅଫିସିଆଲଙ୍କୁ ନିଯୁକ୍ତି ଦେଇଛି। ରେଫରିଙ୍କ ମଧ୍ୟରେ ଅଷ୍ଟ୍ରେଲିଆର କାଥରିନ ଜାସ୍ୱିଜଙ୍କୁ ନିଆଯାଇଛି। ସହକାରୀ ଭାବେ ଜାପାନର ମାକୋଟୋ ବୋଜୋନୋ ଓ ନାଓମି ତେଶିରୋଗି ଏବଂ ଦକ୍ଷିଣ କୋରିଆର କିମ୍ କ୍ୟୋଙ୍ଗ୍ ମିନ୍‌ଙ୍କୁ ମନୋନୟନ କରାଯାଇଛି। ୨୪ଟି ଦଳକୁ ନେଇ ଏସିଆନ କପ୍‌ର ଅଧିକାଂଶ ମ୍ୟାଚ ପୁରୁଷ ବିଶ୍ୱକପ୍‌ରେ ବ୍ୟବହାର କରାଯାଇଥିବା ଷ୍ଟାଡିୟମଗୁଡ଼ିକରେ ଖେଳାଯିବ। ୬ଗ୍ରୁପ୍ ବିଶିଷ୍ଟ ଗେମ୍‌ରେ ୟାମାଶିତା ଚତୁର୍ଥ ଅଫିସିଆଲ ଦାୟିତ୍ୱରେ ରହିବେ। ପୁରୁଷ ବିଶ୍ୱକପ୍ ପାଇଁ ଫିଫା ଯେଉଁ ୩ ମହିଳା ରେଫରିଙ୍କୁ ବାଛିଥିଲା ସେମାନଙ୍କ ମଧ୍ୟରେ ୟାମାଶିତା ଅନ୍ୟତମ ଥିଲେ। ଫ୍ରାନ୍ସର ଷ୍ଟିଫାନି ଫ୍ରାପର୍ଟ ଗ୍ରୁପ୍ ପର୍ଯ୍ୟାୟରେ ଜର୍ମାନୀ-କୋଷ୍ଟାରିକା ମ୍ୟାଚ ପରିଚାଳନା କରି ଇତିହାସ ରଚିଥିଲେ। ୟାମାଶିତା ଏପ୍ରିଲରେ ଜାପାନର ଟପ୍ ଲିଗ୍ ଜେ-ଲିଗ୍‌ରେ ପ୍ରଥମ ମ୍ୟାଚ ଅଫିସିଆଲ ଅଲ୍-ଫିମେଲ ଟିମ୍‌ର ନେତୃତ୍ୱ ନେଇଥିଲେ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଗେଲମଣୀ ଦେହୁରୀ**
ବସୋଇ, ପର୍ଜଙ୍ଗ, ଢେଙ୍କାନାଳ
ତୁମ ଆତ୍ମା ଚିର ଶାନ୍ତି ଲଭୁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୩୧୫

**ଦଶାହ ଉପଲକ୍ଷେ**



**ସ୍ୱର୍ଗତା ଲକ୍ଷ୍ମୀ ମଲିକ**
ସିମିଳିଆ,ଢେଙ୍କାନାଳ ନିବାସୀ
ତିରୋଧାନ: ୦୬।୦୯।୨୦୨୩
ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହୁ। ତୁମର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ,ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୦୯୪



ନିର୍ମଳ କୁମାର ମିଶ୍ର

### ଆସୁଛି ଦିନିକିଆ ବିଶ୍ୱକପ

# ଭାରତ ପାଇଁ ସୁଯୋଗ

**ଆଇସିସି କ୍ରିକେଟ ବିଶ୍ୱକପର ୧୩ଶ ସଂସ୍କରଣ ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କପିଳ ଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ ଓ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୧ରେ ୨ ଥର ବିଶ୍ୱକପ ବିଜେତା ହୋଇଛି। ଏଥର ଘରୋଇ ପରିବେଶରେ ବିଶ୍ୱକପ ଖେଳିବାକୁ ଯାଉଥିବାରୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ପାଇଁ ସୁଯୋଗ ରହିବ....**

ଦିନିକିଆ କ୍ରିକେଟ ବିଶ୍ୱକପ ୧୩ଶ ସଂସ୍କରଣର ଆୟୋଜକ ହେଉଛି ଭାରତ। ଏହି କ୍ରିକେଟ ମହାସମର ଅକ୍ଟୋବର ୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ। ର୍‍ୟାଙ୍କଭିତ୍ତିରେ ଆୟୋଜକ ଭାରତ, ଅଷ୍ଟ୍ରେଲିଆ, ଆଫଗାନିସ୍ଥାନ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନ ପାଇଁ ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନେପାଳ, ନେଦରଲାଣ୍ଡ୍ସ, ଓମାନ, ସ୍କଟ୍‌ଲାଣ୍ଡ, ୟୁଏଇ, ୟୁଏସ୍‌ଏ ଏବଂ ଜିମ୍ବାୱେ ମଧ୍ୟରେ କ୍ୱାଲିଫାୟର ଅନୁଷ୍ଠିତ ହୋଇଥିଲା। ଏଥି ମଧ୍ୟରୁ ଶ୍ରୀଲଙ୍କା ଏବଂ ନେଦରଲାଣ୍ଡ୍ସ ଦଳ କ୍ୱାଲିଫାଏ କରିଥିଲେ। ଆଗାମୀ ଟୁର୍ନାମେଣ୍ଟରେ ୧୦ଟି ଦଳକୁ ନେଇ ମୋଟ ୪୮ଟି ମ୍ୟାଚ ଖେଳାଯିବ। ଗତ ସଂସ୍କରଣର ଚାମ୍ପିୟନ ଇଂଲଣ୍ଡ ଏବଂ ରନରଅପ୍ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅହମଦାବାଦରେ ଖେଳାଯିବ। ଫାଇନାଲ ମଧ୍ୟ ଏହି ଭେନ୍ୟୁରେ ନଭେମ୍ବର ୧୯ରେ ଅନୁଷ୍ଠିତ ହେବ। ବିଶ୍ୱକପ ଆୟୋଜନ ପାଇଁ ୧୦ଟି ଭେନ୍ୟୁ ମଧ୍ୟରେ ଦିଲ୍ଲୀ, ଅହମଦାବାଦ, ଚେନ୍ନାଇ, କୋଲକାତା, ମୁମ୍ବାଇ, ପୁଣେ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଲକ୍ଷ୍ନୌ ଏବଂ ଧର୍ମଶାଳା ରହିଛି। ହାଇଦ୍ରାବାଦକୁ ଛାଡିଦେଲେ ଅନ୍ୟ ସମସ୍ତ ଷ୍ଟାଡିୟମରେ ୫ଟି ଲେଖାଏ ମ୍ୟାଚ ଖେଳାଯିବ। ହାଇଦ୍ରାବାଦରେ ପାକିସ୍ତାନର ୨ଟି ୱାର୍ମ ଅପ୍ ମ୍ୟାଚ ସମେତ ବିଶ୍ୱକପର ୩ଟି ମ୍ୟାଚ ଖେଳାଯିବ।

ବର୍ତ୍ତମାନ ଟିମ୍ ଇଣ୍ଡିଆ ଏସିଆ କପରେ ସୁପର ଫୋର ମ୍ୟାଚ ଖେଳୁଛି। ଦଳ ଆଗାମୀ ୧୭ ତାରିଖରେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି। ଆଗାମୀ ବିଶ୍ୱକପ୍ ପୂର୍ବରୁ ମଧ୍ୟ ଚଳିତ ମାସ ୨୨, ୨୪, ୨୭ ତାରିଖରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ବିଶ୍ୱକପ ପୂର୍ବରୁ ଏହି ମ୍ୟାଚ ବେଶ୍ ଭଲ ଅଭ୍ୟାସ ଯୋଗାଇ ଦେବ। ବିଶ୍ୱକପରେ ଭାରତ ତା'ର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଚେନ୍ନାଇରୁ ଅଭିଯାନ ଆରମ୍ଭ କରିବ।

ଇତି ମଧ୍ୟରେ ବିସିସିଆଇ ଦ୍ୱାରା ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟା ଯୋଗୁ ଦୀର୍ଘଦିନ ହେବ କ୍ରିକେଟରୁ ଦୂରେଇ ରହିଥିବା ଯଶପ୍ରୀତ ବୁମରା, ଶ୍ରେୟସ ଆୟର ଏବଂ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଛି। ଦଳରେ ୫ ସ୍ପେଶାଲିଷ୍ଟ ବ୍ୟାଟର, ୪ ସ୍ପିନର ଏବଂ ପେସ୍ ବୋଲିଂ ଅଲରାଉଣ୍ଡର, ୪ଜଣ ପେସ୍ ବୋଲର ଏବଂ ୨ଜଣ ଉଇକେଟ କିପରଙ୍କୁ ସ୍ଥାନ ଦିଆଯାଇଛି। ତିଳକ ବର୍ମା, ପ୍ରସିଦ୍ଧ କ୍ରିଷ୍ଣା, ୟୁଜଭେନ୍ଦ୍ର ଚହଲ ଏବଂ ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ଦଳରେ ସ୍ଥାନ ମିଳି ନ ଥିବାରୁ ଏହା ବେଶ୍ ଆଲୋଚନାର ବିଷୟବସ୍ତୁ ହୋଇଛି। ଚୟନକର୍ତ୍ତା ଏବଂ ବିସିସିଆଇକୁ ସୋସିଆଲ ମିଡିଆରେ ଟ୍ରୋଲ୍ ହେବାକୁ ପଡିଛି। ରୋହିତ ଶର୍ମା ଅଧିନାୟକ ରହିଥିବା ବେଳେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଉପଅଧିନାୟକ ଘୋଷଣା କରାଯାଇଛି। ଦଳରେ ସବୁଠାରୁ ଅଭିଜ୍ଞ ବିରାଟ କୋହଲିଙ୍କ ସମେତ ଶୁବମନ ଗିଲ, କେ.ଏଲ. ରାହୁଲ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଶାର୍ଦ୍ଦୂଳ ଠାକୁର ରହିଛନ୍ତି। ମନୋନୀତ ୧୫ ଖେଳାଳିଙ୍କ ମଧ୍ୟରୁ ୮ଜଣଙ୍କର ପୂର୍ବରୁ ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ଅନ୍ୟ ୭ ଖେଳାଳି ପ୍ରଥମଥର ପାଇଁ ବିଶ୍ୱକପ ଖେଳିବେ। ସେମାନଙ୍କ ମଧ୍ୟରେ ରହିଛନ୍ତି ଶୁଭମନ ଗିଲ, ଶ୍ରେୟସ ଆୟର, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର ଏବଂ ମହମ୍ମଦ ସିରାଜ। ଟିମ୍‌ରେ ବିରାଟ କୋହଲି ସବୁଠାରୁ ଅନୁଭବୀ ଖେଳାଳି ହୋଇଥିବା ବେଳେ ୨୦୧୧, ୨୦୧୫, ୨୦୧୯ ବିଶ୍ୱକପ ଖେଳିବାର ଅଭିଜ୍ଞତା ତାଙ୍କର ରହିଛି। ୩ ବିଶ୍ୱକପର ୨୬ଟି ମ୍ୟାଚରେ ସେ ୧୦୩୦ ରନ କରିଛନ୍ତି। ଅନ୍ୟପକ୍ଷରେ ଆଇପିଏଲ୍‌ର ସବୁଠାରୁ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ଅସଲ ପରୀକ୍ଷା ଏହି ବିଶ୍ୱକପରେ ଅଧିନାୟକ ରୂପେ ହେବାକୁ ଯାଉଛି। ଗତ ୨୦୧୯ ବିଶ୍ୱକପରେ ସେ ରେକର୍ଡ ୫ଟି ଶତକ ସହ ୬୪୮ ରନ ସଂଗ୍ରହ କରିଥିଲେ। ୨୦୧୫ ବିଶ୍ୱକପରେ ସେତେ ସଫଳ ହୋଇ ନ ଥିଲେ। ରାହୁଲଙ୍କର ୨୦୧୯ ବିଶ୍ୱକପର ଅଭିଜ୍ଞତା ରହିଥିବା ବେଳେ ଚଳିତ ଏସିଆ କପରେ ଚମତ୍କାର ଫର୍ମରେ ଅଛନ୍ତି। ଆଘାତ ସମସ୍ୟା ଯୋଗୁ ପ୍ରାୟ ୬ମାସ କ୍ରିକେଟରୁ ଦୂରେଇ ରହିବାପରେ ଫର୍ମକୁ ଫେରିବା ଦଳର ୪ନଂ ସ୍ଥାନ ପାଇଁ ଥିବା ସମସ୍ୟାକୁ ଦୂର କରିଛି। କାରଣ ୨୦୧୯ ପରଠାରୁ ଟିମ୍ ମ୍ୟାନେଜମେଣ୍ଟ ଏପର୍ଯ୍ୟନ୍ତ ୧୪ଜଣ ଖେଳାଳିଙ୍କୁ ଏହି ସ୍ଥାନରେ ସୁଯୋଗ ଦେଇସାରିଲାଣି। ରାହୁଲ ବିଶ୍ୱକପରେ ୯ ମ୍ୟାଚରୁ ୩୬୧ ରନ୍ ସଂଗ୍ରହ କରିଛନ୍ତି।

ଅନ୍ୟପକ୍ଷରେ ଦ୍ୱିତୀୟ ଥର ପାଇଁ ବିଶ୍ୱକପ ଖେଳିବେ ଦଳର ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ସେ ଏବେ ଆଗଠାରୁ ଅଧିକ ଅନୁଭବୀ। ବିଶ୍ୱକପରେ ୧୧ଟି ଉଇକେଟ ନେବା ସହ ୨୨୬ ରନ୍ କରିଛନ୍ତି। ସ୍ପିନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କର ମଧ୍ୟ ୨ଟି ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ୨୦୧୫, ୨୦୧୯ରେ ୧୦ଟି ମ୍ୟାଚ ଖେଳି ୧୧ଟି ଉଇକେଟ ନେବା ସହ ୧୩୪ ରନ୍ ସ୍କୋର କରିଛନ୍ତି। ମହମ୍ମଦ ଶାମିଙ୍କର ମଧ୍ୟ ୨ଟି ବିଶ୍ୱକପ ଖେଳିବାର ଅଭିଜ୍ଞତା ରହିଛି। ଟିମ୍‌ର ସବୁଠାରୁ ଅଭିଜ୍ଞ ସିମର ଶାମି ୨୦୧୫, ୨୦୧୯ରେ ବହୁତ ଭଲ ପ୍ରଦର୍ଶନ କରିଥିଲେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପେସ୍‌ର ଯଶପ୍ରୀତ ବୁମରା କ୍ୟାରିୟରର ୨ୟ ବିଶ୍ୱକପ ଖେଳିବେ। ୨୦୧୯ ବିଶ୍ୱକପରେ ୯ ମ୍ୟାଚରୁ ୧୮ଟି ଉଇକେଟ ନେଇଥିଲେ।

ଭାରତ ୨ଥର ଦିନିକିଆ କ୍ରିକେଟ ବିଶ୍ୱକପ ବିଜୟୀ ହୋଇଛି। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ୨୦୧୧ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଘରୋଇ ମାଟିରେ ଶ୍ରୀଲଙ୍କାକୁ ଧରାଶାୟୀ କରି ଟାଇଟଲ ବିଜୟୀ ହୋଇଥିଲା। ଆଗାମୀ ସଂସ୍କରଣରେ ଘରୋଇ ମାଟିରେ ଚାମ୍ପିୟନ ହେବାର ସୁଯୋଗ ଆସିଛି। ଭାରତ ବିଶ୍ୱକପ ଜିତିବ ବୋଲି କ୍ରିକେଟପ୍ରେମୀମାନେ ଆଶା ମଧ୍ୟ ରଖିଛନ୍ତି।



ଯଶପ୍ରୀତ ବୁମ୍ରା

ରୋହିତ ଶର୍ମା

# ଚର୍ଚ୍ଚାରେ ଯାଆଁଳା ଭଉଣୀ

**ଭାରତୀୟ ଆଥଲେଟିକ୍ସରେ ଏବେ ଚର୍ଚ୍ଚିତ ଚେହେରା ଦୁଇ ଯାଆଁଳା ଭଉଣୀ ବିଦ୍ୟା ଓ ନିତ୍ୟା ରାମରାଜ। କଠିନ ପରିଶ୍ରମ ସହ ଭାଗ୍ୟ ସାଥ୍‌ଦେଲେ କିପରି ଆଗକୁ ବଢ଼ିବା ସୁଗମ ହୁଏ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଏହି ଦୁଇ ଭଉଣୀ। ଦୁହେଁ ଏସିଆନ ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଏବଂ ପଦକ ଜିତି ଦେଶକୁ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।**

ଭାରତୀୟ ଆଥଲେଟିକ୍ସରେ ଏବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି ଯାଆଁଳା ଭଉଣୀ ବିଦ୍ୟା ଓ ନିତ୍ୟା ରାମରାଜ। ତାମିଲନାଡୁର କୋଏମ୍ବାଟୁରରେ ୨୦ ସେପ୍ଟେମ୍ବର ୧୯୯୮ରେ ଏକ ଗରିବ ପରିବାରରେ ଗୋଟିଏ ମିନିଟ ବ୍ୟବଧାନରେ ଜନ୍ମ ହୋଇଥିଲେ ଏହି ଦୁଇ ଭଉଣୀ। ଦୁହିଁଙ୍କ ମଧ୍ୟରେ ନିତ୍ୟା ବଡ଼। ଏ ଦୁହିଁଙ୍କ ଉପରେ ଆଉ ଜଣେ ବଡ଼ ଭଉଣୀ ଅଛନ୍ତି। ତାଙ୍କ ନାମ ସତ୍ୟା ଏବଂ ତାଙ୍କୁ ୨୭ ବର୍ଷ। ବାପା ରାମରାଜ ଟେମ୍ପୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ମା' ମିନା ଜଣେ ଗୃହିଣୀ। ପରିବାର ପ୍ରତିପୋଷଣ କଷ୍ଟରେ ହେଉଥିଲେ ମଧ୍ୟ ଦୁଇ ଭଉଣୀ ଖେଳକୁ ଆସିବା ପଛରେ ମା' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନିଜ ପ୍ରତିଭା ଦେଖାଇ ବିଦ୍ୟା ଓ ନିତ୍ୟା କ୍ରୀଡ଼ା ଛାତ୍ରାବାସ ପାଇଁ ମନୋନୀତ ହୋଇଥିଲେ ଏବଂ ସେଠାରେ ତାଙ୍କ ଖେଳ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟ ମାର୍ଜିତ ହୋଇଥିଲା। ଆର୍ଥିକ ଅନଟନ ସତ୍ତ୍ୱେ ଦୁଇ ଭଉଣୀ ପାଠ ପଢ଼ା ସହ ଖେଳରେ ଆଗକୁ ବଢ଼ିଥିଲେ। ସମୟକ୍ରମେ ଭାଗ୍ୟ ପରିବର୍ତ୍ତନ ହେଲା। ଦୁଇ ଭଉଣୀ ଏବେ ଚାକିରି କରିବା ସହ ପରିବାର ପ୍ରତିପୋଷଣରେ ବାପାଙ୍କୁ ସାହାଯ୍ୟ କରୁଛନ୍ତି। ବିଦ୍ୟା ଭାରତୀୟ ରେଲ୍‌ୱେରେ ଏବଂ ନିତ୍ୟା ଇନ୍‌କମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟରେ କାର୍ଯ୍ୟରତ। ଏହି ଦୁଇ ଭଉଣୀ ଚାଇନାର ହାଙ୍ଗଝୋରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଦ୍ୟା ୪୦୦ ମିଟର ଓ ନିତ୍ୟା ୧୦୦ ମିଟର ହର୍ଡଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିବା ଲକ୍ଷ୍ୟରେ ରହିଛନ୍ତି ଏହି ଯାଆଁଳା ଭଉଣୀ। କୋଚ୍ ନେହପାଲ ସିଂ ମଧ୍ୟ ସମାନ ଆଶା ରଖିଛନ୍ତି।

ନିଜ କ୍ୟାରିୟର ଆରମ୍ଭର କଥା ମନେପକାଇ ୨୪ ବର୍ଷୀୟା ବିଦ୍ୟା କୁହନ୍ତି ଯେ, "ମୋ ମା' ଜଣେ ଗୃହିଣୀ। ଆଜି ଆମେ ଯଦି ଆଥଲେଟ୍ ହୋଇଛୁ ତ କେବଳ ମା'ଙ୍କ ପାଇଁ। ମା'ଙ୍କୁ ଲୋକମାନେ ପଚାରୁଥିଲେ ତୁମର ୩ ଝିଅ, କିପରି ଚଳିବ। ମା' କିନ୍ତୁ କିଛିଗୋଟେ କରିବାକୁ ନିଷ୍ପତ୍ତି ନେଇଥିଲେ। ଖେଳପ୍ରତି ରୁଚିଥିବା ଦେଖିଆମ ଦୁହିଁଙ୍କୁ କ୍ରୀଡ଼ା ଛାତ୍ରାବାସରେ ଛାଡ଼ିଥିଲେ। ଏହାପରେ ଆମ ଖେଳ ଜୀବନ ଆଗକୁ ବଢ଼ିଥିଲା"। ବିଦ୍ୟା ଗତ ମେ'ରେ ଅନୁଷ୍ଠିତ ଫେଡେରେଶନ କପ୍ ଏବଂ ଜୁନ୍‌ରେ ଭୁବନେଶ୍ୱରରେ ଆୟୋଜିତ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ୍ସ ମିଟ୍‌ର ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭୁବନେଶ୍ୱର ମିଟ୍‌ରେ ସେ ୫୬.୦୧ ସେକେଣ୍ଡ ସମୟ ନେଇଥିଲେ। ସେଠାରେ ନିତ୍ୟା ୧୦୦ ମିଟର ହର୍ଡଲ୍ସରେ ୧୩.୫୫ ସେକେଣ୍ଡ ନେଇ ୪ର୍ଥ ସ୍ଥାନରେ ରହିଥିଲେ। "୪୦୦ ମିଟର ରେସ୍ ମୋର ଫେଭରାଇଟ। ମାତ୍ର ପରେ ୪୦୦ ମିଟର ହର୍ଡଲ୍ସକୁ ଆସିଛି। ୪୦୦ ମିଟର ରେସ୍‌ରେ ମଧ୍ୟ ମୁଁ ଏଏଫ୍‌ଆଇ (ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ଧାର୍ଯ୍ୟ କ୍ୱାଲିଫାଇଂ ମାର୍କକୁ ପଛରେ ପକାଇଛି। ମାତ୍ର ସେହି ତାଲିକାରେ ମୋ ନାଁ ନାହିଁ। ମୁଁ ବ୍ୟକ୍ତିଗତ ଇଭେଣ୍ଟକୁ ଭଲପାଏ। ତେଣୁ ଆଥଲେଟିକ୍ସକୁ ଆପଣେଇଛି" ବୋଲି ବିଦ୍ୟା କହିଛନ୍ତି। ନିତ୍ୟା ତାଙ୍କଠାରୁ ସ୍ପିଡ୍‌ରେ ଦୌଡୁଥିବାରୁ ୧୦୦ ମିଟର ହର୍ଡଲ୍ସକୁ ଆପଣେଇଛନ୍ତି ବୋଲି ବିଦ୍ୟା ପ୍ରକାଶ କରିଛନ୍ତି। ଦୁଇ ଭଉଣୀଙ୍କ ଲକ୍ଷ୍ୟ ଏକ। ଆମେ ଏବେ ସାଥିହୋଇ ଏସିଆନ ଗେମ୍ସରେ ଭାଗ ନେବାକୁ ଯାଉଛୁ। ଏଥର ଯଦି ମିସ୍ କରିଥାନ୍ତୁ ତେବେ ପରବର୍ତ୍ତୀ ଗେମ୍ସପାଇଁ ୨୦୨୬କୁ ଅପେକ୍ଷା କରିବାକୁ ପଡ଼ିଥାନ୍ତା। ସେତେବେଳକୁ ଆମେ ସମ୍ଭବତଃ ବିବାହ କରି ସାରିଥିବୁ। ତେଣୁ କିଛି ବି ହୋଇପାରେ। ଆହତ ସମସ୍ୟା ମଧ୍ୟ ଆସି ଯାଇପାରେ। ଆସନ୍ତା ବର୍ଷ ଅଲିମ୍ପିକ୍ସରେ ମଧ୍ୟ ଦୁଇ ଭଉଣୀ ସାଥିହୋଇ ଅଂଶଗ୍ରହଣ କରିବାକୁ ଆଶା ରଖିଛୁ। ଏସିଆନ ଗେମ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଆମ ଦୁହିଁଙ୍କ ଲକ୍ଷ୍ୟ ବୋଲି ବିଦ୍ୟା ପ୍ରକାଶ କରିଛନ୍ତି।

ବିଦ୍ୟା ଇଣ୍ଡିଆନ ଗ୍ରାଁ ପ୍ରି-୫ରେ ୪୦୦ ମିଟର ରେସ୍ ଓ ୪୦୦ ମିଟର ହର୍ଡଲ୍ସ ଉଭୟରେ ଅଂଶଗ୍ରହଣ କରିଥିଲେ। ୪୦୦ମିଟର ହର୍ଡଲ୍ସରେ କିମ୍ବଦନ୍ତୀ ପି.ଟି. ଉଷାଙ୍କ ଦୀର୍ଘ ୩୯ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିବାରେ ସେ ଅଳ୍ପକେ ବଞ୍ଚିତ ହୋଇଥିଲେ। ଇଣ୍ଡିଆନ ଗ୍ରାଁ ପ୍ରି-୫ରେ ବିଦ୍ୟା ୫୫.୪୩ ସେକେଣ୍ଡ ସମୟ ନେଇଥିଲେ। ଉଷା ୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୫୫.୪୨ ସେକେଣ୍ଡ ଟାଇମିଂରେ ଚତୁର୍ଥ ସ୍ଥାନ ଅଧିକାର କରି ଅଳ୍ପକେ ବ୍ରୋଞ୍ଜ ଜିତିପାରି ନ ଥିଲେ। ଶିବନାଥ ସିଂଙ୍କ ୧୯୭୮ ମାରାଥନ ଜାତୀୟ ରେକର୍ଡ ପରେ ଆଥଲେଟିକ୍ସରେ ଉଷାଙ୍କର ଏହା ହେଉଛି ଦ୍ୱିତୀୟ ସର୍ବପୁରାତନ ରେକର୍ଡ। ଉଷା ବର୍ତ୍ତମାନ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସଭାପତି ଅଛନ୍ତି। ଆସନ୍ତା ଏସିଆନ ଗେମ୍ସରେ ସେ ଜାତୀୟ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବେ ବୋଲି ବିଦ୍ୟା କହିଛନ୍ତି।

**-ପ୍ରସ୍ତୁତି: ତପନ ସ୍ୱାଇଁ**



ବିଦ୍ୟା ରାମରାଜ ଓ ନିତ୍ୟା ରାମରାଜ।



ମା' ମିନାଙ୍କ ସହ ବିଦ୍ୟା ଓ ନିତ୍ୟା।

## ସୁପର

ବିରାଟ କୋହଲି ଲୋକେଶ ରାହୁଲ
ଖେଳି ଶତକୀୟ ପାଳି
ଏସିଆ କପ୍ ସୁପର ୪ ମ୍ୟାଚରେ
ବାବରକୁ ଦେଲେ ବଳି
ପାକ୍ ପାରିଲାନି କଳି
କଲମ୍ବୋ ବିରାଟ ସୁପର ବିଜୟ
ଟିମ୍ ପାଇଁ ଦିଅ ତାଳି।



ସର୍ବିୟାର ଗ୍ରେଟ୍ ଟେନିସ ଖେଳାଳି
ଜୋକୋଭିଚ୍ ଚାମ୍ପିୟନ
ଚବିଶତମ ଗ୍ରାଣ୍ଡସ୍ଲାମ ଟାଇଟଲ
ପାଇ ଖୁସି ତା'ର ମନ
ଆଉ ପାଦେ ଗଲେ ଧନ
ପଚିଶତମ ଟାଇଟଲ ଜିତିବାରେ
ସେ ହେବ ସୁପର ମ୍ୟାନ।

ନେଦରଲାଣ୍ଡ୍ସ ନେତା
ୱାଇଲ୍ଡର୍ସଙ୍କୁ
ହତ୍ୟାର ଧମକ ଦେଇ
ପାକ୍ ଏକ୍ସ କ୍ରିକେଟର ଖାଲିଦକୁ
ବାର ବର୍ଷ ଜେଲ୍ ଭାଇ
ସୁପର ଆଇନ ଏହି
ଆମ ଏଠି ହତ୍ୟାକାରୀ ଫ୍ରି ବୁଲେ
କାନେ ଇୟର ଫୋନ ଦେଇ।

**-ସୁବାସ ଚନ୍ଦ୍ର ପ୍ରଧାନ**

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧୫/୨୦୨୩ Bhubaneswar, Friday, September 15/ 2023


**ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୧୩ଶ ସଂସ୍କରଣ ଭାରତର ବିଭିନ୍ନ ଗ୍ରାଉଣ୍ଡରେ ଅକ୍ଟୋବର ୫ରୁ ଆରମ୍ଭ ହେବାକୁ ଯାଉଛି। କ୍ରୀଡ଼ା ଜଗତରେ ଏବେ କ୍ରିକେଟ ଫିଭର। ଏସିଆ କପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ କ୍ରିକେଟର ରୋମାଞ୍ଚକୁ ନେଇ ଏବେ ସର୍ବତ୍ର ଚର୍ଚ୍ଚା। କ୍ରିକେଟ ମହାକୁମ୍ଭ କ୍ରମେ ପାଖେଇ ଆସିଥିବାବେଳେ ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଛି ଅବଗଣନା।**

# ୧୯୭୫ରୁ ଆରମ୍ଭ

**ଦିନିକିଆ ବିଶ୍ୱକପ**

**ଆଉ ୨୦ ଦିନ**

ଦିନିକିଆ ପୁରୁଷ କ୍ରିକେଟ ବିଶ୍ୱକପ୍‌କୁ ଆଉ ମାତ୍ର ୨୦ ଦିନ ବାକି ରହିଛି। କ୍ରିକେଟ ବିଶ୍ୱର ଅନ୍ୟତମ ଲୋକପ୍ରିୟ ଖେଳ। ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ସମେତ ଅଷ୍ଟ୍ରେଲିଆ, ଆଫ୍ରିକା ଓ ଇଂଲଣ୍ଡରେ ମଧ୍ୟ ଏହାର ଲୋକପ୍ରିୟତା ଶୀର୍ଷରେ ରହିଛି । ବ୍ରିଟିଶ ନାବିକମାନଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ଏହି ଖେଳ ଆରମ୍ଭ ହୋଇଥିବା ବେଳେ ସମଗ୍ର ବିଶ୍ୱରେ ଏହା ଧୀରେ ଧୀରେ ଆଦୃତି ହାସଲ କରିବାରେ ଲାଗିଛି। ୧୮୭୭ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳ ହୋଇଥିଲା। ଏପରି କି ୧୯୦୦ରେ କ୍ରିକେଟକୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ମଧ୍ୟ ସାମିଲ କରାଯାଇଥିଲା। ଧୀରେ ଧୀରେ ଟେଷ୍ଟ କ୍ରିକେଟରୁ ଦର୍ଶକଙ୍କ ଧ୍ୟାନ ହଟିବା କାରଣରୁ ଏହା ସୀମିତ ଓଭର କ୍ରିକେଟକୁ ହ୍ରାସ ପାଇଥିଲା। ପ୍ରାରମ୍ଭିକ ଭାବରେ ସୀମିତ ଓଭର କ୍ରିକେଟ ୬୦ ଓଭର ବିଶିଷ୍ଟ ଖେଳା ଯାଉଥିଲା। ସମୟ କ୍ରମେ ଏହା ୫୦, ୨୦ ଓ ବର୍ତ୍ତମାନ ୧୦ ଓଭର ଫର୍ମାଟରେ ପହଞ୍ଚି ଗଲାଣି। କ୍ରିକେଟ ଖେଳୁଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ତାହା ଚୟନ କରିବା ପାଇଁ ୧୯୭୫ ମସିହାରେ ପ୍ରଥମ ବିଶ୍ୱକପ ଆରମ୍ଭ ହେଲା। ପ୍ରଥମ ସଂସ୍କରଣର ବିଶ୍ୱକପ୍‌ଟି ପ୍ରୁଡେନ୍ସିଆଲ୍ କପ୍ ନାମରେ ପ୍ରସିଦ୍ଧ ଥିଲା। ପ୍ରୁଡେନ୍ସିଆଲ୍ ଆସ୍ୟୁରାନ୍ସ କମ୍ପାନୀ ଏହାର ପ୍ରାୟୋଜକ ରହିଥିବା ବେଳେ ଜୁନ୍ ୭ରୁ ୨୧ ମଧ୍ୟରେ ଇଂଲଣ୍ଡରେ ଏହା ଆୟୋଜନ ହୋଇଥିଲା। ୮ ଦଳଙ୍କୁ ନେଇ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ୱେଷ୍ଟଇଣ୍ଡିଜ୍।

ଏହି ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଭାରତ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ଟେଷ୍ଟ ଖେଳୁଥିବା ରାଷ୍ଟ୍ର ଭାବରେ ସାମିଲ ହୋଇଥିବା ବେଳେ ସହଯୋଗୀ ରାଷ୍ଟ୍ର ଭାବରେ ଶ୍ରୀଲଙ୍କା ଓ ଇଷ୍ଟ ଆଫ୍ରିକା ଖେଳିଥିଲେ। ସାର୍ କ୍ଲାଇବ୍ ଲଏଡ୍‌ଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ୍ ଦଳ ଲର୍ଡ୍ସରେ ଅଷ୍ଟ୍ରେଲିଆକୁ ୧୭ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ୮ ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ ଓ ଇଷ୍ଟ ଆଫ୍ରିକା ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ ଅଷ୍ଟ୍ରେଲିଆ, ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଓ ଶ୍ରୀଲଙ୍କା। ଉଭୟ ଗ୍ରୁପ୍‌ର ଟପ୍-୨ ଟିମ୍ ଭାବରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ସେମିଫାଇନାଲରେ ଇଂଲଣ୍ଡକୁ ୪ ଉଇକେଟରେ ପରାସ୍ତ



ବିଶ୍ୱକପ୍ ଟ୍ରଫି ସହ କ୍ଲାଇବ ଲଏଡ।

କରିଥିଲା ଅଷ୍ଟ୍ରେଲିଆ। ବାମହାତୀ ପେସ୍ ବୋଲର ଗ୍ୟାରୀ ଗିଲ୍‌ମୋର (୧୪/୬ ଓ ୨୮*) ଅଲରାଉଣ୍ଡ ସଫଳତା ହାସଲ କରିଥିଲେ। ଦ୍ୱିତୀୟ ସେମିରେ ନ୍ୟୁଜିଲାଣ୍ଡକୁ ୫ ଉଇକେଟରେ ପରାସ୍ତ କରିଥିଲା ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍। ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୧୭ ରନ୍‌ରେ ହରାଇଥିଲା ୱେଷ୍ଟଇଣ୍ଡିଜ୍। ଅଧିନାୟକ କ୍ଲାଇବ ଲଏଡ୍‌ଙ୍କ ଶତକ ବଳରେ ୱେଷ୍ଟଇଣ୍ଡିଜ୍ ୬୦ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ କରିଥିଲା। ଗିଲ୍‌ମୋର ସଫଳ ବୋଲର ଭାବରେ ୫ ଉଇକେଟ ନେଇଥିଲେ। ଜବାବରେ କିଥ୍ ବୋଇସଙ୍କ ୪ ଉଇକେଟ ସଫଳତା କାରଣରୁ ଅଷ୍ଟ୍ରେଲିଆ ୫୮.୪ ଓଭରରେ ୨୭୪ ରନ୍‌ରେ ଅଲଆଉଟ ହୋଇଥିଲା। ଗ୍ଲେନ୍ ଟର୍ନର ୩୩୩ ରନ୍ ସହିତ ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଥିବା ବେଳେ ଅଷ୍ଟ୍ରେଲିଆର ଗ୍ୟାରୀ ଗିଲ୍‌ମୋର ୨ ମ୍ୟାଚରୁ ୧୧ ଉଇକେଟ ସହିତ ସର୍ବାଧିକ ଉଇକେଟ ଅକ୍ତିଆର କରିଥିଲେ। ଗିଲ୍‌ମୋର କେବଳ ସେମିଫାଇନାଲ ଓ ଫାଇନାଲ ମ୍ୟାଚରେ ଖେଳିବାର ସୁଯୋଗ ପାଇଥିଲେ।

**ଭାରତର ପ୍ରଦର୍ଶନ:** ଭାରତୀୟ କ୍ରିକେଟ ଦଳ ପ୍ରଥମ କରି ଏହି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲା। ୩ ମ୍ୟାଚ ଖେଳିଥିବା ବେଳେ ଭାରତୀୟ ଦଳ ଦୁଇ ମ୍ୟାଚରେ ପରାଜିତ ହୋଇ ବିଦାୟ ନେଇଥିଲା। ତେବେ ଇଷ୍ଟ ଆଫ୍ରିକାକୁ ପରାସ୍ତ କରି ଦଳ ଏହାର ପ୍ରଥମ ବିଶ୍ୱକପ ବିଜୟ ରେକର୍ଡ କରିଥିଲା। ଇଷ୍ଟ ଆଫ୍ରିକା ୧୨୦ ରନରେ ଅଲଆଉଟ ହୋଇଥିବା ବେଳେ ସୁନୀଲ ଗାଭାସ୍କରଙ୍କ ୬୫ ଓ ଫାରୋଖ ଇଞ୍ଜିନିୟରଙ୍କ ୫୪ ରନ ସ୍କୋର ଭାରତକୁ ୧୦ ଉଇକେଟରେ ଜିତାଇଥିଲା। ଭାରତ ପକ୍ଷରୁ ସୁନୀଲ ଗାଭାସ୍କର ଅପରାଜିତ ୬୫ର ସର୍ବୋଚ୍ଚ ସ୍କୋର ସହିତ ୧୧୩ ରନ୍ ସ୍କୋର କରିଥିଲେ। ଅଲରାଉଣ୍ଡର ସୟଦ ଆବିଦ୍ ଅଲୀ ବ୍ୟାଟ ଜରିଆରେ ୭୦ ରନ୍ ସ୍କୋର କରିଥିବା ବେଳେ ବୋଲିଂରେ ସର୍ବାଧିକ ୬ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ଲାଲ ଓ ମହିନ୍ଦର ଅମରନାଥ ପ୍ରତ୍ୟେକ ୪ଟି ଲେଖାଏ ଉଇକେଟ ନେଇଥିଲେ।

## ଶୁଭାଙ୍ଗୀ ପ୍ଲେୟର ଅଫ୍ ଦ ଡେ

ଭୁବନେଶ୍ୱର,୧୪।୯

(ସରୋଜ ଜେନା)

ଆଶିଷ ପଣ୍ଡା ମେମୋରିଆଲ ଅଲ ଓଡ଼ିଶା ସ୍ନୁକରର ଦ୍ୱିତୀୟ ସଂସ୍କରଣର ଦ୍ୱିତୀୟ ଦିନରେ ପ୍ଲେୟର ଅଫ୍ ଦ ଡେ ବିବେଚିତ ହୋଇଛନ୍ତି ସବ୍ ଜୁନିୟର ଖେଳାଳି ଶୁଭାଙ୍ଗୀ ରାଓ। ଭୁବନେଶ୍ୱର ସ୍ଥିତ ଭିଣ୍ଟେଜ୍ କ୍ଲବରେ ଦ୍ୱିତୀୟ ଦିନରେ ୧୫ଟି ମ୍ୟାଚ୍ ଖେଳା ଯାଇଛି। ଗୋବିନ୍ଦ ଶର୍ମା ୩-୨ରେ ଦୁର୍ଗା ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ସୁଦୀପ ଦାସ ୩-୦ରେ ସମୀର ଅଲୀଙ୍କୁ, ସୌମ୍ୟ ମହାନ୍ତି ୩-୦ରେ ବିଭୁଦତ୍ତ ମହାପାତ୍ରଙ୍କୁ, ଅମୀୟ ନାୟକ ୩-୦ରେ ଗୋବିନ୍ଦ ଶର୍ମାଙ୍କୁ, ସୁବ୍ରତ ଦାସ ୩-୦ରେ ଚିରଞ୍ଜିବ ସିଂଙ୍କୁ, ଶାରଦା ବେହେରା ୩-୦ରେ ପ୍ରକାଶ ସାହୁଙ୍କୁ, ନିଶାନ୍ତ ବିଶ୍ୱାଳ ୩-୦ରେ ବରୁଣ ପୂର୍ବାଙ୍କୁ, ସିଦ୍ଧାର୍ଥ ସେନ୍ ୩-୦ରେ ଜଗଦୀଶ ମହାନ୍ତିଙ୍କୁ, ଯଯାତି ପଣ୍ଡା ୩-୧ରେ ହରି କ୍ରିଷ୍ଣାଙ୍କୁ, ଆକ୍ରମ ଖାନ ୩-୧ରେ ମହମଦ ରଜାଙ୍କୁ, ଡ. ରାକେଶ ରୋଶନ ପ୍ରଧାନ ୩-୦ରେ ଅସିତ ଚୌଧୁରୀଙ୍କୁ, ଆଶିଷ ପାତ୍ର ୩-୦ରେ ସୁମିତ ସାଗରଙ୍କୁ, ଆକାଶ ମହାପାତ୍ର ୩-୧ରେ ଉଭାସ ମହାପାତ୍ରଙ୍କୁ, ଶ୍ୟାମ ଅଗ୍ରୱାଲ ୩-୨ରେ ଗୌତମ ଦାସଙ୍କୁ ଓ ଅବିନାଶ ମହାପାତ୍ର ୩-୨ରେ ଶୁଭାଙ୍ଗୀ ରାଓଙ୍କୁ ପରାସ୍ତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଓଏଫ୍‌ସି ଜର୍ସି ଉପହାର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଏଫ୍‌ସି ଜର୍ସି ପ୍ରଦାନ କରୁଛନ୍ତି ସର୍ଗିଓ ଲୋବେରା।

ଭୁବନେଶ୍ୱର,୧୪।୯

(ସରୋଜ ଜେନା)

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍) ଆରମ୍ଭ ହେବାକୁ ଯାଉଥିବା ବେଳେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି) ମୁଖ୍ୟ କୋଚ ଓ ଅଧିନାୟକ। ଗୁରୁବାର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା, ଗୋଲ୍‌କିପର ତଥା ଅଧିନାୟକ ଅମରିନ୍ଦର ସିଂ ଓ ଓଡ଼ିଆ ଖେଳାଳି ଟଙ୍କଧର ବାଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଓଏଫ୍‌ସିର ଜର୍ସି ଉପହାର ଭାବରେ ପ୍ରଦାନ କରିଥିଲେ। ବିଗତ ସିଜନରେ ଓଏଫ୍‌ସିର ଚମତ୍କାର ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଏଫ୍‌ସିକୁ ଶୁଭେଚ୍ଛା ଜଣାଇଥିଲେ। ଫୁଟବଲର ଭିତ୍ତିଭୂମି ଓ ଖେଳାଳିଙ୍କ ଉଦ୍ଦେଶ୍ୟରେ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଅଧିନାୟକ ଅମରିନ୍ଦର ସିଂ। ଚଳିତ ମାସ ୧୯ ତାରିଖରେ ଏଏଫସି ଏସିଆନ୍ ଗେମ୍ସରେ ମୋହନବାଗାନର ମୁକାବିଲା କରିବ ଓଡ଼ିଶା ଏଫ୍‌ସି। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ଚଳିତ ସିଜନରେ ଓଏଫ୍‌ସି ୩ଟି ରଙ୍ଗର ଜର୍ସି ଲଞ୍ଚ କରିଛି। ଘରୋଇ ମ୍ୟାଚ୍ ପାଇଁ କଳା ଓ ବାଇଗଣୀ ଜର୍ସି ରହିଥିବା ବେଳେ ଧଳା ରଙ୍ଗର ଜର୍ସି ଆୱେ ମ୍ୟାଚରେ ବ୍ୟବହୃତ ହେବ। ସେହିପରି ଶିମିଳିପାଳର ବ୍ୟାଘ୍ର ସୁରକ୍ଷାକୁ ଦୃଷ୍ଟିରେ ରଖି ହଳଦିଆ ଓ ବାଇଗଣୀ ରଙ୍ଗର ତୃତୀୟ ଜର୍ସି ଲଞ୍ଚ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଗୁରୁବାର ଓଏଫ୍‌ସି ଦଳର ଘରୋଇ ଜର୍ସି ପ୍ରଦାନ କରାଯାଇଥିଲା।

## ବଜରଙ୍ଗଙ୍କୁ ଦିଲ୍ଲୀ କୋର୍ଟଙ୍କ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୪।୯(ପି.ଟି.):** ଭାରତୀୟ ରେସ୍‌ଲିଂ ଫେଡେରେଶନ୍(ଡବ୍ଲ୍ୟୁଏଫ୍‌ଆଇ) ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂ ଯୌନ ଶୋଷଣ ମାମଲାରେ ବଜରଙ୍ଗ ପୁନିଆଙ୍କୁ ଆଶ୍ୱସ୍ତି। କୋଚ୍ ନରେଶ ଦହିୟାଙ୍କ ପକ୍ଷରୁ ଆଗତ ମାନହାନି ମୋକଦ୍ଦମାରେ ବ୍ୟକ୍ତିଗତ ହାଜିରାରୁ କୋର୍ଟ ପୁନିଆଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଗୁରୁବାର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଯଶଦୀପ୍ ଚହଲ ଏହି ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁନିଆ କିର୍ଗିଜସ୍ତାନରେ ଅଭ୍ୟାସ କରିବା ପାଇଁ ଅନୁମତି ମାଗିଥିବା ବେଳେ ତାଙ୍କୁ ଆଶ୍ୱସ୍ତି ମିଳିଛି। ଏହା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ଶାରୀରିକ ଅସୁସ୍ଥତା କାରଣରୁ ପୁନିଆଙ୍କୁ ହାଜିରାରୁ ଆଶ୍ୱସ୍ତି ମିଳିଥିଲା। ମେ ୧୦ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ବଜରଙ୍ଗ ଓ ଅନ୍ୟ ରେସଲର ମାନେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀରେ ଦେଇଥିବା ବୟାନକୁ ନେଇ ତାଙ୍କ ବିରୋଧରେ ମାନହାନି ମୋକଦ୍ଦମା କରିଥିଲେ ନରେଶ ଦହିୟା। ଉଲ୍ଲେଖଯୋଗ୍ୟ ଯେ, ବ୍ରିଜ୍‌ଭୂଷଣଙ୍କ ସହିତ ମିଶି ନରେଶ ମଧ୍ୟ ମହିଳା ଖେଳାଳିଙ୍କୁ ଯୌନ ଶୋଷଣ କରିଛନ୍ତି ବୋଲି ବଜରଙ୍ଗ ଓ ଅନ୍ୟ ରେସ୍‌ଲର ମାନେ ଅଭିଯୋଗ ଆଣିଥିଲେ।

# ଭାରତ-ଶ୍ରୀଲଙ୍କା ଫାଇନାଲ୍

କଲମ୍ବୋ,୧୪।୯

ଏସିଆ କପ୍ ଫାଇନାଲରେ ପରସ୍ପରକୁ ଭେଟିବେ ଭାରତ ଓ ଶ୍ରୀଲଙ୍କା। ଗୁରୁବାର ସୁପର-୪ ମ୍ୟାଚରେ ପାକିସ୍ତାନକୁ ୨ ଉଇକେଟରେ ପରାସ୍ତ କରି ଶ୍ରୀଲଙ୍କା ଦ୍ୱିତୀୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ବର୍ଷା କାରଣରୁ ମ୍ୟାଚ୍‌ଟି ୪୨ ଓଭର ବିଶିଷ୍ଟ ହୋଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୭ ଉଇକେଟ ହରାଇ ୨୫୨ ରନ୍ କରିଥିଲା। ଡକ୍‌ୱର୍ଥ ଲୁଇସ୍ ନିୟମରେ ୨୫୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଶ୍ରୀଲଙ୍କା ୮ ଉଇକେଟ ହରାଇ ଅନ୍ତିମ ବଲ୍‌ରେ ଜିତିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ପାକିସ୍ତାନ ପକ୍ଷରୁ ମହମ୍ମଦ ରିଜୱାନ ଅପରାଜିତ ୮୬ ରନ୍ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବଦୁଲ୍ଲା ଶଫିକ୍ ୫୨ ଓ ଇଫତିଖାର ଅହମଦ ୪୭ ରନ୍ କରିଥିଲେ। ପାକିସ୍ତାନ ୧୩୦ ରନ୍‌ରେ ୫ ଖେଳାଳିଙ୍କ ଉଇକେଟ



ଅର୍ଦ୍ଧଶତକୀୟ ଇନିଂସ ଅବସରରେ କୁଶାଲ ମେଣ୍ଡିସ୍।

ହରାଇବା ପରେ ଟପ୍ ସ୍କୋରର ମହମ୍ମଦ ରିଜୱାନ (୮୬* ରନ) ଓ ଇଫତିଖାର ଅହମଦ(୪୭ ରନ୍) ଷଷ୍ଠ ଉଇକେଟରେ ୧୦୮ ରନ୍ ଯୋଡିଥିଲେ। ରିଜୱାନ ୭୩ ବଲ୍ ଖେଳି ୬ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଇଫତିଖାର ୪୦ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମଥୀଷା ପଥିରାନା ସର୍ବାଧିକ ୩ ଉଇକେଟ ନେଇଥିଲେ। ଜବାବରେ କୁଶାଲ ମେଣ୍ଡିସଙ୍କ ୯୧ ରନ୍ ବଳରେ ଶ୍ରୀଲଙ୍କା ମ୍ୟାଚ୍‌କୁ ଜିତି ନେଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଚରିଥ୍ ଅସଲଙ୍କା ୪୯* , ସାଦିରା ସମରବିକ୍ରମା ୪୮, ପାଥୁମ ନିଶଙ୍କା ୨୯ ଓ କୁଶାଲ ପରେରା ୧୭ ରନ୍ ସ୍କୋର କରିଥିଲେ। ମେଣ୍ଡିସ୍ ୮୬ ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ପାକିସ୍ତାନ ପକ୍ଷରୁ ଇଫତିଖାର ଅହମଦ ୩ ଓ ଶାହିନ ଆଫ୍ରିଦି ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୪୨ ଓଭରରେ ୨୫୨/୭(ମହମ୍ମଦ ରିଜୱାନ-୮୬*, ଅବଦୁଲ୍ଲା ଶଫିକ୍-୫୨, ଇଫତିଖାର ଅହମଦ-୪୭, ମଥୀଷା ପଥିରାନା-୩/୬୫, ପ୍ରମୋଦ ମଦୁଶାନ-୨/୬୫, ଦୁନିଥ ୱେଲାଲାଗେ-୧/୪୦)। ଶ୍ରୀଲଙ୍କା୪୨ ଓଭରରେ ୨୫୨/୮(କୁଶାଲ ମେଣ୍ଡିସ୍-୯୧, ସାଦିରା ସମରବିକ୍ରମା-୪୮, ଚରିଥ୍ ଅସଲଙ୍କା-, ଶଦାବ ଖାନ୍-୧/୫୫,ଇଫତିଖାର ଅହମଦ-୩/୫୦, ଶାହିନ୍ ଆଫ୍ରିଦି-୨/୫୨)।

**ଆଜିର ମ୍ୟାଚ୍**

**ଭାରତ ବନାମ ବାଂଲାଦେଶ**

ଭେନ୍ୟୁ: ଆର. ପ୍ରେମଦାସା ଷ୍ଟାଡିୟମ, କଲମ୍ବୋ

ସମୟ: ଅପରାହ୍ନ ୩.୦୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ